# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ' ୨୧/୨୦୨୩ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 21/2023 Page 18 ₹ 7.00

୪୯ଶ ଭାଗ ୧୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 175 ମୂଲ୍ୟ ₹୭/-




**୭ ଘଣ୍ଟାର ପରେ ବୋର୍‌ୱେଲ୍‌ରୁ ଉଦ୍ଧାର ହେଲା ବାଳକ**

ରାଜସ୍ଥାନ ଜୟପୁରସ୍ଥିତ ଭୋଜପୁରା ଗ୍ରାମରେ ଶନିବାର ସକାଳେ ବୋର୍‌ୱେଲରେ ଖସିପଡ଼ିଥିବା ନାବାଳକୁ ରେସ୍କ୍ୟୁଟିମ୍ ଉଦ୍ଧାର କରିଛି। ୯ ବର୍ଷୀୟ ଅକ୍ଷିତଙ୍କୁ ସୁରକ୍ଷିତ ଭାବେ ୭୦ ଫୁଟ୍ ବୋର୍‌ୱେଲ୍‌ରୁ ବାହାର କରିବା ପାଇଁ ୭ ଘଣ୍ଟାର ଅପରେଶନ୍ ଚାଲିଥିଲା। ପଡ଼ିଆରେ ଖେଳୁଥିବାବେଳେ ଅକ୍ଷିତ ନାମକ ଏହି ବାଳକ ଖୋଲାପଡ଼ିଥିବା ବୋର୍‌ୱେଲରେ ଖସିପଡ଼ିଥିଲେ।





ବେଙ୍ଗାଲୁରୁର କାନ୍ତିରାଭା ଷ୍ଟାଡିୟମରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟାଙ୍କୁ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ଶପଥ ପାଠ କରାଉଛନ୍ତି।

# ୟୁକ୍ରେନ୍ ଯୁଦ୍ଧ: ସମାଧାନ ଉଦ୍ୟମ କରିବ ଭାରତ

## ଜେଲେନ୍‌ସ୍କିଙ୍କୁ ମୋଦିଙ୍କ ପ୍ରତିଶ୍ରୁତି

ହିରୋଶିମା, ୨୦।୫(ପି.ଟି.)

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ୧୫ ମାସ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ପ୍ରଥମ ଥର ପାଇଁ ସାକ୍ଷାତ କରିଛନ୍ତି। ଯୁଦ୍ଧର ସମାଧାନ ପାଇଁ ଭାରତ ଯଥାସମ୍ଭବ ଉଦ୍ୟମ କରିବ ବୋଲି ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜାପାନର ହିରୋଶିମାଠାରେ ଜି୭ ସମିଟ୍ ଅବସରରେ ଉଭୟ ନେତା ପରସ୍ପରକୁ ଭେଟିଥିଲେ। ୟୁକ୍ରେନ୍ ଯୁଦ୍ଧ ସାରା ବିଶ୍ୱ ପାଇଁ ଏକ ବହୁତ ବଡ଼ ପ୍ରସଙ୍ଗ। ବିଶ୍ୱ ଉପରେ ଏହା ବିଭିନ୍ନ ପ୍ରଭାବ ପକାଇଥିବା ମୋଦି କହିଛନ୍ତି।

ୟୁକ୍ରେନ୍‌ରେ ଚାଲିଥିବା ଯୁଦ୍ଧ ରାଜନୈତିକ କିମ୍ବା ଅର୍ଥନୈତିକ ପ୍ରସଙ୍ଗକୁ ନେଇ ହୋଇଥିବାର ମୁଁ ଦେଖୁନାହିଁ। ବରଂ ଏହା ମାନବିକତା ଓ ମାନବୀୟ ମୂଲ୍ୟବୋଧ ପ୍ରସଙ୍ଗ ବୋଲି ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ନେତାଙ୍କୁ କହିଥିଲେ। ଗତବର୍ଷ ଫେବୃୟାରୀରୁ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହୋଇଥିବାବେଳେ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଏବଂ



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ଏକାଧିକ ଥର ଫୋନ୍ ଯୋଗେ କଥା ହୋଇଛନ୍ତି। ଏହି ଆଲୋଚନାବେଳେ ସେ ଉଭୟଙ୍କୁ ଆଲୋଚନା ତଥା କୂଟନୈତିକ ମାଧ୍ୟମରେ ବିବାଦର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବହୁ ଦିନ ପରେ ଜେଲେନ୍‌ସ୍କିଙ୍କ ସହ ଏକାଠି ହେବାର ସୁଯୋଗ ମିଳିଥିବା ମୋଦି କହିଛନ୍ତି। ରୁଷିଆ ଆକ୍ରମଣ କରିବା ପରେ ୟୁକ୍ରେନ୍‌ରୁ ହଜାର ହଜାର ଭାରତୀୟ ଛାତ୍ରୀଛାତ୍ରଙ୍କୁ ସରକାର ଫେରାଇ ଆଣିଥିଲେ। ସେମାନଙ୍କ ଅନୁଭୂତି ଶୁଣିବା ପରେ ୟୁକ୍ରେନ୍ ଜନସାଧାରଣ ଯୁଦ୍ଧ ଯୋଗୁ କିଭଳି ଯନ୍ତ୍ରଣାର ସମ୍ମୁଖୀନ ହୋଇଛନ୍ତି, ତାହା ବୁଝିପାରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆର ବେଆଇନ, ଅନ୍ୟାୟ ତଥା ଅକାରଣ ଆକ୍ରମଣ ବିରୋଧରେ ଏକାଠି ଛିଡ଼ାହେବେ ବୋଲି ଶୁକ୍ରବାର ଜି୭ ରାଷ୍ଟ୍ରଗୋଷ୍ଠୀର ନେତାମାନେ ସଂକଳ୍ପ ନେଇଥିଲେ। ଏଥିସହିତ ସେମାନେ ରୁଷିଆ ଉପରେ ନୂଆ କଟକଣା ସମ୍ପର୍କରେ ଘୋଷଣା କରିଥିଲେ। ଆଲୋଚନା ବେଳେ ଜେଲେନ୍‌ସ୍କି କ'ଣ କହିଛନ୍ତି, ତାହା ଜଣାପଡ଼ି ନାହିଁ। ତେବେ ରୁଷିଆ ବିରୋଧୀ ଲଢ଼େଇରେ ସେ ୟୁକ୍ରେନ୍ ପାଇଁ ଭାରତର ସହାୟତା ଲୋଡ଼ିଥିବା ବିଶ୍ୱାସ କରାଯାଉଛି।

## ସମୀର ୱାଙ୍ଖେଡେଙ୍କୁ ସିବିଆଇ ଜେରା

**ମୁମ୍ବାଇ,୨୦।୫:** କାର୍ଡିଲିଆ କ୍ରୁଜ୍‌ରେ ଡ୍ରଗ୍ ପାର୍ଟି ମାମଲାରେ ଆର୍ଯ୍ୟନ ଖାନ୍‌ଙ୍କୁ ଅନ୍ତର୍ଭୁକ୍ତ ନ କରିବା ଲାଗି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପୂର୍ବତନ ମୁଖ୍ୟ ସମୀର ୱାଙ୍ଖେଡେ ଶାହରୁଖ ଖାନ୍‌ଙ୍କୁ ୨୫ କୋଟି ଟଙ୍କା ଲାଞ୍ଚ ମାଗିବା ଘଟଣାରେ ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୱାଙ୍ଖେଡେଙ୍କୁ ୫ ଘଣ୍ଟା ଜେରା କରିଛି। ୱାଙ୍ଖେଡେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଥିବା ସିବିଆଇ କାର୍ଯ୍ୟାଳୟରେ ସକାଳ ୧୦ଟା ୧୫ରେ ପହଞ୍ଚିଥିଲେ। ଜେରା ପାଇଁ ଯିବା ପୂର୍ବରୁ କାର୍ଯ୍ୟାଳୟ ବାହାରେ ଜମା ହୋଇଥିବା ଖବରଦାତାଙ୍କୁ 'ସତ୍ୟମେବ ଜୟତେ' ବୋଲି କହିଥିଲେ। ଅପରାହ୍ନ ୪ଟା ୩୦ରେ ସେ କାର୍ଯ୍ୟାଳୟରୁ ବାହାରିଥିଲେ। ମେ ୧୧ରେ ୱାଙ୍ଖେଡେଙ୍କ ବିରୋଧରେ ମାମଲା ଦାଏର ହେବା ପରେ ପ୍ରଥମ ଥର ଲାଗି ସେ ସିବିଆଇ କାର୍ଯ୍ୟାଳୟକୁ ଯାଇଥିଲେ।

## ଅଭିଷେକଙ୍କୁ ୬ ଘଣ୍ଟା ଜେରା

କୋଲକାତା,୨୦।୫:ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କୁ ୬ ଘଣ୍ଟା ଜେରା କରିଛି। କୋଲକାତା ନିଜାମ ପ୍ୟାଲେସ୍‌ସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ଯିବା ପୂର୍ବରୁ ଅଭିଷେକ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ଏକ ଚିଠି ଲେଖିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ସିବିଆଇ ଅଭିଷେକଙ୍କୁ ଜେରା କରିବା ନେଇ ହାଇକୋର୍ଟ ଅନୁମତି ଦେଇଥିବା ନିର୍ଦ୍ଦେଶକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବା ଚିଠି ଜରିଆରେ ଜଣାଇଛନ୍ତି। ଶିକ୍ଷକ ଦୁର୍ନୀତି ମାମଲାର ଆପରାଧିକ ଗତିବିଧି ସମ୍ପର୍କରେ ସିବିଆଇ ତଦନ୍ତ ଚଳାଇଥିବାବେଳେ ଏହାର ମନିଲଣ୍ଡରିଂ ମାମଲା ସମ୍ପର୍କରେ ଇଡି ଯାଞ୍ଚ ଚାଲୁରହିଛି। ଦୁର୍ନୀତି ମାମଲା ନେଇ ସିବିଆଇକୁ ମୋ ବିରୋଧରେ କୌଣସି ପ୍ରମାଣ ମିଳିଲେ ସେ ଗିରଫ ହେବାକୁ ପ୍ରସ୍ତୁତ ବୋଲି କିଛିଦିନ ପୂର୍ବେ ବାଙ୍କୁରାରେ ଏକ ଦଳୀୟ ରାଲିକୁ ସମ୍ବୋଧନ କରି ଅଭିଷେକ କହିଥିଲେ।



ଅଭିଷେକ ବାନାର୍ଜୀ

# ଜି୭: ବୈଶ୍ୱିକ ପ୍ରସଙ୍ଗରେ ସହମତି ଉଦ୍ୟମ

## ଫୋକସ୍‌ରେ ୟୁକ୍ରେନ୍, ଚାଇନା, ଜଳବାୟୁ ପରିବର୍ତ୍ତନ

ହିରୋଶିମା, ୨୦।୫

ଜାପାନର ହିରୋଶିମାରେ ଅନୁଷ୍ଠିତ ୭ ଧନୀ ଗଣତାନ୍ତ୍ରିକ ରାଷ୍ଟ୍ର (ଜି୭) ନେତାମାନଙ୍କ ସମିଟ୍‌ରେ ୟୁକ୍ରେନ୍ ଯୁଦ୍ଧ, ଚାଇନାର ପ୍ରଭାବ ବିସ୍ତାର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବୈଶ୍ୱିକ ପ୍ରସଙ୍ଗ ଉପରେ ସହମତି ହାସଲ ଲାଗି ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଜି୭ର ପ୍ରଭାବ ବିସ୍ତାର ସହ ଏଥିରେ ତଥାକଥିତ ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ସାମିଲ କରିବାକୁ ଉଦ୍ୟମ କରାଯିବ। ଜି୭ ରାଷ୍ଟ୍ରର ନେତାମାନଙ୍କ ସହ ବୈଠକରେ ଭାରତ, ଅଷ୍ଟ୍ରେଲିଆ, ବ୍ରାଜିଲ, ଇଣ୍ଡୋନେସିଆ ଆଦି ବିକାଶଶୀଳ ଦେଶର ନେତାମାନେ ଅତିଥି ଭାବେ ସାମିଲ ହୋଇଥିଲେ। ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ବିକାଶଶୀଳ ଦେଶଗୁଡ଼ିକର ଗୁରୁତ୍ୱକୁ ପ୍ରମୁଖତା ଦେବା ଏହି ସମ୍ମିଳନୀର ଅନ୍ୟତମ ଲକ୍ଷ୍ୟ ବୋଲି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା କହିଛନ୍ତି। ଏସିଆରୁ ଜାପାନ ଏକମାତ୍ର ଜି୭ ସଦସ୍ୟ ହୋଇଥିବାରୁ ଏକ୍ଷେତ୍ରରେ ଏହାର ସ୍ୱତନ୍ତ୍ର ଭୂମିକା ରହିବ।

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ, ଚାଇନାର ପ୍ରଭାବ ବିସ୍ତାରକୁ ନେଇ ଉତ୍ତେଜନା, ଆର୍ଥିକ ସୁରକ୍ଷା ଏବଂ ତାଇୱାନ ପ୍ରସଙ୍ଗକୁ ନେଇ ଜି୭ ରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜାପାନ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଏବଂ କାନାଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ଜି୭ ନେତାମାନଙ୍କ ପକ୍ଷରୁ ଶନିବାର ଜାରି ହୋଇଥିବା ମିଳିତ ବିବୃତିରେ କୁହାଯାଇଛି, କରୋନା ମହାମାରୀ ଏବଂ ୟୁକ୍ରେନ୍ ଯୁଦ୍ଧ ବେଳେ ଅସୁବିଧାରେ ପଡ଼ିଥିବା ଦେଶଗୁଡ଼ିକୁ ଋଣ ସହାୟତା ଯୋଗାଇ ଦିଆଯିବ। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ରେଲୱେ ଭଳି ଭିତ୍ତିଭୂମି ବିକାଶ ପ୍ରକଳ୍ପ, ସ୍ୱଚ୍ଛ ଇନ୍ଧନ, ଟେଲିଯୋଗାଯୋଗ ଆଦି ପ୍ରକଳ୍ପ ପାଇଁ ଜି୭ ରାଷ୍ଟ୍ରଗୋଷ୍ଠୀ ୬୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇଦେବା ପ୍ରତିଶ୍ରୁତିକୁ ପୁନର୍ବାର ଦୋହରାଇଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ସମସ୍ତ ଆଶା ଆକାଂକ୍ଷା ପୂରଣ କରିପାରିବ, ଏହା ଆମକୁ ଦେଖାଇବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଅବସରରେ କହିଥିଲେ। ନିବେଶକୁ ବିଲିୟନରୁ ଟ୍ରିଲିୟନକୁ ବଢ଼ାଇବାକୁ ହେବ, ଯାହା ଦ୍ୱାରା ଆମେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଅଧିକ ସହାୟତାକରିପାରିବା ବୋଲି ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ କହିଥିଲେ।



### ପ୍ରଯୁକ୍ତିର ଗଣତାନ୍ତ୍ରୀକରଣ ଉପରେ ମୋଦିଙ୍କ ଗୁରୁତ୍ୱ

ବିଶ୍ୱର ଅତି ସମ୍ବେଦନଶୀଳ ଜନସାଧାରଣଙ୍କୁ ଲକ୍ଷ୍ୟରେ ରଖି ଏବଂ ବିସ୍ତାରବାଦୀ ମାନସିକତାକୁ ରୋକିବା ଲାଗି ଏକ ସମାବେଶୀ ଖାଦ୍ୟ ବ୍ୟବସ୍ଥା ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜି୭ ବୈଠକ ଅବସରରେ ଆହ୍ୱାନ ଦେଇଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ପ୍ରାଥମିକତା ଦେବାକୁ ହେବ। ସେଥିପାଇଁ ସାରର ବୈଶ୍ୱିକ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବାକୁ ପଡ଼ିବ ଏବଂ ରାଜନୈତିକ ପ୍ରତିବନ୍ଧକକୁ ହଟାଇବାକୁ ହେବ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ପ୍ରଯୁକ୍ତିର ଗଣତାନ୍ତ୍ରୀକରଣ ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଛନ୍ତି। ପ୍ରଯୁକ୍ତି ହିଁ ବିକଶିତ ଏବଂ ବିକାଶଶୀଳ ଗଣତନ୍ତ୍ର ମଧ୍ୟରେ ସେତୁ ହୋଇପାରିବ ବୋଲି ସେ କହିଛନ୍ତି। ପ୍ରାକୃତିକ ସମ୍ବଳର ସମ୍ପୂର୍ଣ୍ଣ ଉପଯୋଗ ଉପରେ ଫୋକସ୍ କରିବାର ଆବଶ୍ୟକତା ରହିଛି। ଉପଭୋକ୍ତାବାଦ ଦ୍ୱାରା ଅନୁପ୍ରାଣିତ ବିକାଶ ମଡେଲରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ମୋଦି କହିଥିଲେ। ସେହିପରି ଖାଦ୍ୟ ନଷ୍ଟକୁ ରୋକିବା ଦିଗରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ଆମ୍ଭମାନଙ୍କର ସାମଗ୍ରିକ ଦାୟିତ୍ୱ ହେବା ଆବଶ୍ୟକ। ଦୀର୍ଘସ୍ଥାୟୀ ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ଏହା ଅତ୍ୟନ୍ତ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ହିରୋଶିମାରେ ଗାନ୍ଧିଜୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ



ହିରୋସୀମା, ୨୦।୫(ପି.ଟି.)

ଜାପାନର ହିରୋଶିମାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଶାନ୍ତି ଓ ସଦ୍‌ଭାବନା ଗାନ୍ଧିଜୀଙ୍କ ଆଦର୍ଶ, ଯାହା ସାରା ବିଶ୍ୱରେ ଗୁଞ୍ଜନ ସୃଷ୍ଟି କରିବା ସହ ଲକ୍ଷ ଲକ୍ଷ ଲୋକଙ୍କୁ ଶକ୍ତି ଯୋଗାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୧୯୪୫ ଅଗଷ୍ଟ ୬ରେ ଆମେରିକା ହିରୋଶିମା ଉପରେ ପ୍ରଥମ ଆଣବିକ ବୋମା ଫିଙ୍ଗିବାରୁ ୧,୪୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଶାନ୍ତି ଓ ଅହିଂସା ସ୍ଥାପନର ପ୍ରତୀକ ସ୍ୱରୂପ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଏହି ସ୍ଥାନକୁ ଚିହ୍ନଟ କରାଯାଇଥିଲା। ହିରୋଶିମା ନାଁ ଶୁଣିଲେ ଏବେ ମଧ୍ୟ ବିଶ୍ୱ ଭୟଭୀତ ହୋଇଯାଏ ବୋଲି ଏହି ଅବସରରେ ମୋଦି କହିଛନ୍ତି।

## ଇରାନରେ ୩ ଜଣଙ୍କୁ ଫାଶୀ

ତେହରାନ,୨୦।୫

ଗତବର୍ଷ ମାହସା ଅମିନଙ୍କ ମୃତ୍ୟୁକୁ ନେଇ ଇରାନ୍‌ରେ ହୋଇଥିବା ସରକାର ବିରୋଧୀ ଆନ୍ଦୋଳନ ସମୟରେ ସୁରକ୍ଷା ବଳ ସଦସ୍ୟଙ୍କୁ ହତ୍ୟା କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଥିବା ୩ ଜଣଙ୍କୁ ଶୁକ୍ରବାର ଫାଶୀ ଦିଆଯାଇଛି। ସେମାନେ ହେଲେ ମାଜିଦ କାଜେମି, ସାଲେହ ମିର୍ହାଶେମି ଏବଂ ସଇଦ ୟାଘୋଉବି। ୨୨ ବର୍ଷୀୟା ଇରାନୀୟ ଯୁବତୀ ମହସା ଅମିନ ଠିକ୍ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବାରୁ ଇରାନର ରକ୍ଷଣଶୀଳ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ହାଜତରେ ମହସାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଦେଶବ୍ୟାପୀ ସରକାରଙ୍କ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା।

## କେନ୍ଦ୍ରର ଅଧ୍ୟାଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁ: କେଜ୍‌ରିୱାଲ

ନୂଆଦିଲ୍ଲୀ, ୨୦।୫(ପି.ଟି.)

ଦିଲ୍ଲୀରେ ଅଫିସରମାନଙ୍କ ନିଯୁକ୍ତି ବଦଳି ଆଦି ସମ୍ପର୍କରେ କେନ୍ଦ୍ର ସରକାର ଶୁକ୍ରବାର ଆଣିଥିବା ଅଧ୍ୟାଦେଶକୁ ଏଏପି ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। କେନ୍ଦ୍ରର ଏଭଳି ପଦକ୍ଷେପ ଅସାମ୍ବିଧାନିକ ଏବଂ ଗଣତନ୍ତ୍ର ବିରୋଧୀ ବୋଲି ସେ କହିଛନ୍ତି। ଦିଲ୍ଲୀରେ ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଅଧିକାର ନିଜ ପାଖରେ ରଖିବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ଏ ଅଧ୍ୟାଦେଶ ଆଣିଥିଲେ। ଉକ୍ତ ଅଧ୍ୟାଦେଶ ବଳରେ ନ୍ୟାଶନାଲ କ୍ୟାପିଟାଲ ସିଭିଲ୍ ସର୍ଭିସ୍ ଅଥରିଟି ନାମରେ ଏକ ନୂଆ ସଂସ୍ଥା ପ୍ରତିଷ୍ଠା କରାଯିବ। ଉକ୍ତ କର୍ତ୍ତୃପକ୍ଷ ଦିଲ୍ଲୀ, ଅଣ୍ଡାମାନ ଓ ନିକୋବର, ଲାକ୍ଷାଦ୍ୱୀପ, ଦାମନ ଓ ଡିଉ, ଦାଦ୍ରା ଓ ନଗର ହାବେଳି (ଡିଏଏନ୍‌ଆଇସିଏସ୍) କ୍ୟାଡର୍‌ର ଗ୍ରୁପ୍-ଏ ଅଧିକାରୀମାନଙ୍କୁ ବଦଳି ସହ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସୁପ୍ରିମକୋର୍ଟ ସର୍ଭିସେସ୍ (ସେବା) ନିୟନ୍ତ୍ରଣ ଉପରେ କେବଳ ଦିଲ୍ଲୀ ସରକାରଙ୍କ ଅଧିକାର ରହିବ ବୋଲି ମେ' ୧୧ରେ ରାୟ ଦେବାର ସପ୍ତାହେ ପରେ ଏହାକୁ ଅକାମୀ କରିଦେବା ପାଇଁ କେନ୍ଦ୍ର ଏହି ଅଧ୍ୟାଦେଶ ଆଣିଥିବା କେଜ୍‌ରିୱାଲ କହିଛନ୍ତି। ଏହା ସିଧାସଳଖ ଅଦାଲତ ଅବମାନନା। ତାଙ୍କ ସରକାରର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଚାହୁଁଥିବା ସେ ଅଭିଯୋଗ କରିଛନ୍ତି।

## କିରନ ପଟେଲଙ୍କ ବିରୋଧରେ ଇଡି ମାମଲା

**ପିଏମ୍‌ଓ ଅଫିସର ପରିଚୟ ଦେଇ ଠକୁଥିଲେ**

ନୂଆଦିଲ୍ଲୀ, ୨୦।୫(ଆଇଏଏନ୍‌ଏସ୍)



ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଅଧିକାରୀ ଭାବେ ମିଛ ପରିଚୟ ନେଇ କଡ଼ା ସୁରକ୍ଷା ମଧ୍ୟରେ ଜମ୍ମୁ-କଶ୍ମୀର ଗସ୍ତ କରିଥିବା ଗୁଜରାଟର ମହାଠକ କିରନ୍ ପଟେଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପିଏମ୍‌ଏଲ୍‌ଏରେ ମାମଲା ରୁଜୁ କରିଛି। ଗତ ମାର୍ଚ୍ଚରେ କିରନ୍‌ଙ୍କୁ ଶ୍ରୀନଗରର ଏକ ହୋଟେଲରୁ ଗିରଫ କରାଯାଇଥିଲା। ଶ୍ରୀନଗର ଜୋନାଲ ଅଫିସ୍‌ର ଇଡି ଅଧିକାରୀମାନେ ଗୁଜରାଟର ଅହମଦାବାଦ, ମୋର୍ବି ଏବଂ ମେହସନାର ୧୨ଟି ସ୍ଥାନରେ ଶୁକ୍ରବାର ଚଢ଼ାଉ କରିଥିଲେ। କିରନ୍‌ଙ୍କ କେତେଜଣ ସହଯୋଗୀଙ୍କ ବିରୋଧରେ ମଧ୍ୟ ଇଡି ମାମଲା ରୁଜୁ କରିଛି।

## ରାଜା ହେରାଲ୍ଡଙ୍କ ନାଁରୁ ଆସିଛି ବ୍ଲୁଟୁଥ୍

ଓସଲୋ, ୨୦।୫

ମୋବାଇଲ ଫୋନ୍ ଭଳି ଓୟାର୍‌ଲେସ୍ ବ୍ଲୁଟୁଥ୍ ଏକ ଜରୁରୀ ସାମଗ୍ରୀ ପାଲଟିଛି। ଇୟର୍ ଫୋନ୍‌ର ବିକଳ୍ପ ଭାବେ ବ୍ୟବହାର କରାଯାଉଥିବା ବ୍ଲୁଟୁଥ୍‌ର ନାମ ଏବଂ ଲୋଗୋ କେଉଁଠାରୁ ଆସିଲା ତା' ବିଷୟରେ କମ୍ ଲୋକଙ୍କୁ ଜଣାଥିବ। ଭିକିଙ୍ଗ୍ ଯୁଗରେ (୧୦୦୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ) ଡେନ୍‌ମାର୍କ ଓ ନରୱେର ରାଜା ଥିବା ହେରାଲ୍ଡ ବ୍ଲୁଟୁଥ୍‌ଙ୍କ ନାମ ଅନୁସାରେ ଓୟାରଲେସ୍ ବ୍ଲୁଟୁଥ୍‌ର ନାମକରଣ କରାଯାଇଛି। ରାଜା ହେରାଲ୍ଡଙ୍କ ଏପରି ନାମକରଣ ପଛର ରହସ୍ୟ ହେଉଛି, ସେ ପ୍ରଚୁର ମାତ୍ରାରେ ବ୍ଲୁ-ବେରି ଖାଉଥିଲେ, ଯାହାଫଳରେ ତାଙ୍କ ଦାନ୍ତ ନୀଳ ପଡ଼ିଯାଇଥିବା ଅନେକେ କହୁଛନ୍ତି। ଏଥିଯୋଗୁ ତାଙ୍କୁ ସମସ୍ତେ ହେରାଲ୍ଡ ବ୍ଲୁଟୁଥ୍ ବୋଲି ଡାକୁଥିଲେ। ଅନ୍ୟପକ୍ଷେ ବର୍ତ୍ତମାନର ବ୍ଲୁଟୁଥ୍ ଲୋଗୋକୁ ଭିକିଙ୍ଗ୍ ଯୁଗରେ ହେରାଲ୍ଡ ନୋର୍ଡିକ୍ ରୁନିକ୍ ଲିପିରେ ନିଜ ଚିହ୍ନ ଭାବେ ବ୍ୟବହାର କରୁଥିବା ସୋସିଆଲ ମିଡିଆର ବହୁଳ ପ୍ରସାରିତ ପୋଷ୍ଟରେ କୁହାଯାଇଛି।




## ଅଷ୍ଟମ ଥର ବାପା ହେବେ ବୋରିସ୍

ଲଣ୍ଡନ,୨୦।୫

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍(୫୮) ଅଷ୍ଟମ ଥର ପାଇଁ ବାପା ହେବାକୁ ଯାଉଛନ୍ତି। ବୋରିସ୍‌ଙ୍କ ସ୍ତ୍ରୀ କ୍ୟାରି ଜନ୍‌ସନ୍ ୮ ମାସ ଗର୍ଭବତୀ ଥିବା କଥା ସୋସିଆଲ ମିଡିଆ ପୋଷ୍ଟ ଶେୟାର କରି କହିଛନ୍ତି। କିଛି ସପ୍ତାହ ମଧ୍ୟରେ ସେ ନିଜ ତୃତୀୟ ସନ୍ତାନଙ୍କୁ ଜନ୍ମ ଦେବେ। ପୂର୍ବରୁ ବୋରିସ୍ ଓ କ୍ୟାରିଙ୍କର ଦୁଇଟି ସନ୍ତାନ ଅଛନ୍ତି। ସେମାନେ ହେଲେ ୱିଲ୍‌ଫ୍ରେଡ୍ ଓ ରୋମି।

ଅକ୍ସଫୋର୍ଡସିରେସ୍ଥିତ ୯ ବେଡ୍‌ରୁମ୍ ବିଶିଷ୍ଟ ନୂଆ ଘରକୁ ଯିବା ପରେ କ୍ୟାରି ଏହି ଖୁସି ଖବର ସମ୍ପର୍କରେ ସୋସିଆଲ ମିଡିଆ ପୋଷ୍ଟ କରିଛନ୍ତି। ବୋରିସ୍ ଏହି ଘରକୁ ୪ ମିଲିୟନ୍ ପାଉଣ୍ଡରେ କିଣିଛନ୍ତି। ପୂର୍ବରୁ ବୋରିସ୍, କ୍ୟାରି ଓ ପିଲାମାନେ ଲଣ୍ଡନ ଟାଉନ୍‌ହାଉସ୍ ଏବଂ କୋଟ୍ସୱାର୍ଲ୍ଡସ୍ଥିତ ଘରେ ରହୁଥିଲେ।

ଜନ୍ମ ହେବାକୁ ଥିବା ଶିଶୁକୁ ମିଶାଇ ବୋରିସ୍‌ଙ୍କର ୮ ସନ୍ତାନ। ପୂର୍ବତନ ସ୍ତ୍ରୀ ମାରିନା ହ୍ୱିଲରଙ୍କର ୪ଟି ସନ୍ତାନ ଅଛନ୍ତି। ଏଥିସହ ଆର୍ଟ କନ୍‌ସଲଟାଣ୍ଟ ହେଲେନ ମାକ୍‌ଇଣ୍ଟିରେଙ୍କ ସହ ବୋରିସ୍‌ଙ୍କ ଅନୈତିକ ସମ୍ପର୍କ ଥିବାବେଳେ ତାଙ୍କ ଔରସରୁ ୨୦୦୯ରେ ହେଲେନ ଏକ ଶିଶୁକୁ ଜନ୍ମ ଦେଇଥିଲେ। ପ୍ରଧାନମନ୍ତ୍ରୀ ପଦ ହରାଇବା ପରେ ବୋରିସ୍ ଏବେ ବିଶ୍ୱ ଭ୍ରମଣ କରିବା ସହ ଭାଷଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳିଛି। ଚଳିତ ସପ୍ତାହରେ ବୋରିସ୍ ଏସିଆନ୍ ଲିଡରଶିପ୍ କନ୍‌ଫରେନ୍ସରେ ଯୋଗ ଦେଇଥିଲେ।



ସ୍ତ୍ରୀ କ୍ୟାରିଙ୍କ ସହ ବୋରିସ୍ ଜନ୍‌ସନ୍।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ' ୨୧/୨୦୨୩ | Bhubaneswar, Sunday, May 21/2023 | ପୃଷ୍ଠା-୧



## ଋତୁରାଜ ପ୍ଲେୟର ଅଫ୍ ଦି ମ୍ୟାଚ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ଋତୁରାଜ ଗାଏକ୍ୱାଡ଼।

୧୫

୧୦

## କଳା ଚଷମା ପିନ୍ଧି ଆୟୁଷ୍ମାନ ଟ୍ରୋଲ୍

ବାପାଙ୍କ ଶେଷକୃତ୍ୟ ସମୟରେ ଅଭିନେତା ଆୟୁଷ୍ମାନ ଖୁରାନା କଳା ଚଷମା ପିନ୍ଧିଥିବାରୁ ତାଙ୍କୁ ଟ୍ରୋଲ ହେବାକୁ ପଡିଛି।





୨୪ ନଭେମ୍ବର ୨୦୨୩ରେ ଧରିତ୍ରୀ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ସୁବର୍ଣ୍ଣ ଜୟନ୍ତୀ ସମାରୋହ ପୂର୍ବରୁ ଧରିତ୍ରୀ କାର୍ଯ୍ୟାଳୟ ପରିସରରେ 'ଗୋଲ୍ଡେନ୍ ଜୁବିଲି ଲୋଗୋ'କୁ ଶନିବାର ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉନ୍ମୋଚନ କରୁଛନ୍ତି। ଏହି ଅବସରରେ ଉପସ୍ଥିତ ଧରିତ୍ରୀ ପରିବାର ସଦସ୍ୟ।

# ଶପଥ ଉତ୍ସବରେ ବିରୋଧୀ ଏକଜୁଟ

## କର୍ଣ୍ଣାଟକରେ କଂଗ୍ରେସ ସରକାର

**ବେଙ୍ଗାଲୁରୁ, ୨୦।୫(ପି.ଟି.)**

୨୦୨୪ ସାଧାରଣ ନିର୍ବାଚନକୁ ବର୍ଷେରୁ କମ୍ ସମୟ ଥିବାବେଳେ ଦକ୍ଷିଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ ଭାଜପା ହାତରୁ କଂଗ୍ରେସ ଶାସନ କ୍ଷମତା ଛଡ଼ାଇନେଇଛି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ ଏବଂ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଡି.କେ. ଶିବକୁମାର ଉପମୁଖ୍ୟମନ୍ତ୍ରୀ ଭାବେ ଶନିବାର ଅପରାହ୍ଣରେ ଶପଥ ନେଇଛନ୍ତି। ବେଙ୍ଗାଲୁରୁସ୍ଥିତ କାନ୍ତିରାଭା ଷ୍ଟାଡିୟମରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଏକାଠି ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ଜାତୀୟ ସ୍ତରରେ ଭାଜପା ବିପକ୍ଷରେ ମେଣ୍ଟ ଗଢ଼ିବା ପାଇଁ ବିରୋଧୀ ଦଳଗୁଡ଼ିକ ଉଦ୍ୟମ ଚଳାଇଥିବାବେଳେ ଏହି ମେଳିରୁ ସେମାନେ ଏକତାର ସନ୍ଦେଶ ଦେଇଛନ୍ତି। କର୍ଣ୍ଣାଟକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀର୍ଘ ସମୟ ଧରି ପ୍ରଚାର କରିବା ସତ୍ତ୍ୱେ ଭାଜପାକୁ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ମୋଦି ଅପରାଜେୟ ନୁହନ୍ତି ବୋଲି କର୍ଣ୍ଣାଟକ ଫଳାଫଳ ପ୍ରମାଣିତ କରିଥିବାରୁ ବିରୋଧୀ ଏକତା ଆଗକୁ ଭାଜପାର ବିଜୟକୁ ଦେଶବ୍ୟାପୀ ଅଟକାଇବା ଧାରଣା ଦୃଢ଼ୀଭୂତ ହୋଇଛି। ☞ପୃଷ୍ଠା-୨

# ଯୁକ୍ତ୨ ସିଟ ସଂଖ୍ୟା ବଢ଼ିବ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଚଳିତବର୍ଷ ଯୁକ୍ତ୨ ସିଟ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଜିଲାର ଆବଶ୍ୟକତାକୁ ଦେଖି ସିଟ ବଢ଼ାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶନିବାର ସୂଚନା ଦେଇଛନ୍ତି। ବିଶେଷକରି ପ୍ରଥମ ବର୍ଷ ସିଟ ବୃଦ୍ଧି ନେଇ ସୋମବାର ବିଭାଗୀୟ ବୈଠକ ବସିବ। ବୈଠକରେ ଯୁକ୍ତ୨ ନାମଲେଖା ନେଇ ବିସ୍ତୃତ ଆଲୋଚନା ହେବା ସହ ସିଟ ସଂଖ୍ୟା ବୃଦ୍ଧି ନେଇ ନିଷ୍ପତ୍ତି ନିଆଯିବ। ଚଳିତବର୍ଷ ମାଟ୍ରିକ ପରୀକ୍ଷାଫଳ ସିବିଏସ୍‌ଇ ଓ ଆଇସିଏସ୍‌ଇକୁ ପଛରେ ପକାଇ ଦେଇଛି। ତେଣୁ ଯୁକ୍ତ୨ ସିଟ ସଂଖ୍ୟା ନ ବଢ଼ିଲେ ଛାତ୍ରୀଛାତ୍ର ପସନ୍ଦ ମୁତାବକ ☞ପୃଷ୍ଠା-୨

## ହୀରାକୁଦ ଡ୍ୟାମ୍ ବୁଲିଲା ମହାନଦୀ ଟ୍ରିବ୍ୟୁନାଲ ଟିମ୍

୩

**ଆଜିର ସମ୍ପାଦକୀୟ**

## ବିଜୟର ରହସ୍ୟ






**ଆଜିର ମନ୍ତବ୍ୟ**

କର୍ଣ୍ଣାଟକବାସୀ ଭାଜପାର ବିଭାଜନବାଦୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ଗରିବଙ୍କ ସପକ୍ଷବାଦୀ ସରକାର ଗଠନ ପାଇଁ ଜନାଦେଶ ଦେଇଛନ୍ତି। **-ସୋନିଆ ଗାନ୍ଧୀ, କଂଗ୍ରେସ ନେତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଗଲି ଯେତିକି**
**ଫଳ ପାଇଲି ସେତିକି।**

ଯେଉଁ ଯାତ୍ରା ବା କାର୍ଯ୍ୟରେ ବ୍ୟକ୍ତିକୁ ଲାଭ ବଦଳରେ କ୍ଷତି ମିଳିଥାଏ ବା ପ୍ରଶଂସା ବଦଳରେ ନିନ୍ଦା ମିଳିଥାଏ, ସେ ଯାତ୍ରା ବା କାର୍ଯ୍ୟ ପ୍ରତି ବ୍ୟକ୍ତିର ମନ ଛାଡ଼ିଯାଇଥାଏ। ତିକ୍ତ ଅଭିଜ୍ଞତା ବ୍ୟକ୍ତିର ମନକୁ ଭାଙ୍ଗିଦେଇଥାଏ ବା ଫିକା କରିଦେଇଥାଏ। ଫଳ ନିଷ୍ଫଳ ହୋଇଯିବାର ପ୍ରକାରାନ୍ତରେ ଅଭିମାନ ପୋଷଣ କରାଯିବା ନେଇ ଏଭଳି ମନ୍ତବ୍ୟ ପ୍ରଦାନ କରାଯାଇଛି।

**ଗହମ ଖାଇଲା ପୋକ;**
**କାହୁଁ ଆସିଥିଲା ହୁଣ୍ଡା ରସିକ,**
**ଘର ଯାକ ପାନପିକ।**

ଅଲାଜୁକ ରସିକ। ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚୋର ସନ୍ଦେହରେ ପିଟି ହତ୍ୟା



ଗ୍ରାମବାସୀ ପୋଲିସ ଗାଡ଼ିକୁ ଅଟକ ରଖିଛନ୍ତି।



ମୃତ ଅକ୍ଷୟ ପଣ୍ଡା।

## ଢେଙ୍କାନାଳ ଜିଲାରେ ଚାଞ୍ଚଲ୍ୟ

**■ ଜଣେ ଗିରଫ, ୫ ଫେରାର**

ଢେଙ୍କାନାଳ ଅଫିସ, ୨୦।୫

ଚୋରି କରିଛନ୍ତି ବୋଲି ମାନିନେବାକୁ ଗ୍ରାମସଭାରେ ବାଧ୍ୟ କଲେ। ଏଥିରେ ଅମଙ୍ଗ ହେବାରୁ ଯୁବକଙ୍କୁ ଘରୁ ଉଠାଇ ନେଇ ପିଟି ପିଟି ମାରିଦେଲେ। ମାନବିକତାକୁ ଲଜ୍ଜିତ କରିବା ଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ଢେଙ୍କାନାଳ ସଦର ଥାନା ଡେଙ୍ଗବୋରେଇ ଗ୍ରାମରେ। ମୃତକ ହେଲେ ଅକ୍ଷୟ ପଣ୍ଡା (୩୦)। ଆକ୍ରମଣରେ ଅକ୍ଷୟଙ୍କ ସହଯୋଗୀ ଲିପୁ ନାୟକ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ୬ ଜଣଙ୍କ ସମ୍ପୃକ୍ତି ଥିବାବେଳେ ପୋଲିସ ମୁଖ୍ୟ ଅଭିଯୁକ୍ତ ହେମନ୍ତ ରାଉତଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ମାସେ ତଳେ ଡେଙ୍ଗବୋରେଇ ଗ୍ରାମର ହେମନ୍ତ ରାଉତଙ୍କ ଫାର୍ମରୁ ପାଣିପମ୍ପ ଏବଂ ପାଇପ୍ ଚୋରି ହୋଇଥିଲା। ଏ ନେଇ ଅକ୍ଷୟଙ୍କ ଉପରେ ସନ୍ଦେହ କରି ସେ ସଦର ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସର ତଦନ୍ତ ବେଳେ ଚୋରିରେ ସମ୍ପୃକ୍ତି ନ ଥିବା ସେ କହିଥିଲେ। ଗତ ଶୁକ୍ରବାର ଗ୍ରାମରେ ବସିଥିବା ବୈଠକରେ ଅକ୍ଷୟଙ୍କୁ ଡାକି ପଚରାଉଚରା କରିବା ସତ୍ତ୍ୱେ ସେ ଉକ୍ତ ଚୋରି ବିଷୟରେ ଜାଣି ନ ଥିବା କହିଥିଲେ ଏବଂ ଘରକୁ ଚାଲି ଆସିଥିଲେ। ରାତିରେ ଖାଇପିଇ ଶୋଇଥିବାବେଳେ ହେମନ୍ତ ଏବଂ ତାଙ୍କର ଅନ୍ୟ କେତେଜଣ ସହଯୋଗୀ ପହଞ୍ଚି ଅକ୍ଷୟ ଓ ଲିପୁଙ୍କୁ ଉଠାଇ ନେଇଥିଲେ। ଗ୍ରାମ ନିକଟ ପଥରଖଣିରେ ଉଭୟଙ୍କୁ ଲୁହା ପାଇପ୍‌ରେ ନିସ୍ତୁକ ମାଡ଼ ମାରିବା ସହ ନିର୍ଯାତନା ଦେଇଥିଲେ। ଆହତ ସତ୍ତ୍ୱେ ଲିପୁ କୌଣସିମତେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ହେଲେ ଅକ୍ଷୟଙ୍କ ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନା ପାଇ ଶୁକ୍ରବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉତ୍ତେଜିତ ଗ୍ରାମବାସୀ ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପାଣିପମ୍ପ ଓ ପାଇପ୍ ଚୋରି ଘଟଣାରେ ଅକ୍ଷୟ ସମ୍ପୃକ୍ତ ନ ଥିବା କହିବା ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ଫଳରେ ହେମନ୍ତ ଗ୍ରାମର କେତେଜଣ ଲୋକଙ୍କୁ ଡାକି ବୈଠକ କରି ଦୁଇଦିନ ମଧ୍ୟରେ ଚୋରି ସାମଗ୍ରୀ ଫେରାଇବାକୁ ବାଧ୍ୟ କରିଥିଲେ। ଅକ୍ଷୟ ପୁନର୍ବାର ନିଜକୁ ନିର୍ଦ୍ଦୋଷ ବୋଲି ଦୋହରାଇବା ସତ୍ତ୍ୱେ କୌଣସି କଥା ନ ବୁଝି ହେମନ୍ତ ଏବଂ ତାଙ୍କ ସହଯୋଗୀ ଉତ୍ତ୍ୟକ୍ତ ହୋଇ ଏଭଳି ଅଘଟଣ ଘଟାଇଲେ। ପୋଲିସର ଅବହେଳା ପାଇଁ ଏଭଳି ଦୁଃଖଦ ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଅପରପକ୍ଷେ ସ୍ୱାମୀଙ୍କ ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅକ୍ଷୟଙ୍କ ସ୍ତ୍ରୀ ଲିପିନା ପଣ୍ଡା ଦାବି କରିଛନ୍ତି। ଏଭଳି ନୃଶଂସ ହତ୍ୟାକାଣ୍ଡକୁ ପୋଲିସ ଗୁରୁତ୍ୱର ସହ ନେଇଛି। ଡିଏସ୍‌ପି ବିଭୂତି ସାହୁ, ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଜିଲା ଚିକିତ୍ସାଳୟରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ସଦର ଥାନାରେ ନଂ. ୪୨୯/୨୩ରେ ଏକ ମାମଲା ରୁଜୁ କରାଯାଇଛି।

# ଜଳିଗଲା ମୋ ବସ୍



ରାଉରକେଲା ଟିସିଆଇ ଛକରେ ଜଳୁଥିବା ମୋ ବସ୍।

## ସ୍ପଷ୍ଟୀକରଣ ଦେଲେ କ୍ରୁଟ୍ କର୍ତ୍ତୃପକ୍ଷ

ରାଉରକେଲା ଅଫିସ,୨୦।୫

ରାଉରକେଲା ଟିସିଆଇ ଛକରେ ଶନିବାର ସକାଳ ୧୦ଟା ବେଳେ ଗୋଟିଏ ମୋ ବସ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଉକ୍ତ ବସ୍ ପାନପୋଷରୁ ବେଦବ୍ୟାସ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି। ଅଗ୍ନିକାଣ୍ଡ ସମୟରେ ବସ୍‌ରେ କେହି ଯାତ୍ରୀ ନ ଥିବାରୁ କୌଣସି ଜୀବନ ହାନି ହୋଇନାହିଁ। ତେବେ ଏହି ଘଟଣାରେ ତଦନ୍ତ ଚାଲିଥିବା ରାଉରକେଲା ଏଡିଏମ୍ ଶୁଭଙ୍କର ମହାପାତ୍ର କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ କ୍ରୁଟ୍ (କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍ସପୋର୍ଟ) ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହ ସ୍ପଷ୍ଟୀକରଣ ଜାରି କରାଯାଇଛି। ଡ୍ୟୁଟିରେ ଥିବା ମୋ ବସ୍ ଡ୍ରାଇଭର ବସ୍ (ନଂ.ଓଡି୧୪ଏବି/୬୬୭୬)ରୁ ଧୂଆଁ ବାହାରୁଥିବା ଲକ୍ଷ୍ୟ କରିଥିଲେ। ତୁରନ୍ତ ଏ ବିଷୟରେ ସେ ରୁଟ୍‌ର ସୁପରଭାଇଜରଙ୍କୁ ଅବଗତ କରାଇଥିଲେ। ସମ୍ପୃକ୍ତ ସୁପରଭାଇଜର ଅନ୍ୟ ଏକ ବସ୍ ପଠାଇଥିଲେ ଏବଂ ସମସ୍ତ ଯାତ୍ରୀଙ୍କୁ ନେଇ ଅନ୍ୟ ବସ୍‌ଟି ଯାତ୍ରା କରିଥିଲା। ଧୂଆଁ ବାହାରୁଥିବା ବସ୍‌କୁ ମରାମତି ପାଇଁ ଡିପୋକୁ ନିଆଯାଉଥିବାବେଳେ ହଠାତ୍ ସେଥିରେ ନିଆଁ ଲାଗିଯାଇଥିଲା। ତୁରନ୍ତ ଜରୁରୀକାଳୀନ ସେବାକୁ ଅବଗତ କରାଯାଇଥିଲା ଏବଂ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘଟଣା ଜାଣିବା ପରେ କ୍ରୁଟ୍ ପକ୍ଷରୁ ଜରୁରୀକାଳୀନ ବୈଠକ ଡକାଯାଇଥିଲା। ଘଟଣାଟି କାହିଁକି ଘଟିଲା ଏବଂ ପରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ସେ ନେଇ ଆଲୋଚନା କରାଯାଇଥିଲା। ଘଟଣା ସମ୍ପର୍କରେ ସବିଶେଷ ଜାଣିବା ପାଇଁ ଟାଟା ମୋଟର୍ସର ଏକ ଟିମ୍ ରାଉରକେଲା ଅଭିମୁଖେ ଯାଇଛନ୍ତି। ଏଥିସହ ଘଟଣା ସହିତ କାହାର ସମ୍ପର୍କ ଅଛି କି ନାହିଁ ସେ ବିଷୟରେ ତଦନ୍ତ କରିବା ପାଇଁ କ୍ରୁଟ୍ ପକ୍ଷରୁ ପୋଲିସକୁ ଅନୁରୋଧ କରାଯାଇଛି।

# ଫ୍ରାଙ୍କ୍‌ଫର୍ଟରେ ସାବିତ୍ରୀ ବ୍ରତ ପାଳନ



ପୂଜାରେ ସାମିଲ ହୋଇଥିବା ପ୍ରବାସୀ ଓଡ଼ିଆମାନେ।

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ଉତ୍କଳ ସମାଜ ରେନ୍ ମେନ୍ ପକ୍ଷରୁ ପ୍ରଥମ ଥର ଜର୍ମାନୀର ଫ୍ରାଙ୍କ୍‌ଫର୍ଟରେ ପ୍ରବାସୀ ଓଡ଼ିଆଙ୍କୁ ନେଇ ସାବିତ୍ରୀ ବ୍ରତ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ସେଠାକାର ହରି ଓମ୍ ମନ୍ଦିର ସହଯୋଗରେ ଏଥିଲାଗି ଭବ୍ୟ ଆୟୋଜନ କରାଯାଇଥିଲା। ମନ୍ଦିରରେ ସାବିତ୍ରୀ-ସତ୍ୟବାନଙ୍କ ଉପରେ ଆଧାରିତ ପୁରାଣ ପଢ଼ାଯାଇଥିଲା। ସଧବା ମହିଳାମାନେ ନିଷ୍ଠାର ସହ ବ୍ରତ ରଖି ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିଥିଲେ।

ଜର୍ମାନୀରେ ଓଡ଼ିଆ ପରମ୍ପରା, ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଉତ୍କଳ ସମାଜ ରେନ୍ ମେନ୍ ପକ୍ଷରୁ ଉଦ୍ୟମ ଜାରି ରହିଛି। ପ୍ରଥମ ଥର ପାଇଁ ଓଡ଼ିଆଙ୍କୁ ନେଇ କରାଯାଇଥିବା ଏଭଳି କାର୍ଯ୍ୟକ୍ରମକୁ ସବୁସ୍ତରରେ ପ୍ରଶଂସା କରାଯାଇଥିବା ଅନୁଷ୍ଠାନର ଉପସଭାପତି ଅମିତ୍ କୁମାର ରାଓ୍ୱଲ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଉଣା ହେବନି। ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ପରିବାରରେ ଅଶାନ୍ତି ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି।

**ବୃଷ**
ରବି ଯୁକ୍ତ ଚନ୍ଦ୍ର ହେତୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ଶାନ୍ତିପ୍ରଦ ହୋଇ ନ ପାରେ। ଆଜି ଅଫିସରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଯୋଗାଯୋଗ ଓ ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ**
ଶୁକ୍ରଙ୍କ ସୁପ୍ରଭାବରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ହସଖୁସି ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ୍ୟ ପାସୋରି ଦେଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ଅର୍ଥାଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅଭାବ ପରିଲକ୍ଷିତ ହେବ।

**କର୍କଟ**
ଏକାଦଶସ୍ଥ ଚନ୍ଦ୍ର ହେତୁ ମାନସିକ ସ୍ଥିତି ଭଲ ରହିବ ଏବଂ ରବିଙ୍କ ସୁପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ଘଟିବ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ। ପରୋକ୍ଷ ଶତ୍ରୁତା କାରଣରୁ ମାନସିକ ଚାପଗ୍ରସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସହ ଦୂରଯାତ୍ରା କରିବା ସକାଶେ ମନ ବଳାଇବେ।

**ସିଂହ**
ରାଶ୍ୟାଧିପତି କର୍ମ ଭାବରେ ଥିବାରୁ ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବେ। ବନ୍ଧୁଙ୍କ କଥାରେ ବିଶ୍ୱାସ କରି ନିର୍ଦ୍ଦିଷ୍ଟ ସମୟରେ ନିରାଶ ହେବାକୁ ପଡ଼ିବ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହେବେ।

**କନ୍ୟା**
ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହିନପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ରାହୁଯୁକ୍ତ ଚତୁର୍ଥାଧିପତି କାରଣରୁ ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡିମୋଟର, ଯାନ୍ତ୍ରିକଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ତୁଳା**
କବନ୍ଧଗ୍ରହ ରାଶିରେ ନ ଥିବାରୁ ପାରିବାରିକ ପ୍ରତିରୋଧ କିମ୍ବା ସ୍ୱାସ୍ଥ୍ୟହାନିଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଅଫିସ୍ ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା**
ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବ ନାହିଁ। ରବିଙ୍କ ପ୍ରଭାବରେ କର୍ମ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ସ୍ଥଗିତ କାମ ପୂରା କରିବେ। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରି ପାଇବେ।

**ଧନୁ**
ସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବେ। ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ବୁଧ ପାପପ୍ରଭାବଗ୍ରସ୍ତ ଯୋଗୁ ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ଚିନ୍ତାର କାରଣ ହେବେ।

**ମକର**
ଷଷ୍ଠସ୍ଥ ଶୁକ୍ରଙ୍କ ଯୋଗୁ ପ୍ରତିରୋଧର ସାମ୍ନା କରି ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବେ। ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ**
ଅନୁକୂଳ ଗ୍ରହଜନିତ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ**
କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ୍ୟ ପାରିବାରିକ ସ୍ଥିତି ପୂର୍ବପରି ରହିବ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିବେ। ବ୍ୟବସାୟ, ପରିବହନଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତିରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ। ଦୂର ସନ୍ତାନଙ୍କ ଆଗମନ ବାର୍ତ୍ତା ପାଇବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ରବିବାର, ମେ ୨୧ ତାରିଖ, ଆତଙ୍କବାଦ ନିରୋଧୀ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ଦିବା ଘ.୦୯।୦୫, ଗତେ ମୃଗଶିରା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୬।୫୭ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୦ ଗତେ ଘ.୦୨।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୩୬ ଗତେ ଘ.୦୬।୧୩ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**



କଂଗ୍ରେସ ସାଧାରଣ ସମ୍ପାଦକ କେ.ସି.ବେଣୁଗୋପାଳ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର,ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ଅନ୍ୟ ନେତାମାନେ।

## ଶପଥ ଉତ୍ସବରେ ...

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା ଶନିବାର ଶପଥ ଗ୍ରହଣ କରିଥିବାବେଳେ ଏହା ବିରୋଧୀ ଦଳଗୁଡ଼ିକର ଶକ୍ତି ପ୍ରଦର୍ଶନରେ ପରିଣତ ହୋଇଥିଲା। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଏକତାର ଏହା ସ୍ପଷ୍ଟ ଚିତ୍ର ବହନ କରିଥିଲା। ଶପଥ ଗ୍ରହଣ ଉତ୍ସବ ଅବସରରେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାଓ୍ୱାର, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ମଞ୍ଚରେ ଏକାଠି ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି, କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖ୍‌ୱିନ୍ଦର ସିଂ ସୁଖୁ ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ଉପସ୍ଥିତ ଥିଲେ। ଏହା ବ୍ୟତୀତ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ, ଅଭିନେତାରୁ ରାଜନେତା ହୋଇଥିବା କମଲ ହାସନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତରାମ ୟେଚୁରୀ ଏବଂ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଉତ୍ସବରେ ଯୋଗଦେଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉତ୍ସବରେ ଯୋଗଦେଇ ନ ପାରି ଟିଏମ୍‌ସିର ଉପନେତା ତଥା ଲୋକ ସଭା ସଦସ୍ୟ କାକୋଲି ଘୋଷ ଦସ୍ତିଦାରଙ୍କୁ ପଠାଇଥିଲେ। ଲୋକ ସଭା ନିର୍ବାଚନରେ ଯେଉଁ ରାଜ୍ୟରେ କଂଗ୍ରେସ ମଜଭୁତ ସ୍ଥିତିରେ ରହିଛି, ସେଠାରେ ଉକ୍ତ ଦଳକୁ ଟିଏମ୍‌ସି ସମର୍ଥନ କରିବ ବୋଲି କର୍ଣ୍ଣାଟକ ନିର୍ବାଚନ ଫଳ ପ୍ରକାଶ ପରେ ମମତା କହିଥିଲେ। ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ ନେତା ସାମିଲ ହୋଇଥିଲେ ମଧ୍ୟ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଯୋଗଦେଇ ପାରି ନ ଥିଲେ।

## ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ, ଶିବକୁମାର ଉପମୁଖ୍ୟମନ୍ତ୍ରୀ ହେଲେ

**■ ଆମେ ଯାହା କହୁ ତାହା କରିଥାଉ: ରାହୁଲ**

ନୂଆକରି ଅନ୍ୟ ୮ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନେ ହେଲେ ଜି. ପରମେଶ୍ୱର, କେ.ଏଚ୍. ମୁନିୟାପ୍ପା, କେ.ଜେ. ଜର୍ଜ, ଏମ୍.ବି. ପାଟିଲ, ସତୀଶ ଜାର୍କିହୋଲି, ପ୍ରିୟଙ୍କା ଖାର୍ଗେ, ରାମଲିଙ୍ଗା ରେଡ୍ଡୀ ଏବଂ ବି.ଜେଡ୍. ଜମିର ଅହମଦ ଖାନ୍। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଠିକ୍ ସପ୍ତାହେ ପରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ବହୁ ଦଳୀୟ ନେତା, କଂଗ୍ରେସ ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ଦଳର ନେତା ଉପସ୍ଥିତ ଥିଲେ।

ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରତିଶ୍ରୁତି ଦେଇଥିବା ୫ଟି ଗ୍ୟାରେଣ୍ଟିକୁ କାର୍ଯ୍ୟକାରୀ କରିବା ଲାଗି ତାଙ୍କ ସରକାର ନିର୍ଦ୍ଦେଶନାମା ଜାରି କରିବେ ବୋଲି ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। କର୍ଣ୍ଣାଟକ ଜନସାଧାରଣଙ୍କ ଆଶା ଅନୁଯାୟୀ ତାଙ୍କ ସରକାର ଶାସନ ଯୋଗାଇଦେବ। କ୍ୟାବିନେଟ ବୈଠକରେ ୫ଟି ଗ୍ୟାରେଣ୍ଟିକୁ ଗୃହୀତ କରାଯିବା ସହ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଶପଥ ଗ୍ରହଣ ପରେ ସିଦ୍ଧାରାମାୟା କହିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ପ୍ରତି ପରିବାରକୁ ୨୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା ସହ ପରିବାରର ମହିଳା ମୁଖ୍ୟମାନଙ୍କୁ ମାସିକ ୨,୦୦୦ ଟଙ୍କା ସହାୟତା, ଅନ୍ନ ଭାଗ୍ୟ ଯୋଜନାରେ ବିପିଏଲ୍ ପରିବାରର ପ୍ରତି ସଦସ୍ୟଙ୍କୁ ପ୍ରତି ମାସରେ ୧୦ କେ.ଜି. ଚାଉଳ ମାଗଣା ଯୋଗାଇଦେବ ବୋଲି ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ଏହା ବ୍ୟତୀତ ଯୁବନିଧି ଯୋଜନାରେ ବେରୋଜଗାରୀ ସ୍ନାତକ ଯୁବବର୍ଗଙ୍କୁ ମାସିକ ୩,୦୦୦ ଏବଂ ଡିପ୍ଲୋମାଧାରୀଙ୍କୁ ୧,୫୦୦ ଟଙ୍କା ଦୁଇବର୍ଷ ପାଇଁ ଯୋଗାଇ ଦିଆଯିବ। ସେହିପରି ସରକାରୀ ବସ୍‌ରେ ମହିଳାମାନଙ୍କୁ ମାଗଣା ଯାତାୟାତ ସୁବିଧା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ରାଜ୍ୟ କ୍ୟାବିନେଟ୍‌ର ପ୍ରଥମ ବୈଠକର କିଛି ଘଣ୍ଟା ପରେ ସମସ୍ତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। କର୍ଣ୍ଣାଟକବାସୀ ଭାଜପାର ଘୃଣା ଓ ଦୁର୍ନୀତିକୁ ନିର୍ବାଚନରେ ପରାସ୍ତ କରିଛନ୍ତି। କଂଗ୍ରେସ ମିଛ ପ୍ରତିଶ୍ରୁତି ଦିଏନାହିଁ। ଆମେ ଯାହା କହୁ ତାହା କରିଥାଉ ବୋଲି ରାହୁଲ କହିଛନ୍ତି।

## ଯୁକ୍ତ୨ ସିଟ ସଂଖ୍ୟା...

କଲେଜରେ ପଢ଼ିବାକୁ ସୁଯୋଗ ପାଇବେ ନାହିଁ। ତେଣୁ ଏନେଇ ପଦକ୍ଷେପ ନିଆଯାଉଛି। ଯେଉଁ ଜିଲାରେ ଆବଶ୍ୟକ ପଡ଼ିବ ସେଠାରେ ସିଟ ସଂଖ୍ୟା ବଢ଼ାଯିବ। ପିଲାଙ୍କର କିଛି ଅସୁବିଧା ନ ହେଲା ଭଳି ସମସ୍ତ ପ୍ରକାର ପଦକ୍ଷେପ ସରକାର ଗ୍ରହଣ କରିବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

ଏ ବର୍ଷ ରେକର୍ଡ ସଂଖ୍ୟକ ପିଲା ମାଟ୍ରିକ ପାସ କରିଥିବାରୁ ଏପରି ଚିନ୍ତା ବଢ଼ିଛି। ପାସହାର ଅଧିକ ଥିବାରୁ ସବୁ ପିଲା ଯୁକ୍ତ୨ ସିଟ ନ ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତଥ୍ୟ ଅନୁସାରେ, ଚଳିତବର୍ଷ ରାଜ୍ୟର ୫ଲକ୍ଷ ୧୨ ହଜାର ପିଲା ମାଟ୍ରିକ ପାସ୍ କରିଛନ୍ତି। ମାତ୍ର ରାଜ୍ୟର କଲେଜଗୁଡ଼ିକରେ ଯୁକ୍ତ୨ ପ୍ରଥମ ବର୍ଷ ପାଇଁ ୫ଲକ୍ଷ ୯ହଜାର ସିଟ ରହିଛି। ତେଣୁ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟ ସରକାର ସିଟ ବଢ଼ାଇବାକୁ ଚିନ୍ତା କରୁଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷଠାରୁ କେବଳ ବାର୍ଷିକ ପରୀକ୍ଷା ଆଧାରରେ ମାଟ୍ରିକ ମୂଲ୍ୟାୟନ ହେବା ନେଇ ଆଲୋଚନା ହେଉଛି। ୨୦୧୯-୨୦୨୦ ଶିକ୍ଷାବର୍ଷରେ ଶେଷଥର ପାଇଁ ବାର୍ଷିକ ପରୀକ୍ଷା ଆଧାରରେ ପରୀକ୍ଷା ଖାତା ମୂଲ୍ୟାୟନ କରାଯାଇଥିଲା। ପରବର୍ତ୍ତୀ ଶିକ୍ଷାବର୍ଷଠାରୁ ମୂଲ୍ୟାୟନ ଢାଞ୍ଚା ବଦଳିବା ସହ ପାସ୍‌ହାର ବଢ଼ିଥିଲା।




# ସୋମବାର ନୂଆ ମନ୍ତ୍ରୀ, ବାଚସ୍ପତି

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟପାଳ ଗଣେଶୀ ଲାଲ ମେ’ ୧୧ରୁ ୨୨ ତାରିଖ ଓଡ଼ିଶା ବାହାରକୁ ଯାଇଛନ୍ତି। ତାଙ୍କ ଗସ୍ତର ଦିନକ ପରେ ମେ’ ୧୨ ତାରିଖରେ ହଠାତ୍ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ। ନବ ଦାସଙ୍କ ମୃତ୍ୟୁ ପରେ ଝାରସୁଗୁଡ଼ା ଜିଲାରୁ ମନ୍ତ୍ରୀ ପଦ ଖାଲି ପଡ଼ିଥିଲା। ଏହାପରେ ସମୀର ଦାଶଙ୍କ ଇସ୍ତଫା ପରେ ପୁରୀ ଜିଲାରୁ ବି ମନ୍ତ୍ରୀ ପଦବୀ ଖାଲି ପଡ଼ିଲା। ତତ୍‌ସହିତ ଶ୍ରୀକାନ୍ତ ସାହୁଙ୍କ ଇସ୍ତଫା ପରେ ଗଞ୍ଜାମ ଜିଲାରୁ ଗୋଟିଏ ଆସନ ଖାଲି ପଡ଼ିଲା। ଏଥିସହିତ ଅନ୍ୟ କେତେକ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ ବୋଲି ସୂଚନା ମିଳୁଛି। ବାଚସ୍ପତି ଓ ୨ ମନ୍ତ୍ରୀ ଇସ୍ତଫା ଦେବା ୮ ଦିନ ବିତିଗଲାଣି। ରାଜ୍ୟପାଳ ନ ଥିବାରୁ ନୂଆମନ୍ତ୍ରୀ ଶପଥ ନେଇପାରୁନାହାନ୍ତି। ଦିନ ଗଡ଼ି ଚାଲିଥିବାରୁ ମନ୍ତ୍ରୀ ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି। ଗୋଟିଏ ଖବରକାଗଜର ସମ୍ପାଦକ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହେବେ ବୋଲି ଆଶା ବାନ୍ଧିଛନ୍ତି। ପଗଡ଼ି ବାନ୍ଧି ବସିଥିବା ଅଧିକ ସଂଖ୍ୟକ ମନ୍ତ୍ରୀ ଆଶାୟୀ ଏବଂ ଅଳ୍ପ କେତେଜଣ ବାଚସ୍ପତିପଦବୀ ଆଶାୟୀ ଜାଣିସାରିଲେଣି ଯେ ଏହା ହେଉଛି ତାଙ୍କର ଶେଷ ସୁଯୋଗ। ଏଥର ପଦବୀ ନ ପାଇଲେ ନିର୍ବାଚନ ପୂର୍ବରୁ ନିଜ ନିର୍ବାଚନମଣ୍ଡଳୀରେ ପ୍ରଭାବ ବିସ୍ତାର କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ। କେତେକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନବୀନ ନିଜର ମନ୍ତ୍ରିମଣ୍ଡଳରୁ ଆଉ ଜଣେ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିପାରନ୍ତି। ମନ୍ତ୍ରିମଣ୍ଡଳରେ ମୋଟ ୪ ଜଣଙ୍କୁ ସାମିଲ କରିବା ସମ୍ଭାବନା ରହିଛି। ଗଞ୍ଜାମ ଜିଲାର ରାଜନୀତିକ ସମୀକରଣକୁ ଦୃଷ୍ଟିରେ ରଖି ଶ୍ରୀକାନ୍ତ ସାହୁଙ୍କ ସ୍ଥାନରେ ବିକ୍ରମ କେଶରୀ ଆରୁଖଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ରାଉରକେଲା ବିଧାୟକ ସାରଦା ନାୟକ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମନ୍ତ୍ରୀ ପଦ ଦୌଡ଼ରେ ଥିବା କର୍ମୀ ମହଲରେ ଆଲୋଚନା ହେଉଛି। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଝିଅ ତଥା ଝାରସୁଗୁଡ଼ା ନବନିର୍ବାଚିତ ବିଧାୟିକା ଦୀପାଳି ଦାସଙ୍କ ନାଁ ମଧ୍ୟ ମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାରେ ରହିଛି। ସେହିପରି ଆରୁଖଙ୍କ ଇସ୍ତଫା ଯୋଗୁ ଖାଲି ପଡ଼ିଥିବା ବାଚସ୍ପତି ପଦ ପାଇଁ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ଦେବୀପ୍ରସାଦ ମିଶ୍ରଙ୍କ ନାଁ ଚର୍ଚ୍ଚାରେ ରହିଛି। ଏଥିପାଇଁ ଦଳୀୟ ବ୍ୟବସ୍ଥାରେ ସେମାନଙ୍କର ମଙ୍ଗଳ ପାଇଁ ଚିନ୍ତା କରାଯାଉଛି କି ନାହିଁ ସେ ନେଇ ସନ୍ଦେହ ଉପୁଜିଛି। ଜଣେ ବରିଷ୍ଠ ବିଧାୟକଙ୍କ କହିବା ଅନୁଯାୟୀ ବିଜେଡିରେ କେଉଁ ପ୍ରକାର ରାଜନୀତି ଚିନ୍ତା କରାଯାଉଛି ବୁଝିବା ପାଇଁ କେହି ସକ୍ଷମ ହେଉନାହାନ୍ତି।

# ଅଧିକ ବସ୍ ଭଡ଼ା ଆଦାୟକଲେ କାର୍ଯ୍ୟାନୁଷ୍ଠାନ

## ଏସ୍‌ଟିଏ ଜାରି କଲେ ନିର୍ଦ୍ଦେଶନାମା

### ନିର୍ଦ୍ଦେଶନାମା ନ ମାନିଲେ ଦଣ୍ଡିତ ହେବେ

କଟକ ଅଫିସ,୨୦।୫

ଏଣିକି ବସ୍‌ରୁ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ଆଦାୟ ଉପରେ ଅଙ୍କୁଶ ଲାଗିବ। ବସ୍ ଚାଳକଙ୍କ ସିଟ୍ ପଛ ଭାଗରେ ଏକ ବିସ୍ତୃତ ବିବରଣୀ ପ୍ରଦର୍ଶିତ ହେବ। ଉକ୍ତ ବିବରଣୀରେ ଗାଡ଼ିର ନମ୍ବର, ମାଲିକଙ୍କ ନାମ, ସିଟ୍ ସଂଖ୍ୟା, ଠିଆ ହୋଇଯିବା ଯାତ୍ରୀଙ୍କ ସଂଖ୍ୟା, ରୁଟ୍‌ର ନାମ, ରୁଟ୍‌ର ଦୂରତା, ସେବାର ପ୍ରକାର(କେଉଁ ଶ୍ରେଣୀର), ରୁଟ୍‌ରେ ଯାତ୍ରାରମ୍ଭ ଓ ପହଞ୍ଚିବା ସମୟ ଏବଂ କିଲୋମିଟର ପ୍ରତି ନିଆଯାଉଥିବା ଭଡ଼ାର ପରିମାଣ ଉଲ୍ଲେଖ ରହିବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଏନେଇ ନିର୍ଦ୍ଦେଶନାମା ଜାରି କରି ପରିବହନ ଅଧିକାରୀ ଓ ବସ୍ ମାଲିକମାନଙ୍କୁ ଚେତେଇ ଦେଇଛନ୍ତି।

ଏସ୍‌ଟିଏ ପକ୍ଷରୁ ପ୍ରାପ୍ତ ନିର୍ଦ୍ଦେଶନାମା ଅନୁଯାୟୀ, ରାଜ୍ୟର ବିଭିନ୍ନ ରୁଟ୍‌ରେ ଚାଲୁଥିବା ବସ୍‌ଗୁଡ଼ିକ ମଧ୍ୟରୁ କେତେକ ବସ୍ କଣ୍ଡକ୍ଟର ଯାତ୍ରୀମାନଙ୍କଠାରୁ ଅନିୟନ୍ତ୍ରିତ ଭଡ଼ା ଆଦାୟ କରୁଛନ୍ତି। ଏସ୍‌ଟିଏର ପର୍‌ମିଟ୍ ସର୍ତ୍ତାବଳୀ ଉଲ୍ଲଂଘନ କରି ମନଇଚ୍ଛା ଗାଡ଼ି ଚଳାଚଳ କରୁଛି। ଯାତ୍ରୀମାନଙ୍କୁ ପର୍‌ମିଟ୍ ଅନୁଯାୟୀ ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳରେ ପହଞ୍ଚାଉ ନାହାନ୍ତି। ଗାଡ଼ିର ପରମିଟ୍ ଯେଉଁ ସ୍ଥାନ ଯାଏ ରହିଛି, ଗାଡ଼ି ସେହି ସ୍ଥାନ ଯାଏ ଯାଉନାହିଁ। ଏହାଦ୍ୱାରା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ପଡୁଥିବା ନେଇ ଏସ୍‌ଟିଏ ଦୃଷ୍ଟିକୁ ଆସିଥିଲା। ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରାକୁ ପ୍ରାଧାନ୍ୟ ଦେଇ ଏସ୍‌ଟିଏ ପକ୍ଷରୁ ଗତ ୧୫ରେ ପ୍ରକାଶିତ ନିର୍ଦ୍ଦେଶନାମା ପାଳନ ପାଇଁ ସମସ୍ତଙ୍କୁ ଅବଗତ କରାଯାଇଥିବା ଶନିବାର ସୂଚନା ଦିଆଯାଇଛି। ଏସ୍‌ଟିଏ ସୂଚନାନୁସାରେ, ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ସମୟକ୍ରମେ ତୈଳଦର ମୂଲ୍ୟ ଆଧାରରେ ବସ୍‌ଭଡ଼ା ହ୍ରାସବୃଦ୍ଧି ହେଉଛି। ଏହାଦ୍ୱାରା ବସ୍ ମାଲିକ ଓ ଯାତ୍ରୀମାନଙ୍କ ସ୍ୱାର୍ଥରକ୍ଷା ହୋଇପାରୁଛି। ଏସବୁ ଦୃଷ୍ଟିରୁ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ନେବା ବେଆଇନ ଓ ଗ୍ରହଣୀୟ ନୁହେଁ ବୋଲି ଏସ୍‌ଟିଏ କହିଛି। ବସ୍‌ଟି କେଉଁ ରୁଟ୍‌ରେ ଚଳାଚଳ କରୁଛି, ଏଥିରେ କେଉଁ ଶ୍ରେଣୀର ସେବା ପ୍ରଦାନ କରାଯାଉଛି, କିଲୋମିଟର ପ୍ରତି କେତେ ଭଡ଼ା ନିଆଯାଉଛି ଆଦି ଜାଣିବା ପାଇଁ ପ୍ରତ୍ୟେକ ଯାତ୍ରୀଙ୍କ ଅଧିକାର ରହିଛି। ତେଣୁ ଏସବୁ ସୂଚନା ନିଶ୍ଚିତ ଭାବେ ଯାତ୍ରୀମାନଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ ହେବାର ଆବଶ୍ୟକତା ରହିଛି। ରାଜ୍ୟ ପରିବହନର ପରମିଟ୍ ପାଇଥିବା ସମସ୍ତ ବସ୍‌ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏସ୍‌ଟିଏର ନିର୍ଦ୍ଧାରିତ ବିବରଣୀ ପ୍ରଦର୍ଶିତ ରହିବ। ଏଥିରେ ଖିଲାପ ହେଲେ ମୋଟରଯାନ ଆଇନ୍ ୧୯୮୮ ଅନୁସାରେ ଦଣ୍ଡିତ କରାଯିବ। ଏହାକୁ ପାଳନ ନିମନ୍ତେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମେତ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନକଲ ପ୍ରେରଣ କରାଯାଇଛି।

# ହୀରାକୁଦ ଡ୍ୟାମ୍ ବୁଲିଲା ମହାନଦୀ ଟ୍ରିବ୍ୟୁନାଲ ଟିମ୍

## ଉପସ୍ଥିତ ଥିଲେ ଓଡ଼ିଶା, ଛତିଶଗଡ଼ ଅଧିକାରୀ

ସମ୍ବଲପୁର,୨୦।୫(ବ୍ୟୁରୋ)

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ଟିମ୍ ଶନିବାର ବୁର୍ଲା ଆଶୋକ ନିବାସରୁ ବାହାରି ହୀରାକୁଦ ଡ୍ୟାମ୍, ଜବାହର ଉଦ୍ୟାନ, ଜଳଭଣ୍ଡାର, ଅପରେଶନ ଗ୍ୟାଲେରି ବାମ ସ୍ପିଲ୍‌ୱେ, ବୁର୍ଲା ପାୱାର ହାଉସ୍ ବୁଲି ଦେଖିଥିଲା। ମଧ୍ୟାହ୍ନ ପରେ କିଲାସମା, ରମ୍ପେଲା ମେଗା ଲିଫ୍ଟ ପଏଣ୍ଟ ବୁଲି ପୁଣି ଅଶୋକ ନିବାସ ଫେରିଥିଲା। ଏହି ସମୟରେ ଛତିଶଗଡ଼ ଏବଂ ଓଡ଼ିଶା ରାଜ୍ୟ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟିମ୍ ସଦସ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ରିପୋର୍ଟ ସଂଗ୍ରହ କରିଥିଲେ।

ଟ୍ରିବ୍ୟୁନାଲର ୩ ଜଣିଆ ଟିମ୍‌ରେ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖନୱାଲିକର, ସଦସ୍ୟ ଜଷ୍ଟିସ୍ ରବି ରଞ୍ଜନ, ସଦସ୍ୟ ଜଷ୍ଟିସ୍ ଇନ୍ଦ୍ରଜିତ କୌର କୋହିହାର ରହିଛନ୍ତି। ରବିବାର ଏହି ଟିମ୍ ସମ୍ବଲପୁରର ଅନ୍ୟ କେତେକ କ୍ଷେତ୍ର ପରିଦର୍ଶନ କରିବ। ମେ’ ୨୨ରେ ଝାରସୁଗୁଡ଼ା ଜିଲା ଗସ୍ତକରି ଓପିଜିସି ଇନ୍‌ଟେନ ପଏଣ୍ଟ, ଇବ୍ ଥର୍ମାଲ ପାୱାର ପ୍ଲାଣ୍ଟ, ଆଇବି ଡ୍ୟାମ୍ ପରିଦର୍ଶନ କରି ସମ୍ବଲପୁର ଫେରିଆସିବ।

ଟିମ୍‌ସଦସ୍ୟ ହୀରାକୁଦ ଜଳଭଣ୍ଡାରରୁ ଶିଳ୍ପସଂସ୍ଥା ଦ୍ୱାରା ଜଳ ଉଠାଣ ଅଞ୍ଚଳ ଓ ସୁନ୍ଦରଗଡ଼ରେ ପ୍ରସ୍ତାବିତ ଇବ୍ ନଦୀ ଜଳଭଣ୍ଡାର, ମେ’ ୨୩ରେ ସାଇପଲା ଡ୍ୟାମ୍ ଓ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ, ମେ’ ୨୪ରେ ସାତକୋଶିଆ ଓ ଟିକରପଡ଼ାଠାରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ସ୍ଥାପିତ ଜଳପ୍ରବାହ ମାପ କେନ୍ଦ୍ର ବୁଲି ଦେଖିବ। ୨୬ରେ ମହାନଦୀ ତ୍ରିକୋଣଭୂମି ଅଞ୍ଚଳ, ମୁଣ୍ଡଳି ଓ ସାପୁଆ ନଦୀର ମହାନଦୀ ମୁହାଣ ଅଞ୍ଚଳ, କାଠଯୋଡ଼ି ନଦୀ ଓ ନରାଜ ବ୍ୟାରେଜ, ମହାନଦୀ ଓ ବିରୂପା ବ୍ୟାରେଜ, କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ, ୨୭ରେ ସାତପଡ଼ାଠାରେ ଚିଲିକା ହ୍ରଦ ଓ ଗବକୁଦଠାରେ ସମୁଦ୍ର ଏବଂ ଚିଲିକା ହ୍ରଦର ମୁହାଣ ଅଞ୍ଚଳ, ୨୮ ତାରିଖରେ ଦୟା ଓ ଭାର୍ଗବୀ ନଦୀ, କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ବର୍ଷା ବେଳେ ସମୁଦ୍ରକୁ ବୋହିଯାଉଥିବା ୫୨% ପାଣିକୁ ଅଟକାଇ ଖରାଦିନେ କାମରେ ଲଗାଇବା ପାଇଁ ୫ ବର୍ଷ ତଳେ ଓଡ଼ିଶା ସରକାର ମହାନଦୀ ପାଇଁ ମାଷ୍ଟର ପ୍ଲାନ୍ ଆରମ୍ଭ କରିଥିଲେ। ଦେଓଗାଁ, ଗୋଧନେଶ୍ୱର, କପାସିରା, ଖଇରମାଳ, ସୁବଲୟା, ମଣିଭଦ୍ରା, ମୁଣ୍ଡଳି ଭଳି ୭ଟି ସ୍ଥାନରେ ବ୍ୟାରେଜ ନିର୍ମାଣ ସହ ମହାନଦୀର ଶାଖା ଓ ଉପନଦୀରେ ୨୦ଟି ବ୍ୟାରେଜ କରିବାକୁ ଯୋଜନା ହୋଇଥିଲା।


ହୀରାକୁଦ ଡ୍ୟାମ୍ ଅଭିମୁଖେ ଯାଉଛନ୍ତି ଟ୍ରିବ୍ୟୁନାଲ ଟିମ୍ ସଦସ୍ୟ।

# ସ୍ଥାୟୀ ପୋଲିସ ଚୟନ ବୋର୍ଡ ଗଠନ ହେବ

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟରେ ସ୍ଥାୟୀ ପୋଲିସ ଚୟନ ବୋର୍ଡ (ପୋଲିସ ରିକ୍ରୁ୍ୟଟ୍‌ମେଣ୍ଟ ବୋର୍ଡ) ଗଠନ ହେବ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏଥିରେ ଅଧ୍ୟକ୍ଷଙ୍କ ସମେତ ୨ ଜଣ ସଦସ୍ୟ ରହିବେ। ଏହାଛଡ଼ା ବୋର୍ଡ ଅଫିସ କାର୍ଯ୍ୟ ପରିଚାଳନା ଦିଗରେ ୨୪ଟି ପ୍ରଶାସନିକ ତଥା ଅନ୍ୟ ପଦବୀ ମଧ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଛି। ଏହି ବୋର୍ଡର ଅଧ୍ୟକ୍ଷ ପଦରେ ଜଣେ ସ୍ୱତନ୍ତ୍ର ଡିଜି ବା ଅତିରିକ୍ତ ଡିଜି ପାହ୍ୟାର ଅଧିକାରୀଙ୍କୁ ଅବସ୍ଥାପିତ କରାଯିବ। ୨ ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ଅତିରିକ୍ତ ଡିଜି ବା ଆଇଜି ପାହ୍ୟାର ଅଧିକାରୀ ରହିବେ ଏବଂ ଅନ୍ୟ ଜଣେ ଡିଆଇଜି ବା ଏସ୍‌ପି ପାହ୍ୟାର ରହିବେ। ପୋଲିସ ବିଭାଗରେ ସିପାହିଠାରୁ ଆରମ୍ଭ କରି ସବ୍‌ଇନ୍ସପେକ୍ଟର ତଥା ମିନିଷ୍ଟେରିଆଲ ଷ୍ଟାଫ୍ ନିଯୁକ୍ତି ଦାୟିତ୍ୱ ଏହି ବୋର୍ଡ ସମ୍ପାଦନ କରିବ। ଏହି ସ୍ଥାୟୀ ବୋର୍ଡ ଗଠନ ଦ୍ୱାରା ପୋଲିସ ବିଭାଗର ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

# ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମଙ୍କ ଘରେ ପହଞ୍ଚିବ ଭତ୍ତା ଟଙ୍କା

## ମଧୁବାବୁ ପେନ୍‌ସନ ଯୋଜନା ନିୟମ କୋହଳ ହେଲା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ବୃଦ୍ଧାବୃଦ୍ଧମାନେ ଭତ୍ତା ଟଙ୍କା ପାଇଁ ଦୂର ଜାଗାକୁ ଚାଲି ଚାଲି ଯାଉଥିବା ଖବର ପ୍ରକାଶ ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧୁବାବୁ ପେନ୍‌ସନ ଯୋଜନା ନିୟମକୁ କୋହଳ କରିଛନ୍ତି। ବୟସାଧିକ ତଥା ଭିନ୍ନକ୍ଷମ ହିତାଧିକାରୀଙ୍କ ଭତ୍ତା ଟଙ୍କା ସେମାନଙ୍କ ଘରେ ପହଞ୍ଚାଇ ଦିଆଯିବ। ଅନ୍ୟ ହିତାଧିକାରୀମାନେ ବିତରଣ କେନ୍ଦ୍ରରେ ଭତ୍ତା ଟଙ୍କା ପାଇବେ। ଏ ନେଇ ଶନିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ଏଣିକି ସମସ୍ତ ହିତାଧିକାରୀ ପ୍ରତି ମାସ ୧୫ ତାରିଖରେ ସେମାନଙ୍କର ସାମାଜିକ ସୁରକ୍ଷା ଭତ୍ତା ଟଙ୍କା ପାଇବେ। ହିତାଧିକାରୀମାନେ ବ୍ୟାଙ୍କରୁ ଭତ୍ତା ଆଣିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏପରି କି ବୟସାଧିକ ତଥା ଭିନ୍ନକ୍ଷମ ହିତାଧିକାରୀ ବ୍ୟାଙ୍କ ଯିବା ପାଇଁ ସକ୍ଷମ ହୋଇପାରୁନାହାନ୍ତି। ହିତାଧିକାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିୟମ କୋହଳ କରିଛନ୍ତି। ପ୍ରତି ମାସର ନିର୍ଦ୍ଦିଷ୍ଟ ତାରିଖରେ ହିତାଧିକାରୀଙ୍କୁ ବିତରଣ କେନ୍ଦ୍ର ଏବଂ ବୟସାଧିକ ତଥା ଭିନ୍ନକ୍ଷମ ହିତାଧିକାରୀଙ୍କୁ ସେମାନଙ୍କ ଘରେ ଭତ୍ତା ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି।




# ରଥଯାତ୍ରାବେଳେ ବିଦ୍ୟୁତ୍ କାଟ ହେବନାହିଁ: ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରଥଯାତ୍ରା ବେଳେ ବିଦ୍ୟୁତ୍ କାଟ ହେବନାହିଁ। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ। ରଥଯାତ୍ରା ସମୟରେ ଯେପରି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଜାରି ରହିବ ସେ ସମ୍ପର୍କରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଏ ନେଇ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଛନ୍ତି, ରଥଯାତ୍ରା ସମୟକୁ ମୌସୁମୀ ଆଗମନ ହୋଇଥିଲେ ବି ପିକ୍ ଆୱାର ମେଗାୱାଟ୍ ବିଦ୍ୟୁତ ଯୋଗାଣ କରାଯିବ। ଆବଶ୍ୟକ ପଡ଼ିଲେ ଅଧିକ ପାୱାର କିଣାଯାଇ ଡିଷ୍ଟ୍ରିବ୍ୟୁଶନ କମ୍ପାନୀମାନେ ଅଧିକ ପାୱାର ମଧ୍ୟ ଯୋଗାଣ କରିବେ। ପାୱାର ଗ୍ରୀଡ୍ ମଧ୍ୟରେ ସମନ୍ୱୟ ରହିବ। ଏହା ବ୍ୟତୀତ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚେକିଂ, ଲୋଡିଂ ଓ ଲାଇନ୍ ଚେକିଂ କରାଯିବ। ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ବିଦ୍ୟୁତ୍ ସରବରାହ ପାଇଁ ସତର୍କତାମୂଳକ ପଦକ୍ଷେପ ନିଆଯିବ। ଯେହେତୁ ରାଜ୍ୟ ସାରା ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ ହେଉଛି, ତେଣୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟିପିସିଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିଏନ୍‌ଓଡିଏଲ୍,ଟିପିଡବ୍ଲ୍ୟୁଓଡିଏଲ୍ ପାୱାର ଯୋଗାଣ ଉପରେ ସଜାଗ ରହିବେ। ପୁରୀ ରଥଯାତ୍ରା ପାଇଁ ଟିପିସିଓଡିଏଲ୍ ଅଧିକ ଯତ୍ନବାନ ହେବାକୁ ବୈଠକରେ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ଶକ୍ତି ବିଭାଗ ପକ୍ଷରୁ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ, ଓପିଟିସିଏଲ ନିର୍ଦ୍ଦେଶକ(ଅପରେଶନ) ଏବଂ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।






ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ । –ଶ୍ରୀମା



# ବିଜୟର ରହସ୍ୟ



**ଆକାର ପଟେଲ**

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇଥିଲେ ବି ଭାଜପା ତା' ଭୋଟ ହାର ବଜାୟ ରଖିଛି। କଂଗ୍ରେସ ଅଧିକ ୫% ଭୋଟ ପାଇ ୪୩%ରୁ ସାମାନ୍ୟ କମ୍‌ରେ ଥିବାବେଳେ ଭାଜପା ୦.୨% ଭୋଟ ହରାଇ ୩୬%ରେ ଅଛି। ତେବେ କଂଗ୍ରେସ କେମିତି ଏହାର ଲୋକପ୍ରିୟତା ବଢ଼ାଇଲା ? ଏହା ପଛରେ ଅନେକ ବିଷୟ ଥାଇପାରେ, କିନ୍ତୁ ଶାସକ ବିରୋଧୀ ଲହର ଏଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ। କାହିଁକି ନୁହେଁ ? କାରଣ, ଭାଜପା ତା' ଲୋକପ୍ରିୟତା ସ୍ତର ହାସଲ କରି ୨୦୧୮ରେ ଯେତିକି ଭୋଟ ପାଇଥିଲା ଏଥର ମଧ୍ୟ ସମାନ ସଂଖ୍ୟକ ଭୋଟରଙ୍କୁ ଆକର୍ଷିତ କରିପାରିଲା। ଏହା ପଛରେ ଏକ କାରଣ ରହିଛି ଏବଂ ପରେ ଆମେ ସେ ବିଷୟକୁ ଆସିବା। ଯଦି ଶାସକ ବିରୋଧୀ ଲହର ନୁହେଁ ତେବେ ଭାଜପା ହାରିବା ପଛରେ କେଉଁ ବିଷୟ ରହିଛି ତାହା ଦେଖିବା। ଦଳ ନିଜେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ କଥା କହୁଛି। ଗୋଟିଏ ହେଲା ସେମାନେ(କଂଗ୍ରେସ) ଦେଇଥିବା ୫ଟି ଯୋଜନାର ପ୍ରତିଶ୍ରୁତି ଓ ଅନ୍ୟଟି ଭାରତ ଯୋଡ଼ୋ ଯାତ୍ରା। ୫ଟି ଯୋଜନା ମଧ୍ୟରେ ରହିଛି ମାସକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍, ଗୋଟିଏ ପରିବାରର ପ୍ରତ୍ୟେକ ମୁଖ୍ୟ ମହିଳାଙ୍କୁ ୨୦୦୦ ଟଙ୍କା, ଦୁଇ ବର୍ଷ ପାଇଁ ବାର୍ଷିକ ୩,୦୦୦ ଟଙ୍କା ବେରୋଜଗାର (ଚାକିରି କରି ନ ଥିବା ଡିଗ୍ରୀଧାରୀ)ଭତ୍ତା ଓ ଡିପ୍ଲୋମାଧାରୀଙ୍କୁ ମାସକୁ ୧୫୦୦ ଟଙ୍କା, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ମୁଣ୍ଡ ପିଛା ୧୦ କେ.ଜି. ଚାଉଳ ଏବଂ ରାଜ୍ୟ ବସ୍‌ଗୁଡ଼ିକରେ ମହିଳାମାନଙ୍କୁ ମାଗଣାରେ ଯାତ୍ରା ସୁବିଧା। କଂଗ୍ରେସ ବିଜୟ ପଛରେ ଏସବୁ ଯୋଜନା ଥିଲା ମୁଖ୍ୟ। ଏହାବ୍ୟତୀତ ଅନ୍ୟ କିଛି କାରଣ ବି ରହିଛି। ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀ ଭାବେ ଥିବା ଆଶାକର୍ମୀ ମାସିକ ସ୍ଥାୟୀ ଭାବେ ୫,୦୦୦ ଟଙ୍କା ପାଇବେ, ମଧ୍ୟାହ୍ନଭୋଜନ ରୋଷେୟା ଏବଂ ଅଙ୍ଗନୱାଡି କର୍ମୀ ମାସକୁ ୨୪୦୦ ରୁ ୩୫୦୦ ଟଙ୍କା ଅଧିକ ପାଇବେ। ନାଇଟ୍ ଡ୍ୟୁଟିରେ ରହୁଥିବା ପୋଲିସ କର୍ମଚାରୀମାନେ ମାସକୁ ଅଧିକ ୫,୦୦୦ ଟଙ୍କା ପାଇବା ସହ ଗୋଟିଏ ମାସର ଦରମା ବି ପାଇବେ। ଏବେ କର୍ନାଟକରେ ୬୫,୦୦୦ ଅଙ୍ଗନୱାଡି କର୍ମୀ ଓ ୧ ଲକ୍ଷ ପୋଲିସ କାର୍ଯ୍ୟକରୁଛନ୍ତି। ଯଦି ବେଙ୍ଗାଲୁରୁରେ ଜଣେ ମହିଳା ହାଉସହୋଲ୍ଡ ମେଡ୍ ଥିବେ ତେବେ ସେ ଏବେଠାରୁ ୨୦୦୦ ଟଙ୍କା, ୧୨୦୦ଟଙ୍କା (ମାସିକିଆ ବସ୍ ପାସ୍‌ର ମୂଲ୍ୟ) ଏବଂ ୧୦ କେ.ଜି. ଚାଉଳ ପାଇବା ସହ ମାଗଣା ବିଦ୍ୟୁତ୍ ବି ପାଇବେ। ଏହି ଅଧିକ ପରିମାଣର ସହାୟତା ତାଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବ। ଅର୍ଥନୀତି ବିଶ୍ଳେଷକ ଅନିନ୍ଦ୍ୟ ଚକ୍ରବର୍ତ୍ତୀ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ମାସିକ ହାରାହାରି ମୁଣ୍ଡପିଛା ଆୟ ୨୨,୦୦୦ ଟଙ୍କା। କିନ୍ତୁ ଏହା ସମ୍ପୂର୍ଣ୍ଣ ଅସମାନ। ରାଜ୍ୟ ଜନସଂଖ୍ୟାର ୬୦%ରୁ ଊର୍ଦ୍ଧ୍ୱ ଲୋକଙ୍କର ମୁଣ୍ଡପିଛା ମାସିକ ଆୟ ୧୩,୮୦୦ ଟଙ୍କା। ଏଣୁ ଏଭଳି ଲୋକମାନଙ୍କୁ ଦିଆଯାଇଥିବା ଏହିସବୁ ଗ୍ୟାରେଣ୍ଟିର ମାନେ କ'ଣ ତାହା ବିଚାର କରନ୍ତୁ।

ଏହି ଯୋଜନାଗୁଡ଼ିକର ପ୍ରୟୋଜନ କ'ଣ ସେ ସମ୍ପର୍କରେ ଗୁରୁତ୍ୱର ସହ ଆମକୁ ବିଚାର କରିବାକୁ ପଡ଼ିବ। ସରକାର କ୍ଷୁଧା ସୂଚକାଙ୍କରେ ଭାରତର ଅଧୋଗତିକୁ ରଦ୍ଦ କରିପାରନ୍ତି, ହେଲେ ମାଗଣା ଶସ୍ୟ ଜନସଂଖ୍ୟାର ଏକ ସିଂହଭାଗ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ବେରୋଜଗାର ସମ୍ପର୍କିତ ଦୁଇଟି ସୂଚକ ରହିଛି। ଗୋଟିଏ ସରକାର ଓ ଅନ୍ୟଟି ପ୍ରାଇଭେଟ୍ ଫାର୍ମ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ସଂଯୋଜିତ କରିଛନ୍ତି। ସିଏମ୍‌ଆଇଇ ପ୍ରକାଶ କରିଛି ଯେ, ଭାରତରେ ବେରୋଜଗାର ଅତ୍ୟଧିକ ଓ ଏହା ୫ ବର୍ଷ ମଧ୍ୟରେ ୬%ରୁ ତଳକୁ ଖସିନାହିଁ। ଏହାସହ ଶ୍ରମ ଭାଗୀଦାରି ହାର ମଧ୍ୟ ଦୁର୍ବଳ ରହିଛି। ଯେଉଁମାନେ ଚାକିରି ପାଇବାକୁ ସକ୍ଷମ ହେଉନାହାନ୍ତି କିମ୍ବା ଯେଉଁ ପ୍ରକାର ଚାକିରି ଚାହୁଁଛନ୍ତି ତାହା ପାଇପାରୁନାହାନ୍ତି, ସେମାନେ ଚାକିରି ଖୋଜିବା ସମ୍ପୂର୍ଣ୍ଣ ବନ୍ଦ କରିଦେଉଛନ୍ତି। ଏ କ୍ଷେତ୍ରରେ ସରକାରୀ ତଥ୍ୟ କହେ ଯେ, ଦେଶରେ ୧୫% ଡିଗ୍ରୀଧାରୀ ଚାକିରି ପାଇନାହାନ୍ତି। ଭାରତୀୟ ମହିଳାମାନଙ୍କ ଶ୍ରମ ଭାଗୀଦାରି ବିଶ୍ୱରେ ସବୁଠୁ କମ୍। ଏହା ପଛରେ ସାମାଜିକ ସହିତ ଅନ୍ୟ ବହୁ କାରଣ ରହିଛି। ସୁରକ୍ଷା, ନିୟମିତ ଏବଂ ଶସ୍ତା ପରିବହନ ବିଷୟଗୁଡ଼ିକ ମଧ୍ୟ ବିଚାର୍ଯ୍ୟ। ଏହି କାରଣଗୁଡ଼ିକୁ ଗ୍ରହଣ କରିବାକୁ ହେଲେ ଆମକୁ ନିର୍ଣ୍ଣୟ କରିବାକୁ ହେବ ଯେ, ୨୦୨୩ରେ ଦାରିଦ୍ର୍ୟ ଏବଂ ବେରୋଜଗାର ଭଳି ଗମ୍ଭୀର ସମସ୍ୟା ଭାରତରେ ଅଛି। କିନ୍ତୁ ସରକାର ଯାହା କହୁଛନ୍ତି ସେଥିରୁ ଜଣାପଡୁଛି ଯେ ଏସବୁ ନାହିଁ। ବାସ୍ତବରେ ସମସ୍ୟାକୁ ସିଦ୍ଧ କରୁଥିବା ତଥ୍ୟ ଓ ମତକୁ ସରକାର ଅଗ୍ରାହ୍ୟ କରୁଛନ୍ତି, ଯେଉଁଥିରୁ ଜଣାପଡୁଛି ସମସ୍ୟା ରହିଛି। ମୋଦି ସରକାରଙ୍କର ଅମୃତକାଳ, ବିଶ୍ୱଗୁରୁର କାହାଣୀରେ ଥିବା ସମସ୍ୟା କଂଗ୍ରେସକୁ ସଫଳତା ଦେଇଛି କି ? ଭାଜପା ଏବଂ ଏହାର ସମର୍ଥକମାନେ ସେମାନେ କହୁଥିବା ରାବିଡ଼ି ସଂସ୍କୃତିକୁ ଉପହାସ କରିଛନ୍ତି। ଯେଉଁମାନେ ଏଥିରୁ କିଛି ପାଇବାକୁ ଆଶା କରିଛନ୍ତି ସେହି ବ୍ୟକ୍ତିଙ୍କ ପାଇଁ ଏହା ଏବେ ଅପମାନଜନକ ହୋଇଛି, ତଥାପି ଏହି ଶବ୍ଦକୁ ବ୍ୟବହାର କରାଯାଉଛି। ଏହିସବୁ ବିଷୟକୁ 'ଫ୍ରିବିଜ୍' କହିବା ନୈତିକତା ଦୃଷ୍ଟିରୁ ଭୁଲ୍। ସଭ୍ୟ ଦେଶଗୁଡ଼ିକରେ ଏହି ବିଷୟକୁ ଅଧିକାଂଶ ବୈଧାନିକ ଅଧିକାର ବୋଲି କହନ୍ତି, କାରଣ ସେମାନେ ପାଇବାକୁ ହକ୍‌ଦାର। ଗରିବମାନେ ହିଁ ସରକାରଙ୍କଠାରୁ ଏହିସବୁ ସୁବିଧା ପାଇବାକୁ ଯୋଗ୍ୟ ହୋଇଥା'ନ୍ତି। ମଧ୍ୟବିତ୍ତ ଶ୍ରେଣୀର ଲୋକେ ମାଗଣା ଚାଉଳ କିମ୍ବା ୨୦୦ ୟୁନିଟ୍ ବିଦ୍ୟୁତ୍ ପାଇଁ ଧାଡ଼ି ଲଗାଇବା ବିଚାରକୁ ନେଇ ଉତ୍ସାହିତ ହେବେ ନାହିଁ। ଏହି ବିଷୟଗୁଡ଼ିକୁ ନେଇ ଆମେ ଭୋଟ ଦେଉନାହୁଁ। ବାସ୍ତବରେ ଆମେ ଯେଉଁଠୁ ଆରମ୍ଭ କରିଥିଲୁ ସେଥିରୁ ଗୋଟିଏ କାରଣକୁ ଫେରିବାକୁ ଚାହୁଁଛୁ। ଭାଜପା ଏହାର ଭୋଟ ହାର ବଜାୟ ରଖିଲା। ବୁଝାପଡୁଛି ଏହାର ଆଧାର ହେଉଛି ତା'ର ବିଚାରଧାରା। ଆମେ ଜାଣୁ ଯେ ଏହି ଆଧାର ସହରାଞ୍ଚଳରେ ମଧ୍ୟବିତ୍ତ ଓ ଉଚ୍ଚଜାତିର ଲୋକଙ୍କ ମଧ୍ୟରେ ମଜଭୁତ ରହିଛି।

Email:aakar.patel@gmail.com

# ସରକାରୀ ଶିକ୍ଷା ପ୍ରତି ଆଗ୍ରହ ବଢ଼ିଛି



**ଅକ୍ଷୟ କୁମାର ମିଶ୍ର**

ସରକାର ଅତି ଗର୍ବର ସହିତ କହୁଛନ୍ତି ସରକାରୀ ବିଦ୍ୟାଳୟରେ ନାମ ଲେଖା ବଢ଼ିଛି। ଅର୍ଥାତ୍ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାର ଅର୍ଥ କ'ଣ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ହେଉଛି ? ଭଲ ପାଠପଢ଼ା ଦେଖି ଅଭିଭାବକମାନେ ଘରୋଇ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟକୁ ଅଧିକ ପସନ୍ଦ କରୁଛନ୍ତି ? ବିଗତ ଦୁଇ ଦଶନ୍ଧି ଧରି ପ୍ରଚାର ଚାଲିଲା ସରକାରୀ ବିଦ୍ୟାଳୟର ଶିକ୍ଷାଦାନ ମାନ ଅତ୍ୟନ୍ତ ନୈରାଶ୍ୟଜନକ। ଭିତ୍ତିଭୂମି ଦୁର୍ବଳ। ଶିକ୍ଷକ ନାହାନ୍ତି। ଅଧିକାଂଶ ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଶିକ୍ଷକଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଉନି। ଏସବୁ ବିଦ୍ୟାଳୟରେ ପାଠ ପଢ଼ାଇଲେ ପିଲାଙ୍କ ଭବିଷ୍ୟତ ଅନ୍ଧକାର। ଅପରପକ୍ଷେ ଘରୋଇ ବିଦ୍ୟାଳୟରେ ପ୍ରତି ୨୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀ ଅଛନ୍ତି। ଏମାନଙ୍କ ଉପରେ ଶିକ୍ଷାଦାନ ବ୍ୟତୀତ ଅନ୍ୟ କୌଣସି କାମର ବୋଝ ନାହିଁ। ଘରୋଇ ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମି ବେଶ୍ ଉନ୍ନତ। ସ୍କୁଲ ବସ୍‌ରେ ପିଲା ଘରୁ ବିଦ୍ୟାଳୟକୁ ଯାଉଛି। ପିଲାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ସେମାନଙ୍କର। ଏହି ସପକ୍ଷ ବିପକ୍ଷ ପ୍ରଚାରର ପ୍ରଭାବ ଆମ ଶିକ୍ଷା ବ୍ୟବସ୍ଥା ଉପରେ କେମିତି ପଡ଼ିଛି ଆମେ ସଭିଏ ଭଲଭାବରେ ଜାଣିଛୁ।

ଗାଁ, ସାହି, ସହର, ବସ୍ତି ସବୁଠି ଆକର୍ଷଣୀୟ ବ୍ୟାନର ଓ ବିଶାଳକାୟ ହୋର୍ଡିଂ ଦେଖି ଅଭିଭାବକମାନେ ଭଲ ବିଦ୍ୟାଳୟ ବାଛି ନିଜ ପୁଅ ଝିଅଙ୍କ ନାମ ଲେଖାଇଲେ। ସିଧା କଥାରେ କହିଲେ ସରକାରୀ ବିଦ୍ୟାଳୟର ପିଲା ସଂଖ୍ୟା କ୍ରମେ ହ୍ରାସ ପାଇବାକୁ ଲାଗିଲା। ବିଶେଷ କରି ୨୦୦୬ ରୁ ଏହାର ଲେଖଚିତ୍ର ନିମ୍ନଗାମୀ ହେବାରେ ଲାଗିଲା। ଏଏସ୍‌ଇଆର୍(ବାର୍ଷିକ ଶିକ୍ଷାର ପରିସଂଖ୍ୟାନ ରିପୋର୍ଟ) ସର୍ଭେରୁ ଜଣାପଡିଛି ୨୦୧୮ ବେଳକୁ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଲା। ଦେଶର ମାତ୍ର ୬୫ ପ୍ରତିଶତ ପିଲା ସରକାରୀ ବିଦ୍ୟାଳୟରେ ନାମ ଲେଖାଇଲେ। ଏବେ ଏହା ବୃଦ୍ଧି ପାଇ ୭୩ ପ୍ରତିଶତରେ ପହଞ୍ଚିଛି ବୋଲି ରିପୋର୍ଟରେ କୁହାଯାଇଛି। ଏଥିରେ ସରକାର ବେଶ୍ ଉତ୍ଫୁଲ୍ଲିତ। କିନ୍ତୁ ଏହାର କାରଣ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନର ଗୁଣାତ୍ମକ ବୃଦ୍ଧି ନା ଆଉ କିଛି ସେ ସମ୍ପର୍କରେ ପରେ ଆଲୋଚନା ରଖିବା।

ଏଏସ୍‌ଇଆର୍ ଦ୍ୱାରା ଦେଶର ୮୫ ପ୍ରତିଶତ ଜିଲାର ପାଖାପାଖି ସାତ ଲକ୍ଷ ପିଲାଙ୍କୁ ନେଇ ହୋଇଥିବା ଏକ ସର୍ଭେରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁଯାୟୀ ପାଠରେ ଦକ୍ଷତା ଓ ଗଣିତରେ ଛାତ୍ରୀଛାତ୍ରଙ୍କ ଜ୍ଞାନ ଅତ୍ୟନ୍ତ ହତାଶଜନକ। ଚାରୋଟି ପର୍ଯ୍ୟାୟକୁ ପରିମାପକ ରୂପେ ବିଚାର କରି ଏହି ସର୍ଭେ ହୋଇଥିବା ଜଣାପଡିଛି। ସେଗୁଡିକ ହେଲା ପ୍ରଥମେ ଅକ୍ଷର ଲେଖା, ଦ୍ୱିତୀୟରେ ଶବ୍ଦ ଲିଖନ, ତୃତୀୟରେ ବାକ୍ୟ ଲିଖନ ଓ ଚତୁର୍ଥରେ କିଛି ଜଟିଳ ଶବ୍ଦ ଥାଇ ଏକ ଅନୁଚ୍ଛେଦ ଲିଖନ। ଏହି ସର୍ଭେ କହୁଛି ତୃତୀୟ ଶ୍ରେଣୀର ୮୦ପ୍ରତିଶତ ପିଲା ବହି ପଢ଼ି ପାରୁନାହାନ୍ତି। ୨୦୧୪ର ରିପୋର୍ଟ ହେଲା ୨୩ ପ୍ରତିଶତ ପିଲା ବହି ପଢ଼ି ପାରୁଥିଲେ। ୨୦୧୮ ବେଳକୁ ଏଥିରେ ସାମାନ୍ୟ ଉନ୍ନତି ଘଟିଥିଲା। ୨୮ ଶତକଡା ପିଲା ବହି ପଢ଼ି ପାରୁଥିଲେ। ଏବେ (୨୦୨୨ ମସିହାରେ) ଦେଖାଯାଉଛି ଏହା ପୁଣି ତଳକୁ ଖସିଛି। ୧୦୦ ଜଣ ପିଲାଙ୍କ ଭିତରେ ମାତ୍ର ୨୦ ଜଣ ପିଲା ବହି ପଢ଼ି ପାରୁଛନ୍ତି। ସେମିତି ପଞ୍ଚମ ଶ୍ରେଣୀ ବେଳକୁ ଦେଖାଯାଇଛି ୨୦୧୪ରେ ୪୮ପ୍ରତିଶତ ଶିକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀର ବହି ପଢ଼ି ପାରୁଥିଲେ। ୨୦୧୮ରେ ଏହା ବୃଦ୍ଧିଘଟି ୫୦ ଶତକଡାରେ ପହଞ୍ଚିଥିଲା। ମାତ୍ର ଏବେ ୪୨ ପ୍ରତିଶତ ପିଲା ମାନ ରକ୍ଷାରେ ସକ୍ଷମ। ଗଣିତ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। ୨୦୧୪ରେ ୭୫ ପ୍ରତିଶତ ପିଲା ସାଧାରଣ ବିୟୋଗ କରିବାରେ ଅସମର୍ଥ ଥିବା ବେଳେ ୨୦୧୮ରେ ୭୨ପ୍ରତିଶତ ପିଲା ଏଭଳି ଦୟନୀୟ ଅବସ୍ଥାରେ ଥିବା ଜଣାପଡିଥିଲା। ଏବେ ପୁଣି ପୂର୍ବାବସ୍ଥା। ମାତ୍ର ଶତକଡା ୨୫ ଛାତ୍ରୀଛାତ୍ର ବିୟୋଗ କରିବାରେ ସାମର୍ଥ୍ୟ ଅର୍ଜନ କରିପାରିଛନ୍ତି। ସମାନ ଦୁର୍ଦ୍ଦଶା ପଞ୍ଚମ ଶ୍ରେଣୀ ପିଲାଙ୍କ ନିକଟରେ ଦେଖିବାକୁ ମିଳୁଛି। ସରଳ ହରଣ ପ୍ରକ୍ରିୟା ସମାଧାନ କରିବାରେ ସକ୍ଷମ ନୁହନ୍ତି। ଏହି ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଆମେ ସିଦ୍ଧାନ୍ତରେ ଉପନୀତ ହେବା ଯେ ଗୋଟିଏ ଦଶନ୍ଧି ଭିତରେ ସେମିତି କିଛି ପରିବର୍ତ୍ତନ ଘଟିନାହିଁ। ଆମ ପିଲାଙ୍କ ଶୈଶବ ଅବସ୍ଥା ଯଦି ଏମିତି ତେବେ ଭବିଷ୍ୟତଟା କେତେ ଉଜ୍ଜ୍ୱଳ ହେବ ତାହା ଜଳଜଳ କରି ଦେଖାଯାଉଛି।



ଶିକ୍ଷା ହେଉଛି ବିକାଶର ଅସଲ ଚାବିକାଠି। ଅଥଚ ସରକାରଙ୍କ ମନୋବୃତ୍ତି କ'ଣ ପ୍ରତିବର୍ଷ ବଜେଟରେ ଶିକ୍ଷା ବାବଦକୁ ବ୍ୟୟ ବରାଦ ଦେଖିଲେ ହୃଦୟଙ୍ଗମ କରି ହୁଏ। ୨୦୨୧-୨୨ ବଜେଟରେ ଜିଡିପିର ୩.୧ ପ୍ରତିଶତ ବ୍ୟୟ ବରାଦ ହେବା ଆମ ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ଆମ ରାଜ୍ୟର ସ୍ଥିତି ଯେ ଭିନ୍ନ ଏ କଥା କୁହାଯାଇ ପାରିବନାହିଁ। ୨୦୨୧-୨୨ରେ ବଜେଟରେ ୧୫.୨ ପ୍ରତିଶତ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ବରାଦ ହୋଇଥିବା ବେଳେ ୨୦୨୨-୨୩ରେ ଏହା ହ୍ରାସ କରାଯାଇ ୧୩.୫ ପ୍ରତିଶତରେ ସୀମିତ ରଖାଯାଇଛି।

ପାଞ୍ଚ ବର୍ଷ ଭିତରେ ସରକାରୀ ବିଦ୍ୟାଳୟରେ ଯେଉଁ ସାତ ପ୍ରତିଶତ ପିଲା ଅଧିକ ନାମ ଲେଖାଇଛନ୍ତି ଏହାର କାରଣ କ'ଣ ସତରେ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରତି ଆକୃଷ୍ଟ ହୋଇ ? ଯଦି ହଁ, ତେବେ ଯୁକ୍ତି କ'ଣ ? ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ହୋଇଛି ? ଅଧିକ ଶିକ୍ଷକ ନିଯୁକ୍ତି ଦିଆଯାଇଛି ? ପ୍ରତି ଶ୍ରେଣୀ ପାଇଁ ଜଣେ ଲେଖାଏ ଶିକ୍ଷକ ଅଛନ୍ତି ? ଶିକ୍ଷକମାନେ ନିଜକୁ ଉତ୍ତରଦାୟୀ ମନେକରି ନିଜ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରୁଛନ୍ତି ? ପ୍ରାଥମିକ ବିଦ୍ୟାଳୟରେ ଯେଉଁ ମଧ୍ୟାହ୍ନ ଭୋଜନ ଦିଆଯାଉଛି ତା'ର ମାନ ବଢ଼ିଛି ? ଯଦି ଏସବୁର ଉତ୍ତର ସନ୍ତୋଷଜନକ ନୁହେଁ ତେବେ ପିଲା ସଂଖ୍ୟା ବଢିବା କାରଣ କ'ଣ ? କାହିଁକି ଘରୋଇ ବିଦ୍ୟାଳୟ ଛାଡି ଅଭିଭାବକମାନେ ସରକାରୀ ବିଦ୍ୟାଳୟ ଅଭିମୁଖେ ? ଏହି କଥାଟି ବୁଝିବାକୁ ହେଲେ ପ୍ରଥମେ ହିସାବ ନେବାକୁ ହେବ କେତେଜଣ ସରକାରୀ କର୍ମଚାରୀ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଓକିଲ, କେତେଜଣ ଏମ୍‌ପି, ବିଧାୟକ, ମନ୍ତ୍ରୀ ଏପରିକି ସରପଞ୍ଚ, କେତେଜଣ ବଡ଼ ବ୍ୟବସାୟୀ, କେତେଜଣ ଉଦ୍ୟୋଗପତି ଘରୋଇ ବିଦ୍ୟାଳୟ ପରିବର୍ତ୍ତେ ସରକାରୀ ବିଦ୍ୟାଳୟରେ ସେମାନଙ୍କ ପୁଅ ଝିଅ, ନାତି ନାତୁଣୀଙ୍କ ନାମ ଲେଖାଇଛନ୍ତି। ମନେହୁଏ ଏହି ସଂଖ୍ୟା କୌଣସି ଗର୍ବ କଲା ଭଳି ନୁହେଁ। ଆମେ ଯଦି ଅନୁଶୀଳନ କରିବା ଏମାନଙ୍କ ମଧ୍ୟରେ ପ୍ରାୟ ସଭିଏ କୃଷକ, ଶ୍ରମିକ, ବସ୍ତି ବାସିନ୍ଦା, ରିକ୍ସା ଚାଳକ, ଉଠା ବ୍ୟବସାୟୀ ଘରର ପିଲା, ଯେଉଁମାନଙ୍କର ଆର୍ଥିକ ଅବସ୍ଥାରେ ଅବନତି ଘଟିଛି। ଫଳରେ ସରକାରୀ ବିଦ୍ୟାଳୟ ପ୍ରତି ସେମାନଙ୍କର ଆଦର ବଢ଼ିଛି। ଘରୋଇ ବିଦ୍ୟାଳୟର ମାଲିକମାନେ କୋର୍ସ ଫି' ବଢ଼ାଇ ଦିଆଯିବାରୁ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର କିଛି ଲୋକ ଯେଉଁମାନେ ତଥାକଥିତ ଗୁଣାତ୍ମକ ଶିକ୍ଷା ପାଇବା ଆଶାରେ ଘରୋଇ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଠାଇବାକୁ ମନ ବଳାଇଥିଲେ ସେମାନେ ସରକାରୀ ବିଦ୍ୟାଳୟକୁ ପସନ୍ଦ କରିବାକୁ ବାଧ ହୋଇଛନ୍ତି।

ଆତ୍ମସନ୍ତୋଷର ଏହା ସମୟ ନୁହେଁ। ଏହି ଧାରାକୁ ବଜାୟ ରଖିବା ସହିତ ବଢ଼ାଇବାକୁ ହେବ। ନିର୍ଦ୍ଦିଷ୍ଟ ଶ୍ରେଣୀରୁ ନୁହେଁ ସମସ୍ତ ବର୍ଗର ଲୋକଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ପଡ଼ିବ। ଏଥିପାଇଁ ମୁଖ୍ୟ କାର୍ଯ୍ୟ ହେଲା ସରକାରୀ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ପ୍ରାଥମିକତା ଦେବା।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓସ୍ଟା
ମୋ- ୭୦୦୮୦୭୩୫୯୯

# ସିବିଆଇର ସର୍ବେସର୍ବା

**ବ୍ୟକ୍ତିତ୍ୱ**



ପ୍ରବୀଣ ସୁଦ୍

କର୍ନାଟକ ବିଧାନସଭା ନିର୍ବାଚନ ଫଳାଫଳ ୧୩ ମେ'ରେ ପ୍ରକାଶ ପାଇଲା। ଏଥିରେ କଂଗ୍ରେସ ବିପୁଳ ବିଜୟ ହାସଲ କରି ୨୨୪ ଆସନ ମଧ୍ୟରୁ ୧୩୫ ସିଟ୍ ଜିତିବାରେ ସକ୍ଷମ ହେଲା। ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି (ଭାଜପା) ୬୬ ଆସନରେ ବିଜୟୀ ହୋଇଥିଲା। ସେହିଦିନ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଓ ବିରୋଧୀ ଦଳ ନେତା ତଥା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ମୁଖ୍ୟଙ୍କୁ ଚୟନ କଲା। ୧୪ ମେ'ରେ କର୍ନାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପ୍ରବୀଣ ସୁଦ୍‌ଙ୍କୁ ସିବିଆଇ ନିର୍ଦ୍ଦେଶକ କରାଗଲା ବୋଲି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା। ଏଥିରେ କୁହାଗଲା ଯେ, ବର୍ତ୍ତମାନର ନିର୍ଦ୍ଦେଶକ ଥିବା ସୁବୋଧ କୁମାର ଜୈସ୍ୱାଲଙ୍କ କାର୍ଯ୍ୟକାଳ ୨୫ ମେ'ରେ ଶେଷ ହେବା ପରେ ପ୍ରବୀଣ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ରହିବ। କର୍ନାଟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ୧୯୮୬ ବ୍ୟାଚ୍‌ର ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଏହି ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ତାଙ୍କର ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ଏକ ଭିନ୍ନ ସମୀକରଣ ସୃଷ୍ଟି କରିଛି। କର୍ନାଟକରେ ଭାଜପା ଶାସନରେ ଥିବାବେଳେ ପ୍ରବୀଣ କେବଳ କଂଗ୍ରେସ ନେତାଙ୍କୁ ଟାର୍ଗେଟ କରୁଥିଲେ ଓ ଭାଜପା କ୍ୟାଡରଙ୍କ ମନ୍ଦ କାର୍ଯ୍ୟ ପ୍ରତି ଆଖିବୁଜି ଦେଇଥିଲେ ବୋଲି ଶିବକୁମାର କହିଥିଲେ। ତେଣୁ ତାଙ୍କ ସରକାର ଆସିଲେ ପ୍ରବୀଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ବର୍ତ୍ତମାନର ସ୍ଥିତି ଦେଖିଲେ କର୍ନାଟକରେ କଂଗ୍ରେସ ସରକାର ଗଠନ କରିଥିଲେ ମଧ୍ୟ ପ୍ରବୀଣ ଆଉ ଶିବକୁମାରଙ୍କ ଅଧୀନରେ ନାହାନ୍ତି। ସେ ସିବିଆଇ ନିର୍ଦ୍ଦେଶକ ହୋଇଯାଇଥିବାରୁ ବରଂ ଶିବକୁମାରଙ୍କ ଭୟ ବଢ଼ିଯାଇଛି। କୁହାଯାଉଛି ଭାଜପା ହିସାବ କରି କର୍ନାଟକ ଡିଜିପିଙ୍କୁ ସିବିଆଇ ମୁଖ୍ୟ କରିଦେଇଛି। ସଂକ୍ଷିପ୍ତ ତାଲିକାରେ ବହୁ ଅଫିସର ଥିବାବେଳେ ପ୍ରବୀଣଙ୍କୁ ସିବିଆଇ ନିର୍ଦ୍ଦେଶକ କରାଯିବା ପରେ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ହିମାଚଳ ପ୍ରଦେଶ କାଙ୍ଗ୍ରାରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ୨୨ ମେ' ୧୯୬୪ରେ ପ୍ରବୀଣ ଜନ୍ମଗ୍ରହଣ କରିଥିଲେ। ପିତା ଓମ୍ ପ୍ରକାଶ ସୁଦ୍ ଦିଲ୍ଲୀ ସରକାରରେ ଜଣେ କିରାଣି ଥିଲେ। ମାତା କମ୍‌ଲେଶ ସୁଦ୍ ଥିଲେ ଶିକ୍ଷୟିତ୍ରୀ। ପ୍ରବୀଣ ଦିଲ୍ଲୀରେ ବଢ଼ିଥିଲେ। ମେଧାବୃତ୍ତି ପାଇ ସେ ଦିଲ୍ଲୀର ମ୍ୟୁନିସିପାଲ ସ୍କୁଲରୁ ପ୍ରାରମ୍ଭିକ ପଢ଼ା ଶେଷ କରିଥିଲେ। ଏହା ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଦିଲ୍ଲୀ (ଆଇଆଇଟି ଦିଲ୍ଲୀ)ରୁ ସିଭିଲ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ସେଠାରେ ପଢୁଥିବା ବେଳେ ସେ ମନସ୍ତତ୍ତ୍ୱକୁ ଏକ ଇଚ୍ଛାଧୀନ ବିଷୟ ରଖିଥିଲେ। ଇଞ୍ଜିନିୟରିଂ ପଢ଼ା ସାରି ସେ ସିଭିଲ୍ ସର୍ଭିସ ଏକ୍‌ଜାମିନେଶନ (ସିଏସ୍‌ଇ) ଲାଗି ପ୍ରସ୍ତୁତି କରିଥିଲେ। ୧୯୮୬ରେ ଏଥିରେ କୃତକାର୍ଯ୍ୟ ହୋଇଥିଲେ। ତେବେ ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ଥିବାରୁ ୨୦୦୩ରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ବାଙ୍ଗାଲୋର (ଆଇଆଇଏମ୍‌ବି)ରେ ପବ୍ଲିକ୍ ପଲିସି ଆଣ୍ଡ୍ ମ୍ୟାନେଜମେଣ୍ଟରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ଅର୍ଜନ କରିଥିଲେ। ଏଥିସହିତ ନ୍ୟୁୟର୍କର ସାଇରାକସ୍ ବିଶ୍ୱବିଦ୍ୟାଳୟରୁ ମଧ୍ୟ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ତେବେ ୧୯୮୬ରେ ପ୍ରବୀଣ ଆଇପିଏସ୍ ଅଫିସର ଭାବେ ଉତ୍ତୀର୍ଣ୍ଣ ହେବା ପରେ ହାଇଦ୍ରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ ଏକାଡେମୀରେ ଯୋଗଦେଇଥିଲେ। ୧୯୮୯ରେ ପ୍ରଶିକ୍ଷଣ ଶେଷ କରି ସେ ଚାକିରିର ପ୍ରଥମ ନିଯୁକ୍ତି ମହୀଶୂରରେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏଏସ୍‌ପି) ଭାବେ ଯୋଗଦେଇଥିଲେ। ଏହାପରେ ସେ ବେଲାରୀ ଓ ରାଇଚୁର ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ସେ ବେଙ୍ଗାଲୁରୁରେ ଆଇନ ଓ ଶୃଙ୍ଖଳାର ଡେପୁଟି କମିଶନର ଅଫ୍ ପୋଲିସ (ଡିସିପି) ହୋଇଥିଲେ। ୧୯୯୯ରେ ତାଙ୍କୁ ମରିସସ୍ ସରକାରଙ୍କ ପୋଲିସ ଉପଦେଷ୍ଟା ଭାବେ ନୂଆ ଦାୟିତ୍ୱ ଦିଆଯାଇଥିଲା। ସେଠାରେ ସେ ୩ ବର୍ଷ ରହିଥିଲେ। ଏହି ସମୟ ମଧ୍ୟରେ ସେ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ)ର ଆଇନ ପ୍ରବର୍ତ୍ତନ ସଂସ୍ଥା ସହ ମିଶି କାମ କରିବାର ସୁଯୋଗ ପାଇଥିଲେ। ୨୦୦୪ରେ ପ୍ରବୀଣ ମହୀଶୂରରେ ପୋଲିସ କମିଶନର ଭାବେ ଯୋଗଦେଇ ୨୦୦୭ ଯାଏ ସେଠାରେ ରହିଥିଲେ। ସେହି ସମୟରେ ସେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ନୂତନ ରଣକୌଶଳ ପ୍ରସ୍ତୁତ କରିବା ସହିତ ପାକିସ୍ତାନରୁ ଭାରତ ପଶି ଆସିଥିବା ଆତଙ୍କବାଦୀମାନଙ୍କୁ ଗିରଫ କରି ଚହଳ ପକାଇଥିଲେ। ଫେବୃୟାରୀ ୨୦୦୮ରୁ ସେପ୍ଟେମ୍ବର ୨୦୧୧ ଯାଏ ସେ ବେଙ୍ଗାଲୁରୁ ସହରର ଟ୍ରାଫିକ୍ ବିଭାଗରେ ଆଡିସ୍‌ନାଲ କମିଶନର ଅଫ୍ ପୋଲିସ (ଟ୍ରାଫିକ୍) ଦାୟିତ୍ୱରେ ରହି ସେଠାରେ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସେଣ୍ଟର ପ୍ରତିଷ୍ଠା କରିଥିଲେ। ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦକ୍ଷତା ପ୍ରଦର୍ଶନ କରିଥିବା ପ୍ରବୀଣଙ୍କୁ ଜାନୁୟାରୀ ୨୦୨୦ରେ କର୍ନାଟକର ଡିଜିପି ତଥା ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ (ଆଇଜିପି) କରାଯାଇଥିଲା।

ଭ୍ରମଣପ୍ରିୟ ପ୍ରବୀଣ ଗଲ୍ଫ ଖେଳିବାକୁ ଭଲ ପାଆନ୍ତି। ସେ ପୋଲିସ ବିଭାଗରେ ଉତ୍କର୍ଷ କାର୍ଯ୍ୟ ଲାଗି ମୁଖ୍ୟମନ୍ତ୍ରୀ ସ୍ୱର୍ଣ୍ଣ ପଦକଠାରୁ ଆରମ୍ଭ କରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତିଙ୍କ ପୋଲିସ ମେଡାଲ ମଧ୍ୟ ପାଇଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ତାଙ୍କ ସହଧର୍ମିଣୀ ବିନିତା ସୁଦ୍ ଜଣେ ମହିଳା ଉଦ୍ୟୋଗୀ। ତାଙ୍କର ଦୁଇ ଝିଅ ଅଶିତା ଓ ଅନୁଷ୍କା। ଅଶିତା ବୃତ୍ତିରେ ଆଇନଜୀବୀ ଓ କ୍ରିକେଟର ମୟଙ୍କ ଅଗ୍ରୱାଲଙ୍କୁ ବିବାହ କରିଛନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଚାକିରି ଛାଡ଼ି ଛତୁଚାଷ କରିବା ସହ ସେଥିରୁ ଆଚାରଠାରୁ ଆରମ୍ଭ କରି ବିସ୍କୁଟ ଆଦି ପ୍ରସ୍ତୁତ କରି ଅନ୍ୟମାନଙ୍କୁ ଆୟର ବାଟ ଦେଖାଇଛନ୍ତି ଉତ୍ତରାଖଣ୍ଡ ତେହରିଗଡୱାଲର କୁଲ୍‌ଦୀପ ବିଷ୍ଟ। ସେ ରହୁଛନ୍ତି ଭୌସକୋଟ ଗାଁରେ। କୁଲ୍‌ଦୀପ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଚାକିରି କରିଥିଲେ। କିନ୍ତୁ ତାହା ଛାଡ଼ି ସେ ୨୦୧୭ରେ ଛତୁଚାଷ ଆରମ୍ଭ କରିଥିଲେ । ପରେ ଏହି ଚାଷକୁ ବଢ଼ାଇବା ସହ ଛତୁରୁ ଆଚାର, ବିସ୍କୁଟ, ନୁଡୁଲ୍ସ ପ୍ରସ୍ତୁତ କରୁଛନ୍ତି। ଏବେ ଚ୍ୟବନପ୍ରାସ୍ ତିଆରି କରିବା ଲାଗି ଯୋଜନା କରିଛନ୍ତି। ସେ ତାଙ୍କ ଉତ୍ପାଦକୁ 'ଫୁଙ୍ଗୋ' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ଏହି ଉତ୍ପାଦ ଲାଗି ସେ ଗାଁର ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ନିଯୁକ୍ତି ଦେଇଛନ୍ତି। ଏହାବ୍ୟତୀତ ଛତୁଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି, ଯଦ୍ୱାରା ଅଧିକ ଲୋକ ଏହି ଚାଷ ପ୍ରତି ଆକର୍ଷିତ ହୋଇଛନ୍ତି। ସେମାନେ ଉତ୍ପାଦନ କରୁଥିବା ଛତୁକୁ କୁଲଦୀପ କିଣି ସେଥିରୁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଫଳରେ ଚାଷୀମାନେ ଅଧିକ ଲାଭ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୯୮

- ବିରୋଧୀ ଦଳ ମେଣ୍ଟର ନେତା ପଦରୁ କାମ୍ବୋଡ଼ିଆର ପଦଚ୍ୟୁତ ପ୍ରଧାନମନ୍ତ୍ରୀ ଯୁବରାଜ ନରୋଦମ ସିଆନୋକଙ୍କ ଇସ୍ତଫା ପ୍ରଦାନ।
- ହାୱାଲା ମାମଲାରୁ ଜୈନ ଭ୍ରାତୃତ୍ରୟ ଏସ୍.କେ. ଜୈନ, ବି.ଆର୍. ଜୈନ ଏବଂ ଏନ୍.କେ. ଜୈନ ଦୋଷମୁକ୍ତ।

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ?

(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | | |
| | | | | | 1 | | 7 | 9 |
| 3 | | | | 6 | 4 | 8 | | |
| | | 5 | | | | | | |
| 7 | | 6 | 2 | | | | 4 | |
| | | | 7 | 8 | | | | |
| 5 | | | | | | | 3 | 1 |
| | | 8 | | | | | 9 | 2 |
| 6 | | 2 | | | | | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 7 | 8 | 2 | 9 | 3 | 1 |
| 7 | 1 | 9 | 4 | 5 | 3 | 6 | 8 | 2 |
| 8 | 2 | 3 | 1 | 6 | 9 | 4 | 5 | 7 |
| 1 | 3 | 2 | 8 | 4 | 7 | 5 | 6 | 9 |
| 6 | 7 | 8 | 9 | 3 | 5 | 2 | 1 | 4 |
| 9 | 4 | 5 | 6 | 2 | 1 | 3 | 7 | 8 |
| 3 | 8 | 1 | 2 | 9 | 6 | 7 | 4 | 5 |
| 2 | 5 | 7 | 3 | 1 | 4 | 8 | 9 | 6 |
| 4 | 9 | 6 | 5 | 7 | 8 | 1 | 2 | 3 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଆ ଭାଷା ଉପେକ୍ଷିତ କାହିଁକି

ମହାଶୟ,

ସମ୍ପ୍ରତି ଆଧୁନିକତାର ଦ୍ୱାହି ଦେଇ ଅନେକ ଶିକ୍ଷିତ ଓଡ଼ିଆଭାଷୀ ବ୍ୟକ୍ତି ନିଜ ମୁହଁରେ କଥିତ ଓଡ଼ିଆ ଭାଷା ବ୍ୟବହାର କରିବାକୁ କୁଣ୍ଠାବୋଧ କରୁଛନ୍ତି। ନିଜ ପରିବାରରେ, ସାଙ୍ଗ ସାଥୀ ମେଳରେ, ବଜାର ଘାଟରେ, ସଭା ସମିତି, ଉତ୍ସବ ଅନୁଷ୍ଠାନଗୁଡ଼ିକରେ ଏପରିକି ନିଜ ନିଜ କର୍ମସ୍ଥଳୀ ଅବା କାର୍ଯ୍ୟାଳୟରେ ଓଡ଼ିଶାବାସୀ ହୁଅନ୍ତୁ କି ଓଡ଼ିଆଭାଷୀ ପରସ୍ପର ମଧ୍ୟରେ କଥାବାର୍ତ୍ତା କଲାବେଳେ ଉକ୍ତି ଆଳାପ ବିନିମୟ ସମୟରେ, ବକ୍ତୃତା ଦେବା ବେଳେ କିମ୍ବା କୌଣସି କାର୍ଯ୍ୟକ୍ରମର ପ୍ରସଙ୍ଗ ଉପସ୍ଥାପନ କରୁଥିବା ବେଳେ କଥିତ ଓଡ଼ିଆ ଭାଷା ପ୍ରୟୋଗ କରୁନାହାନ୍ତି। ସେଥିଯୋଗୁ ଓଡ଼ିଆଙ୍କ ସ୍ୱାଭିମାନ ଆଘାତପ୍ରାପ୍ତ ହେଉଛି। କାରଣ ଏହି ସବୁ ଅନ୍ୟ ଭାଷାଭାଷୀ ଶବ୍ଦର ଅର୍ଥଗତ ସମାନତା ବଜାୟ ରଖି ଓଡ଼ିଆ ଭାଷାକୋଷରେ ପର୍ଯ୍ୟାପ୍ତ ପ୍ରତିଶବ୍ଦ ରହିଥିବା ବେଳେ ଆମେ କାହିଁକି ନିଜର କେଉଁ ପ୍ରକାର ମେଧାଶକ୍ତିର ଉପଯୋଗ ପାଇଁ ଚେଷ୍ଟିତ ହେବା ? ନିଜ ମାତୃଭାଷା ଓଡ଼ିଆକୁ ଅବହେଳା କରି ଅନ୍ୟ ଭାଷାରେ ସୀମିତ ଜ୍ଞାନ ଥିବା ବ୍ୟକ୍ତି କଥା କଥାରେ ବିଦେଶୀ ଭାଷା ଅଥବା ଅନ୍ୟ ଆଞ୍ଚଳିକ ଭାଷାର ବହୁଳ ବ୍ୟବହାର କରିବା ଅଜ୍ଞାନତାର ପରିଚୟ ବୋଲି କୁହାଯାଇପାରେ। ଓଡ଼ିଶାରେ ଓଡ଼ିଆ ଭାଷା ଉପେକ୍ଷିତ କାହିଁକି ? ଏହି ଦିଗରେ ସମସ୍ତ ଓଡ଼ିଆଭାଷୀ ତଥା ଓଡ଼ିଶାବାସୀ ସାମୂହିକ ସଚେତନ ହେବା ଏବଂ ସହୃଦୟତା ସହକାରେ ଆମ କଥିତ ଓଡ଼ିଆ ଭାଷାର ବହୁଳ ବ୍ୟବହାର କରିବା ଉଚିତ। ଭାଷା ବହୁ ମାତ୍ରାରେ କଥିତ ହେଲେ ଜାତି ସମୃଦ୍ଧ ହେବ ।

**– ଅବନୀ ଚନ୍ଦ୍ର ଦାସ,**
**ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୁଲକୁ ଲୁଚାଇବା ପାଇଁ ଦ୍ୱିତୀୟ ବିମୁଦ୍ରୀକରଣ କରାଯାଇଛି: ଖାର୍ଗେ

## ୨ହଜାର ଟଙ୍କିଆ ନୋଟ ବନ୍ଦ ନିଷ୍ପତ୍ତିକୁ ନେଇ ଟାର୍ଗେଟ୍

ନୂଆଦିଲ୍ଲୀ,୨୦ା୫

ପ୍ରଥମ ବିମୁଦ୍ରୀକରଣ ଏକ ଭୁଲ ନିଷ୍ପତ୍ତି ଥିଲା। ଏହି ଭୁଲକୁ ଲୁଚାଇବା ପାଇ ଏବେ କେନ୍ଦ୍ର ସରକାର ଦ୍ୱିତୀୟ ବିମୁଦ୍ରୀକରଣ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶନିବାର ଏଭଳି ଟୁଇଟ କରି ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି,ଏହି ଘଟଣାର ନିରପେକ୍ଷ ଯାଞ୍ଚ ଜରୁରୀ। କେନ୍ଦ୍ର ସରକାର ପ୍ରଥମ ବିମୁଦ୍ରୀକରଣ ସହିତ ଅର୍ଥନୀତିରେ ଏକ ଗଭୀର କ୍ଷତ ସୃଷ୍ଟି କରିଥିଲେ। ଯାହା ସମଗ୍ର ଅସଂଗଠିତ କ୍ଷେତ୍ରକୁ ଧ୍ୱଂସ କରିଦେଇଛି, ଏମ୍ଏସ୍ଏମ୍ଇ (ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ) ବନ୍ଦ ହୋଇଯାଇଛି। ଏଥିଲାଗି କୋଟି କୋଟି ଲୋକ ଜିବୀକା ହରାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ୨ ହଜାର ଟଙ୍କିଆ ନୋଟ ସହିତ 'ଦ୍ୱିତୀୟ ବିମୁଦ୍ରୀକରଣ' ଆଣିଛନ୍ତି। ଏହା ଏକ ଭୁଲ ନିଷ୍ପତ୍ତିକୁ ଆଚ୍ଛାଦନ କରୁନାହିଁ କି? କେବଳ ଏକ ନିରପେକ୍ଷ ଅନୁସନ୍ଧାନ ହୋଇପାରିଲେ ଏଭଳି ଶୋଷଣର ସତ୍ୟତା ପ୍ରକାଶ ପାଇ ପାରିବ ବୋଲି ଖାର୍ଗେ ଉଲ୍ଲେଖ କରିଛନ୍ତି।


ମଲ୍ଲିକାର୍ଜୁନ ଖାର୍ଗେ


ଭୁବନେଶ୍ୱରର ଏକ ହୋଟେଲରେ ଶନିବାର ଆୟୋଜିତ ଭାଜପା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ପ୍ରଧାନମନ୍ତ୍ରୀ ଶିକ୍ଷିତ ହେବା ଜରୁରୀ: କେଜରିୱାଲ

## ଜଣେ ବ୍ୟକ୍ତି ହଠାତ ଉଚ୍ଚ ପଦବୀ ପାଇଗଲେ କେଜରିୱାଲଙ୍କ ଭଳି ଅହଂକାରୀ ହୋଇଯାଆନ୍ତି: ଭାଜପା


ଅରବିନ୍ଦ କେଜରିୱାଲ


ଖୁସ୍‌ବୁ ସୁନ୍ଦର

ନୂଆଦିଲ୍ଲୀ,୨୦ା୫

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ୨ ହଜାର ଟଙ୍କିଆ ନୋଟ ପ୍ରତ୍ୟାହାର ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଶିକ୍ଷିତ ବୋଲି କହିବା ପରେ ଭାଜପା ପକ୍ଷରୁ ଏହାର କଡ଼ା ସମାଲୋଚନା କରାଯାଇଛି। ଏ ନେଇ ଭାଜପା ନେତ୍ରୀ ଖୁସ୍‌ବୁ ସୁନ୍ଦର କହିଛନ୍ତି, ଯେତେବେଳେ ଜଣେ ବ୍ୟକ୍ତି ହଠାତ ଉଚ୍ଚ ପଦବୀ ଓ ଟଙ୍କା ପାଆନ୍ତି, ସେତେବେଳେ ସେ କେଜରିୱାଲଙ୍କ ଭଳି ଅହଂକାରୀ ହୋଇଯାଆନ୍ତି। ବିଭିନ୍ନ କାରଣରୁ କେଜରିୱାଲ ଆଜିକାଲି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରୁଛନ୍ତି। ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶରେ ୨ ହଜାର ଟଙ୍କିଆ ନୋଟ ପ୍ରତ୍ୟାହାର କରାଯିବା ନେଇ ଘୋଷଣା କରିଛନ୍ତି। ଏହାପୂର୍ବରୁ ୨୦୧୬ରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି କେଜରିୱାଲ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ସେ ଟୁଇଟ କରି କହିଛନ୍ତି ପ୍ରଥମେ ୨ ହଜାର ଟଙ୍କିଆ ନୋଟ ଆଣି ଦୁର୍ନୀତି ବନ୍ଦ କରିବାକୁ ସରକାର କହିଥିଲେ। ବର୍ତ୍ତମାନ ୨ ହଜାର ଟଙ୍କିଆ ନୋଟ ବନ୍ଦ କରି ଦୁର୍ନୀତି ଶେଷ କରିବା କଥା କହୁଛନ୍ତି। ସେଥିପାଇଁ ଆମେ କହୁଛୁ, ପ୍ରଧାନମନ୍ତ୍ରୀ ଶିକ୍ଷିତ ହେବା ଜରୁରୀ। ଜଣେ ଅଶିକ୍ଷିତ ପ୍ରଧାନମନ୍ତ୍ରୀ କିଛି ବି କହିପାରିବେ। ସେ କିଛି ବୁଝନ୍ତି ନାହିଁ। ସେଥିପାଇଁ ଜନସାଧାରଣଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡିବ। କେଜରିୱାଲଙ୍କ ଏହି ବିବୃତ୍ତି ପରେ ଭାଜପା ନେତା ଖୁସ୍‌ବୁ ଟୁଇଟ କରି କହିଛନ୍ତି, ଏହା ତୁମର ଅହଂକାରର ଏକ ପ୍ରଦର୍ଶନ! ଆମର ରାଜନୈତିକ ମତଭେଦ ଅବା ଆଦର୍ଶରେ ପାର୍ଥକ୍ୟ ଯାହା ବି ହୋଇପାରେ। ମାତ୍ର ପ୍ରଧାନମନ୍ତ୍ରୀଙ୍କ ପଦବୀକୁ ସମ୍ମାନ ଦିଆଯିବା ଆବଶ୍ୟକ। ଏହିପରି ଭାଷା ଗ୍ରହଣୀୟ ନୁହେଁ । ସେଥିପାଇଁ ଏହା କୁହାଯାଏ, ଚିନ୍ତା କରିବା ପରେ ଭୋଟ ଦିଆଯିବା ଉଚିତ। ନଚେତ ତୁମ ପରି ଲୋକ କ୍ଷମତା ଏବଂ ଟଙ୍କା ପାଇବା ପରେ ଏଭଳି କାର୍ଯ୍ୟ କରିଥାନ୍ତି।

# ମୋଦି ସରକାରଙ୍କ ସଫଳତାକୁ ନେଇ ଗାଁକୁ ଯିବ ଭାଜପା

## ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୦ା୫(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ଗତ ୯ ବର୍ଷରେ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଦେଇଛନ୍ତି। ଏଥିସହିତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପକ୍କାଘର, ଶୌଚାଳୟ, ପାନୀୟଜଳ ସହ ବିଜୁଳି, ରାସ୍ତା, କୃଷକ ଆୟ ଦ୍ୱିଗୁଣିତ ଓ ବୀମା ଯୋଗାଇ ଦେବା, ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଭଳି କାର୍ଯ୍ୟ କେନ୍ଦ୍ର ସରକାର କରିଛନ୍ତି। ମାତ୍ର ଓଡ଼ିଶା ବିକାଶରେ ବାଧକ ସାଜିଥିବା ବିଜେଡି ସରକାର ପାଇଁ କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଓଡ଼ିଶାର ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ । ଏହି କାରଣରୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସୁଫଳରୁ ବଞ୍ଚିତ ହେଉଛନ୍ତି ଓଡ଼ିଶାବାସୀ। ଗତ ୨୩ ବର୍ଷ ଧରି ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର, ଅସାମ୍ବିଧାନିକ ସରକାର ଚାଲିଛି। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟରେ ବିଜେଡି ମୁକ୍ତ ଶାସନର ଆବଶ୍ୟକତା ରହିଛି । ଶନିବାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସଭାପତିତ୍ୱ କରି ରାଜ୍ୟ ସଭାପତି ମନମୋହନ ସାମଲ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ସଫଳତାକୁ ନେଇ ମେ' ୨୯ରୁ ଜୁନ୍ ୩୦ପର୍ଯ୍ୟନ୍ତ ଗାଁ ଓ ଘରକୁ ଘରକୁ ଯାଇ ପ୍ରଚାର କରିବେ। ଆଗାମୀ ୨୦୨୪ରେ ଭାଜପା ସରକାରକୁ ଆସିବା ପାଇଁ ସମସ୍ତ କାର୍ଯ୍ୟ କରିବ ବୋଲି ମନମୋହନ କହିଛନ୍ତି।

ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗ ସମେତ କେନ୍ଦ୍ରରେ ୯ ବର୍ଷର ମୋଦି ସରକାରଙ୍କ ଉପଲବ୍ଧତାକୁ ନେଇ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ପ୍ରମୁଖ ସାଙ୍ଗଠନିକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଆଗାମୀ ୪ ମାସର ରୋଡ୍‌ମ୍ୟାପର ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକାରିଣୀ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, କାର୍ଯ୍ୟକାରିଣୀରେ ଆସନ୍ତା ଲୋକ ସଭା ଓ ବିଧାନସଭା ନିର୍ବାଚନରେ ବିଜୟୀ ପାଇଁ ଦଳ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ମୋଦି ସରକାର ଅମଳରେ ଗରିବ କଲ୍ୟାଣ ପାଇଁ ସମସ୍ତ ପ୍ରକାର ଯୋଜନା କରାଯାଇଛି । କାର୍ଯ୍ୟକାରିଣୀ ମାଧ୍ୟମରେ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ସହ ସାଧାରଣ ଜନତାଙ୍କ ଭିତରେ ଜନଜାଗରଣ ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ରାଜ୍ୟ କୋର୍ କମିଟି ସଦସ୍ୟ, ରାଜ୍ୟ ପଦାଧିକାରୀ, ରାଜ୍ୟ ମୁଖପାତ୍ର, ଏମ୍‌ପି, ବିଧାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତି, ଜିଲା ପ୍ରଭାରୀ ଓ ସମସ୍ତ ମୋର୍ଚ୍ଚାର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ତୋଗଲକି ଶାସନର ଅନ୍ୟ ନାମ ନୋଟବନ୍ଦୀ: କଂଗ୍ରେସ

ଭୁବନେଶ୍ୱର,୨୦ା୫(ବ୍ୟୁରୋ)

୨୦୦୦ ଟଙ୍କିଆ ନୋଟ ଛାପିବା ପାଇଁ ୨୦୧୬ରେ କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ପୁଣି ସେହି ନୋଟକୁ ଫେରାଇ ନେବା ଏବଂ ତା'ର ରକ୍ଷଣାବେକ୍ଷଣ ଓ ସେହି ନୋଟକୁ ନଷ୍ଟ କରିବାରେ ମଧ୍ୟ ବହୁ କୋଟି ଟଙ୍କା ଖର୍ଚ୍ଚ ହେବ । ତେଣୁ ଏସବୁ ଖୋଦ୍ ପ୍ରଧାନମନ୍ତ୍ରୀଙ୍କର ଅହଂଭାବ, ଆତ୍ମଗର୍ବ ଓ ଅର୍ଥନୀତିକୁ ପରିଚାଳନା କରିବା ପାଇଁ ଉପଯୁକ୍ତ ଜ୍ଞାନ ନ ଥିବା ହେତୁ ଏଭଳି ପରିସ୍ଥିତି ଉପୁଜିଛି । ଏହା ପ୍ରଧାନମନ୍ତ୍ରୀଙ୍କର ତୋଗଲକି ଶାସନର ଦୃଷ୍ଟାନ୍ତ ବୋଲି କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି। ଶନିବାର ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୨୦୧୬ ନଭେମ୍ବର ୮ରେ ଯେଉଁ ନୋଟବନ୍ଦୀ ଘୋଷଣା କରାଯାଇଥିଲା, ତାହା କାହାର ସ୍ୱାର୍ଥକୁ ପୂରଣ କରିବା ପାଇଁ କରାଯାଇଥିଲା ଆଜି ଦେଶବାସୀଙ୍କ ଆଗରେ ସ୍ପଷ୍ଟ ହୋଇଯାଇଛି । ଶୁକ୍ରବାର ଆର୍‌ବିଆଇ ୨ ହଜାର ଟଙ୍କିଆ ନୋଟକୁ ଫେରାଇ ନେବାପାଇଁ ଘୋଷଣା କରିଛି। ୪ଟି ରାଜ୍ୟର ନିର୍ବାଚନ ଆଉ କିଛିମାସ ବାକିଥିବା ବେଳେ ଏଭଳି ନିଷ୍ପତ୍ତି ନେବା ଆଉ କିଛି ନ୍ୟସ୍ତସ୍ୱାର୍ଥକୁ ପୂରଣ କରିବା ପାଇଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଏହାକୁ ପୁନର୍ବାର ବଜାରରୁ ଫେରାଇ ନିଆଯାଉଛି। ଖବରଦାତା ସମ୍ମିଳନୀରେ ଯୋଗ ଦେଇ ପ୍ରଶାନ୍ତ ଶତପଥୀ ସାମ୍ବାଦିକମାନଙ୍କୁ କହିଥିଲେ, ବିମୁଦ୍ରୀକରଣ ଯୋଗୁ ପାଖାପାଖି ୨ କୋଟି ଲୋକ ଏବଂ ଲକ୍ଷ ଲକ୍ଷ ଅଣୁ, କ୍ଷୁଦ୍ର, ମଧ୍ୟମ ବର୍ଗ ଶିଳ୍ପ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଛି । ତଦ୍ୱାରା ଭାରତର ଅର୍ଥନୀତି ବିକାଶର ଧାରା ଆଜି ପର୍ଯ୍ୟନ୍ତ ନିମ୍ନଗାମୀ ହେଉଛି । ୨୦୦୦ ଟଙ୍କା ନୋଟ ଛାପିବା ଏ ସରକାରଙ୍କର ବୌଦ୍ଧିକ ଶୂନ୍ୟତାର ଏକ ସ୍ପଷ୍ଟ ପ୍ରମାଣ । ଏଭଳି ଉପଦେଶ କେଉଁମାନେ ଦେଇଥିଲେ ଖୋଦ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହି ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମିଡିଆ ସଂଯୋଜକ ଦୀପକ କୁମାର ମହାପାତ୍ର ଯୋଗ ଦେଇଥିଲେ।


କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

# ୩ ସନ୍ତାନ ପାଇଁ ରଦ୍ଦ ହେଲା ସମିତିସଭ୍ୟ ପଦ

ଚଣ୍ଡିଖୋଲ,୨୦ା୫(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତର ସମିତିସଭ୍ୟ ଜଗନ୍ନାଥ ମୁଦୁଲିଙ୍କ ସଭ୍ୟ ପଦ ରଦ୍ଦ କରାଯାଇଛି। ଚଣ୍ଡିଖୋଲ କୋର୍ଟର ସବ୍‌ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ତାଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି। ଗତ ୧୭ ତାରିଖରେ ଏହି ପଞ୍ଚାୟତ ସମିତିସଭ୍ୟ ନିର୍ବାଚନୀ ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା। ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ। ଶନିବାର ସବ୍‌ଜଜ୍ ଏହି ମାମଲାର ରାୟ ଶୁଣାଇବା ସହିତ ସେଠାରେ ପୁନର୍ବାର ନିର୍ବାଚନ କରାଯିବ ବୋଲି ମତ ରଖିଛନ୍ତି।

ସୂଚନା ଅନୁଯାୟୀ, ୨୦୨୨ ଫେବୃୟାରୀ ୧୮ରେ ଏହି ପଞ୍ଚାୟତରେ ଭୋଟ ଗ୍ରହଣ ହୋଇଥିଲା। ସମିତିସଭ୍ୟ ପାଇଁ ୩ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ଜଗନ୍ନାଥ ବିଜୟୀ ଘୋଷିତ ହୋଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମହେଶ୍ୱର ବେହେରା ଜଗନ୍ନାଥଙ୍କ ୩ ସନ୍ତାନ ଥିବା ସତ୍ତ୍ୱେ କିପରି ସେ ନିର୍ବାଚନ ଲଢ଼ିଲେ ବୋଲି ପ୍ରଶ୍ନ ଉଠାଇଥିଲେ ଓ ପରେ ଚଣ୍ଡିଖୋଲ କୋର୍ଟରେ ମାମଲା ରୁଜୁ କରିଥିଲେ। କୋର୍ଟରେ ନଂ.୨/୨୨ରେ ଏକ ନିର୍ବାଚନୀ ମାମଲା ଚାଲିଥିଲା। ସାକ୍ଷ୍ୟପ୍ରମାଣ ସହ ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟ ୧୯୫୯ ଓ ସେକ୍ସନ ୪୫(ଭି) ଅନୁଯାୟୀ ମିଥ୍ୟା ତଥ୍ୟ ପ୍ରଦାନ ଏବଂ ତା:୨୧।୪।୧୯୯୫ ପରେ ୨ ସନ୍ତାନରୁ ଅଧିକ ଥିଲେ ସଭ୍ୟ ପଦ ରଦ୍ଦ ହେବା ନିୟମକୁ ଆଧାର କରି ସବ୍‌ଜଜ ଜଗନ୍ନାଥଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି। ମହେଶ୍ୱରଙ୍କ ପକ୍ଷରୁ ଆଡ୍‌ଭୋକେଟ ସୁରେଶ ଚନ୍ଦ୍ର ପଣ୍ଡା ଓ ଜଗନ୍ନାଥଙ୍କ ପକ୍ଷରୁ ଆଡ୍‌ଭୋକେଟ ଶଶାଙ୍କ ଶତପଥୀ ମାମଲା ପରିଚାଳନା କରୁଥିଲେ।

# ଚର୍ଚ୍ଚାରେ ସୂର୍ଯ୍ୟ ପାତ୍ରଙ୍କ ଉତ୍ତରାଧିକାରୀ

## ଦିଗପହଣ୍ଡି ନିର୍ବାଚନମଣ୍ଡଳୀ

ବ୍ରହ୍ମପୁର ଅଫିସ,୨୦ା୫

ଆଗାମୀ ସାଧାରଣ ନିର୍ବାଚନ ନିକଟତର ହୋଇଛି। ବିଭିନ୍ନ ଦଳ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଭଳି ସ୍ଥିତିରେ ବିଜେଡିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ଓ ବାଚସ୍ପତି ଏବଂ ବର୍ତ୍ତମାନର ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ସକ୍ରିୟ ରାଜନୀତିରୁ ଦୂରେଇ ରହିବା ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଅତୀତରେ ଜିଲା ରାଜନୀତିରେ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକ ଗଞ୍ଜାମ ଟାଇଗର ଭାବେ ପରିଚିତ ଥିଲେ। ପରବର୍ତ୍ତୀ ସମୟରେ ସୂର୍ଯ୍ୟ ପାତ୍ରଙ୍କୁ ଗଞ୍ଜାମ ଟାଇଗର ନଂ. ୨ର ଆଖ୍ୟା ଦିଆଯାଇଥିଲା। ତେବେ ଗତବର୍ଷରୁ ସେ ତାଙ୍କ ନିର୍ବାଚନ ମଣ୍ଡଳୀକୁ ମଧ୍ୟ ଆସୁନାହାନ୍ତି। ଅସୁସ୍ଥ ଥିବାରୁ ଭୁବନେଶ୍ୱର ବାସଭବନରେ ରହୁଛନ୍ତି।

ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ସୂର୍ଯ୍ୟ ପ୍ରଥମେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରୁ ତତ୍‌କାଳୀନ ଜନତା ପାର୍ଟିରୁ ୧୯୮୪ରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ୧୯୯୦ ନିର୍ବାଚନରେ ମୋହନା ଆସନରୁ ଜନତା ଦଳରୁ ବିଧାୟକ ହୋଇ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୯୧ ଲୋକସଭା ନିର୍ବାଚନରେ ପୁଣି ବ୍ରହ୍ମପୁର କ୍ଷେତ୍ରରୁ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଉଲ୍ଲେଖ କରାଯାଇପାରେ କି ଗଜପତି ଜିଲାର ମୋହନା ବ୍ଲକ ଏବଂ ଗଞ୍ଜାମ ଜିଲାର ଦିଗପହଣ୍ଡି ବ୍ଲକ ଓ ଏନଏସିକୁ ନେଇ ମୋହନା ବିଧାନସଭା କ୍ଷେତ୍ର ଗଠନ ହୋଇଥିଲା। ୧୯୯୦ରୁ ୨୦୧୯ ମଧ୍ୟରେ ହୋଇଥିବା ୭ ନିର୍ବାଚନରେ ସେ ଲଗାତର ଜିତିଥିଲେ। ୨୦୦୯ ନିର୍ବାଚନ ବେଳେ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକକୁ ନେଇ ବିଧାନସଭା କ୍ଷେତ୍ର ହୋଇଛି। ଏଠାରୁ ମଧ୍ୟ ସୂର୍ଯ୍ୟ ଲଗାତର ନିର୍ବାଚିତ ହୋଇଛନ୍ତି।

୨୦୧୯ ନିର୍ବାଚନରେ ଜିତିବା ପରେ ତାଙ୍କୁ ବାଚସ୍ପତି କରାଯାଇଥିଲା। ଗତବର୍ଷ ଜୁନ ମାସରେ ସାମ୍ବିଧାନିକ ପଦରୁ ସେ ଇସ୍ତଫା ଦେଇଥିଲେ। ହଠାତ୍ ପଦ ଛାଡ଼ିବାର କାରଣ ଅସ୍ପଷ୍ଟ ରହିଛି। ରାଜନୈତିକ ସମୀକ୍ଷକ ଭିନ୍ନ ଭିନ୍ନ ମତ ଦେଉଛନ୍ତି। ଅନ୍ୟପକ୍ଷରେ ବିଧାୟକ ନିଜ ନିର୍ବାଚନ ମଣ୍ଡଳୀକୁ ନ ଆସିବା ବର୍ଷେ ବିତିବାକୁ ଯାଉଛି। ତେଣୁ ବଡ଼ଖେମୁଣ୍ଡି (ଦିଗପହଣ୍ଡି) ରାଜନୀତି ଗୋଳମାଳିଆ ହୋଇଯାଇଛି। ସୂର୍ଯ୍ୟ ଆଗାମୀ ନିର୍ବାଚନ ନ ଲଢ଼ିବା ନେଇ ଚର୍ଚ୍ଚା ହେଉଛି। ତାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ପୁଅ ବିପ୍ଳବ ପାତ୍ର ବିଜେଡି ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ପୂର୍ବତନ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ପ୍ରଧାନ ତାଙ୍କୁ କଣ୍ଟା ସାଜିଛନ୍ତି। ଉଭୟ ଆଶାୟୀ ପ୍ରତିଯୋଗିତାମୂଳକ ଭାବେ ନିର୍ବାଚନ ମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।

ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳୀୟ ରାଜନୀତି ଗୋଳମାଳିଆ ହୋଇଥିବା ସ୍ୱୀକାର କରିଛନ୍ତି। ତେବେ ବିପ୍ଳବ ଓ ବିପିନଙ୍କ ମଧ୍ୟରେ ମିଳାମିଶା ପାଇଁ ପ୍ରୟାସ ଚାଲିଥିବା ସେ ସୂଚନା ଦେଇଛନ୍ତି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ। ଯାହାକୁ ବିଜେଡି ଟିକେଟ ମିଳିବ ତାଙ୍କୁ ଜିତାଇବା ପାଇଁ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଦେଖା ଦେଇଥିବା ଗୋଷ୍ଠୀ କନ୍ଦଳ ଖୁବଶୀଘ୍ର ସମାଧାନ ହେବ ଏବଂ ଦିଗପହଣ୍ଡି ଆସନ ପୁନର୍ବାର ବିଜେଡି ଦଖଲକୁ ଆସିବ ବୋଲି ଜିଲା ସଭାପତି ଆଶା ପ୍ରକଟ କରିଛନ୍ତି।

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A No. 643 / 2022**

**State Bank of India, SARB, Cuttack.** ...Applicant
-Versus-
**Smt. Rasmita Mohanty** ...Defendants

To,
**Smt. Rasmita Mohanty,** W/o.: Girish Chandra Mohanty, At: Bhogara, P.O.: Khuntuni, Dist: Cuttack (Odisha), PIN - 754295

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 643/2022** in the court of the Debts Recovery Tribunal, Cuttack for recovery of **Rs.48,39,971.30** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on **dtd.23.06.2023** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **17th day of May 2023.**

**Sd/- (Nikhila Ranjan Pati)**
**REGISTRAR**

FORM NO. 13
**BEFORE THE DEBTS RECOVERY TRIBUNAL: CUTTACK: ODISHA**
C-71, SECTOR-7, CDA, CUTTACK: ODISHA
**O.A. NO. 557/2022**

**AXIS BANK LIMITED** ...APPLICANT
-Vrs.-
**M/S. Sun Green Valley Pvt. Ltd. & others** ...DEFENDANTS

To,
1. **M/S. Sun Green Valleys Pvt. Ltd.,** Toshali Apartment, Block-9 (Mali), Punjabi Colony, Satya Nagar, Bhubaneswar, Khordha-751007.
2. **Mr. Ramendra Kumar Pujari,** S/o- Surjya Kumar Pujari, C-60, BDA Colony, Aerodrome Area, Palaspalli, Bhubaneswar Urban, Odisha-751020.
3. **Smt. Rita Pujari,** W/o- Ramendra Kumar Pujari, C-60, BDA Colony, Aerodrome Area, Palaspalli, Bhubaneswar Urban, Odisha-751020.
4. **Mr. Rajiv Pujari,** S/o- Ramendra Kumar Pujari, Qr. No. K-11, Civil Township, Raghunathpalli, Rourkela, Odisha-769004.

... DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 557/2022** in the Court of the Debts of Recovery Tribunal at Cuttack for recovery of **Rs.1,37,68,213/- (Rupees One Crore Thirty Seven Lakh Sixty Eight Thousand Two Hundred Thirteen only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **27.06.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **09th day of May, 2023.**

**Sd/- (S.K. RATH)**
**REGISTRAR (I/C)**
**Date: 09.05.2023**

**UNIVERSITY LAW COLLEGE**
**UTKAL UNIVERSITY**
**VANI VIHAR, BHUBANESWAR-751004 (ODISHA)**
**Tel: 0674 - 2589507**
NAAC-A+ Accreditation

**No. ULC/548/2023** **ADMISSION NOTICE** **DATE: 20.05.2023**

**5 YEAR INTEGRATED B.A.LL.B(HONS.) COURSE FOR THE SESSION, 2023-2024.**
Applications are invited in prescribed form for admission into 5 Year Integrated B.A.LL.B (Hons.) Course at University Law College,Bhubaneswar-751007.

| | |
|---|---|
| Number of Seats | 60(Sixty) |
| Eligibility Criteria | 45% of marks for General and 40% of marks for S.C. /S.T. Candidates at +2 Arts/Science/Commerce or equivalent examinations. |
| Application Procedure | The Candidates are required to download the application form and Prospectus from our website www.universitylawcollegebbsr.org.in and send the filled in application form with requisite document along with application fees for Rs.600/- (Rupees six hundred only) in the shape of D.D drawn in favour of the **Principal, University Law College, Bhubaneswar Payable at Bhubaneswar** |
| Address in which Application forms are to be sent | **Principal, University Law College, Vani Vihar, Bhubaneswar-751007 through Speed Post only,. The Application form may be deposited in the office counter** |
| Availability and Receiving of Application Forms | From 24.05.2023 (9:00 A.M. to 11.00 AM) |
| Last date of Submission of Form | 14 days from the date of publication of +2 Results of C.H.S.E. Odisha (All Stream) or 24.06.2023 by 1.00 PM whichever is later. |
| **Date of Entrance Examination** | **09.07.2023 (Sunday) Time (10.00 AM-11.00 AM) in the College Campus** |

For further details & updates, please visit our website www.universitylawcollegebbsr.org.in regularly.

Sd/-
**Principal,**
**University Law College,Bhubaneswar-04**
**Tel.: (0674) 2589507 (Off.)**

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
**NIT No: TPCODL/P&S/NIT/23-24/06**

**TP Central Odisha Distribution Limited invites open tender from eligible Bidders for the following:**

| Sl No | Tender Description | Tender Enquiry No. | Tender Fee inclusive of GST (Rs.) | EMD (Rs. Lakhs) | Last date & time of payment of Tender Fee |
|---|---|---|---|---|---|
| 1 | Rate Contract for Supply of Single-Phase Smart Meters (with NIC) & Meter Box | TPCODL / CCG / 23-24 / 001 | 5,000 | 50.00 | 29/05/2023, 15.00 Hrs. |
| 2 | PO for supply of 3Ph Tamper Testing Simulator | TPCODL/ P&S/ 1000000382/ 23-24 | 5,000 | 0.50 | 29/05/2023, 15.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

See Career Appointment on every Wednesday & Saturday

## ସଂକ୍ଷେପରେ

### ଡା. ବୈଦ୍ୟନାଥ ମିଶ୍ରଙ୍କ ପରଲୋକ

କଟକ ଅଫିସ, ୨୦।୫: କଟକ ବକ୍ସିବଜାରସ୍ଥିତ ବାସଭବନରେ ଭେଷଜ ବିଶେଷଜ୍ଞ ଡା. ବୈଦ୍ୟନାଥ ମିଶ୍ର(୮୮)ଙ୍କର ଶନିବାର ପରଲୋକ ହୋଇଯାଇଛି। ଗତ ୪ ମାସ ଧରି ସେ ଅସୁସ୍ଥ ଥିଲେ। ପୁତ୍ର ଡା. ବରଦାକାନ୍ତ ମିଶ୍ର ତାଙ୍କର ଚିକିତ୍ସା କରୁଥିଲେ। ବାଲିପାଟଣା ନିକଟସ୍ଥ ତୁରିନ୍ତିରା ଶାସନରେ ଡା. ବୈଦ୍ୟନାଥ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ମେଡିସିନରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ଏହାପରେ ସେ କଟକ ଓ ବୁର୍ଲାରେ ଅଧାପନା କରି ଛାତ୍ର ବତ୍ସଳ ତଥା ଧନ୍ୱନ୍ତରୀ ଭାବେ ସୁନାମ ଅର୍ଜନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ପ୍ରମଦା, ପୁତ୍ର ବରଦାକାନ୍ତ, ପୁତ୍ରବଧୂ ପ୍ରମୁଖ ଉପସ୍ଥିତ ଥିଲେ। ଝିଅ ସଂଯୁକ୍ତା ଓ ଜ୍ୱାଇଁ ଅଜିତ୍ ଦିଲ୍ଲୀରୁ ଆସି ଏଠାରେ ପହଞ୍ଚିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କର୍ମଚାରୀ ଗୁରୁତର

ବାରଙ୍ଗ,୨୦।୫(ଡି.ଏନ୍.ଏ.)- ବାରଙ୍ଗ ବ୍ଲକ କଣ୍ଠାପାଟଣା ଗ୍ରାମର ଏକ ନୂତନ ଗୃହକୁ ବିଦ୍ୟୁତ୍ ସଂଯୋଗ କରିବା ସମୟରେ ଶନିବାର ଜଣେ କର୍ମଚାରୀ ବିଦ୍ୟୁତ୍ ଆଘାତ ଲାଗି ଖୁଣ୍ଟରୁ ତଳକୁ ପଡ଼ି ଗୁରୁତର ଆହତ ହୋଇଛନ୍ତି।

ସୂଚନା ମୁତାବକ, ଗ୍ରାମର ପ୍ରମୋଦ ସ୍ୱାଇଁଙ୍କ ଘରକୁ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ବାରଙ୍ଗ ବିଦ୍ୟୁତ୍ ସେକ୍ସନର କର୍ମଚାରୀ ଆସିଥିଲେ। ଆସିଥିବା କର୍ମଚାରୀମାନଙ୍କ ମଧ୍ୟରେ ଦାରୁଠେଙ୍ଗ ଗ୍ରାମର ନିରଞ୍ଜନ ସେଠ୍(୨୩) ନାମକ କର୍ମଚାରୀ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଘରକୁ ବିଦ୍ୟୁତ୍ ସଂଯୋଗ ଦେଉଥିଲେ। ଏହି ସମୟରେ ହଠାତ୍ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳକୁ ଖସିପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ଗୁରୁତର ହୋଇଥିଲେ। ଅନ୍ୟ କର୍ମଚାରୀ ନିରଞ୍ଜନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଡାକ୍ତରଖାନାକୁ ନେଇଯାଇଥିଲେ। ବିଦ୍ୟୁତ୍ ସଂଯୋଗ କିମ୍ବା ମରାମତି ଭଳି ସମ୍ବେଦନଶୀଳ କାର୍ଯ୍ୟ ସମୟରେ କର୍ମଚାରୀ କିଭଳି ହେଲମେଟ୍, ହାତରେ ଗ୍ଲୋଭସ, ସୁରକ୍ଷା ବେଲ୍ଟ ଆଦି ବ୍ୟବହାର କରୁନାହାନ୍ତି ଓ ଉପରିସ୍ଥ ଅଧିକାରୀ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ରକ୍ଷ୍ଟାର ଚାମ୍ପିୟନ

ବାଲିଅନ୍ତା,୨୦।୫(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ନହରକଣ୍ଟା କଲେଜ ଖେଳ ପଡ଼ିଆରେ ୩ ଦିନ ଧରି ଚାଲିଥିବା ପ୍ରଥମ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ରକ୍ଷ୍ଟାର ଓ ଭୁବନେଶ୍ୱର ସମରସେଟ୍ ମଧ୍ୟରେ ଖେଳାଯାଇଥିଲା। ରକ୍ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭ ଉଇକେଟ୍ ହରାଇ ୧୩୩ ରନ୍ କରିଥିଲା। ଜବାବରେ ସମର ସେଟ୍ ୬ ଉଇକେଟ୍ ହରାଇ ୧୦୯ ରନ୍ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ସାମାଜିକ କର୍ମୀ ବ୍ରହ୍ମାନନ୍ଦ ପଣ୍ଡା ଓ ଶିକ୍ଷାବିତ୍ ସୁରେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଆୟୋଜକ ନହରକଣ୍ଟା ଫାଇଟର-୧୧ର ସମସ୍ତ କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ‘ଗୁଳୁଗୁଳିରେ ଅତିଷ୍ଠ କରୁଛି ପାୱାରକଟ୍’



**ଭୁବନେଶ୍ୱର,୨୦।୫(ବ୍ୟୁରୋ)–** *ରାଜ୍ୟରେ କିଛିଦିନ ଧରି ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏପରିକି ଭୁବନେଶ୍ୱରରେ ମଧ୍ୟ କିଛିଦିନ ହେବ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସରୁ ଅଧିକ ରହୁଥିବାବେଳେ ମାତ୍ରାଧିକ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ରାଜଧାନୀରେ ପାୱାର କଟ୍ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଧନିକ ଶ୍ରେଣୀର ଲୋକମାନେ ଇନ୍‌ଭର୍ଟର ଲଗାଇ ସମସ୍ୟାରୁ ସାମାନ୍ୟ ଉପଶମ ପାଉଥିବାବେଳେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଖରା ଗରମରେ ଛଟପଟ ହେଉଛନ୍ତି। ନୁଆଁଣିଆ ଆଜବେଷ୍ଟସ୍ ଘରେ ରହୁଥିବା ବସ୍ତି ବାସିନ୍ଦାଙ୍କ ସମସ୍ୟା ସବୁଠୁ ବେଶି ରହୁଛି। ପଙ୍ଖା ଟିକେ ଚଳାଇ ଦ୍ୱିପହର ବିତାଇଦେବାକୁ ଚାହୁଁଥିବା ଲୋକମାନେ ପାୱାର କଟ୍ ଯୋଗୁ ଭୋଗୁଥିବା ଯନ୍ତ୍ରଣାକୁ ବଖାଣିଛନ୍ତି।*



“ବସ୍ତି ଅଞ୍ଚଳରେ ଆମର ଆଜବେଷ୍ଟସ୍ ଘର। ଟିକେ ଖରାହେଲେ ଗରମରେ ଘର ଭିତରେ ପଶି ହେଉନି। ସେଥିରେ ପୁଣି ପ୍ରତିଦିନ ୧୦ରୁ ୧୨ ଥର ପାୱାର କଟ୍ ହେଉଛି। ବୟସ୍କ ଓ ଛୋଟଛୋଟ ପିଲାମାନେ ଗରମରେ କଲବଲ ହେଉଛନ୍ତି। ଗରମରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବାହାରୁଛି। ନେତା ମନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ଶୀତତାପ ନିୟନ୍ତ୍ରିତ କାର୍ଯ୍ୟାଳୟରେ ବସୁଛନ୍ତି, ଶୀତତାପ ନିୟନ୍ତ୍ରିତ ଗାଡ଼ିରେ ଯାଉଛନ୍ତି। ତେଣୁ ସାଧାରଣ ଲୋକଙ୍କ ସମସ୍ୟା ସେମାନେ ବୁଝିପାରୁନାହାନ୍ତି। ପାୱାର କଟ୍ ହେଉ ନ ଥିବା କହି ବିଭାଗୀୟ ମନ୍ତ୍ରୀ ଦୋଷ ଖସାଉଛନ୍ତି। ରାଜ୍ୟ ସରକାରଙ୍କର ଲୋକଙ୍କ ପ୍ରତି ଯଦି ସାମାନ୍ୟ ଦରଦ ଥାଏ ଦୋଷ ସ୍ୱୀକାର କରି ପାୱାର କଟ୍ ବନ୍ଦ କରିଲେ ଆମ ଭଳି ଲୋକେ ଉପକୃତ ହୋଇପାରନ୍ତୁ।

**– ଚିନ୍ତାମଣି ମହାରଣା, ଖଣ୍ଡଗିରିବାରି**

“ସମୟରେ ଘୋଷଣା ନ କରି ଘଣ୍ଟା ଘଣ୍ଟା ଧରି କରେଣ୍ଟ କାଟିଦେଉଛନ୍ତି। ଫଳରେ ଆମେ ଜାଣିପାରୁନୁ। ପାଣି ଟାଙ୍କି ଭରିପାରୁନୁ। କେତେବେଳେ ପାଣି ସରିଯାଉଛି, ଆଉ ବିନା ପାଣିରେ ସବୁ କାମ ବନ୍ଦ ରହୁଛି, କିଛି କାମ ଠିକ୍ ସମୟରେ ହୋଇପାରୁନି।

**–ଶ୍ରଦ୍ଧାଞ୍ଜଳି ପଣ୍ଡା, ଗୃହିଣୀ, ଆଚାର୍ଯ୍ୟବିହାର**



“ଏଭଳି ଅସହ୍ୟ ଖରା ଗରମରେ ପାୱାର କଟ୍ କଟା ଘା’ରେ ଚୂନ ବୋଳିଲା ଭଳି ଲାଗୁଛି। ଦିନରେ ବହୁତ ଥର କରେଣ୍ଟ ଚାଲିଯିବା ହେତୁ ମୋର ବର୍ଷକର ଛୁଆ ଜମା ଶୋଇପାରୁନି, ସେ ଖାଲି କାନ୍ଦୁଛି। ଅନେକ ...



“ପାଠପଢ଼ା ପାଇଁ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଛୁ। ଇନଭର୍ଟର ଲଗାଇବା ସମ୍ଭବ ନୁହେଁ। ଖରା ଓ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ପଙ୍ଖା ହିଁ ଏକମାତ୍ର ଭରସା। ହେଲେ ଦିନକୁ ଏତେଥର କରେଣ୍ଟ କଟୁଛି ଯେ ନ କହିବା ଭଲ। ରାତିରେ ଅନେକ ସମୟରେ ଲାଇନ୍ କଟିବା ଫଳରେ ଆଦୌ ଶୋଇ ହେଉନାହିଁ। ଏଥିରେ ପାଠପଢ଼ାରେ କିପରି ମନ ଲାଗିବ। ସହରରେ ଯଦି ଏପରି ଅବସ୍ଥା ଗାଁଗଣ୍ଡାରେ କ’ଣ ପରିସ୍ଥିତି ଥିବ ଭାବି ଚିନ୍ତା ଲାଗୁଛି।

**– ଶାନ୍ତନୁ ବେହେରା, ଛାତ୍ର, ନୟାପଲ୍ଲୀ**

“ବିଜୁଳି ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ସରକାର ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ସଂଯୋଗ କରିବାରେ ବିଫଳ ହୋଇଛନ୍ତି। ଏତେ ଖରା ଗୁଳୁଗୁଳିରେ ବାରମ୍ବାର ପାୱାର କଟ୍ ହେଉଛି। ସରକାର ପାୱାର କଟ୍‌କୁ ଅନ୍ୟ ଏକ ରୂପ ଦେବାକୁ ପ୍ରୟାସ କରି କହୁଛନ୍ତି ଯେ ପାୱାର ଟ୍ରିପ୍ ହେଉଛି। ଏଭଳି କହି ସରକାର ରାଜ୍ୟ ଜନତାଙ୍କୁ ଭୁଆଁ ବୁଲାଉଛନ୍ତି। ଏକ ଘରୋଇ କମ୍ପାନୀ ଅର୍ଥାତ ଟାଟା ପାୱାର ରାଜ୍ୟ ଡିସ୍‌କମ୍‌କୁ ଅଧିକୃତ କରିବା ପରେ ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଅଧିକ ଶୋଚନୀୟ ହୋଇପଡ଼ିଛି।



**– ଅପର୍ଣ୍ଣେଶ ମନ୍ତ୍ରୀ, ପଲିଟିକାଲ ଆନାଲିଷ୍ଟ, ଜାଗମରା**



“ଏଇ କିଛିଦିନ ହେଲା ଯେମିତି ଖରା ହେଉଛି, ୫ ମିନିଟ୍ କରେଣ୍ଟ ଚାଲିଗଲେ ଜୀବନ ଚାଲିଗଲା ଭଳି ଲାଗୁଛି। ଧନୀ ଲୋକମାନଙ୍କ ପାଖରେ ଇନଭର୍ଟର ଅଛି ବୋଲି ଚଳିଯିବେ। ମାତ୍ର ଆମେ ମଧ୍ୟବିତ୍ତ ଶ୍ରେଣୀର ଲୋକ କରେଣ୍ଟ ଆସିବା ଯାଏଁ ଅପେକ୍ଷା କରିଥାଉ। ମାସକୁ ମାସ ଆମେ ଖର୍ଚ୍ଚ କରିଥିବା ବିଦ୍ୟୁତ୍ ଶକ୍ତି ହିସାବରେ ବିଲ୍ ଦେଇଥାଉ। ଏଥିରେ ସାମାନ୍ୟ ଖିଲାପ ହେଲେ ଫାଇନ୍ ମଧ୍ୟ ଦେଇଥାଉ। ମାତ୍ର ଆମେମାନେ ଏହି ଖରା ଗୁଳୁଗୁଳିରେ ଯେଉଁ ସମସ୍ୟା ଦେଇ ଗତି କରୁଛୁ ତାହାର ଫାଇନ୍ କିଏ ଦେବ ?

**– ସୋନାଲି ବେବର୍ତ୍ତା, ଗୃହିଣୀ, ଚନ୍ଦ୍ରଶେଖରପୁର।**

### ମୁଣ୍ଡଳି ବ୍ରିଜ୍ ଉପରୁ ସ୍କୁଟି ଜବତ କଲା ପୋଲିସ



ବାରଙ୍ଗ,୨୦।୫(ଡି.ଏନ୍.ଏ.)

ମୁଣ୍ଡଳି ବ୍ରିଜ୍ ଉପରେ ଥୁଆ ହୋଇଥିବା ଏକ ସ୍କୁଟିକୁ ଗୋଡ଼ିସାହି ଫାଣ୍ଡି ପୋଲିସ ଶନିବାର ରାତିରେ ଜବତ କରିଛି। ଗାଡ଼ି ନମ୍ବର(ଓଡ଼ି ୦୨ ବିଇ ୦୩୯୬) ଆଧାରରେ ସ୍କୁଟିଟି ସୁନ୍ଦରପଦା ଅଞ୍ଚଳର ଐଶ୍ୱରିୟା ପରିଜାଙ୍କର ବୋଲି ଜଣାପଡିଛି। ପୋଲିସ ଏନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ଐଶ୍ୱରିୟା ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ ଛାତ୍ରୀ। ତେବେ ସେ ତାଙ୍କ ସ୍କୁଟି ମୁଣ୍ଡଳି ବ୍ରିଜ୍ ଉପରେ ଥୋଇ କେଉଁଆଡ଼େ ଯାଇଛନ୍ତି କି ନଦୀକୁ ଡେଇଁପଡିଛନ୍ତି ତାହା ଜଣାପଡ଼ିନି। ସ୍କୁଟିରେ ହେଲମେଟ୍ ଟଙ୍ଗାଯାଇ ବହୁ ସମୟ ଧରି ଥୁଆ ହୋଇଥିବାବେଳେ ତାକୁ କେହି ନେଇ ନ ଥିଲେ। ସ୍ଥାନୀୟ ଲୋକେ ସନ୍ଦେହ କରି ଗୋଡ଼ିସାହି ଫାଣ୍ଡି ପୋଲିସକୁ ଖବର ଦେବାରୁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବତୀଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିଲେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।



କୋଲକାତାର ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟି ଓ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଉଦ୍‌ଘାଟିତ ‘ଭାରତ ସଂସ୍କୃତି ଯାତ୍ରା’ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ନୃତ୍ୟଶିଳ୍ପୀମାନେ।

## ଆରମ୍ଭ ହେଲା ଭାରତ ସଂସ୍କୃତି ଯାତ୍ରା

**ଓଡ଼ିଶୀ ନୃତ୍ୟରେ ଚନ୍ଦନ ଯାତ୍ରା, ଦୁର୍ଗାପୂଜାର ସୁନ୍ଦର ଉପସ୍ଥାପନା**

ଭୁବନେଶ୍ୱର,୨୦।୫(ବ୍ୟୁରୋ)

କୋଲକାତାର ହିନ୍ଦୁସ୍ତାନ ଆର୍ଟ ଆଣ୍ଡ୍ ମ୍ୟୁଜିକ୍ ସୋସାଇଟି ଓ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ୨ଦିନିଆ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ‘ଭାରତ ସଂସ୍କୃତି ଯାତ୍ରା’ ଶନିବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣଜେନା,ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, କେନ୍ଦ୍ରୀୟ ବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରୀତି ରାୟ ଚାନ୍ଦ, ବିଶିଷ୍ଟ ତବଲା ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ହିନ୍ଦୁସ୍ତାନ ଆର୍ଟ ଆଣ୍ଡ୍ ମ୍ୟୁଜିକ ସୋସାଇଟିର ସଚିବ ପ୍ରସନଜିତ୍ ପୋଦ୍ଦାର ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ମର୍ମକୁଟ ଓ ମନୋଜ କେଡ଼ିଆଙ୍କ ଦ୍ୱାରା ସୀତାର ଓ ସରୋଦ ଯୁଗଳ ବନ୍ଦୀ ବାଦନରୁ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତବଲାରେ ଦୁର୍ଜୟ ଭୌମିକ ସହଯୋଗ କରିଥିଲେ। ବିଭିନ୍ନ ରାଗ ଓ ତାଳର ସମଷ୍ଟିରେ ଦୁଇ ଭାଇଙ୍କ ସୀତାର ଓ ସରୋଦ ବାଦନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ ବିଶାରଦ ଗୁରୁ ସୁଜାତା ମହାପାତ୍ର। ସେ ପ୍ରଥମେ ମଙ୍ଗଳାଚରଣ ଓ ପରେ ଅଷ୍ଟପଦୀ ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ସଞ୍ଚିତା ମୁଖାର୍ଜୀଙ୍କ ଓଡ଼ିଶୀ ନୃତ୍ୟାଭିନୟରେ ଦୌପଦୀ ଦେଖିବାକୁ ମିଳିଥିଲା। ଏହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ ଓ ନୃତ୍ୟ ସଂରଚନା ଗୁରୁ ପଙ୍କଜ ଦାସ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ ନବପ୍ରତିଭା ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମେ ମାହାରି ବେଶ ପରିପାଠୀ, ପରେ ଶ୍ରୀମନ୍ଦିରର ଚନ୍ଦନ ଯାତ୍ରା ଓ ଦୁର୍ଗାପୂଜାକୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ବେଶ୍ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ ଶିଳ୍ପୀ। ଏହାର ନୃତ୍ୟ ସଂରଚନା ଗୁରୁ ଅଶୋକ କୁମାର ଦାସ କରିଥିବାବେଳେ କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।





ମହୋତ୍ସବରେ ସିତାର, ସରୋଦ ଓ ତବଲା ବାଦନ କରାଯାଉଛି।

### ଝିଆରୀଙ୍କୁ ଗାଳିଗୁଲଜ କରି ଦାଦା ଗିରଫ

ବାଲିଅନ୍ତା,୨୦।୫(ଡି.ଏନ୍.ଏ.)

ଝିଆରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ତାଙ୍କ ଦାଦାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଅଣ୍ଡିଲୋ ଗ୍ରାମର ବୃନ୍ଦାବନ ବେହେରା(୪୫)। ଏ ନେଇ ଥାନାରେ ଏକ ମାମଲା (୨୦୫/୨୩) ରୁଜୁ ହୋଇଛି।

### ଯୁବକଙ୍କୁ ଖଣ୍ଡା ଚୋଟ ମାମଲାରେ ଜଣେ ଗିରଫ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନବଘନ ପାଢଶାଣୀ ନାମକ ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲାର ଶଶାଙ୍କ ଶେଖର ବଳିଆରସିଂ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ, ଗତ ୧୮ ତାରିଖ ସକାଳେ ବରମୁଣ୍ଡା ଅଞ୍ଚଳର ନବଘନ ନାକା ଗେଟ୍ ପଟୁ ଖଣ୍ଡଗିରି ଅଭିମୁଖେ ଯାଉଥିବା ସମୟରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ମାରଣାସ୍ତ୍ର ଧରି ଦୁଇଟି ମୋଟରସାଇକେଲରେ ତାଙ୍କର ପିଛା କରିଥିଲେ। ପରେ ସେ ଖଣ୍ଡଗିରି ଛକ ନିକଟ ଏକ ଦୋକାନରେ ଚା’ ପିଉଥିବାବେଳେ ଶଶାଙ୍କ ଶେଖର ଓ ଅନ୍ୟ ଅଭିଯୁକ୍ତମାନେ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ନବଘନ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

### ୪ଜଣ ପାଇଲେ ‘ପ୍ରଫେସର ରାଧାକାନ୍ତ ମିଶ୍ର ସମ୍ମାନ’

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ପ୍ରଫେସର ରାଧାକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଶନିବାର ବୁଦ୍ଧ ମନ୍ଦିର ପରିସର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଫେସର ରାଧାକାନ୍ତ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ୨୦୨୩ ମସିହା ପାଇଁ ଡ. ରଘୁନାଥ ମହାପାତ୍ର ଓ ଡ. ଶଙ୍କର ଲାଲ ପୁରୋହିତଙ୍କୁ ‘ପ୍ରଫେସର ରାଧାକାନ୍ତ ମିଶ୍ର ସାରସ୍ୱତ ହିନ୍ଦୀ ସେବା ସମ୍ମାନ’, ଆଚାର୍ଯ୍ୟ ଯୋଗେଶ ପାଣିଙ୍କୁ ‘ପ୍ରଫେସର ରାଧାକାନ୍ତ ମିଶ୍ର ବିଶିଷ୍ଟ ହିନ୍ଦୀ ସେବୀ ସମ୍ମାନ’ ଏବଂ ଡ. ଜାନକୀ ଝାଙ୍କୁ ‘ପ୍ରଫେସର ରାଧାକାନ୍ତ ମିଶ୍ର ଯୁବା ହିନ୍ଦୀ ସେବୀ ସମ୍ମାନ’ ପ୍ରଦାନ କରାଯାଇଛି। ପ୍ରଫେସର ସ୍ୱରପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଫେସର ଗଣେଶ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଅମୂଲ୍ୟ ରତ୍ନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦ ସଚିବ ଡ. ସ୍ନେହଲତା ଦାସ ସ୍ୱାଗତ ଭାଷଣ ଓ ବିଷ୍ଣୁପ୍ରିୟ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

### ଭବିଷ୍ୟନିଧି ରିକ୍ରିଏଶନ୍ କ୍ଲବର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର, ୨୦।୫ (ବ୍ୟୁରୋ)

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭବିଷ୍ୟନିଧି ସଂଗଠନ ଦ୍ୱାରା ପରିଚାଳିତ ରିକ୍ରିଏଶନ୍ କ୍ଲବ୍‌ର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ପତି, ଉପସଭାପତି ଭାବେ ମନୋରଞ୍ଜନ ସାହୁ ନିର୍ବାଚିତ ହୋଇଥିବାବେଳେ ମିର୍ଜା ହାରିସ୍ ବେଗ୍ ଖେଳ ସମ୍ପାଦକ, ପ୍ରଶାନ୍ତ କୁମାର ସାହୁ ସାଂସ୍କୃତିକ ସମ୍ପାଦକ, ଜ୍ୟୋତିରଞ୍ଜନ ସାହୁ କୋଷାଧ୍ୟକ୍ଷ ହୋଇଛନ୍ତି। ସେହିପରି ମିନତି ପଣ୍ଡା, ଆଶିଷ ବାରିକ, ସତ୍ୟେନ୍ଦ୍ର କୁମାର ସାହୁ, ପ୍ରଣବ କୁମାର ପ୍ରଧାନ, କୈଳାସ କୁମାର ଜେନା, ସୌମ୍ୟଦୀପ ଭଟ୍ଟାଚାର୍ଯ୍ୟ ଓ ତପନ କୁମାର ବାରିକ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ କ୍ଲବ ସଭାପତି ତଥା ଆଞ୍ଚଳିକ ଭବିଷ୍ୟନିଧି କମିଶନର-୧ ପି.ବି. ବର୍ମା, ଆଞ୍ଚଳିକ କମିଶନର-୨ ଗୌରବ ମହାନ୍ତି, ସହାୟକ କମିଶନର ମୌସୁମୀଲତା ପାଢ଼ୀ ଅଭିନନ୍ଦନ ଜଣାଇଥିଲେ।

## ‘ଶ୍ରୀଜଗନ୍ନାଥ ସଙ୍ଗୀତାୟନ’ ଲୋକାର୍ପିତ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ସାଇଶ୍ରଦ୍ଧା ପ୍ରଡକ୍ସନ ଏବଂ ସିବିଏସ୍ କଲଚରାଲ ଫାଉଣ୍ଡେଶନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଭାବାବେଗ ଉପରେ ଆଧାରିତ ଗୀତଗୁଚ୍ଛର ସଙ୍ଗୀତ ନାଟ୍ୟରୂପ ‘ଶ୍ରୀ ଜଗନ୍ନାଥ ସଙ୍ଗୀତାୟନ’ ଶନିବାର ଗୀତଗୋବିନ୍ଦ ସଦନଠାରେ ଲୋକାର୍ପିତ ହୋଇଯାଇଛି। ଏହି ସଙ୍ଗୀତର ରଚନା ଓ ନିର୍ଦ୍ଦେଶନା ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଦେଇଛନ୍ତି। ଏହାର ଶୁଟିଂ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କରାଯାଇଛି। ଅଭିନୟରେ ପ୍ରଡକ୍ସନର ନିର୍ଦ୍ଦେଶିକା ବିନି ସାମଲ, ଅମିତ୍, ଅଶ୍ରୁମୋଚନ ମହାନ୍ତି, ନୀହାର ସାମଲ, ମେହେଲି, ମୁସ୍କାନ ପ୍ରମୁଖ ରହିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ମିଶ୍ର, ବିନି, ବାପି ଓ ରାମ। ଏଥିରେ ୫ଟି ଗୀତ ରହିଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ଗୁରୁଜୀ ଶତପଥୀ, ସୂଚନା ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, ବିନି ସାମଲ,ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ, ପୀତବାସ ରାଉତରାୟ, ପ୍ରଫେସର ହରେକୃଷ୍ଣ ଶତପଥୀ, ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ଧଳ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଓଏସ୍ଆରଟିସି ଜିଏମ୍ ବିଶିକେଶନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପରୀକ୍ଷା ପରିଚାଳନାକୁ ନେଇ ମହର୍ଷି କଲେଜରେ ଛାତ୍ର ଅସନ୍ତୋଷ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ଭୁବନେଶ୍ୱର ଶହୀଦନଗରସ୍ଥିତ ମହର୍ଷି ନାଚୁରାଲ ଲ’ କଲେଜରେ ପରୀକ୍ଷା ପରିଚାଳନାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶନିବାର ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବରେ ପରୀକ୍ଷା ହେବା ଓ ଏହି ସମୟରେ ପରୀକ୍ଷା ଇନ୍‌ଚାର୍ଜ ଏବଂ ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ରହିବା ଘଟଣାକୁ ନେଇ ପରୀକ୍ଷା ହଲ୍‌ରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପିଲାଙ୍କ ପ୍ରତି କଲେଜ କର୍ତ୍ତୃପକ୍ଷ ଅବହେଳା କରିବା ସହ ସେମାନଙ୍କ ଭବିଷ୍ୟତ ନଷ୍ଟ କରୁଥିବା ଯୁକ୍ତ୩ ରାଜନୀତି ବିଜ୍ଞାନ ବିଭାଗ ଶେଷବର୍ଷ ଛାତ୍ରୀଛାତ୍ର ଅଭିଯୋଗ କରି କ୍ୟାମ୍ପସରେ ହୋହଲ୍ଲା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ଶନିବାର ବିଭାଗୀୟ ଛାତ୍ରୀଛାତ୍ର ପ୍ରୋଜେକ୍ଟ ଦାଖଲ କରିବାର ଥିଲା। ପୂର୍ବ ନିର୍ଦ୍ଧାରିତ ୧୦ଟା ୩୦ରେ ଛାତ୍ରୀଛାତ୍ର ଓ ଏକ୍ସଟର୍ନାଲ ପରୀକ୍ଷକ ପହଞ୍ଚିଥିଲେ ମଧ୍ୟ ଇଣ୍ଟରନାଲ ପରୀକ୍ଷକ ଆସି ନ ଥିଲେ। ପରୀକ୍ଷା ଇନ୍‌ଚାର୍ଜ ଓ ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ଥିବାବେଳେ ପରୀକ୍ଷା ପରିଚାଳନା ପାଇଁ କେହି ଅଧ୍ୟାପକ ଆସି ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେଣୁ ଛାତ୍ରୀଛାତ୍ର ବିଭାଗୀୟ ଅଧ୍ୟାପକଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ବ୍ୟକ୍ତିଗତ କାମ କହି ପରୀକ୍ଷା ହଲ୍‌କୁ ଆସି ନ ଥିଲେ। ଏହାକୁ ନେଇ ପରୀକ୍ଷା ହଲ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ୧୨ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥିଲା। ପିଲାଙ୍କ କହିବା କଥା, ପରୀକ୍ଷା ପୂର୍ବରୁ କଲେଜରେ ପାଠ୍ୟକ୍ରମ ଶେଷ କରାଯାଉ ନାହିଁ। ଛାତ୍ରୀଛାତ୍ର ଅଭିଯୋଗ କଲେ ବାକି ଥିବା ପାଠ୍ୟକ୍ରମ ୟୁଟ୍ୟୁବ୍‌ରୁ ପଢ଼ିବା ପାଇଁ ଅଧ୍ୟାପକ କହୁଥିବା ଆଦି ଅଭିଯୋଗ ଉଠାଇ ଛାତ୍ରୀଛାତ୍ରମାନେ ଉତ୍ତେଜିତ ହୋଇପଡିଥିଲେ। ତେବେ ଏ ସଂକ୍ରାନ୍ତରେ କଲେଜ ପ୍ରିନ୍ସିପାଲଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।





**ପରୀକ୍ଷା ହଲ୍‌ରେ ଉତ୍ତେଜନା**

- ୧୦.୩୦ରେ ପରୀକ୍ଷା ଥିଲା, ୧୨ଟା ୩୦ରେ ଆରମ୍ଭ ହେଲା
- ପରୀକ୍ଷା ଇନ୍‌ଚାର୍ଜ, ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ଥିବା ଅଭିଯୋଗ

## ସଂକ୍ଷେପରେ

### ପୋଖରୀରୁ କ୍ରୀଡ଼ା ଶିକ୍ଷକଙ୍କ ମୃତଦେହ ଜବତ



ନିରାକାରପୁର, ୨୦।୫ (ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ଟାଙ୍ଗୋଲ ପଞ୍ଚାୟତ ପଶ୍ଚିମଦ୍ୱାର ପାଟଣା ଗ୍ରାମର ଏକ ପୋଖରୀରୁ ଶନିବାର ଜଣେ କ୍ରୀଡା ଶିକ୍ଷକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଭବତୋଷ ପରିମାଣିକ(୨୭)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସେ ନୟାଗଡ଼ ଜିଲା ରଣପୁର ହାଇସ୍କୁଲରେ କ୍ରୀଡା ଶିକ୍ଷକଭାବେ କାର୍ଯ୍ୟରତ ଥିଲେ। ଏଥିସହ ସେ ରଣଜୀ ଟ୍ରଫି ଖେଳିଥିଲେ। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭବତୋଷ ବାରିପଟେ ଥିବା ମହୁଲ ପୋଖରୀକୁ ଶନିବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିଲେ। ତେବେ କୌଣସି କାରଣରୁ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଜଣେ ଯୁବକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ପହଞ୍ଚି ଭବତୋଷଙ୍କୁ ପୋଖରୀରୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୩) ରୁଜୁ ହୋଇଥିବା ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କର କହିଛନ୍ତି।

### ଶ୍ମଶାନ ସଫେଇ କଲେ ଯୁବଗୋଷ୍ଠୀ

**ଖୋର୍ଦ୍ଧା ଅଫିସ,୨୦।୫:** ବରୁଣେଇସ୍ଥିତ ହାଡ଼ଗାଡିଆ ଶ୍ମଶାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହାର ଚାରିଆଡ଼େ ଅନାବନା ଗଛଲତା ମାଡ଼ିଗଲାଣି। ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଥିବା ଏହି ଶ୍ମଶାନର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି ଯୁବଗୋଷ୍ଠୀ ଓ ବରିଷ୍ଠ ନାଗିକ। ଶନିବାର ଏକାଠି ହୋଇ ଉକ୍ତ ଶ୍ମଶାନକୁ ସଫା କରିଥିଲେ। ସମସ୍ତଙ୍କ ପ୍ରଚେଷ୍ଟାରେ ଦୀର୍ଘଦିନ ପରେ ଅଳିଆମୁକ୍ତ ହୋଇଥିଲା। ୩ନଂ. ୱାର୍ଡ କାଉନ୍ସିଲର ଦିଲୀପ ପରିଡା, ୭ନଂ. କାଉନ୍ସିଲର ଅଜିତ ମହାପାତ୍ର, ୧୩ ନମ୍ବର ୱାର୍ଡର କାଦମ୍ବିନୀ ପ୍ରଧାନ ଓ ରାଜେଶ ପ୍ରଧାନ, ୪ନଂ. ୱାର୍ଡର ପ୍ରଶାନ୍ତ ସେଠୀ, ୮ନଂ. ୱାର୍ଡର ସୁଶାନ୍ତ ଜେନାଙ୍କ ସମେତ କୃଷ୍ଣଚନ୍ଦ୍ର ପ୍ରଧାନ, ଶିବ ରାଉତରାୟ, ଗୋପାଳ ମହାନ୍ତି, ଦ୍ୱିତୀକୃଷ୍ଣ ବେଜ, ସୁଧାଂଶୁ ଦାସଗୁପ୍ତା, ବାବି ପରିଡା, ପ୍ରକାଶ କୁମାର ହାତୀ, ଲଳିତ ମୋହନ ମହାପାତ୍ର, ପ୍ରବୀଣ ଭଞ୍ଜ ଏବଂ ସମସ୍ତ ୱାର୍ଡର ବରିଷ୍ଠ ନାଗରିକ ଓ ଯୁବକମାନେ ସାମିଲ ହୋଇଥିଲେ। ଉକ୍ତ ଶ୍ମଶାନକୁ ପୌରାଞ୍ଚଳର ୩, ୪, ୫, ୬, ୭, ୮ ଏବଂ ୧୩ନଂ. ୱାର୍ଡ ବାସିନ୍ଦା ବ୍ୟବହାର କରିଥାନ୍ତି। ଏହି ଶ୍ମଶାନର ପୁନରୁଦ୍ଧାର ଲାଗି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଯୁବକଙ୍କୁ ଆକ୍ରମଣ: ୨ ଭାଇ ଗିରଫ

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା କେନ୍ଦୁଝରର ରଜତ କୁମାର ସାହୁ ଓ ଆଦିତ୍ୟ ନାରାୟଣ ସାହୁ। ସୂଚନାନୁସାରେ, ବିଶ୍ୱନାଥ ଶୁକ୍ରବାର ଏକ ଦୋକାନରେ ଚା’ ପିଇବା ବେଳେ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ।

# ମୁଖ୍ୟ ଶାସନ ସଚିବ, ଡିଜିଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯୁବକଙ୍କୁ ପିଟି ହତ୍ୟା ପ୍ରସଙ୍ଗ**
- ପୁଣି ରିପୋର୍ଟ ଦେବେ ଜିଲାପାଳ, ଏସ୍‌ପି
- ପୀଡ଼ିତ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦାବି

**ଖୋର୍ଦ୍ଧା ଅଫିସ,୨୦।୫**

ତଦନ୍ତ ଆଳରେ ବନ କର୍ମଚାରୀ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଥିବା ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ଶୁଣାଣି କରି ଜାତୀୟ ମାନବାଧିକାର କମିଶନ ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ଆସନ୍ତା ଜୁନ୍ ୨୪ ସୁଦ୍ଧା କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ୱେବ୍‌ସାଇଟ, ଅଫିସିଆଲ ମେଲ୍-ଆଇଡି କିମ୍ବା ସ୍ପିଡ୍‌ପୋଷ୍ଟ ଜରିଆରେ ରିପୋର୍ଟ ଦାଖଲ କରିପାରିବେ। ଅନ୍ୟପକ୍ଷେ କମିଶନ ଖୋର୍ଦ୍ଧା ଜିଲାପାଳ, ଏସ୍‌ପି ଏବଂ ମୁଖ୍ୟ ବନ ସଂରକ୍ଷକଙ୍କ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୪ ସପ୍ତାହ ମଧ୍ୟରେ ପୁଣିଥରେ ସବିଶେଷ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବେ। ଏହାର ନକଲ ମୁଖ୍ୟ ଶାସନ ସଚିବ ଏବଂ ଡିଜିଙ୍କ ନିକଟକୁ ପଠାଇବେ। ଏଥିରେ ଖିଲାପ ହେଲେ ମାନବାଧିକାର ସୁରକ୍ଷା ଆଇନ ୧୯୯୩ ଅନୁସାରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ ହାଜର ଲାଗି ନିର୍ଦ୍ଦେଶ ଦିଆଯିବ ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାରକୁ ଉପଯୁକ୍ତ ସୁରକ୍ଷା, ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମାନବାଧିକାର କର୍ମୀ ଜୟନ୍ତ ଦାଶ।

ପ୍ରକାଶ ଯେ, ୨୦୨୦ ଅକ୍ଟୋବର ୧୩ ସନ୍ଧ୍ୟାରେ ବାଲୁଗାଁ ବନାଞ୍ଚଳ ଟାମଣା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମଇଁଷିଗୋଠ ନିକଟରେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ ଗୋଳଗାଁର ବଳଭଦ୍ର ବେହେରା ଓରଫ୍ ଟିଙ୍କିଙ୍କ ସହ କେତେଜଣ ବ୍ୟକ୍ତି ଗଛ କାଟୁଥିବା ନେଇ ସ୍ଥାନୀୟ ବନ କର୍ମଚାରୀ ସୂଚନା ପାଇଥିଲେ। ଧୂଆଁନଳି ଫରେଷ୍ଟ ବିଟ୍ ହାଉସ୍‌ର କର୍ମଚାରୀମାନେ ପହଞ୍ଚି ଚଢ଼ାଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି କେତେଜଣ ବ୍ୟକ୍ତି ସେଠାରୁ ଦୌଡ଼ ପଳାଇଥିଲେ। ବଳଭଦ୍ର ଗଛ ଉପରେ ଚଢ଼ି ଗଛ କାଟୁଥିବା ବେଳେ ବନ କର୍ମଚାରୀ ତାଙ୍କୁ କାବୁକରି କାର୍ଯ୍ୟାଳୟକୁ ନେଇଥିଲେ। ବିଳମ୍ବିତ ରାତିରେ ବଳଭଦ୍ର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ନିକଟ ନୀଳାଦ୍ରିପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଣପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରଦିନ ଅପରାହ୍ନରେ ମୃତକଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଡାକ୍ତରଖାନାରେ ପହଞ୍ଚିଥିଲେ। ମୃତ ବଳଭଦ୍ରଙ୍କ ଶରୀରରେ କ୍ଷତଚିହ୍ନ ଥିବା ଦେଖି ବନ କର୍ମଚାରୀମାନେ ତାଙ୍କୁ ମାଡ଼ମାରି ହତ୍ୟା କରିଥିବା ସ୍ତ୍ରୀ ପ୍ରତିମା ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରତିମାଙ୍କ ଅଭିଯୋଗକ୍ରମେ ଥାନାରେ ଦଫା ୩୦୨/୩୪ ଆଇପିସିରେ ଏକ ମାମଲା (ନଂ.୩୧୯/୨୦) ରୁଜୁ ହୋଇଥିଲା।

# ଖେଳପଡ଼ିଆରେ ରାସ୍ତା ନିର୍ମାଣକୁ ବିରୋଧ



ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ବାଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

**ବେଗୁନିଆ,୨୦।୫(ଡି.ଏନ୍.ଏ.)**

ବେଗୁନିଆ ତହସିଲ ଅଧୀନ କୁଞ୍ଜୁରି ଗ୍ରାମ ଆଦିବାସୀ ସାହି ନିକଟରେ ଥିବା ଖେଳପଡ଼ିଆ ମଧ୍ୟରେ ବ୍ୟକ୍ତିଗତ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ନେଇ ଶନିବାର ବେଗୁନିଆ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ଉପଯୁକ୍ତ ତଦନ୍ତ କରାଯାଇ ବ୍ୟକ୍ତିଗତ ରାସ୍ତା ନିର୍ମାଣ କରୁଥିବା ମହିଳାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ଗ୍ରାମର ସ୍ୱପ୍ନେଶ୍ୱର ନାୟକ, ସରୋଜ ନାୟକ, ଶିବ ଜେନା, ବିଜୟ ପ୍ରଧାନ, କୁନା ନାୟକଙ୍କ ସମେତ ଶତାଧିକ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ପତ୍ର ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ବାଙ୍କୁ ପ୍ରଦାନ କରାଯାଇଛି। ସୂଚନାଥାଉ କି, ଗ୍ରାମରେ ଥିବା ଖେଳପଡ଼ିଆ ମଧ୍ୟରେ ଜଣେ ମହିଳା କେତେଜଣ ବ୍ୟକ୍ତିଙ୍କ ପ୍ରରୋଚନାରେ ଜୋରଜବରଦସ୍ତ ରାସ୍ତା ନିର୍ମାଣ କରୁଛନ୍ତି। ଏଥିଯୋଗୁ ପଡ଼ିଆର ସୌନ୍ଦର୍ଯ୍ୟ ହାନି ହେବା ସହ ପିଲାଙ୍କ ଖେଳରେ ବାଧା ସୃଷ୍ଟିହେଉଛି। ଏ ସମ୍ପର୍କରେ ତହସିଲଦାର ଆମ୍ବା କହିଛନ୍ତି, ଅଭିଯୋଗ ପାଇବା ପରେ ଉପଯୁକ୍ତ ତଦନ୍ତ ପାଇଁ ଡାଲତୋଳା ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସରିଲା ରୁଦ୍ର ମହାଯଜ୍ଞ, ଶମ୍ଭୁମିଳନ



ହରିପୁର ଗ୍ରାମ ପଡ଼ିଆରେ ଅନୁଷ୍ଠିତ ଶମ୍ଭୁମିଳନରେ ଏକତ୍ରିତ ହୋଇଥିବା ଠାକୁରମାନେ।

**ଗମ୍ଭାରୀମୁଣ୍ଡା/ଟାଙ୍ଗୀ(ଖୋର୍ଦ୍ଧା), ୨୦।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ଆରାଧ୍ୟ ଠାକୁର ପଶ୍ଚିମାଭିମୁଖି ମହାଶମ୍ଭୁ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ ଓ ଶମ୍ଭୁମିଳନ ଅନୁଷ୍ଠିତ ହୋଇଯାଇଛି। ରୁଦ୍ର ମହାଯଜ୍ଞରେ ପ୍ରତ୍ୟହ ସୂର୍ଯ୍ୟ ପୂଜା, ଚଣ୍ଡୀପାଠ, ଗୋ ପୂଜା ଓ ରୁଦ୍ରାଭିଷେକ କରା ଯିବାପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥାଏ।

ଯଜ୍ଞରେ ପ୍ରତାପେଶ୍ୱର ଦେବଙ୍କୁ ରାମ ତାରକ୍ ମନ୍ତ୍ର ଲିଖିତ ତିନି ଲକ୍ଷ ପଚିଶ ସହସ୍ର ବେଲପତ୍ର ସମର୍ପଣ କରାଯାଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ପୁରୀ ଜିଲା ପାରିକୁଦଗଡ଼ର ନୀଳକଣ୍ଠ ଦେବ, ତିଛଣର ତ୍ରିଲୋଚନ ଦେବ, ସିଆଣ୍ଡିର ଜଗତେଶ୍ୱର ଦେବ, ଚିଲିକା ନୂଆପଡ଼ାର ଗୁପ୍ତେଶ୍ୱର ଦେବ, କଟକ ଜିଲା ଆଠଗଡ଼ର ବିଶେଶ୍ୱର ଦେବ, ଢେଙ୍କାନାଳ ଜିଲା କରମୂଳର ଦଉଡ଼େଶ୍ୱର ଦେବ, ନୟାଗଡ଼ ଜିଲା ନାକିଠଣାର ବାଲୁଙ୍କେଶ୍ୱର ଦେବ, ପଟିଆର ଚଣ୍ଡେଶ୍ୱର ଦେବ, ଗଞ୍ଜାମ ଜଲା ବେଗୁନିଆପଡ଼ାର ଚନ୍ଦ୍ରଶେଖର ଦେବ, କେ.ବାରିଡାର ଅମରେଶ୍ୱର ଦେବ, ସାଙ୍କୁଡ଼ାର ଧବଳେଶ୍ୱର ଦେବ ଓ ଖୋର୍ଦ୍ଧା ଜିଲା ତମାଣ୍ଡୋର ବାଲୁଙ୍କେଶ୍ୱର ଦେବଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆମନ୍ତ୍ରିତ ହୋଇ ସୁସଜ୍ଜିତ ବିମାନରେ ଆସିଥିବା ଠାକୁରଙ୍କୁ ଯଜ୍ଞ ମଣ୍ଡପକୁ ପାଛୋଟି ନିଆଯାଇ ଯଜ୍ଞସ୍ଥଳରେ ଉପବେଶନ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ହେବା ପରେ ୩୮ଶମ୍ଭୁ, ୫ ବିଷ୍ଣୁ ପ୍ରତିମା ଓ ୧୦ କାଠି ଠାକୁରାଣୀଙ୍କୁ ଭକ୍ତମାନେ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ନେଇଥିଲେ। ମେଳଣ ପଡ଼ିଆରେ ସମସ୍ତ ଠାକୁର ବିଜେ ହେବା ପରେ ମେଳଣ ଅନୁଷ୍ଠିତ ହୋଇଥିଲା। ମେଳଣ ସମୟରେ ଆତସବାଜି ସହ ଘଣ୍ଟ, କାହାଳି, ମୃଦଙ୍ଗର ଶବ୍ଦ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଉକ୍ତ ମେଳଣରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମେଳଣ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଯଜ୍ଞ କମିଟି ସମସ୍ତଙ୍କୁ କୃତଜ୍ଞତା ଜଣାଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଖୋର୍ଦ୍ଧା ଅଫିସ/ବାଣପୁର, ୨୦।୫(ଡି.ଏନ୍.ଏ.)**

ବାଣପୁର ଥାନା ଅନ୍ତର୍ଗତ ନୀଳାଦ୍ରିପ୍ରସାଦ ମଧୁ ଛକ ନିକଟରେ ଶନିବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବଡ଼ସିରେଇପୁର ଗ୍ରାମର ପ୍ରମୋଦ ବିଶ୍ୱାଳ ଏବଂ ବେଢୁଲି ଗ୍ରାମର ବାପୁନି ନାୟକ। ଚିକିତ୍ସା ପାଇଁ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରମୋଦ ତାଙ୍କ ଜଣେ ସହଯୋଗୀଙ୍କ ସହ ବାଇକରେ କୌଣସି କାର୍ଯ୍ୟରେ ନୀଳାଦ୍ରିପ୍ରସାଦକୁ ଯାଉଥିଲେ। ବିପରୀତ ଦିଗରୁ ବାଇକରେ ବାପୁନି ତାଙ୍କ ସହଯୋଗୀଙ୍କ ସହ ନିଳାଦ୍ରୀପ୍ରସାଦ ପଟୁ ଫେରୁଥିଲେ। ମଧୁ ଛକରେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ ଚାଳକ ପ୍ରମୋଦ ଓ ବାପୁନି ଛିଟିକି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନୀଳାଦ୍ରିପ୍ରସାଦ ସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି।

## ଖଣିରୁ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ

**ନିରାକାରପୁର,୨୦।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବେଆଇନଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବଢ଼ିଚାଲିଛି। ତହସିଲ ଓ ଥାନା ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏହା ଥମୁନାହିଁ। ଶନିବାର ରାମେଶ୍ୱର ଅଞ୍ଚଳରେ ଥିବା ଖଣିରେ ପୋଲିସ ଚଢ଼ାଉ କରି ଏକ ମାଙ୍କଡ଼ା ବୋଝେଇ ଟ୍ରାକ୍ଟର (ଓଆର-୦୨-ବି ଏସ୍-୪୭୯୫) ଜବତ କରିଛି। ତେବେ ପଥର ମାଫିଆ ଓ ଗାଡ଼ି ଚାଳକ ଆଗୁଆ ସୂଚନା ପାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୨୫/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି।

## ‘ମହୋତ୍ସବ ଗ୍ରାମୀଣ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ’



କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୨୦।୫**

**ଉତ୍ତର ଖୋର୍ଦ୍ଧା ପଲ୍ଲୀ ମହୋତ୍ସବର ୪ର୍ଥ ସନ୍ଧ୍ୟା**

ଉତ୍ତର ଖୋର୍ଦ୍ଧା ସାଂସ୍କୃତିକ ମହାମିଳନ ସମିତି ଆନୁକୂଲ୍ୟରେ ବିଂକୁଡ଼ିଆ ପଡ଼ିଆରେ ଚାଲିଥିବା ଉତ୍ତର ଖୋର୍ଦ୍ଧା ପଲ୍ଲୀ ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ସମିତି ସଭାପତି ହୃଷୀକେଶ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପଲ୍ଲୀ ମହୋତ୍ସବ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିଥାଏ। ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, କଂଗ୍ରେସ ନେତା ସୁବାସ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଏହି ମହୋତ୍ସବ ଦ୍ୱାରା ଗ୍ରାମୀଣ ସଂସ୍କୃତିରେ ବିକାଶ ଆଣିବା ସହ ପ୍ରତିଭା ବିକଶିତ ହୋଇପାରିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ସମ୍ପାଦକ ରତ୍ନାକର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋଜ ପ୍ରତିହାରୀ ମଞ୍ଚ ପରିଚାଳନା କରିଥିଲେ। ନରେନ୍ଦ୍ର ଭଞ୍ଜଦେଓ, ଉପଦେଷ୍ଟା ଶ୍ରୀଧର ବେହେରା, କୋଷାଧ୍ୟକ୍ଷ ଭୁବନାନନ୍ଦ ସାହୁ, ସହସମ୍ପାଦକ ସମରେନ୍ଦ୍ର ନାଥ ଶତପଥୀ, ବରିଷ୍ଠ ସଭ୍ୟ ସରିଫ୍ ମହମ୍ମଦ, କାଶୀନାଥ ମହାଭୋଇ, ଶରତ ବେହେରା, ସୁବାସ ଚନ୍ଦ୍ର ସାହୁ, ଶୋଭନ ସାହୁ, କାଳୀ ଚରଣ ପଟ୍ଟନାୟକ, ବିଜୟ ବେହେରା, କାର୍ତ୍ତିକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍‌କୁ ଧକ୍କାଦେଇ ଦୋକାନକୁ ମାଡ଼ିଗଲା କାର୍

**ବେଗୁନିଆ,୨୦।୫(ଡି.ଏନ୍.ଏ.)**

**ଜଣେ ଗୁରୁତର, ବାଇକ୍ ନଷ୍ଟ**



ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଚକାପଦା ବଜାରରେ ଶନିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ କାର୍ ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେବା ସହ ଦୋକାନ ଉପରକୁ ମାଡ଼ିଯାଇଥିଲା। ଫଳରେ କାର୍ ଓ ବାଇକ୍ ନଷ୍ଟ ହେବା ସହ ଉଭୟ ଚାଳକ ଆହତ ହୋଇଥିଲେ। ତେବେ ଗୁରୁତର ବାଇକ୍ ଚାଳକ କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବେଗୁନିଆ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। କୈଳାସ ବାଇକ୍ ଧରି ଦୋକାନ ନିକଟରେ ଛିଡା ହୋଇଥିବା ବେଳେ ନୟାଗଡ଼ ପଟୁ ଆସୁଥିବା କାର ତାଙ୍କୁ ଧକ୍କା ଦେଇ ଦୋକାନ ଉପରକୁ ମାଡ଼ିଯାଇଥିଲା ବୋଲି ପୋଲିସ ସୂଚନା ଦେଇଛି।

### କଣ୍ଡରା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୨୦।୫ (ଡି.ଏନ୍.ଏ.)**

ଐତିହ୍ୟ କଣ୍ଡରା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଶନିବାର ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ କଲୋନୀରେ ଖୁସିର ମାହୋଲ ଦେଖାଯାଇଛି। ପ୍ରାୟ ୫ଏକର ପରିମିତ ଶ୍ରୀଲିଙ୍ଗରାଜ ମନ୍ଦିରର ଅନତୀ ଦୂରେ ଅବସ୍ଥିତ ଏହି ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏପରିକି କେତେଜଣ ବ୍ୟକ୍ତି ଏପୋଖରୀକୁ ପୋତି କିଣାବିକା କରିବାକୁ ଉଦ୍ୟମ କରିଥିଲେ। ଏହାର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦାବି ହୋଇ ଆସୁଥିଲା।

# ବସ୍ତି ଉଚ୍ଛେଦ ହେଲେ ରାଜରାସ୍ତାକୁ ଓହ୍ଲାଇବୁ

**ଖୋର୍ଦ୍ଧା ଅଫିସ,୨୦।୫**

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଟିଏଲ୍‌ସି ରୋଡ ସ୍ଥିତ ଏକ ବସ୍ତି ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ତେବେ ବସ୍ତି ବାସିନ୍ଦାଙ୍କୁ ଉପଯୁକ୍ତ ଥଇଥାନ କରା ନ ଯାଇ ଉଚ୍ଛେଦ ନୋଟିସକୁ ନେଇ ବସ୍ତି ବିକାଶ ସଂଘ ଏହାର ବିରୋଧ କରିଛି। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନରେ ସଂଘ ପକ୍ଷରୁ ପୌର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଉକ୍ତ ବସ୍ତିରେ ଦୀର୍ଘ ବର୍ଷ ଧରି ଏକାଧିକ ପରିବାର ରହୁଛନ୍ତି। ପୌର ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ମଧ୍ୟ ଯୋଗଇ ଦିଆଯାଇଛି। ତେବେ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ସେଠାରୁ ଉଚ୍ଛେଦ ଲାଗି ନୋଟିସ କରାଯାଇଛି ବୋଲି ସଂଘ ପ୍ରଶ୍ନ କରିଛି। ବସ୍ତି ଉଚ୍ଛେଦ ହେଲେ ସେଠାରେ ରହୁଥିବା ପରିବାର କୁଆଡେ ଯିବେ। ବସ୍ତି ଉଚ୍ଛେଦ କରାଗଲେ ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏନେଇ ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଜଣାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ବିକ୍ଷୋଭ ବେଳେ ସଂଘ ସଭାପତି ଅଶୋକ ସାହୁ, ଉପସଭାପତି ବିଜୟ ପାତ୍ର, ଜିତେନ୍ଦ୍ର ବେହେରା, ସମ୍ପାଦକ କାର୍ତ୍ତିକ ଘଡେଇଙ୍କ ସମେତ ବସ୍ତିବାସିନ୍ଦା ସାମିଲ ଥିଲେ।



ପୌର କାର୍ଯ୍ୟାଳୟ ଆଗରେ ବସ୍ତି ବିକାଶ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

**ଆନ୍ତର୍ବିଭାଗୀୟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ବିଦ୍ୟୁତ୍ ବିଭାଗ ଚାମ୍ପିୟନ

**ଜଟଣୀ,୨୦।୫(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସ୍ପୋର୍ଟ୍ସ ଆସୋସିଏଶନ ଦ୍ୱାରା ଆୟୋଜିତ ଆନ୍ତର୍ବିଭାଗୀୟ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ବିଦ୍ୟୁତ୍ (ସାଧାରଣ ଏବଂ ଟ୍ରାକ୍ସନ) ବିଭାଗ ଏବଂ ଇଲେକ୍ଟ୍ରିକ୍ ଲୋକୋ ସେଡ ବିଭାଗ ଅନୁଗୋଳ ମଧ୍ୟରେ ହୋଇଥିଲା। ଫଳରେ ବିଦ୍ୟୁତ୍ ବିଭାଗ ୫ ଉଇକେଟରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେଳ ପ୍ରବନ୍ଧକ ରିଙ୍କେଶ ରୟ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟୁତ୍ ବିଭାଗର ଆଇ.ଏସ୍. ଗିରି ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଇଲେକ୍ଟ୍ରିକ୍ ଲୋକୋ ସେଡ୍ ଅନୁଗୋଳର ସୁନୀଲ ପ୍ରସାଦ ଦଳାଇ ଶ୍ରେଷ୍ଠ ବୋଲର, ସିପକ୍ ସିଂହ ଶ୍ରେଷ୍ଠ ଫିଲ୍ଡର ଏବଂ ବିଦ୍ୟୁତ୍ ବିଭାଗର ଆଇ.ଏସ୍. ଗିରିଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା।




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ସେହିପରି ଟୁର୍ଣ୍ଣାମେଣ୍ଟର ସର୍ବୋତ୍ତମ ଅନୁଶାସନ ଟିମ୍ ଭାବେ ଅପରେଟିଂ ବିଭାଗକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତଟ ରେଳୱେ ମହିଳା କଲ୍ୟାଣ ସଙ୍ଗଠନ ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନର ସଦସ୍ୟ, ଅନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କ୍ରୀଡ଼ା ସଚିବ ଏମ୍.ଡି.ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧାରୋଡ୍ କ୍ରୀଡ଼ା ସଙ୍ଗଠନର ସଦସ୍ୟମାନେ ସଂଯୋଜନା କରିଥିଲେ। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା।




୨୦।୫।୨୦୨୩

| | |
|---|---|
| ୩,୫୨,୯୩୯ ଟଙ୍କା | |
| ସୁନା | ୨.୪୦୦ ଗ୍ରାମ୍ |
| ରୁପା | ୧୦ ଗ୍ରାମ୍ |

# ଦର୍ଶନ ପାଇଁ ଭକ୍ତଙ୍କଠାରୁ ଟଙ୍କା ନେଉଥିବା ଅଭିଯୋଗ

**ପୁରୀ ଅଫିସ,୨୦।୫**

ଶ୍ରୀମନ୍ଦିରରେ ନିୟୋଜିତ ଥିବା କେତେଜଣ କର୍ମଚାରୀ ଟଙ୍କା ନେଇ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଉଥିବା ନେଇ ଅଭିଯୋଗ ହୋଇଛି। ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନଙ୍କ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରୁଥିବା ବେଳେ ଅନ୍ୟ କେତେଜଣ ଶ୍ରଦ୍ଧାଳୁ ଖରା ପାଇଁ ବାହାରେ ଅପେକ୍ଷା କରିଥିଲେ। ଏହାର ସୁଯୋଗ ନେଇ ଶ୍ରୀମନ୍ଦିରର କେତେଜଣ କର୍ମଚାରୀ କେତେଜଣ ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇ ଦେବାକୁ କହି ଟଙ୍କା ନେଉଥିଲେ। ଏ ସମ୍ପର୍କରେ କେତେଜଣ ଭକ୍ତ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଥିପ୍ରତି କଡ଼ା ନଜର ରଖିଛି। ଏ ନେଇ ସୁଆର ମହାସୁଆର ନିଯୋଗର ବରିଷ୍ଠ ସେବାୟତ ଦାମଦୋର ମହାସୁଆର କହିଛନ୍ତି, ପ୍ରତିଦିନ ଶ୍ରୀମନ୍ଦିର ପରିସରରେ ଶ୍ରୀମନ୍ଦିର ପୋଲିସର କିଛି କର୍ମଚାରୀ ଉଚ୍ଚପଦସ୍ଥ ଅଧିକାରୀଙ୍କ ଜାଣତରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କଠାରୁ ହଜାର ହଜାର ଟଙ୍କା ନେଇ ବେଆଇନ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଛାଡୁଛନ୍ତି। କାର୍ଯ୍ୟରେ ନିଯୁକ୍ତି ଥିବା କର୍ମଚାରୀମାନେ ଟଙ୍କା ନେଇ ଘଣ୍ଟି ଦ୍ୱାର, ମୁଦୁଲି ଦ୍ୱାର ସହ ଅନ୍ୟାନ୍ୟ ଦ୍ୱାରରେ ଭକ୍ତମାନଙ୍କୁ ଛାଡୁଛନ୍ତି। ଅପରପକ୍ଷେ ଭକ୍ତଙ୍କୁ କାହିଁକି ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଛଡାଯାଉ ନାହିଁ ବୋଲି ସେ ମୁଖ୍ୟ ପ୍ରଶାସକଙ୍କୁ ଜଣାଇଥିଲେ। ତେଣୁ ପୁରୀ ସହରବାସୀଙ୍କ ପାଇଁ ଆଧାର କାର୍ଡ ଦେଖାଇ ଚାରିଦ୍ୱାର ଦେଇ ଦର୍ଶନ ପାଇଁ ଅନୁମତି ମିଳୁ ବୋଲି ସେ କହିଛନ୍ତି। ଅପରପକ୍ଷେ ନୀତି ବିଳମ୍ବକୁ ନେଇ ସୁଆର ମହାସୁଆର ପକ୍ଷରୁ କ୍ଷତିପୂରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାବି କରାଯାଇଛି।

**ସିସିଟିଭି ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନିଆଯିବ: ମୁଖ୍ୟ ପ୍ରଶାସକ**

ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଯାହାସବୁ ବ୍ୟକ୍ତିଗତ ଅଭିଯୋଗ ଆସିଛି ବା ସମସ୍ୟା ରହିଛି ତାହା ଉପରେ ଆଲୋଚନା କରାଯିବ। ସେହିପରି ଟଙ୍କା ନେଇ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରୁଥିବା ଘଟଣାର ତଦନ୍ତ କରାଯିବ। ସିସିଟିଭି ଯାଞ୍ଚ କରାଯିବ। ଯେଉଁମାନେ ଏଭଳି କାର୍ଯ୍ୟ କରୁଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିରରେ କେବେ ମଧ୍ୟ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି। ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲିବା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ଦାସ ସୂଚନା ଦେଇଛନ୍ତି।



ପୁରୀ ରଥଖଳାରେ ହେଉଥିବା ରଥ ନିର୍ମାଣ କାର୍ଯ୍ୟରେ ଶନିବାର ଚକ ସହ ଅଖର ସଂଯୋଗ ହୋଇଛି।

# ୩ ରଥର ସମସ୍ତ ଚକ ସହ ଅଖ ସଂଯୋଗ ହେଲା



**ପୁରୀ ଅଫିସ,୨୦।୫**

**ରଥଖଳାରୁ ...**

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ୩୦ ଦିନରୁ କମ ସମୟ ଥିବା ବେଳେ ଶ୍ରୀନଅର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଭକ୍ତିପୂତ ପରିବେଶ ମଧ୍ୟରେ ରଥ ନିର୍ମାଣରେ ନିୟୋଜିତ ଥିବା ସେବକ ଓ କାରିଗରମାନେ ରଥ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ତେବେ ଭଉଁରି ତିଥିରେ ତିନିରଥର ଗୋଟିଏ ନାହାକା ଅଖରେ ଚକ ଲାଗିହୋଇ ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଥିବା ବେଳେ ଶନିବାର ତିନିରଥର ବାକି ୩୬ ଚକରେ ୧୮ଟି ଅଖ ଲାଗି ହୋଇ ରଥଖଳାରେ ଡେରା ଯାଇଛି। ଫଳରେ ତିନି ରଥର ମୋଟ ୪୨ଟି ଚକ ସହ ୨୧ଟି ଅଖର ସଂଯୋଗ ସମ୍ପନ୍ନ ହୋଇଛି। ତିନିରଥ ମୁଖ୍ୟ ମହାରଣା ଏବଂ ରଥ ଆମିନଙ୍କ ପରାମର୍ଶକ୍ରମେ ଭୋଇ ସର୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ତିନିରଥର ଭୋଇ ସେବକମାନେ ପ୍ରତ୍ୟେକ ରଥର ଚକଗୁଡ଼ିକୁ ନମ୍ବରିଂ କରି ସାରିବା ପରେ ପ୍ରତ୍ୟେକ ରଥର ଅନ୍ୟ ନାହାକା ଅଖ, ପଡି ନାହାକା ଅଖ, ବଡ ଉଛୁଳା ଅଖ ଏବଂ ସାନ ଉଛୁଳା ଅଖଗୁଡିକରେ ଚକ ସହ ସଂଯୋଗ କରିଥିଲେ। ସେହିପରି ତିନିରଥର ପାଞ୍ଚ ଦଣ୍ଡା ହଣା ଅନୁକୂଳ ପୂଜା ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ସମ୍ପନ୍ନ ହେବା ପରେ ତିନିରଥର ମହାରଣାମାନେ ପାଞ୍ଚ ଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦିଘୋଷ ରଥର ଦୁଇଟି ଗରଗରାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥ ଏବଂ ଦର୍ପଦଳନ ରଥର ଦୁଇଟି ଲେଖାଏ ଗରଗରାର ଚଉପଟ କାର୍ଯ୍ୟ ଜାରି ରହିଛି। ଦର୍ପଦଳନ ରଥର ଦୁଇଟି ଚାରି ନାହାକାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ଦୁଇଟି ଲେଖାଏ ଚାରି ନାହାକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥର କରତି ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଲ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ରୂପକାର ସେବକମାନେ ତିଖ ଗୁଜ ଏବଂ କୋଣ ଗୁଜଗୁଡିକରେ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ତଥା ରୂପର ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା ପାଇଁ ଦଣ୍ଡା ବିଡ଼ିଆ ଏବଂ ଚଉରସ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ

ନିମାପଡ଼ା,୨୦।୫(ଡି.ଏନ୍.ଏ.)- ଚାରିଛକ ଥାନା ଅଞ୍ଚଳର ଜଣେ ୩୦ ବର୍ଷୀୟାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ନେଇ ମହିଳା ଜଣକ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ବଳାତ୍କାର ଉଦ୍ୟମକାରୀ ଯୁବକ ରାକେଶ ଖାନ୍ ଓରଫ ରକିଙ୍କ ବିରୋଧରେ ଦଫା ୪୫୭, ୩୨୩, ୩୫୪,୨୯୪ରେ ନଂ. ୫୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ କିଛିଦିନ ତଳେ ମହିଳାଙ୍କ ସ୍ୱାମୀ, ଦିଅର ଘରେ ନ ଥିବାବେଳେ ମହିଳା ତାଙ୍କ ଘରର କବାଟ ଖୋଲି ରାତିରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଗ୍ରାମର ରାକେଶ ତାଙ୍କ ଘରେ ପଶି ତାଙ୍କୁ ଜୋରଜବରଦସ୍ତ ଟଣାଓଟରା କରି ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏଥିରେ ମହିଳା ଜଣକ ପାଟି କରିବାରୁ ଅନ୍ୟ ଘରେ ଶୋଇଥିବା ଶାଶୁ ଶ୍ୱଶୁର ତାଙ୍କ ପାଖରେ ପହଞ୍ଚିବାରୁ ଯୁବକ ଜଣକ ଖଟତଳେ ଲୁଚି ଯାଇଥିଲେ। ପରିବାର ଲୋକେ ଉକ୍ତ ଯୁବକଙ୍କୁ ଖଟତଳୁ କାବୁ କରିଥିଲେ ମଧ୍ୟ ଯୁବକ ସେମାନଙ୍କୁ ଠେଲି ସେଠାରୁ ପଳାଇବାରେ ସଫଳ ହୋଇଥିଲେ। ଏ ସମ୍ପର୍କରେ ମହିଳା ତାଙ୍କ ପରିବାର ଓ ଗ୍ରାମ ମୁରବିଙ୍କୁ ଜଣାଇଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଯୁବକ ମହିଳାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ମାତ୍ର ମହିଳା ଜଣକ ମୁରବିମାନଙ୍କଠାରୁ ନ୍ୟାୟ ନ ପାଇ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

### ୧୧ ଫୁଟ୍ ଅଜଗର ଉଦ୍ଧାର

ସାକ୍ଷୀଗୋପାଳ,୨୦।୫(ଡି.ଏନ୍.ଏ.)- ୧୧ ଫୁଟ ଲମ୍ବର ଏକ ଅଜଗର ସାପକୁ ସତ୍ୟବାଦୀ ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଡିରୁ ଶନିବାର ଉଦ୍ଧାର କରାଯାଇଛି। ଦାସବିଦ୍ୟାଧରପୁର ପଞ୍ଚାୟତର ଜଗନ୍ନାଥ ମନ୍ଦିର ନିକଟରେ ଥିବା ମନୋଜ କୁମାର ରଥଙ୍କ ବାଡ଼ରେ ଘେରା ଯାଇଥିବା ଜାଲ ମଧ୍ୟରେ ସାପଟି ଛନ୍ଦି ହୋଇଯାଇଥିଲା। ମଧ୍ୟାହ୍ନରେ ଲୋକମାନେ ଦେଖି ଭୟଭୀତ ହୋଇଯାଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଖବରପାଇ ସ୍ନେକ ହେଲ୍ପଲାଇନର ସଦସ୍ୟମାନେ ଗ୍ରାମକୁ ଆସି ସାପଟିକୁ ଉଦ୍ଧାର କରିଥିଲେ। ସାପଟିର ଓଜନ ପ୍ରାୟ ଆନୁମାନିକ ୩୨ କେଜି ହେବ ବୋଲି ଜଣାପଡିଛି। ଉଦ୍ଧାର ପରେ ସୁସ୍ଥ ଅଜଗରକୁ ସୁରକ୍ଷିତ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି।

### ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଜଣେ ଏ-୧ରେ ଉତ୍ତୀର୍ଣ୍ଣ



କାକଟପୁର, ୨୦।୫ (ଡି.ଏନ୍.ଏ.)- ଚଳିତ ମାଟ୍ରିକ ପରୀକ୍ଷାରେ କାକଟପୁର ଅଞ୍ଚଳର କାକଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ରାଜଲକ୍ଷ୍ମୀ ଦୀକ୍ଷିତ୍ ୫୬୧ ନମ୍ବର ରଖି ବ୍ଲକରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟରେ ସେ ଜଣେ ଏ-୧ ରଖିଥିବାବେଳେ ୧୮ ଜଣ ଏ-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜଲକ୍ଷ୍ମୀଙ୍କ ଏହି ସଫଳତା ପାଇଁ ସେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକଙ୍କୁ ଶ୍ରେୟ ଦେଇଛନ୍ତି। ରାଜଲକ୍ଷ୍ମୀଙ୍କ ବାପା ଅଭିରାମ ଦୀକ୍ଷିତ ଜଣେ କାର୍ଯ୍ୟରତ ଫାର୍ମାସିଷ୍ଟ ସହ ମା'ମଙ୍ଗଳାଙ୍କ ସେବକ ହୋଇଥିବାବେଳେ ଝିଅର କୃତିତ୍ୱ ପାଇଁ ସେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଜଲକ୍ଷ୍ମୀ ଆଗକୁ ପ୍ରଶାସନିକ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଛନ୍ତି। ବ୍ଲକରେ ମୋଟ ୬ଟି ବିଦ୍ୟାଳୟର ୧୦ ଜଣ ଏ-୧ ପାଇଥିବା ଜଣାପଡିଛି।

# ଶହୀଦଙ୍କ ପରିବାରକୁ ଭେଟିଲେ ପର୍ବତାରୋହୀ ସିଦ୍ଧାର୍ଥ

**ସାକ୍ଷୀଗୋପାଳ, ୨୦।୫(ସ୍ୱ.ପ୍ର./ଡି.ଏନ୍.ଏ.)**

**■ ଭୁବନେଶ୍ୱରରୁ ସତ୍ୟବାଦୀ ସାଇକେଲରେ ଗଲେ**
**■ ସ୍ମୃତି ପାଇଁ ୬୦ ନଡ଼ିଆ ଗଛ ପୋତିଲେ**

ସମାଜରେ ଶାନ୍ତି ପ୍ରତିଷ୍ଠା ଓ ବିଶ୍ୱ କଲ୍ୟାଣ ପାଇଁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁତ୍ର ତଥା ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ ବିଭିନ୍ନ ସମୟରେ ଅନେକ ପ୍ରକାର ପଦକ୍ଷେପ ଗ୍ରହଣ କରି ଚର୍ଚ୍ଚାରେ ରହିଛନ୍ତି। କେତେବେଳେ ୟୁକ୍ରେନ ଓ ରୁଷର ଯୁଦ୍ଧ ପାଇଁ ଶାନ୍ତିର ବାର୍ତ୍ତା ଦେଉଛନ୍ତି ତ ପୁଣି ବିଶ୍ୱର ମଙ୍ଗଳ କାମନା ପାଇଁ ପ୍ରଭୁ ଜଗନ୍ନାଥଙ୍କ ବାନାକୁ ଗିରିରାଜ ହିମାଳୟର ଶିଖରରେ ପୋତି ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛନ୍ତି। ଶନିବାର ଏହିଭଳି ଆଉ ଏକ ପଦକ୍ଷେପ ଗ୍ରହଣ କରି ସତ୍ୟବାଦୀ ଅଞ୍ଚଳରେ ଚର୍ଚ୍ଚାରେ ରହିଛନ୍ତି ସିଦ୍ଧାର୍ଥ। ସତ୍ୟବାଦୀ ଅଳଗୁମ ପଞ୍ଚାୟତର ଖଣ୍ଡାୟତ ସାହିର ଶହୀଦ ଦେବାଶିଷ ବିଶ୍ୱାଳଙ୍କ ପରିବାରକୁ ଭେଟିବା ପାଇଁ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରୁ ପ୍ରାୟ ୪୦କିଲୋମିଟର ନିଜର ସହପାଠୀଙ୍କ ସହିତ ସାଇକେଲରେ ଯାତ୍ରା କରି ଆସିଛନ୍ତି। ପ୍ରଥମେ ସେ ସତ୍ୟବାଦୀର ସାକ୍ଷୀଗୋପାଳ ମନ୍ଦିର ନିକଟରେ ପହଞ୍ଚି ସାକ୍ଷୀଗୋପାଳଙ୍କ ଆଶୀର୍ବାଦ ନେବା ସହ ପଞ୍ଚସଖାଙ୍କ ସମାଧି ପୀଠକୁ ଯାଇ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶହୀଦ ଦେବାଶିଷଙ୍କ ପରିବାରକୁ ଭେଟି ପରିବାରର ସଦସ୍ୟଙ୍କୁ ସାନ୍ତ୍ୱନା ଦେବା ସହିତ ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଦ୍ଧାର୍ଥଙ୍କ ସହିତ ତାଙ୍କ ଭିଣୋଇ ତଥା ପିସିସିର ପୂର୍ବତନ ସଭାପତି କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଦିଲୀପ ହରିଚନ୍ଦନଙ୍କ ସମେତ ପାଇକ ଆଖଡା ଏକାଡେମୀର ୨୦ଜଣ ସଦସ୍ୟ ଶହୀଦଙ୍କ ପରିବାରକୁ ଭେଟିଥିଲେ। ଏହି ଅବସରରେ ସିଦ୍ଧାର୍ଥ ଶହୀଦ ଦେବାଶିଷଙ୍କ ଝିଅ ପାଇଁ ଗୋଟିଏ ସାଇକେଲ ଓ ପରିବାରକୁ ଶହୀଦ ସହାୟତା ପୁସ୍ତିକା ପ୍ରଦାନ କରିଥିଲେ। ସେହିପରି ଶହୀଦ ଦେବାଶିଷଙ୍କ ଉଦ୍ଦେଶ୍ୟରେ ଗ୍ରାମ ଶ୍ମଶାନ, ଗ୍ରାମ ପୋଖରୀ ହୁଡ଼ାରେ ଗ୍ରାମବାସୀଙ୍କ ସହାୟତାରେ ୬୦ଟି ନଡ଼ିଆ ଚାରାରୋପଣ କରାଯାଇଥିଲା। ଦେବାଶିଷଙ୍କ ବଳିଦାନକୁ ମନେପକାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।



ଶହୀଦ ଦେବାଶିଷଙ୍କ ପରିବାରକୁ ସହାୟତା ପୁସ୍ତକ ପ୍ରଦାନ କରୁଛନ୍ତି ସିଦ୍ଧାର୍ଥ ରାଉତରାୟ।

# ବ୍ଲକରେ ଖୋଲିଲା ପ୍ରଥମ ଧାନମଣ୍ଡି

**କଣାସ,୨୦।୫(ସ୍ୱ.ପ୍ର.)**

କଣାସରେ ପ୍ରତିଷ୍ଠିତ ମା' କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ସରକାରୀ ଧାନମଣ୍ଡି ଖୋଲାଯାଇଛି। ସମିତି ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମଣ୍ଡି ଖୋଲିବା ସମୟରେ ସମିତି ବୋର୍ଡ ସଭ୍ୟ ଅଭିମନ୍ୟୁ ଜୟସିଂ, ଶ୍ରୀକାନ୍ତ କୁମାର ପଟ୍ଟଯୋଷୀ, ପ୍ରକାଶ ପ୍ରଧାନ, ରବୀନ୍ଦ୍ର ବଳବନ୍ତରାୟ, ପ୍ରଭାକର ବଳିୟାରସିଂ, ସୁମିତ୍ର ଭୋଳ, ତୁଳସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୭ ଚାଷୀଙ୍କଠାରୁ ୨୬୦ କୁଇଣ୍ଟାଲ ୭୩ କେଜି ଗୋପାଳ ଜୀ ରାଇସ୍‌ମିଲ୍, ଅରିସଲ କ୍ରୟ କରିଥିଲା। ସମିତି ସମ୍ପାଦକ ଧୀରେନ୍ଦ୍ର ମାନସିଂ, ପ୍ରଦେଶ ରାୟ, ତାପସ ପାଲଟାସିଂ ପ୍ରମୁଖ ଉପସ୍ଥିତ ଥିଲେ। କୁଇଣ୍ଟାଲ ପିଛା ଦର ୨୦୪୦ ଟଙ୍କା ରଖାଯାଇଥିବାବେଳେ ମିଲରମାନେ କୁଇଣ୍ଟାଲ ପିଛା ୬କେଜି ଧାନ କାଟୁଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆନ୍ଧ୍ର ବେପାରୀମାନେ କୁଇଣ୍ଟାଲ ପିଛା ୧୮୫୦ ଟଙ୍କାରେ ଧାନ କ୍ରୟ କରୁଥିବାରୁ ଚାଷୀ ମଣ୍ଡିରେ ଧାନ ଦେବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡିଛି।



କଣାସରେ ମା' କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି।

# ପୁରୀ-ଦୁର୍ଗ ଏକ୍ସପ୍ରେସ୍ ବ୍ରେକ୍‌ରେ ନିଆଁ

**ସାକ୍ଷୀଗୋପାଳ, ୨୦।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ପୁରୀ -ଦୁର୍ଗ ଏକ୍ସପ୍ରେସ୍ ଟ୍ରେନଟି ସାକ୍ଷୀଗୋପାଳ ନିକଟରେ ଶନିବାର ଏକ ଅଘଟଣ ଘଟିଛି। ଶନିବାର ପୁରୀ- ଦୁର୍ଗ ଏକ୍ସପ୍ରେସ ପୁରୀରୁ ସମୟ ଅନୁସାରେ ଛାଡିଥିଲା। ହେଲେ ଟ୍ରେନଟି ସାକ୍ଷୀଗୋପାଳ ଓ ପୁରୁଷୋତ୍ତମପୁର ଅଞ୍ଚଳ ନିକଟରେ ପହଞ୍ଚିବା ସମୟରେ ହଠାତ୍ ଟ୍ରେନଟିର ମଝି ଅଂଶରେ ଥିବା ବ୍ରେକରୁ ନିଆଁ ଲାଗିଥିଲା। ପରେ ଲୋକଙ୍କଠାରୁ ସୂଚନା ପାଇ ଟ୍ରେନଟି ରହିଥିଲା। ନିଆଁ ଲାଗିବା ପରେ ଲୋକମାନେ ଭୟଭୀତ ହୋଇଯାଇଥିଲେ। ତୁରନ୍ତ ଇଞ୍ଜିନିୟରମାନେ ଆସି ନିଆଁ ଲିଭାଇବା ସହ ଆବଶ୍ୟକ ମରାମତି କରାଯିବା ପରେ ଟ୍ରେନଟି ଛାଡ଼ିଥିଲା। ରେଳ ଏବଂ ରେଳ ଯାତ୍ରୀ ସମ୍ପୂର୍ଣ୍ଣ ନିରାପଦ ରହିଛନ୍ତି।




# ସ୍ୱଚ୍ଛ ଭାରତ ଅଭିଯାନର କେନ୍ଦ୍ରୀୟ ଟିମ୍‌ଙ୍କ ସତ୍ୟବାଦୀ ପରିଦର୍ଶନ

**ସାକ୍ଷୀଗୋପାଳ, ୨୦।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ଶନିବାର ଭାରତ ସରକାରଙ୍କ ପାନୀୟ ଜଳ ପ୍ରକଳ୍ପ ଓ ପରିମଳ ବିଭାଗର ଅତିରିକ୍ତ ସଚିବ ବିକାଶ ଶୀଲଙ୍କ ସମେତ ସ୍ୱଚ୍ଛ ଭାରତ ଅଭିଯାନର କେନ୍ଦ୍ରୀୟ ଟିମ୍ ଶନିବାର ସତ୍ୟବାଦୀ ଗସ୍ତରେ ଆସି ବ୍ଲକର ବଳପୁର ପଞ୍ଚାୟତରେ ପହଞ୍ଚି ଥିଲେ। ସେ ଉକ୍ତ ପଞ୍ଚାୟତର ଆନନ୍ଦପୁର ଗ୍ରାମରେ ପହଞ୍ଚି ଲୋକମାନେ ବ୍ୟବହାର କରୁଥିବା ପାନୀୟ ଜଳକୁ ନିଜେ ପିଇବା ସହିତ ପାଣିର ମାନର ପରୀକ୍ଷା କରିଥିଲେ। ପାଣି ଉଚିତମାନ ସହ ବିଶୁଦ୍ଧ ହୋଇଥିବାରୁ ଅନ୍ୟ ଘରୋଇ ଲୋକଙ୍କୁ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ପରିମଳ ବିଭାଗ ପକ୍ଷରୁ ଲୋକଙ୍କୁ ଦିଆଯାଇଥିବା ଲାଟ୍ରିନ ଓ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦିଆଯାଇଥିବା ଡମ୍ପିଂୟାର୍ଡଗୁଡ଼ିକ ବୁଲି ଦେଖିବା ସହିତ ଠିକ୍ ପରିଚାଳନା ପାଇଁ ଖୁସି ପ୍ରକଟ କରିଥିଲେ। ପରେ ଅନ୍ୟ ପଞ୍ଚାୟତର ଗ୍ରାମକୁ ଯାଇ ପାନୀୟ ଜଳର ବ୍ୟବହାର ନେଇ ଲୋକମାନଙ୍କ ସହ ପଚାରି ବୁଝିଥିଲେ। ଏପରିକି ଗ୍ରାମଗୁଡ଼ିକରେ ଥିବା ପାଣିଟାଙ୍କି, ନଳକୂପ, ପାଇପ ଲାଇନ କିଛି କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ଯାଞ୍ଚ କରିଥିଲେ। ଏହି ପରିଦର୍ଶନ ସମୟରେ ସତ୍ୟବାଦୀ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଲୋଚନ ଦାଶ, ପାନୀୟ ଜଳ ବିଭାଗର ୨ ଯନ୍ତ୍ରୀ, ଓଡ଼ିଶାର ଦାୟିତ୍ୱରେ ରହିଥିବା ସ୍ୱଚ୍ଛ ଭାରତ ମିଶନର ମାଷ୍ଟର ଟ୍ରେନର ଶ୍ରୀପତି ମହାପାତ୍ର ଓ ବଳପୁର ପଞ୍ଚାୟତ ସରପଞ୍ଚ ଉପସ୍ଥିତ ଥିଲେ।



ସ୍ୱଚ୍ଛ ଭାରତ ଅଭିଯାନର କେନ୍ଦ୍ରୀୟ ଟିମ୍‌ର ଅଧିକାରୀମାନେ ସତ୍ୟବାଦୀର ଏକ ଅଞ୍ଚଳରେ ପାନୀୟ ଜଳପାନ କରି ଯାଞ୍ଚ କରୁଛନ୍ତି।

**ସଡ଼କ ସୁରକ୍ଷା ସଚେତନତା**

**କଟକ ଅଫିସ:** ୪୨ ମୌଜା ଅଧୀନ ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ମହିଳା ଶିଶୁ କଲ୍ୟାଣ ସମିତିର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟ ରାସ୍ତାରେ ସ୍ୱେଚ୍ଛାସେବୀମାନେ ବାଇକ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧିବା ଓ ବୈଧ କାଗଜପତ୍ର ରଖିବା ଉପରେ ସଚେତନ କରାଇଥିଲେ। ଏଥିରେ ସେମାନଙ୍କୁ ଟ୍ରାଫିକ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧାପକ ଡ. ସେକ୍ କଲିମୁଲ୍ଲାଙ୍କ ସମେତ ପ୍ରଫେସର ବିଶ୍ୱମୋହନ ଜେନା, ସମିତି ସମ୍ପାଦିକା ମିନତି ବିନ୍ଧାଣୀ, ବିଚିତ୍ରାନନ୍ଦ ପତି, ଅଧାପକ ଅବିନାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନଦୀରେ ଭାସିଯାଇ ଛାତ୍ର ନିଖୋଜ

**କଟକ ସଦର, ୨୦।୫(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାର ସିଡୁଆ ନଦୀରେ ଶନିବାର ଭାସିଯାଇ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସ୍ଥାନୀୟ ଚାନ୍ଦୁଲି ଗ୍ରାମର ତ୍ରୈଲୋକ୍ୟ ସାସମଲଙ୍କ ପୁଅ ଶୁଭମ୍ ସାସମଲ(୧୪)। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଶୁଭମ୍ ଅନ୍ୟ ସାଙ୍ଗମାନଙ୍କ ସହିତ ସିଡୁଆ ନଦୀର ଚାନ୍ଦୁଲି ଘାଟରେ ଗାଧଉଥିବାବେଳେ ପାଣି ସ୍ରୋତରେ ଭାସି ଯାଇଥିଲେ। ଖବରପାଇ ବିରିଡି ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ ଟିମ୍ ମିଳିତ ଭାବେ ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟାସୁଦ୍ଧା ଶୁଭମ୍‌ଙ୍କ ପତ୍ତା ମିଳି ନ ଥିଲା। ସେ ବରାଳ ଗ୍ରାମ ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ନାଥ ନୋଡାଲ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର।



### ପଟଣା ଗ୍ରାମରେ ପାଠଚକ୍ର

**କଟକ ସଦର, ୨୦।୫(ଡି.ଏନ୍.ଏ.):** ପୂଜ୍ୟ ପ୍ରପତ୍ତିଙ୍କ ଶତବାର୍ଷିକ ଉପଲକ୍ଷେ କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ପଟଣା ଗ୍ରାମରେ ଶନିବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ରରେ ଆନନ୍ଦମୟ ଜଗତର ପଦଧ୍ୱନି ଉପରେ ଆଲୋଚନା ହୋଇଥିଲା। ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଳିନ୍ଦୀ ଚରଣ ସେନାପତି, କୈବଲ୍ୟ ଜେନା ଯୋଗଦେଇ ଆଧାତ୍ମିକତାରେ ଆନନ୍ଦମୟ ଉପରେ ବକ୍ତବ୍ୟ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀମାଙ୍କ ଅର୍ଗାନ ମ୍ୟୁଜିକ୍ ସହ ସମବେତ ଧ୍ୟାନ ପୂର୍ବକ ଶ୍ରୀଅରବିନ୍ଦଙ୍କ ରଚିତ ଦୁର୍ଗା ସ୍ତୋତ୍ରକୁ ସୃଷ୍ଟି ସୃଜନିକା ଦାସ ମହାପାତ୍ର ଆବୃତ୍ତି କରିଥିଲେ। ରଶ୍ମିତା ପତି ଭକ୍ତି ସଙ୍ଗୀତ ଗାନ କରିଥିବାବେଳେ କବି ସରୋଜ ନଳିନୀ ପରିଜା ଧନ୍ୟବାଦ ଦେଇଥିଲେ। ଏହି ପାଠଚକ୍ରରେ ପ୍ରଶାନ୍ତ କୁମାର ନନ୍ଦ, ଧର୍ମାନନ୍ଦ ପାଣ୍ଡେ, ଶଙ୍କର୍ଷଣ ସେନାପତି, ଶ୍ରାବନ୍ତିକା ମହାନ୍ତି, ନିକୁଞ୍ଜ ବିହାରୀ ମହାନ୍ତି, ଫକୀର ଚରଣ ଜେନା, ଗାୟତ୍ରୀ ପତି, ଉପେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଡା. ବୈଦ୍ୟନାଥ ମିଶ୍ରଙ୍କ ପରଲୋକ

**କଟକ ଅଫିସ, ୨୦।୫:** କଟକ ବଜ୍ରକବାଟିସ୍ଥିତ ବାସଭବନରେ ଭେଷଜ ବିଶେଷଜ୍ଞ ଡା. ବୈଦ୍ୟନାଥ ମିଶ୍ର(୮୮)ଙ୍କର ଶନିବାର ପରଲୋକ ହୋଇଯାଇଛି। ଗତ ୪ ମାସ ଧରି ସେ ଅସୁସ୍ଥ ଥିଲେ। ପୁତ୍ର ଡା. ବରଦାକାନ୍ତ ମିଶ୍ର ତାଙ୍କର ଚିକିତ୍ସା କରୁଥିଲେ। ବାଲିପାଟଣା ନିକଟସ୍ଥ ତୁରିନ୍ତିରା ଶାସନରେ ଡା. ବୈଦ୍ୟନାଥ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ମେଡିସିନରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ଏହାପରେ ସେ କଟକ ଓ ବୁର୍ଲାରେ ଅଧାପନା କରି ଛାତ୍ର ବତ୍ସଳ ତଥା ଧନ୍ୱନ୍ତରୀ ଭାବେ ସୁନାମ ଅର୍ଜନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ପ୍ରମଦା, ପୁତ୍ର ବରଦାକାନ୍ତ, ପୁତ୍ରବଧୂ ପ୍ରମୁଖ ଉପସ୍ଥିତ ଥିଲେ। ଝିଅ ସଂଯୁକ୍ତା ଓ ଜ୍ୱାଇଁ ଅଜିତ୍ ଦିଲ୍ଲୀରୁ ଆସି ଏଠାରେ ପହଞ୍ଚିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି।



### ବରିଷ୍ଠ ରାଜନେତା ଅଶୋକ ସାମଲଙ୍କ ସ୍ମୃତିସଭା

**କଟକ ଅଫିସ, ୨୦।୫:** ବରିଷ୍ଠ ରାଜନେତା ଅଶୋକ ସାମଲଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା କଟକ ଟାଉନ୍ ହଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଶୋକ ସାମଲ ଜଣେ ସ୍ନେହୀ, ପରୋପକାରୀ ବ୍ୟକ୍ତି ଓ ସୁସଙ୍ଗଠକ ଥିଲେ। ଅଣକଂଗ୍ରେସ ରାଜନୀତିରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ଦଳରେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇପାରିଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଚିତ୍ତରଞ୍ଜନ ମହାନ୍ତି, ଅମରେନ୍ଦୁ ମହାନ୍ତି, ଲଲାଟେନ୍ଦୁ ବଡୁ, ପ୍ରତାପ ଶତପଥୀ, ଗୌତମ ଦାସ, କେଦାର ପୃଷ୍ଟି, ଅଜୟ କୁମାର ବିହାରୀ, ଗିରିବାଳା ବେହେରା, ଜ୍ୟୋତି ପ୍ରକାଶ ଘୋଷ, ବିଚିତ୍ରାନନ୍ଦ ମିଶ୍ର, ଚୌଧୁରୀ କାଶୀନାଥ ମଲ୍ଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ନଭେମ୍ବର ସୁଦ୍ଧା ନିର୍ମାଣ ହେବ ନୂଆ ମନ୍ଦିର

## କଟକ ଚଣ୍ଡୀମନ୍ଦିରର ରୂପାନ୍ତରଣ ସମୀକ୍ଷା ବୈଠକ

**କଟକ ଅଫିସ, ୨୦।୫**

କଟକ ଚଣ୍ଡୀମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ସେଠାରେ ଥିବା ପୁରୁଣା ମନ୍ଦିର ଭଙ୍ଗାଯାଇ ନୂତନ ମନ୍ଦିର ନିର୍ମାଣ କରାଯିବ। ଏହାର ନିର୍ମାଣ କାର୍ଯ୍ୟ ଆସନ୍ତା ନଭେମ୍ବର ସୁଦ୍ଧା ଶେଷ ହେବ। ଚଣ୍ଡିମନ୍ଦିର ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ କମିଟି ମୁଖ୍ୟ ତଥା ସିଡିଏ ଅଧକ୍ଷ ଅନିଲ କୁମାର ସାମଲ ସୂଚନା ଦେଇଛନ୍ତି। ମନ୍ଦିର ପାଇଁ ଆବଶ୍ୟକ ଖାଣ୍ଡେଲାଇଟ୍ ପଥର ଧାର୍ଯ୍ୟ ସମୟ ମଧ୍ୟରେ ପହଞ୍ଚିଯାଇଥିବାବେଳେ ଶିଳ୍ପୀମାନଙ୍କ ଦ୍ୱାରା କାରୁକାର୍ଯ୍ୟ ଓ ଖୋଦେଇ କାମ ଆରମ୍ଭ ହୋଇଯାଇଛି। ବିଶେଷକରି ନୂତନ ମନ୍ଦିରର ଉଚ୍ଚତା ପୂର୍ବ ମନ୍ଦିର ତୁଳନାରେ ଅଧିକ ରହିବ ବୋଲି ପ୍ରସ୍ତୁତ ନକ୍ସାରେ ଦର୍ଶାଯାଇଛି।

ଏ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ କାର୍ଯ୍ୟାଳୟରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ କମିଶନର ନିଖିଳ ପଓ୍ୱନ କଲ୍ୟାଣ, ଓବିସିସି ମୁଖ୍ୟଯନ୍ତ୍ରୀ, ୱାଟ୍‌କୋ ଜେନେରାଲ ମ୍ୟାନେଜର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଚଣ୍ଡୀମନ୍ଦିର ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ମନ୍ଦିର ପରିଚାଳନା କମିଟି ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ବିଶେଷକରି ଜାରି ରହିଥିବା ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ପୁରୁଣା ବିଲ୍ଡିଂ ଭଙ୍ଗାଯାଇ ସେବାୟତମାନଙ୍କ ପାଇଁ ନୂତନ ଭାବେ ନିର୍ମିତ ହେଉଥିବା ଗୃହ ଅଗଷ୍ଟ ପୂର୍ବରୁ ଶେଷ କରାଯିବ। ସେହିପରି ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ନଭେମ୍ବର ସୁଦ୍ଧା ଶେଷ ହେବ। ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସର ଦେଇ ନିର୍ମାଣ ଚାଲିଥିବା ରାସ୍ତାରେ ପିଚୁ ପକା କାର୍ଯ୍ୟ ଶେଷ କରିବା ପାଇଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦ୍ ବ୍ୟତୀତ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ୱାନ-ୱେ ଟ୍ରାଫିକ୍ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସହରାଞ୍ଚଳ ପୋଲିସ ମୁଖ୍ୟଙ୍କୁ ନିବେଦନ କରାଯାଇଛି। ସେହିପରି ପାଇପ ଲାଇନ ସ୍ଥାନାନ୍ତର, ବିଦ୍ୟୁତ୍ ତାର ଟଣା, ଟ୍ରାନ୍ସଫର୍ମର ସ୍ଥାପନ କାର୍ଯ୍ୟ ତୁରନ୍ତ ଶେଷ କରିବା ଲାଗି ୱାଟ୍‌କୋ ଓ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।



ବୈଠକରେ ଆରଡିସି, ଜିଲାପାଳ, ସିଡିଏ ଅଧକ୍ଷ ଓ କମିଶନରଙ୍କ ସହ ଅନ୍ୟମାନେ।

# ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**କଟକ ଅଫିସ, ୨୦।୫**

ମିଶନ ରୋଡସ୍ଥିତ ନ୍ୟୁ ଷ୍ଟୁଓ୍ୱାର୍ଟ ସ୍କୁଲ ଓ ଷ୍ଟୁଓ୍ୱାର୍ଟ ସ୍କୁଲ ଖେଳ ପଡିଆଠାରେ କଟକ ବିଦ୍ୟାଳୟ ହକି କ୍ଲବ୍ ପକ୍ଷରୁ ଅନୁଷ୍ଠିତ ହୋଇଥିବା ହକି ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାୟ ୨୦ ଦିନ ଧରି ଚାଲିଥିବା ଏହି ଶିବିରରେ ଗୌତମ ମହାନ୍ତି, ସୁଶାନ୍ତ କୁମାର ପରିଜା, ଦେବାଶିଷ ପ୍ରଧାନ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ୧୭୦ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ସ୍କୁଲ ହକି କ୍ଲବ ପକ୍ଷରୁ ସହରର ୯ଟି ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଇଥିଲା। ଆସନ୍ତା ୨୧ ଓ ୨୨ ତାରିଖ ଦୁଇଦିନ ଧରି ଷ୍ଟୁଓ୍ୱାର୍ଟ ସ୍କୁଲ ଖେଳ ପଡିଆରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଏକ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଷ୍ଟୁଓ୍ୱାର୍ଟ ସ୍କୁଲ ସମୂହର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁଦତ୍ତ ଦାସ ସୂଚନା ଦେଇଛନ୍ତି। ଏହି ଅବସରରେ ଷ୍ଟୁଓ୍ୱାର୍ଟ ସ୍କୁଲ ସମ୍ପାଦକ ବିଭୁଦତ୍ତ ଦାସ, ଷ୍ଟୁଓ୍ୱାର୍ଟ ସ୍କୁଲ ଅଧକ୍ଷ ରେଭରେଣ୍ଟ ଏଫ୍.ସି. ନର୍ଥ, ଗୁରୁନାନକ ପବ୍ଲିକ ସ୍କୁଲର ସମ୍ପାଦକ ସର୍ଦ୍ଦାର ସମ୍ରାଟ ସିଂ, ନ୍ୟୁ ଷ୍ଟୁଓ୍ୱାର୍ଟ ସ୍କୁଲର ସମ୍ପାଦକ ବିକ୍ରମ ଏନ. ଆଡାମ୍‌ସ, ଅଧକ୍ଷା ଏମ୍. ତୃପ୍ତିରାଣୀ ପ୍ରମୁଖ ଉପସ୍ଥିତଥିଲେ।

# 'ଭାଇଚାରା ସୃଷ୍ଟିର ମାଧ୍ୟମ ଖେଳ'



ଟୁର୍ନାମେଣ୍ଟରେ ଅତିଥିଭାବେ ଯୋଗଦେଇଥିବା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ଅନ୍ୟମାନେ।

## ଓପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଚୌଦ୍ୱାର, ୨୦।୫(ଡି.ଏନ୍.ଏ.)**

ଚୌଦ୍ୱାରସ୍ଥିତ ସତ୍ୟନାରାୟଣ ଖେଳ ପଡିଆରେ ଓଟିଏମ୍ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ରାତିରେ ଆରମ୍ଭ ହୋଇଛି। ପ୍ରଥମ ଦିନ ଖେଳରେ ଅର୍ଜୁନ ଆର୍ମି, ଲିଟୁ ଲାୟନ୍ସ, ପାତ୍ର ପାଓ୍ୱାର, ଟୁକୁନା ଡିଜେ ଟାଇଗର, କାହ୍ନୁ କିଙ୍ଗସ୍, ସାରଦା ସୁପରଷ୍ଟାର, ଅମିତ୍ ଆମ୍ବିସନ୍ ଓ ବିଭୁ ବ୍ଲାଷ୍ଟର ଆଦି ଟିମ୍ ପରସ୍ପରକୁ ଭେଟିଥିଲେ। ଫ୍ଲଡ୍ ଲାଇଟ୍‌ରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଯୋଗଦେଇ କହିଥିଲେ, ଖେଳ ପ୍ରତିଦ୍ୱନ୍ଦ୍ୱିତା ନୁହେଁ ବରଂ ଭାଇଚାରା ସୃଷ୍ଟି କରିବାର ଏକ ମାଧ୍ୟମ। ପ୍ରିମିୟର ଲିଗ୍ ସଭାପତି ସୁବ୍ରତ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୁବ ସଙ୍ଗଠକ ରାକେଶ ରୋଶନ ମହାନ୍ତି ଓ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ଯୋଗଦେଇଥିଲେ। ଅଶୋକ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଅର୍ଜୁନ ପଣ୍ଡା, ସମ୍ବିତ୍ ପ୍ରସନ୍ନ ନାୟକ, ସଞ୍ଜୟ ପାତ୍ର, ବିଶ୍ୱ ରଞ୍ଜନ ନାୟକ, ଟୁକୁନା ସାହୁ, ସାରଦା ରଞ୍ଜନ ପରିଜା, ଅମିତ ବେଉରା, ବିଭୁ ପ୍ରସାଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭୂତି ଭୂଷଣ ବଡୁ ଧନ୍ୟବାଦ ଦେଇଥିଲେ।

# ସଫେଇ କର୍ମଚାରୀଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୫**

ଏସ୍‌ସିବି ମେଡିକାଲରେ ନିୟୋଜିତ ଏକ ଘରୋଇ ସଂସ୍ଥାର ସଫେଇ କର୍ମଚାରୀଙ୍କୁ ବଳାତ୍କାର କରିବା ଘଟଣାରେ ମଙ୍ଗଳାବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ସୁଧୀର କୁମାର ସାହୁ। ସେ ଏସ୍‌ସିବି ମେଡିକାଲରେ ନିୟୋଜିତ ଉକ୍ତ ଘରୋଇ ସଂସ୍ଥାରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଅଭିଯୋଗ ଅନୁଯାୟୀ, ଗତ ୭ ତାରିଖରେ ସମ୍ପୃକ୍ତା ମହିଳା ଟ୍ରମା କେୟାରରେ ସଫେଇ କରୁଥିଲେ। ଜଣେ ସହଯୋଗୀ କର୍ମଚାରୀ ତାଙ୍କୁ ଖବର ଦେଲେ ଯେ, ସୁଧୀରବାବୁ ସିନିୟର ରେସିଡେଣ୍ଟ ହଷ୍ଟେଲ୍‌ର ୧୫ ନମ୍ବର ରୁମ୍‌କୁ ସଫା କରିବାକୁ ଡାକୁଛନ୍ତି। ମହିଳା ଜଣଙ୍କ ଏହା କରିବାକୁ ପ୍ରଥମେ ମନା କରିଥିଲେ। ମାତ୍ର ଚାକିରିରୁ ବାହାର କରିଦେବା ଲାଗି ସୁଧୀର ତାଙ୍କୁ ଧମକ ଦେବାରୁ ସେ ଅପରାହ୍ନ ୪ଟାରେ ହଷ୍ଟେଲ୍ ରୁମ୍‌କୁ ସଫା କରିସାରି ଫେରିବାକୁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ସୁଧୀର ହଠାତ୍ ସେଠାରେ ପହଞ୍ଚି ରୁମ୍ କବାଟ ବନ୍ଦ କରିଦେଇ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ମହିଳା ଜଣଙ୍କ ଥାନାରେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୩୫/୨୩) ରୁଜୁ କରିଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପରେ ବିଭିନ୍ନ ସୂତ୍ରକୁ ଆଧାର କରି ପୋଲିସ ସୁଧୀରଙ୍କୁ ଗିରଫ କରିଥିଲା। ସେ ମହିଳାଙ୍କୁ ବଳାତ୍କାର କରିଥିବା କଥା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। କୋର୍ଟରେ ୧୬୪ ଧାରାରେ ମହିଳାଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ମିକ୍ସଚର ମେଶିନ ଚୋରି, ୨ ଗିରଫ

**ମଙ୍ଗୁଳି-ଜଗତପୁର, ୨୦।୫(ଡି.ଏନ.ଏ.)**

ମିକ୍ସଚର ମେଶିନ ଚୋରି ଅଭିଯୋଗରେ ଟାଙ୍ଗୀ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ହନ୍ତପଡା ଗ୍ରାମର ସୃତାଂଶୁ ମହାନ୍ତି ଓ ଖଣ୍ଡଗିରି ଥାନା ଅଧୀନ ରଘୁନାଥ ନଗରର ବୀର ରାଜା ଅଲ୍ଲୀ। ସେମାନଙ୍କ ନିକଟରୁ ଚୋରି ହୋଇଥିବା ମିକ୍ସଚର ମେଶିନର କଟା ଯନ୍ତ୍ରାଂଶ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତବର୍ଷ ଡିସେମ୍ବରରେ ଟାଙ୍ଗୀ ଥାନା ଅଧୀନ ହରିପୁରଠାରେ ରାସ୍ତା କାମ ପାଇଁ ଏକ ଠିକା ସଂସ୍ଥା ପକ୍ଷରୁ ମିକ୍ସଚର ମେଶିନ ନିୟୋଜିତ କରାଯାଇଥିଲା। କାମ ସରିବା ପରେ ଶ୍ରମିକମାନେ ଏକ ଖୋଲା ପଡିଆରେ ଉକ୍ତ ମେଶିନକୁ ରଖି ଦେଇଥିଲେ। ପରଦିନ ସକାଳେ ମେଶିନ୍‌ଟି ସେଠାରେ ନ ଥିଲା। ଏ ନେଇ ଠିକା ସଂସ୍ଥା ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୫୩/୨୨) ରୁଜୁ କରିଥିଲା। ସୃତାଂଶୁ ଏକ କ୍ରେନ୍ ସାହାଯ୍ୟରେ ଉକ୍ତ ମେଶିନକୁ ଚୋରି କରି ନେଇ କବାଡିଆ ବ୍ୟବସାୟୀ ଅଲ୍ଲୀଙ୍କୁ ବିକ୍ରି କରିଥିବାନେଇ ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା।

# ଦୋକାନ, ଘର ଭାଙ୍ଗିଲା

## କାଳବୈଶାଖୀ ପ୍ରଭାବ

**କଟକ ସଦର, ୨୦।୫(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ଘଟିଛି। ପ୍ରାୟ ୪୦ ମିନିଟ୍ ଧରି ପବନ ବହିବା ସାଙ୍ଗକୁ ବର୍ଷା ଲାଗି ରହିଥିଲା। ଏଥିରେ ଫକୀରପଡ଼ା ଗ୍ରାମର ଗୋପାଳ ମଣ୍ଡଳଙ୍କର ୩ ବଖରାର ଆଜବେଷ୍ଟସ୍ ସମେତ କନ୍ଦରପୁର ବଜାରରେ ଅନେକ କ୍ୟାବିନ୍‌ର ଛପର ଉଡିଯାଇଥିଲା। ସେହିପରି ବମ୍ଫୁରି ଗ୍ରାମର ସୁକାନ୍ତ ସାହୁଙ୍କ ଜଳଖିଆ ଦୋକାନ ଭାଙ୍ଗିଯାଇଛି। ଏହି ସମୟରେ ଜଳଖିଆ ଖାଉଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। କନ୍ଦରପୁର, ୪୨ ମୌଜା ଓ କିଶୋର ନଗର ସେକ୍ସନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ବିଶେଷକରି ବିଦ୍ୟୁତ୍ ତାର ଉପରେ ବଡ଼ ଗଛ ଓ ବାଉଁଶ ପଡିଯିବାରୁ ବହୁ ସ୍ଥାନରେ ଖୁଣ୍ଟ ଉପୁଡିପଡିଥିଲା। ଶନିବାର ସନ୍ଧ୍ୟାସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଥିଲା।



ଗୋପାଳ ମଣ୍ଡଳଙ୍କ ଘରର ଆଜବେଷ୍ଟସ ଉଡିଯାଇଛି।

# ବାପା ଆଣିଲେ ହତ୍ୟା ଅଭିଯୋଗ

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିଆଳି, ୨୦।୫(ଡି.ଏନ୍.ଏ.)**

ନିଆଳି ଥାନା ଅଧୀନ ତାମ୍ପଦା ଗ୍ରାମର ଏକ ଗଛରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ତାମ୍ପଦା ଗ୍ରାମର ଜୀବନ ସେଠୀ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ଜୀବନଙ୍କୁ ପଡୋଶୀ ଘର ଲୋକେ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ତାଙ୍କ ବାପା ଅଶୋକ ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୮୮/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଜୀବନ ତାଙ୍କ ପଡୋଶୀ ଘରର ବୋଲହାକ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଜୀବନଙ୍କୁ ପଡୋଶୀ ଘରର ଲୋକେ ଗାଳିଗୁଲଜ କରିଥିଲେ। ରାତିରେ ପଡୋଶୀ ଘରର ଜଣେ ମହିଳା ଜୀବନଙ୍କ ମୋବାଇଲକୁ ମେସେଜ୍ ପଠାଇ ତାଙ୍କ ଘରକୁ ଡକାଇଥିଲେ। ଜୀବନ ସେଠାରେ ପହଞ୍ଚିବା ପରେ ସେମାନେ ତାଙ୍କୁ ମାଡ ମାରିବା ସହ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅପରପକ୍ଷରେ ପଡୋଶୀଙ୍କ କହିବାନୁଯାୟୀ, ଜୀବନ ଆମ ଘରେ ପଶି ଆମକୁ ଦୁର୍ବ୍ୟବହାର କରିବା ସହ ଜିନିଷପତ୍ର ଭଙ୍ଗାରୁଜା କରି ପଳାଇ ଯାଇଥିଲା। ଆମେ ତାଙ୍କୁ ମାରିନାହୁଁ। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ କହିଛନ୍ତି।

# ସାମୂହିକ ସଫେଇ କାର୍ଯ୍ୟକ୍ରମ

**କଟକ ଅଫିସ, ୨୦।୫**

କଟକ ମହାନଗର (ସିଏମ୍‌ସି) ପକ୍ଷରୁ ପରିମଳ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆରମ୍ଭ ହୋଇଥିବା 'ଉଦ୍ୟମ' କାର୍ଯ୍ୟକ୍ରମ ଜରିଆରେ ଶନିବାର ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ କମିଶନର ନିଖିଳ ପଓ୍ୱନ କଲ୍ୟାଣ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛକର୍ମୀମାନଙ୍କ ସହ ବିଶ୍ୱବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ସାମିଲ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଜମି ରହିଥିବା ଆବର୍ଜନା ସମେତ ଶୁକ୍ରବାର ସନ୍ଧ୍ୟାରେ ବର୍ଷାପବନରେ ଭାଙ୍ଗି ଯାଇଥିବା ଗଛର ଡାଳ ଓ ପତ୍ର ସଫା କରିଥିଲେ। ଛାତ୍ରମାନେ ସର୍ବଦା ସେମାନଙ୍କ ପରିବେଶ ପରିଷ୍କାର ରଖିବା ଉଚିତ୍ ବୋଲ ମେୟର ପରାମର୍ଶ ଦେଇଥିଲେ। ବିଧାୟକ ବିଶ୍ୱାଳ ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ପାଇଁ ଏନ୍‌ସିସି ଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହିସବୁ କାର୍ଯ୍ୟ ସାମୂହିକ ଭାବେ କରିବା ପାଇଁ ସେମାନେ ଶପଥ ନେବା ଜରୁରୀ ବୋଲି କମିଶନର ପଓ୍ୱନ କଲ୍ୟାଣ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ସଞ୍ଜୀବିତା ରାୟଙ୍କ ସମେତ କର୍ପୋରେଟର, ପରିମଳ ନିରୀକ୍ଷକ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




ସଫେଇ କାର୍ଯ୍ୟକ୍ରମରେ ବିଧାୟକ, ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

# ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

## ଏଏସ୍‌ଓ ମେଧା ତାଲିକା ଖାରଜ ଘଟଣା

**କଟକ ଅଫିସ, ୧୮।୫**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ପ୍ରକାଶ ପାଇଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷାର ମେଧା ତାଲିକାକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେବା ପରେ ବିବାଦ ଦେଖାଦେଇଛି। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ଶନିବାର କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ଜଣେ ପରୀକ୍ଷାର୍ଥୀ କହିଛନ୍ତି, ହାଇକୋର୍ଟଙ୍କ ରାୟକୁ ଆମେ ସମ୍ମାନ ଜଣାଉଛୁ। ହେଲେ ଦୀର୍ଘ ୬ ମାସ ଧରି ଆମେ ମାନସିକ ନିର୍ଯାତନାର ଶିକାର ହୋଇଛୁ। ଏଥିରେ ଆମ ଦୋଷ କ'ଣ ରହିଲା। ଅନ୍ୟପିଲାଙ୍କ ଭଳି ଆମେ ମଧ ପରୀକ୍ଷା ଦେଇ ମେଧା ତାଲିକାରେ ସ୍ଥାନ ପାଇଥିଲୁ। ଆମ ପାଖରେ ମଧ ସୂଚନା ନ ଥିଲା କି ମିନିମମ କ୍ୱାଲିଫାଇଂ ମାର୍କ ଲାଗିବ ବୋଲି। ଏବେ ମେଧା ତାଲିକା ଖାରଜ ହେବା ପରେ ଆମ ପରିଶ୍ରମର କିଛି ମୂଲ୍ୟ ରହିଲା ନାହିଁ। ଏସବୁ ପରେ ଆମ ଭବିଷ୍ୟତ କ'ଣ ହେବ ସେନେଇ ଆମେ ଦ୍ୱନ୍ଦ୍ୱରେ ରହିଛୁ। ଆମ ପ୍ରତି ଏହା ଅନ୍ୟାୟ ହୋଇଛି। ସେଥିପାଇଁ ଆମେ ସବୁ ଓପିଏସ୍‌ସିର ଦ୍ୱାରସ୍ଥ ହୋଇଛୁ।

ମିଳିଥିବା ସୂଚନା ଅନୁଯାୟୀ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୨ ଅଗଷ୍ଟରେ ହୋଇଥିବା ଏଏସ୍‌ଓ ଲିଖିତ ପରୀକ୍ଷା ନିମନ୍ତେ ୧,୪୮,୮୮୮ ଜଣ ଆବେଦନକାରୀ ଥିଲେ। ପରୀକ୍ଷା ଖାତା ମୂଲ୍ୟାୟନ ପରେ ଓପିଏସ୍‌ସି ପକ୍ଷରୁ ଏକ ମେଧା ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ୧୧୦୪ ଜଣ ସ୍ଥାନିତ ହୋଇଥିଲେ। ପ୍ରକାଶିତ ମେଧା ତାଲିକା ଓପିଏସ୍‌ସି ସର୍ଭିସ୍ ନିୟମ ଅନୁସାରେ ହୋଇ ନ ଥିବା ଓ ଏଥିରେ ଅନିୟମିତତା ହୋଇଥିବା ଦର୍ଶାଇ କେତେଜଣ ଏଏସ୍‌ଓ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରିବା ସହ ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଦେଇଥିଲେ। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷାରେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେଧା ତାଲିକା ପ୍ରକାଶ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ମେଧା ତାଲିକାରେ ସ୍ଥାନ ପାଇଥିବା ଶତାଧିକ ପରୀକ୍ଷାର୍ଥୀ ନ୍ୟାୟ ପାଇଁ ଦାବି କରିଛନ୍ତି। ତେବେ ଏନେଇ ଓପିଏସ୍‌ସି ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।



ମେଧା ତାଲିକାରେ ସ୍ଥାନ ପାଇଥିବା ପରୀକ୍ଷାର୍ଥୀମାନେ ବିକ୍ଷୋଭ କରୁଛନ୍ତି।

**ଆସାମ ଶିକ୍ଷକଙ୍କୁ ଜିନ୍ସ ମନା**

ଆସାମ ସରକାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଏଣିକି ଜିନ୍ସ, ଲେଗିନ୍ସ ପିନ୍ଧି ସ୍କୁଲକୁ ଆସିପାରିବେ ନାହିଁ। ସେମାନଙ୍କ ପାଇଁ ନୂଆ ଡ୍ରେସ୍‌କୋଡ୍ ଆଣିବା ଲାଗି ଶନିବାର ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି, ଯେଉଁଥିରେ ଉଭୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସ୍କୁଲରେ ଟି-ଶର୍ଟସ୍, ଜିନ୍ସ କିମ୍ବା ଲେଗିନ୍ସ ପିନ୍ଧିପାରିବେ ନାହିଁ। ଅନେକ ସମୟରେ ଶିକ୍ଷକମାନେ ସ୍କୁଲକୁ ମନଇଚ୍ଛା ଡ୍ରେସ୍ ପିନ୍ଧି ଆସୁଥିବାବେଳେ ତାହା ସାଧାରଣ ଲୋକଙ୍କ ପକ୍ଷେ ଗ୍ରହଣ ଯୋଗ୍ୟ ହେଉନାହିଁ। ହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରକାର ନିଷ୍ପତ୍ତି ନିଆଯାଇଛି।



କ୍ୱାଡ ବୈଠକରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିସ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

# ମୁକ୍ତ ଓ ସ୍ଥିର ଇଣ୍ଡୋ-ପାସିଫିକ୍‌କୁ ଗୁରୁତ୍ୱ

## ଚାଇନା ଉପରେ କ୍ୱାଡ୍ ନଜର

ହିରୋଶିମା, ୨୦।୫

ଜାପାନର ହିରୋଶିମାରେ ଶନିବାର କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀର ନେତାମାନଙ୍କ ବୈଠକରେ ଚାଇନାକୁ ଦୃଢ଼ ବିରୋଧ କରାଯାଇଛି। ସେମାନେ ଚାଇନାର ନାଁ ନେଇ ନ ଥିଲେ ମଧ୍ୟ ମିଳିତ ବିବୃତିରେ କମ୍ୟୁନିଷ୍ଟ ମହାଶକ୍ତିକୁ ଟାର୍ଗେଟ କରିବା ସହ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ପାଇଁ ଆହ୍ୱାନ ଦେଇଛନ୍ତି। ଜି୭ ସମିଟ୍ ଅବସରରେ କ୍ୱାଡ୍ ସଦସ୍ୟ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅଷ୍ଟ୍ରେଲିଆ, ଭାରତ ଓ ଜାପାନ ପ୍ରଧାନମନ୍ତ୍ରୀ ଏକାଠି ଆଲୋଚନା କରିଥିଲେ। ଅସ୍ଥିରତା କିମ୍ବା ବଳପ୍ରୟୋଗ କରି ସ୍ଥିତାବସ୍ଥା ବଦଳାଇବାକୁ ଚାହୁଁଥିବା କୌଣସି ଏକପାଖିଆ କାର୍ଯ୍ୟକୁ କ୍ୱାଡ୍ ବିରୋଧ କରେ ବୋଲି ମିଳିତ ବିବୃତିରେ କୁହାଯାଇଛି। ୨୦୨୪ରେ ଭାରତ କ୍ୱାଡ୍ ସମିଟ୍ ଆୟୋଜନ କରିବାରେ ଖୁସି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ବାଇଡେନ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିସ୍ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡାଙ୍କ ସହ ଆଲୋଚନା ଅବସରରେ ମୋଦି ଏହା କହିଛନ୍ତି।

## ଚାଇନା ବୋଟ୍‌କୁ ଠାବ କଲା ଭାରତୀୟ ନୌସେନା

ନୂଆଦିଲ୍ଲୀ, ୨୦।୫

ଭାରତ ମହାସାଗରରେ ବୁଡ଼ିଯାଇଥିବା ଚାଇନାର ମାଛଧରା ବୋଟ୍‌କୁ ଭାରତୀୟ ନୌସେନାର ପି୮ଆଇ ପାଟ୍ରୋଲ୍ ବିମାନ ଠାବ କରିଛି। ବୋଟ୍‌ର ସ୍ଥିତି ସମ୍ପର୍କରେ ଚାଇନା ନୌସେନା ଯୁଦ୍ଧଜାହାଜକୁ ଜଣାଇ ଦିଆଯାଇଛି। ୩୯ କର୍ମଚାରୀଙ୍କୁ ନେଇ ଯାଉଥିବା ଚାଇନା ବୋଟ୍ 'ଲୁ ପେଙ୍ଗ ୟୁଆନ୍ ୟୁ ୦୨୮' ମଙ୍ଗଳବାର ଭାରତ ମହାସାଗରରେ ବୁଡ଼ିଯାଇଥିଲା।

## କୃତ୍ରିମ ଗୋଡ଼ରେ ଏଭରେଷ୍ଟ ଆରୋହଣ କଲେ ପୂର୍ବତନ ସୈନ୍ୟ



କାଠମାଣ୍ଡୁ, ୨୦।୫

ଦୁଇ ଗୋଡ଼ ହରାଇଥିବା ପୂର୍ବତନ ବ୍ରିଟିଶ୍ ଗୁର୍ଖା ସୈନ୍ୟ ବିଶ୍ୱର ସବୁଠୁ ବଡ଼ ଗିରିଶୃଙ୍ଗ ଚଢ଼ି ଚର୍ଚ୍ଚାକୁ ଆସିଛନ୍ତି। ୪୩ବର୍ଷୀୟ ହରି ବୁଧମଗର କୃତ୍ରିମ ଗୋଡ଼ରେ ମାଉଣ୍ଟ ଏଭରେଷ୍ଟର ୮୮୪୮.୮୬ ମିଟର ଉଚ୍ଚତା ପର୍ଯ୍ୟନ୍ତ ଚଢ଼ି ଇତିହାସ ସୃଷ୍ଟି କରିଛନ୍ତି। ଦୁଇଗୋଡ଼ ହରାଇ ଏଭରେଷ୍ଟ ଆରୋହଣ କରିବାରେ ହରି ହେଉଛନ୍ତି ପ୍ରଥମ ବ୍ୟକ୍ତି। ୨୦୧୦ରେ ବ୍ରିଟେନ୍ ସରକାରଙ୍କ ପକ୍ଷରୁ ଆଫଗାନିସ୍ତାନରେ ଲଢୁଥିବାବେଳେ ହରି ତାଙ୍କ ଦୁଇଗୋଡ଼ ହରାଇଥିଲେ।

## ଜଗଦୀଶ ଟାଇଟଲରଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍

**୧୯୮୪ ଶିଖ୍ ବିରୋଧୀ ଦଙ୍ଗା**

ନୂଆଦିଲ୍ଲୀ, ୨୦।୫



୧୯୮୪ ମସିହା ଶିଖ୍ ବିରୋଧୀ ଦଙ୍ଗା ସହ ଜଡ଼ିତ ପୁଲ ବଙ୍ଗାଶ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରଦିନ ୧୯୮୪ ନଭେମ୍ବର ୧ ତାରିଖରେ ପୁଲ ବଙ୍ଗାଶରେ ଥିବା ଏକ ଗୁରୁଦ୍ୱାରାରେ ଦଙ୍ଗାକାରୀମାନେ ନିଆଁ ଲଗାଇ ଦେଇଥିବାବେଳେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ହିଂସାକାଣ୍ଡ ଘଟାଇବା ଲାଗି ଜଗଦୀଶ ଦଙ୍ଗାକାରୀଙ୍କୁ ପ୍ରବର୍ତ୍ତାଇଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି।

## ସରକାରୀ କାର୍ଯ୍ୟାଳୟ ବେସ୍‌ମେଣ୍ଟ ତଳୁ ବିପୁଳ ସମ୍ପତ୍ତି ଜବତ

ଜୟପୁର, ୨୦।୫

ରାଜସ୍ଥାନ ଜୟପୁରସ୍ଥିତ ଯୋଜନା ଭବନ ବେସ୍‌ମେଣ୍ଟ ତଳେ ବନ୍ଦଥିବା ଏକ ଆଲମାରିରୁ ନଗଦ ୨.୩୧ କୋଟି ଟଙ୍କା, କେଜିଏ ଓଜନର ସୁନା ପୋଲିସ ଜବତ କରିଛି। କାର୍ଯ୍ୟାଳୟର ୭ ଅଧିକାରୀଙ୍କୁ ଅଟକ ରଖି ଘଟଣା ନେଇ ପଚରାଉଚରା କରାଯାଉଛି। ଆଲମାରିରୁ ମିଳିଥିବା ଏକ ଶୁଟ୍‌କେସ୍‌ରେ ୨ ହଜାର ଟଙ୍କିଆ ସାଙ୍ଗକୁ ପୁରୁଣା ୫୦୦ ଟଙ୍କିଆ ନୋଟ୍ ମିଳିଥିବା ପୋଲିସ କହିଛି। ୨ ହଜାର ଟଙ୍କିଆ ନୋଟ୍‌ର ସର୍କୁଲେଶନ୍ ବନ୍ଦ କରିବା ନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ଘୋଷଣା କରାଯିବା ଦିନ ହିଁ ପୋଲିସ ସରକାରୀ କାର୍ଯ୍ୟାଳୟରୁ ବିପୁଳ ଟଙ୍କା ଜବତ କରିଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଘଟଣା ଉପରେ ନଜର ରଖିଥିବାବେଳେ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ୍ କରାଯିବ ବୋଲି ଜୟପୁର ପୋଲିସ କମିଶନର କହିଛନ୍ତି।

## ମିଗ୍-୨୧ ଅପରେଶନ ସାମୟିକ ବନ୍ଦ




ନୂଆଦିଲ୍ଲୀ, ୨୦।୫

ରାଜସ୍ଥାନର ହନୁମାନଗଡ଼ରେ ମିଗ୍-୨୧ ଯୁଦ୍ଧବିମାନ ଦୁର୍ଘଟଣା ପରେ ଭାରତୀୟ ବାୟୁସେନା ଶନିବାର ସମସ୍ତ ମିଗ୍-୨୧ର ଅପରେଶନକୁ ସାମୟିକ ଭାବେ ବନ୍ଦ ରଖିଛି। ତଦନ୍ତ ଶେଷ ହୋଇ ଦୁର୍ଘଟଣାର କାରଣ ସ୍ପଷ୍ଟ ହେବା ପର୍ଯ୍ୟନ୍ତ ୫୦ ମିଗ୍ ଯୁଦ୍ଧବିମାନ ଉଡ଼ାଣ ବନ୍ଦ ରହିବ ବୋଲି ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ୯ ତାରିଖରେ ହନୁମାନଗଡ଼ ଜିଲା ବାହଲୋଲ ନଗରର ଏକ ଘର ଉପରେ ମିଗ୍-୨୧ ଖସିପଡ଼ିବାରୁ ୩ ଜଣ ମହିଳାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ।


## ODISHA PUBLIC SERVICE COMMISSION
## CUTTACK
## NOTICE

No. 4413/P.S.C., Dt.20.05.23
1E-09/2022-23 (DR-III)

**No. D-48:-** It is for information of all concerned that the written examination for the post of **Assistant Director of Handicrafts** in Class-II (Group-B) of Odisha Handicrafts Service, pursuant to **Advt. No.09 of 2022-23** will be held on **03.06.2023 & 04.06.2023** in 05 (five) Zones as per the following programme.

**TIME TABLE**

| Date | Paper & Session | Time | Subject |
|---|---|---|---|
| 3.06.2023 (Saturday) | Paper-I (Afternoon) (Descriptive type) | 02.30 P.M. to 04.30 P.M. (02.30 P.M. to 05.10 P.M. for PwD candidates) Duration - 2 hours | - General English - Odia Language |
| 04.06.2023 (Sunday) | Paper-II (Forenoon) (Objective type) | 10.00 A.M. to 12.00 Noon (10.00 A.M. to 12.40 P.M. for PwD candidates) Duration -- 2 hours | - Mathematics - Reasoning & Mental Ability |
| | Paper-III (Afternoon) (Objective type) | 02.00 P.M. to 04.00 P.M. (02.00 P.M. to 04.40 P.M. for PwD candidates) Duration - 2 hours | - General Studies |

| Sl. No. | Name of the Examination Centres and address | Roll numbers allotted From .............. to .............. | Total Candidates allotted |
|---|---|---|---|
| **BALASORE** | | | |
| 1 | Srinix College of Engineering, Ranipatana, Balasore. | 100001 to 100634 | 634 |
| **BERHAMPUR** | | | |
| 1 | Modern Oxford Public School, Shree Guruji Vihar, NH-16, Lanjipalli, Berhampur-760008 | 200001 to 200456 | 456 |
| 2 | Maa Saraswati Sishu Vidya Mandir, Basudev Nagar-6th Lane, Berhampur - 750010 Near Gajapati Nagar Hanuman Temple | 200457 to 200733 | 277 |
| **BHUBANESWAR** | | | |
| 1 | Rajdhani College, BBSR | 300001 to 300700 | 700 |
| 2 | Maharishi College of Natural Law, Saheednagar, BBSR | 300701 to 301250 | 550 |
| 3 | BJB(AUTO) College, BBSR | 301251 to 301809 | 559 |
| 4 | DR Nayapally College, Nayapally, BBSR | 301810 to 302209 | 400 |
| 5 | Govt. High School, Baramunda, CRP Rental Colony, Back side of CRPF Campus, BBSR | 302210 to 302459 | 250 |
| 6 | Govt. Boys High School, Unit-8, BBSR | 302460 to 302859 | 400 |
| 7 | Govt. High School, IRC Village, BBSR | 302860 to 303259 | 400 |
| 8 | Capital Girls High School, Unit-2, BBSR | 303260 to 303499 | 240 |
| 9 | Harihara Govt. High School, BJB Nagar, Near BBSR Court Premises, BBSR | 303500 to 303749 | 250 |
| 10 | Saraswati Shishu Vidya Mandir, Bhimatangi, BBSR | 303750 to 304369 | 620 |
| **CUTTACK** | | | |
| 1 | Saraswati Sishu Vidya Mandir, Tulasipur, Cuttack | 400001 to 400508 | 508 |
| 2 | Saraswati Sishu Vidya Mandir, College Square, Cuttack | 400509 to 400988 | 480 |
| 3 | Saraswati Sishu Vidya Mandir, Sector-9, Markat Nagar, Cuttack-753014 | 400989 to 401468 | 480 |
| **SAMBALPUR** | | | |
| 1 | Rastriya Gopal Vidya Mandir, Nayapara, Sambalpur, Near Laxmi Talkies - 768001 | 500001 to 500362 | 362 |
| 2 | Lady Lewis Girls High School, Kunjelpada, Sambalpur- 768001 | 500363 to 500674 | 312 |
| 3 | CSB Zilla School, PS-Dhanupalli, Sambalpur - 768001 | 500675 to 500962 | 288 |

The candidates are required to download the **"Admission Certificate"** & **"Instruction to Candidates"** from website of the Commission (www.opsc.gov.in) **from 26.05.2023 onwards**.

OIPR-12002/11/0033/2324 **Sd./- Secretary**



## ODISHA PUBLIC SERVICE COMMISSION
## CUTTACK
## NOTICE

No. 4441/P.S.C., Dt.20.05.23
PF-1E-04-2021/22 (DR-III)

**No. D-49:-** It is for information of all concerned that the written examination held on **03.07.2022** for recruitment to the post of **Post Graduate Teachers in Physics**, pursuant to Advt. No. 12 of 2020-21, **50 (Fifty)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce test in respect of above qualified candidates, will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 from **06.06.2023 to 08.06.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./ alternative Mobile No. and Email ID through blackening)**, two passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form"** & **"Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test.** The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/ documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | ROLL No. of Candidates |
|---|---|---|---|---|
| 1. | 06.06.2023 | 8.30 A.M. | 10.30 A.M. | 600001, 600004, 600012, 600033, 600059, 600060, 600067, 600069 & 600079 **= 09 candidates** |
| | | 12.30 P.M. | 2.30 P.M. | 600088, 600093, 600096, 600107, 600152, 600155, 600164 & 600182 **= 08 candidates** |
| 2. | 07.06.2023 | 8.30 A.M. | 10.30 A.M. | 600193, 600202, 600204, 600215, 600254, 600256, 600261, 600267 & 600275 **= 09 candidates** |
| | | 12.30 P.M. | 2.30 P.M. | 600300, 600326, 600329, 600355, 600360, 600367, 600378 & 600382 **= 08 candidates** |
| 3. | 08.06.2023 | 8.30 A.M. | 10.30 A.M. | 600383, 600402, 600405, 600408, 600418, 600435, 600446, 600447 & 600450 **= 09 candidates** |
| | | 12.30 P.M. | 2.30 P.M. | 600458, 600462, 600464, 600473, 600485, 600509 & 600531 **= 07 candidates** |

**N.B. - The candidates are advised to report at the office of the Commission half an hour before the commencement of verification on their scheduled dates & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0034/2324 **Sd./- Secretary**



## कार्यपालक अभियंता का कार्यालय
## ग्रामीण विकास विशेष प्रमण्डल सं.- 02 गढ़वा

ई–निविदा सूचना सं0–RDD/SD/GARHWA/05/2023-24

**CORRIGENDUM (शुद्धिपत्र)**

एतद् द्वारा सूचित किया जाता है कि इस प्रमण्डल द्वारा आमंत्रित ई–निविदा आमंत्रण सूचना सं0–RDD/SD/GARHWA/05/2023-24, PR 297066 Rural Development (23-24)_D द्वारा प्रकाशित निविदा को अपरिहार्य कारणवश कंडिका (क्रमांक) 02, 03, 04 एवं 08 में आंशिक संशोधन करते हुए पूर्व NIT के निविदा आमंत्रित की जाती है, शेष कंडिकाएँ यथावत् बनी रहेंगी।

2. बेबसाइट में निविदा प्रकाशन की तिथि–12.05.2023 के स्थान पर दिनांक–24.05.2023 पढ़ा जाय।
3. ई–निविदा प्राप्ति की अंतिम तिथि एवं समय दिनांक–12.05.2023 से दिनांक–20.05.2023 को अपराह्न 5:00 बजे तक के स्थान पर दिनांक–24.05.2023 से दिनांक–01.06.2023 को अपराह्न 5:00 बजे तक पढ़ा जाय।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय दिनांक–12.05.2023 से दिनांक–24.05.2023 के स्थान पर दिनांक–24.05.2023 से दिनांक–05.06.2023 (कार्यालय अवधि तक) तक पढ़ा जाय।
8. निविदा खोलने की तिथि एवं समय– 25.05.2023 अपराह्न 2:00 बजे के स्थान पर 06.06.2023 अपराह्न 2:00 बजे पढ़ा जाय।

कार्यपालक अभियंता
ग्रामीण विकास विशेष प्रमण्डल सं.–02,गढ़वा

PR 297915 Rural Development(23-24).D



## OFFICE OF THE TAHASILDAR CUM EXECUTIVE OFFICER, DEBOTTAR RAGHUNATH TEMPLE PREMISES, RAJA NAGAR CHOWK, JEYPORE (K)

Letter No. 369/JD Date: 11.05.2023

**AUCTION CALL NOTICE**

No. W-6: Sealed tenders in plain paper as per the terms and conditions are hereby invited from interested persons/organizations on within seven days of publication of advertisements for the following items for works at Sri Sri Gupteswar for the financial year 2023-24 for generation of funds for development & day to day management & festival of Gupteswar of Jeypore Debottar.

| Sl. No. | Items of Works | Upset Price | Approved Rate | Earnest Money Deposit | Last Date & Time of Filling Tender | Date & Time of Opening Tender | Venue |
|---|---|---|---|---|---|---|---|
| 1 | Operation of Mastak Munda | 3,31,650/- | 60/- | 33,165/- | 21.05.2023 | 22.05.2023 11 A.M. | Sri Raghunath Temple Premises, Main Road, Rajanagar Chowk, Jeypore |
| 2 | Operation of Darshani | 15,96,375/- | 10/- | 1,59,638/- | 21.05.2023 | 22.05.2023 11 A.M. | Sri Raghunath Temple Premises, Main Road, Rajanagar Chowk, Jeypore |
| 3 | Operation of Parking | 8,29,125/- | Heavy Vehicle - Rs.50/-, Auto - Rs.20/-, Motorcycle - Rs.10/- | 82,913/- | 21.05.2023 | 22.05.2023 11 A.M. | Sri Raghunath Temple Premises, Main Road, Rajanagar Chowk, Jeypore |

The sealed tenders offered shall be opened in presence of the members of Tender Committee, Debottar, Jeypore and persons applied as per the time & venue fixed above.
The details term & conditions on the tenders are uploaded in Koraput District NIC website i.e. in **Koraput.nic.in**. The applicants are instructed to go detail in the NIC website before filling the tender papers. No tender papers will be entertained after due date & time.

OIPR-24369/11/0002/2324 Sd./- Tahasildar-cum-Executive Officer, Debottar, Jeypore(K)



## OFFICE OF THE GENERAL MANAGER, WATCO PROJECT DIVISION, SAMBALPUR, ODISHA - 768005

E-mail: gmprojectsbp@gmail.com, Tel.: 0663-2411921

**NATIONAL COMPETITIVE BIDDING THROUGH e-PROCUREMENT INVITATION FOR BIDS (IFB)**

No. C-359 Bid Identification No. 04/Project/WATCO/SBP/2023-24 Dated: 17.05.2023

| Sl. No. | Name of Work | Appx. Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To | Class of the Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Laying of 200 mm dia RCC NP3 Sewer and Construction of 1200mm and 1500mm dia manhole chambers from MH 947 to MH 951 and MH 951 - MH 195 along Sakhipada PWD Road from Chaitanyanagar upto ST. Jhon School Chowk in Catchment-5 in part commissioning area of Sambalpur Sewerage System | 38.55 | 02 (Two) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |
| 2 | Laying of 200mm dia RCC NP3 Sewer and Construction of 1200mm and 1500mm dia manhole chambers from MH 778 to MH 775 and MH 775 - MH 787 and from MH 787 to MH 826 along NH-55 from Saraswati Enclave upto Sarlakani Village Chowk in Catchment - 5 in part commissioning area of Sambalpur Sewerage System | 39.84 | 03 (Three) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |
| 3 | Laying of 200mm dia RCC NP3 Sewer in between MH 907 to MH 900 and Construction of 1500mm dia manhole in Shiv Nagar near SPS-5 Catchment-5 in part commissioning area of Sambalpur Sewerage System | 26.01 | 01 (One) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |
| 4 | Laying of 250mm dia RCC NP3 Sewer in between MH 921 to MH 907 and construction of 1500mm dia Manhole in Shiv Nagar near SPS-5 Catchment-5 in part commissioning area of Sambalpur Sewerage System | 35.77 | 01 (One) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |

Further details can be seen from the e-Procurement portal **"https://www.tendersodisha.gov.in"**.

OIPR-13236/11/0004/2324 Sd./- General Manager, WATCO Project Division, Sambalpur



## ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
## OFFICE OF THE EXECUTIVE ENGINEER, L.I.DIVISION, BALANGIR

**TENDER CALL NOTICE NO.01/23-24, Dt.15.05.2023**

No. CAD-647: The Executive Engineer, Lift Irrigation Division, Balangir invites tender in the sealed cover from interested reputed Travel Agencies/ Tour Operators or private individuals in conformity with detailed tender call notice for providing following Diesel driven vehicles having sitting capacity not more than ten including driver for official use on monthly rent basis
The sale of the application form of tender containing General bid information & Terms and condition shall start from Dt.20.05.2023 at office hours and will close on Dt. 29.05.2023 at 1.00 PM. The receipt of the documents shall be on Dt.30.05.2023 up to 12.00 PM. The tender will be opened on same day at 12.30 PM in the office of the Executive Engineer. Lift Irrigation Division, Balangir in the presence of the Bidders or their authorized representatives.

| Sl. No. | Type of Vehicle | Office of Use | Minimum Average Mileage | Security Deposit (In Rs.) | Cost of application form (+18% GST on reverse charge mechanism (In Rs.) | Place of Sale & Receipt |
|---|---|---|---|---|---|---|
| 1 | Bolero / Sumo Gold /Ertiga / TUV 300 | L.I. Sub-Division, Balangir | 10 kmpl | 5000.00 | 200.00 + 36 | Office of the Executive Engineer, L.I. Division, Balangir |

OIPR-32154/11/0001/2324 Sd./- Executive Engineer, L.I. Division, Balangir



## ODISHA RURAL DEVELOPMENT & MARKETING SOCIETY
ORMAS BHUBANESWAR

*creating competence and values in rural Odisha*

Panchayati Raj and DW Department, Government of Odisha
SIRD & PR Campus, Unit - VIII, Bhubaneswar, Odisha - 751012
Tel # 0674-2565870/71, E-mail: ormashq@gmail.com, URL: www.ormas.org

Notice No.2222/ORMAS/MKT-OM-0003-2023 Date: 20.05.2023
(MKT/342/2023-24-Marketing Support to Mango Producers of Odisha)

**TENDER CALL NOTICE**

No. CAD-652: Sealed tenders are invited from the experienced Firm/Agencies/Event Management Firms having successful track record on Tentage & Other Services and Event Management Services for organization of the State Level Mango Festival - 2023 (From 8th to 13th June' 2023) at infront of SIRD & PR Campus, Unit - 8, Bhubaneswar. The tender paper can be downloaded from **www.ormas.org**. The schedule for detail activities is given below:

| Activity | Last date for Submission of Tender Paper | Mode for Submission | Address for Submission of Bid | Date & time for opening of Tender Paper |
|---|---|---|---|---|
| Tentage & Other Services | 02.06.2023 at 11.45 A.M. | Speed Post/ Registered Post/Drop in the tender box at ORMAS Office | The Chief Executive Officer, ORMAS, SIRD & PR Campus, Unit - 8, Bhubaneswar, Odisha, PIN - 751012 | 02.06.2023 at 12'O Noon |
| Advertisement & Publicity and Other Services | 02.06.2023 at 11.45 A.M. | | | |

The undersigned reserves the right to accept or reject any or all the tenders without assigning any reason thereof.

Sd./- Additional Secretary to Govt. & Chief Executive Officer, ORMAS

OIPR-19004/11/0004/2324

# ସ୍ନାନଯାତ୍ରାରୁ ନୀଳାଦ୍ରିବିଜେ ଯାଏ ନୀତିନିର୍ଘଣ୍ଟ ଚୂଡ଼ାନ୍ତ

**ପୁରୀ ଅଫିସ,୨୦।୫**

ଆସନ୍ତା ୩୦ତାରିଖରେ ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ପଡୁଥିବା ବେଳେ ଜୁନ ୪ତାରିଖ ସ୍ନାନଯାତ୍ରା, ଜୁନ ୨୦ରେ ଘୋଷଯାତ୍ରା ଓ ୨୮ରେ ବାହୁଡ଼ା, ୨୯ରେ ସୁନାବେଶ ଏବଂ ଜୁଲାଇ ୧ରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ତେବେ ଚଳିତବର୍ଷ ମହାପ୍ରଭୁଙ୍କ ନୀତି ଯେପରି ଶୃଙ୍ଖଳିତ ହେବ ସେନେଇ ଶନିବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଛି। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହେବା ସହ ଏହି ବୈଠକ ପୂର୍ବରୁ ଅପରାହ୍ନରେ ହୋଇଥିବା ନୀତି ସବ୍‌କମିଟି ବୈଠକର ସମସ୍ତ ଆଲୋଚନାରତ ପ୍ରସଙ୍ଗ ସହ ରାଜେନ୍ଦ୍ର ଅଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଚୂଡ଼ାନ୍ତ କରାଯାଇଛି। ଶୃଙ୍ଖଳିତ ନୀତିକାନ୍ତି ସହ ମହାପ୍ରଭୁଙ୍କ ଘୋଷଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ଛତିଶା ନିଯୋଗ ସେବାୟତ ସଦସ୍ୟଙ୍କ ସହଯୋଗ ଲୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ଆସନ୍ତା ୪ତାରିଖରେ ଦେବସ୍ନାନ ପୂର୍ଣ୍ଣିମାରେ ବିଶେଷ ନୀତିକାନ୍ତି ଥିବାରୁ ଏହାକୁ କିଭଳି ଶୃଙ୍ଖଳିତ ଭାବେ ପରିଚାଳନା କରାଯିବ ସେନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି। ତେବେ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ରଥଯାତ୍ରା ପୂର୍ବରୁ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବ। ମହାପ୍ରଭୁଙ୍କ ଦର୍ଶନରେ ଶ୍ରୀମନ୍ଦିର ଆସୁଥିବା ଭକ୍ତମାନଙ୍କୁ କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ଥିବାରୁ ଭକ୍ତ ଓ ସହରବାସୀ ନାନା ହଇରାଣ ହେଉଛନ୍ତି। ତେଣୁ ଭକ୍ତମାନଙ୍କୁ ଚାରିଦ୍ୱାରରେ ପ୍ରବେଶ ପାଇଁ ଅନୁମତି ମିଳୁ ବୋଲି ବୈଠକରେ ଦାବି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା ପରେ ଏନେଇ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ଆସନ୍ତା ସ୍ନାନ ପୂର୍ଣ୍ଣିମା ଓ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଛନ୍ତି ସେବାୟତ ସଂଘ।


ଛତିଶାନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ନିଯୋଗ କମିଟି ସଦସ୍ୟ ଓ ଅନ୍ୟମାନେ।

ବୈଠକ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଥିଲେ, ଶ୍ରୀମନ୍ଦିର ନୀତି ସବ୍ କମିଟି ବୈଠକ ଅନୁଷ୍ଠିତ ହେବା ପରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଛତିଶା ନିଯୋଗ ବୈଠକରେ ସ୍ନାନ ଯାତ୍ରା ଏବଂ ରଥଯାତ୍ରା କିପରି ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ସେନେଇ ଆଲୋଚନା କରାଯାଇଥିଲା। ସମସ୍ତ ସଦସ୍ୟ ଓ ସେବାୟତମାନେ ଉପସ୍ଥିତ ରହି ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ବୈଠକରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଗଲା। ସମସ୍ତଙ୍କ ମତାମତ ଓ ସର୍ବସମ୍ମତିକ୍ରମେ ନୀତି ନିର୍ଘଣ୍ଟକୁ ଅନୁମୋଦନ କରାଯାଇଛି। ଚଳିତବର୍ଷ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପନ୍ନ ହେବ। ଯେପରି ନୀତି ସମୟରେ ବିଶୃଙ୍ଖଳା ନ ହେବ ସେ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଦାସ କହିଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତି ବିଳମ୍ୱ ନେଇ ପ୍ରଶ୍ନର ଉତ୍ତର ଦେଇ ଦାସ କହିଥିଲେ, କିଛି କାରଣକୁ ନେଇ ମହପ୍ରଭୁଙ୍କ ନୀତିରେ ବିଳମ୍ୱ ହେଉଛି। ତେବେ ସମସ୍ତ ନିଯୋଗ ସହ ଆଲୋଚନା କରାଯାଇ ସମନ୍ୱୟ ରଖାଯାଇ ନୀତିକୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରାଯିବ। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଭକ୍ତମାନଙ୍କ ପ୍ରବେଶ ପ୍ରସଙ୍ଗ ଉପରେ

## ଛତିଶା ନିଯୋଗ ବୈଠକ

- ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ
- ଚାରିଦ୍ୱାରରୁ ଭକ୍ତଙ୍କୁ ପ୍ରବେଶ ପାଇଁ ଦାବି

ବାହାର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହେବା ଉପରେ। ତେଣୁ କାର୍ଯ୍ୟ ସରିବା ପରେ ସମସ୍ତଙ୍କ ସହ ଆଲୋଚନା କରାଯାଇ ପର୍ଯ୍ୟାୟକ୍ରମେ ଦ୍ୱାର ଖୋଲାଯିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ଦାସ କହିଛନ୍ତି। ବୈଠକରେ ଛତିଶା ନିଯୋଗ କମିଟି ସମ୍ପାଦକ, ପରିଚାଳନା କମିଟି ସଦସ୍ୟ, ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଏସ୍‌ପି କେ.ବିଶାଲ ସିଂ, ସେବାୟତ ସଂଘର ସଭାପତି, ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷେ ଛତିଶା ନିଯୋଗ ବୈଠକ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ନୀତି ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରାଜେନ୍ଦ୍ର ଅଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଥିଲା। ସେହିପରି ନୀତି ବିଳମ୍ୱ ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଶାଢ଼ିବନ୍ଧା, ଗାରଦରେ ଅଭିଜ୍ଞ କର୍ମଚାରୀଙ୍କ ନିଯୁକ୍ତି ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଟାଇମ୍‌ପାସ୍ ପୁସ୍ତକ ପର୍ବ, ପୋଲିସ କମିଶନରେଟ୍ ସମ୍ମିଳନୀ କକ୍ଷ, ଅପରାହ୍ନ ୫ଟା।
- ଲଳିତକଳା ଏକାଡେମୀ ପକ୍ଷରୁ ପରିକ୍ରମା ରିସର୍ଚ୍ଚ ସ୍କଲାର ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା।
- ବନ୍ଧୁଘର ସାହିତ୍ୟ ପିଣ୍ଡାର ମାସିକ ସାହିତ୍ୟ ଆସର, ସମ୍ ହସ୍ପିଟାଲ ଗୋଲେଇ ଛକ, ଅପରାହ୍ନ ୫ଟା ୩୦।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ସମର୍ପଣ ପଞ୍ଚଦଶ ଅଧ୍ୟାୟ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ମହର୍ଷି ଦୟାନନ୍ଦଙ୍କ ୨୦୦ ବର୍ଷ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଓ ସ୍ୱାମୀ ବ୍ରହ୍ମାନନ୍ଦ ସେବା ସମ୍ମାନ ପ୍ରଦାନ ଉତ୍ସବ, ସ୍ୱାମୀ ବ୍ରହ୍ମାନନ୍ଦ ଭବନ, ଶ୍ରୀଅରବିନ୍ଦନଗର, ସନ୍ଧ୍ୟା ୬ଟା।
- ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟି ପକ୍ଷରୁ ଭାରତ ସଂସ୍କୃତି ଯାତ୍ରା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ଦ୍ୱାରା ଆୟୋଜିତ ୫ମ ଜାତୀୟ ନାଟ୍ୟ ମହୋତ୍ସବ 'ଏଇ ବୋଧେ ପ୍ରେମ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

ବାଲିଅନ୍ତା
- ଶ୍ରୀ ହନୁମାନଙ୍କ ମନ୍ଦିରର ପ୍ରଥମ ବର୍ଷିକୋତ୍ସବ, ବାଲିଅନ୍ତା ତଳଗଡ ଗ୍ରାମର ବେଲେଶ୍ୱର ପୀଠ, ପୂର୍ବାହ୍ନ ୧୦ଟା।

କଟକ
- ଓଡ଼ିଆ ଗବେଷଣା ପରିଷଦର ୪୩ତମ ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୮୫ତମ ବିତର୍କ ଆଲୋଚନାଚକ୍ର, ଦି ଲିଙ୍କ୍ ଆଇ ହସ୍ପିଟାଲ, ଲିଙ୍କ୍‌ରୋଡ୍, ଅପରାହ୍ନ ୪ଟା ୩୦।
- ଅଭିନବ ବିଡ଼ାନାସୀ ପଥଚାରୀ ସଂଘ ପକ୍ଷରୁ ମାସିକ ସ୍ୱାସ୍ଥ୍ୟ ସଚେତନତା ସଭା, ସଂଘ ସଭା ସ୍ଥଳ, ସେକ୍ଟର-୭, ସିଡିଏ, ଅପରାହ୍ନ ୫ଟା ୩୦।
- କୁମାର ଲାଇଟ୍‌ସର ୩୯ତମ ବାର୍ଷିକୋତ୍ସବ, ଶ୍ରୀକୋରୁଆଁ ଖେଳପଡ଼ିଆ, ଗୋପାଳପୁର, ସନ୍ଧ୍ୟା ୭ଟା।

# ସୁଷମା ମହାପାତ୍ରଙ୍କୁ 'ଦିନନାଥ ପାଠୀ କଳା ସମ୍ମାନ'



ଭାରତୀୟ ବିଦ୍ୟାଭବନଠାରେ ଅତିଥିମାନେ ସୁଷମା ମହାପାତ୍ରଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

କେତକୀ ଫାଉଣ୍ଡେଶନ ପକ୍ଷରୁ ଶନିବାର ଭାରତୀୟ ବିଦ୍ୟାବଭନଠାରେ ତୃତୀୟ ଦିନନାଥ ପାଠୀ କଳା ସମ୍ମାନ ଏବଂ ପ୍ରଥମ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ରାମହରି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ନିବେଦିତା ମହାନ୍ତି ଯୋଗଦେଇ ଦୀନନାଥ ପାଠୀଙ୍କୁ ମହାନ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଓ ଅନୁବାଦକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ସ୍ମାରକୀ ବକ୍ତୃତା ପ୍ରଦାନ କରି ସେ କହିଲେ, କଳାକାର ଯେତିକି ବିଖ୍ୟାତ କଳା ଲେଖୁଥିବା ବ୍ୟକ୍ତି ମଧ୍ୟ ସେତିକି ପ୍ରସିଦ୍ଧି ପାଇଥାଏ। ଦୀନନାଥ ପାଠୀ ଏହି ବିଖ୍ୟାତର ଅଧିକାରୀ ଥିଲେ। ସେ ଶବ୍ଦ ଓ ତୂଳୀର ମିଶ୍ରଣରେ ଅନେକ ଭେଟି ଦେଇଛନ୍ତି। ସେ କଳାକୃତି ଲେଖିବା ଓ ଶିଖିବା ଉପରେ ଗୁରୁତ୍ୱ ଦେଉଥିଲେ। ତେଣୁ କଳା ଓ କଳାକାର ଉପରେ ଆଲୋଚନା ହେବା ଆବଶ୍ୟକ। କଳାର ବିଭିନ୍ନ ବିଷୟରେ ଲେଖା ମଧ୍ୟ ପ୍ରକାଶ ପାଇବା ଆବଶ୍ୟକ। ଏହି ଅବସରରେ ୨୦୨୩ ବର୍ଷ ପାଇଁ ପାରଳୋଖେମୁଣ୍ଡିର ସୁଷମା ମହାପାତ୍ରଙ୍କୁ ତୃତୀୟ ଦିନନାଥ ପାଠୀ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ କଳାକାର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଅର୍ଚ୍ଚନା ନାଗ ମାମଲା

### ଶ୍ରଦ୍ଧାଞ୍ଜଳିଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ବହୁ ଚର୍ଚ୍ଚିତ ଅର୍ଚ୍ଚନା ନାଗ ମାମଲା କୋର୍ଟରେ ବିଚାରାଧିନ ଥିବାବେଳେ ଅନ୍ୟତମ ଅଭିଯୁକ୍ତ ଶ୍ରଦ୍ଧାଞ୍ଜଳୀ ବେହେରାଙ୍କ ବିରୋଧରେ ଶନିବାର ଭୁବନେଶ୍ୱର କୋର୍ଟ ଜାମିନ ବିହିନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି । ଅର୍ଚ୍ଚନା ନାଗ ମାମଲାରେ ବାରମ୍ବାର କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଶ୍ରଦ୍ଧାଞ୍ଜଳି କୋର୍ଟରେ ହାଜର ନ ହେବା ଏବଂ ଏହି ମାମଲାର ତଦନ୍ତ କରୁଥିବା ଇଡି ଅଧିକାରୀଙ୍କୁ ସହଯୋଗ ନ କରିବା କାରଣରୁ ତାଙ୍କ ବିରୋଧରେ କୋର୍ଟ ଏନବିଡବ୍ଲ୍ୟୁ ଜାରି କରାଯାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଅର୍ଚ୍ଚନା ନାଗ ମାମଲାରେ ଇଡି ତଦନ୍ତ କରୁଥିବାବେଳେ ମାତ୍ର ଥରେ ଶ୍ରଦ୍ଧାଞ୍ଜଳୀ ଇଡି ଅଧିକାରୀଙ୍କ ସମ୍ମୁଖରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଏହାପରଠାରୁ ବାରମ୍ବାର ଦେହ ଅସୁସ୍ଥ ଥିବା କଥା କହି କୋର୍ଟରେ ହାଜର ନ ହୋଇ ଓକିଲଙ୍କ ଜରିଆରେ ପକ୍ଷ ରଖୁଥିଲେ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶିତ

**ପୁରୀ ଅଫିସ,୨୦।୫**

**ପାସ୍ ହାର ଶତକଡ଼ା ୮୯.୧୩**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୩ ମସିହା ଉପଶାସ୍ତ୍ରୀ ନିୟମିତ ଓ ପୂର୍ବ ନିୟମିତ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ସୂଚନା ଦେଇ କହିଛନ୍ତି, ଚଳିତବର୍ଷ ମାର୍ଚ୍ଚ ୩ ତାରିଖଠାରୁ ୧୫ତାରିଖ ପର୍ଯ୍ୟନ୍ତ ଉପଶାସ୍ତ୍ରୀ ଓ ପୂର୍ବ ନିୟମିକ ପରୀକ୍ଷାଫଳ ଅନୁଷ୍ଠିତ ହୋଇଥିଲା। ମୋଟ ୧୫୬ଟି ସଂସ୍କୃତ ମହାବିଦ୍ୟାଳୟର ପରୀକ୍ଷାର୍ଥୀମାନେ ୧୨୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ପରୀକ୍ଷା ନିମନ୍ତେ ମୋଟ ୮୩୫୫ ଜଣ ପିଲା ଫର୍ମ ଫିଲପ କିଣିଥିଲେ। ତେବେ ପରୀକ୍ଷା ସମୟରେ ୭୮୧ଜଣ ଅନୁପସ୍ଥିତ ରହିଥିଲେ। ଫଳରେ ଚଳିତବର୍ଷ ମୋଟ ୭୫୭୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୬୬୬୭ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଚଳିତବର୍ଷ ମୋଟ ପାସ୍ ହାର ଶତକଡ଼ା ୮୯.୧୩ ରହିଛି। ପ୍ରଥମ ଶ୍ରେଣୀରେ ୧୮୧୮ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୪୦୪୯ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ତୃତୀୟ ଶ୍ରେଣୀରେ ୭୭୧ଜଣ ଏବଂ କମ୍ପାର୍ଟମେଣ୍ଟାଲରେ ୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅସାଧୁ ଉପାୟ ଅବଲମ୍ବନ କରିଥିବା ଯୋଗୁ ମୋଟ ୭୭ଜଣଙ୍କ ପରୀକ୍ଷାଫଳକୁ ବାତିଲ୍ କରାଯାଇଛି ଏବଂ ଅନ୍ୟ କାରଣବଶତଃ ୧୭ ଜଣଙ୍କର ପରୀକ୍ଷାଫଳକୁ ସ୍ଥଗିତ ରଖାଯାଇଛି। ତେବେ ଚଳିତବର୍ଷ କୃତକାର୍ଯ୍ୟ ହୋଇଥିବା ୬୬୬୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପୁଅଙ୍କ ଅପେକ୍ଷା ଝିଅଙ୍କ ସଂଖ୍ୟା ଅଧିକ ରହିଛି। ୩୩୪୦ଜଣ ଝିଅ ପରୀକ୍ଷାରେ ପାସ୍ ହୋଇଥିବା ବେଳେ ୩୩୨୭ଜଣ ପୁଅ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ରଣା ସୂଚନା ପ୍ରଦାନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଲୋକ


@ ଦିଗ୍‌ବିଜୟ


@ ଜ୍ୟୋତିପ୍ରକାଶ


@ ପ୍ରସନ୍ନ


@ ଶୁଭ୍ରାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଗାନ୍ଧୀ ପିସ୍ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଉତ୍କଳ ଅଡିଟୋରିୟମଠାରେ ଶନିବାର ଅନୁଷ୍ଠିତ 'ଉତ୍ତମ ଦେଶ ଓ ଦୁନିଆ ଗଠନ ନିମନ୍ତେ ମହିଳା ନେତୃତ୍ୱ' କର୍ମଶାଳାରେ ସର୍ବଭାରତୀୟ ସ୍ତରରୁ ଯୋଗଦେଇଥିବା ମହିଳାମାନେ।


ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ ଶନିବାର ଆୟୋଜିତ ଇଣ୍ଡିଆନ୍ ସାଇନ୍ସେସ୍ ଅଲିମ୍ପିଆଡ୍ ଅନ୍‌ଲାଇନ୍ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

## ସଂକ୍ଷେପରେ

### କଣ୍ଡରା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

ପୁରୁଣା ଭୁବନେଶ୍ୱର,୨୦।୫(ଡି.ଏନ୍.ଏ.): ଐତିହ୍ୟ କଣ୍ଡରା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଶନିବାର ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ କଲୋନୀରେ ଖୁସିର ମାହୋଲ ଦେଖାଯାଉଛି। ପ୍ରାୟ ୫ ଏକର ପରିମିତ ଶ୍ରୀଲିଙ୍ଗରାଜ ମନ୍ଦିରର ଅନତି ଦୂରରେ ଅବସ୍ଥିତ ଏହି ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏପରି କି କେତେଜଣ ବ୍ୟକ୍ତି ଏ ପୋଖରୀକୁ ପୋତି କିଣାବିକା କରିବାକୁ ଉଦ୍ୟମ କରିଥିଲେ। ସେପାଇଁ ଚତୁଃପାର୍ଶ୍ୱରେ ରହୁଥିବା ନନ୍ଦ ପୁଷ୍କରିଣୀ କଲୋନୀ ଏବଂ ଅନ୍ୟ ବାସିନ୍ଦାଙ୍କ ସହ ଏକାମ୍ର ଜନଜାଗରଣ ମଞ୍ଚ ପୁନରୁଦ୍ଧାର ନେଇ ବିଭିନ୍ନ ବିଭାଗକୁ ଦାବିପତ୍ର ଦେବା ସହ ଜବରଦଖଲର ବିରୋଧ କରିଆସୁଥିଲେ। ୨୦୧୮ରେ ମଞ୍ଚ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ତୁରନ୍ତ ଏହାର ପୁନରୁଦ୍ଧାର ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୪ ବର୍ଷ ପରେ ମଧ୍ୟ କୌଣସି ସବୁଜ ସଙ୍କେତ ନ ମିଳିବାରୁ ଗତ ଫେବୃଆରୀ ୧୩ରେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚ ଓ ଅଞ୍ଚଳର କଲୋନୀ ବାସିନ୍ଦାଙ୍କ ସହ ମଞ୍ଚର ସଦସ୍ୟମାନେ ଅହୋରାତ୍ର ଧାରଣା ଦେଇଥିଲେ। ୧୩ ଦିନ ପରେ ଧାରଣାକାରୀଙ୍କୁ ମେୟର ସୁଲୋଚନା ଦାସ ସାକ୍ଷାତ୍ କରିବାପୂର୍ବକ ପୋଖରୀର ପୁନରୁଦ୍ଧାର ନେଇ ପ୍ରତିଶ୍ରୁତି ଦେଇଥିଲେ।

# ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ଅବହେଳିତ

## ଗ୍ରାଚ୍ୟୁଟିରେ ପାତରଅନ୍ତର, ମିଳୁନି ପେନ୍‌ସନ ବହି

- ଗୃହ ଓ ନଗର ଉନ୍ନୟନ ବିଭାଗ ଦେଉନି ଅନୁମୋଦନ
- ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନକଲା ସଂଘ

ଭୁବନେଶ୍ୱର, ୨୦।୫ (ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ୍ ଅଧୀନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପରିଚାଳିତ ହେଉଛି। ବିଏମ୍‌ସି କର୍ମଚାରୀମାନେ ସରକାରୀ କର୍ମଚାରୀଙ୍କ ଭଳି ସମସ୍ତ ସୁବିଧା ପାଉଛନ୍ତି। ସେହିପରି ସରକାରୀ ନିୟମ ଅନୁଯାୟୀ ସମସ୍ତ ଦଣ୍ଡବିଧାନ ଓ ଅନ୍ୟାନ୍ୟ ବ୍ୟବସ୍ଥା ରହିଛି। ମାତ୍ର ଗ୍ରାଚୁଇଟି ଓ ପେନ୍‌ସନ କ୍ଷେତ୍ରରେ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟ ସରକାରୀ କର୍ମଚାରୀ ଅବସର ତଥା ମୃତ୍ୟୁକାଳୀନ ଗ୍ରାଚୁଇଟି ସର୍ବାଧିକ ୧୫ଲକ୍ଷ ଟଙ୍କା ପାଉଥିବାବେଳେ ଏମାନଙ୍କୁ ମାତ୍ର ୮ଲକ୍ଷ ଟଙ୍କା ଦିଆଯାଉଛି। ଏହାକୁ ନେଇ ବିଏମ୍‌ସିରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଅସଙ୍ଗତିକୁ ଦୂର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବାରମ୍ବାର ସରକାରଙ୍କୁ ଦାବି କରାଯାଇଥିଲେ ବି କୌଣସି ସୁଫଳ ମିଳୁନାହିଁ। ଏ ବାବଦରେ ସରକାରଙ୍କୁ ଚିଠି ମଧ୍ୟ ଲେଖା ସରିଛି। ଅପରପକ୍ଷେ ଗ୍ରାଚ୍ୟୁଟି ଟଙ୍କା ବୃଦ୍ଧି କରିବା ନିମନ୍ତେ ଜାନୁୟାରୀରେ ବସିଥିବା ବିଏମ୍‌ସି କର୍ପୋରେଶନ ବୈଠକରେ ମଧ୍ୟ ଅନୁମୋଦିତ ହୋଇଛି। କର୍ପରେଟରମାନେ ଏହାକୁ ସର୍ବସମ୍ମତିକ୍ରମେ ପାସ୍ କରିଛନ୍ତି। କେବଳ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ଅନୁମୋଦନ କରିବା ପରେ ବିଏମ୍‌ସି ତା' ନିଜ ପାଣ୍ଠିରୁ ଗ୍ରାଚ୍ୟୁଟି ପ୍ରଦାନ କରିବ। ବିଏମ୍‌ସି ପକ୍ଷରୁ ଇତି ମଧ୍ୟରେ ଉକ୍ତ ବିଭାଗକୁ ବାରମ୍ବାର ଚିଠି କରାଯାଇଥିଲେ ବି କୌଣସି ଉତ୍ତର ମିଳୁନାହିଁ। ପୂର୍ବରୁ ସଂଘ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କୁ ଭେଟିଥିବାବେଳେ ଶନିବାର ପୁନର୍ବାର ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସୋମବାର ମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଅବସରପ୍ରାପ୍ତ ବିଏମ୍‌ସି କର୍ମଚାରୀଙ୍କୁ ପେନ୍‌ସନ୍ ବହି ମିଳୁନାହିଁ। ଫଳରେ ସେମାନଙ୍କୁ କେଉଁଠାରୁ ଋଣ ମିଳିପାରୁନାହିଁ। ରାଜ୍ୟର ଏତେବଡ଼ ପୌର ସଂସ୍ଥାରେ କାମ କରି ଏଭଳି ସମସ୍ୟା ଦେଇ ଗତି କରିବା ନିହାତି ପକ୍ଷେ ଲଜ୍ଜାର ବିଷୟ ବୋଲି ସଂଘ ସମ୍ପାଦକ ବ୍ରଜ ପଣ୍ଡା କହିଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଶା ସିଭିଲ ସର୍ଭିସ ଆକ୍ଟ ୨୦୧୬ ସେକ୍ସନ ୧୮ ଅନୁଯାୟୀ, ମ୍ୟୁନିସିପାଲ କର୍ମଚାରୀମାନେ ସରକାରୀ କର୍ମଚାରୀଙ୍କ ପରି ସମସ୍ତ ସୁବିଧା ପାଇବେ। ମାତ୍ର ପୌର କର୍ମଚାରୀଙ୍କ କ୍ଷେତ୍ରରେ ଗ୍ରାଚ୍ୟୁଇଟି ୮ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ୨୦୨୦ ଜାନୁୟାରୀ ୧୬ରେ ନଗର ଉନ୍ନୟନ ବିଭାଗର ରେଗୁଲେଶନ ନଂ. ୧୪୧୪ରେ ପ୍ରକାଶ ପାଇଥିଲା। ଏହାକୁ ପୌର କର୍ମଚାରୀ ବିରୋଧ କରିବା ସହ ଏହାର ସଂଶୋଧନ ଦାବି କରୁଥିବାବେଳେ ଏନେଇ କୌଣସି ସମାଧାନ ବାହାରି ପାରୁନାହିଁ। ଦାବି ସମ୍ପର୍କରେ ବିଏମ୍‌ସି ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମେୟର ପର୍ଯ୍ୟନ୍ତ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ଗୋଟେପଟେ ନଗର ଉନ୍ନୟନ ବିଭାଗ ହାତ ବାନ୍ଧି ବସିଥିବାବେଳେ ବିଏମ୍‌ସି ଅଧିକାରୀ ଚିଠି କରିଦେଇ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଥିବା ସଂଘ ସମ୍ପାଦକ ପଣ୍ଡା କ୍ଷୋଭର ସହ କହିଛନ୍ତି।

# ରାସ୍ତାରେ ନିର୍ମାଣ ଆବର୍ଜନା ଗଦାଇ ୧୮ ହଜାର ଜରିମାନା ଗଣିଲେ



ଭୁବନେଶ୍ୱର, ୨୦।୫ (ବ୍ୟୁରୋ)

ରାସ୍ତା କଡ଼ରେ ନିର୍ମାଣଧିନ ଆବର୍ଜନା ଗଦାଇ ଦଣ୍ଡ ଗଣିଲେ ଅମାନିଆ। ବାହାରେ ଅଳିଆ ନ ପକାଇବାକୁ ବିଏମ୍‌ସି ବାରମ୍ବାର ତାଗିଦ୍ କରି ଆସୁଛି। ମାତ୍ର ଏହାକୁ ଖାତିର ନ କରି ଶହୀଦ ନଗର ଅଞ୍ଚଳରେ ଜଣେ ବ୍ୟକ୍ତି ରାସ୍ତା କଡ଼ରେ ଗୋଡି ଓ ଅନ୍ୟାନ୍ୟ ନିର୍ମାଣଧିନ ସାମଗ୍ରୀ ଗଦା କରିଥିଲେ। ଏନେଇ ବିଏମ୍‌ସି ଖବର ପାଇବା ପରେ ସେଠାରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୧୮ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛି। ଘରୁ ବାହାରୁଥିବା ଦୈନନ୍ଦିନ ଅଳିଆ ହେଉ ଅବା ଭୋଜି ପରେ ଗଦା ହୋଇ ରହୁଥିବା ଆବର୍ଜନା କିମ୍ବା ନିର୍ମାଣଧିନ ବର୍ଜ୍ୟ, ଏସବୁକୁ ରାସ୍ତା ନ ପକାଇ ବିଏମ୍‌ସିର ସଫେଇ ଗାଡିରେ ଦେବା ପାଇଁ ଲୋକଙ୍କୁ କୁହାଯାଇଛି। ବିଶେଷକରି ନିର୍ମାଣଧିନ ବର୍ଜ୍ୟ ସଂଗ୍ରହ କରିବା ପାଇଁ ଜଣେ ଚାହିଁଲେ ଫୋନ୍ କରି ବିଏମ୍‌ସିର ଗାଡ଼ି ବୁକିଂ କରିପାରିବେ ବୋଲି ମଧ୍ୟ ସୂଚନା ଦିଆଯାଇଛି। କିନ୍ତୁ କିଛି ଅମାନିଆ ବ୍ୟକ୍ତି ଏହି ନିର୍ଦ୍ଦେଶକୁ ଅଣଦେଖା କରିବା ସହ ମନଇଚ୍ଛା ଆବର୍ଜନା ସର୍ବସାଧାରଣ ସ୍ଥାନରେ ଗଦା କରୁଛନ୍ତି। ଫଳରେ ବିଏମ୍‌ସକୁ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ପଡୁଛି ବୋଲି ସୂଚନା ଦିଆଯାଇଛି।

# ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



## ଏଏସ୍‌ଓ ମେଧା ତାଲିକା ଖାରଜ ଘଟଣା

କଟକ ଅଫିସ,୨୦।୫

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପ୍ରକାଶ ପାଇଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷାର ମେଧା ତାଲିକାକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେବା ପରେ ବିବାଦ ଦେଖାଦେଇଛି। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ଶନିବାର କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ଜଣେ ପରୀକ୍ଷାର୍ଥୀ କହିଛନ୍ତି, ହାଇକୋର୍ଟଙ୍କ ରାୟକୁ ଆମେ ସମ୍ମାନ ଜଣାଉଛୁ । ହେଲେ ଦୀର୍ଘ ୬ ମାସ ଧରି ଆମେ ମାନସିକ ନିର୍ଯାତନାର ଶିକାର ହୋଇଛୁ । ଏଥିରେ ଆମ ଦୋଷ କ'ଣ ରହିଲା। ଅନ୍ୟପିଲାଙ୍କ ଭଳି ଆମେ ମଧ୍ୟ ପରୀକ୍ଷା ଦେଇ ମେଧା ତାଲିକାରେ ସ୍ଥାନ ପାଇଥିଲୁ। ଆମ ପାଖରେ ମଧ୍ୟ ସୂଚନା ନ ଥିଲା କି ମିନିମମ କ୍ୱାଲିଫାଇଂ ମାର୍କ ଲାଗିବ ବୋଲି । ଏବେ ମେଧା ତାଲିକା ଖାରଜ ହେବା ପରେ ଆମ ପରିଶ୍ରମର କିଛି ମୂଲ୍ୟ ରହିଲା ନାହିଁ । ଏସବୁ ପରେ ଆମ ଭବିଷ୍ୟତ କ'ଣ ହେବ ସେନେଇ ଆମେ ଦ୍ୱନ୍ଦ୍ୱରେ ରହିଛୁ। ଆମ ପ୍ରତି ଏହା ଅନ୍ୟାୟ ହୋଇଛି। ସେଥିପାଇଁ ଆମେ ସବୁ ଓପିଏସ୍‌ସିର ଦ୍ୱାରସ୍ଥ ହୋଇଛୁ।

ମିଳିଥିବା ସୂଚନା ଅନୁଯାୟୀ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୨ ଅଗଷ୍ଟରେ ହୋଇଥିବା ଏଏସ୍‌ଓ ଲିଖିତ ପରୀକ୍ଷା ନିମନ୍ତେ ୧,୪୮,୮୮ ଜଣ ଆବେଦନକାରୀ ଥିଲେ। ପରୀକ୍ଷା ଖାତା ମୂଲ୍ୟାୟନ ପରେ ଓପିଏସ୍‌ସି ପକ୍ଷରୁ ଏକ ମେଧା ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ୧୧୦୪ ଜଣ ସ୍ଥାନିତ ହୋଇଥିଲେ। ପ୍ରକାଶିତ ମେଧା ତାଲିକା ଓପିଏସ୍‌ସି ସର୍ଭିସ୍ ନିୟମ ଅନୁସାରେ ହୋଇ ନ ଥିବା ଓ ଏଥିରେ ଅନିୟମିତତା ହୋଇଥିବା ଦର୍ଶାଇ କେତେଜଣ ଏଏସ୍‌ଓ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରିବା ସହ ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଦେଇଥିଲେ। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷାରେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେଧା ତାଲିକା ପ୍ରକାଶ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ମେଧା ତାଲିକାରେ ସ୍ଥାନ ପାଇଥିବା ଶତାଧିକ ପରୀକ୍ଷାର୍ଥୀ ନ୍ୟାୟ ପାଇଁ ଦାବି କରିଛନ୍ତି। ତେବେ ଏନେଇ ଓପିଏସ୍‌ସି ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ମୁଖ୍ୟ ଶାସନ ସଚିବ, ଡିଜିଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ,୨୦।୫

ତଦନ୍ତ ଆଳରେ ବନ କର୍ମଚାରୀ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଥିବା ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ଶୁଣାଣି କରି ଜାତୀୟ ମାନବାଧିକାର କମିଶନ ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ଆସନ୍ତା ଜୁନ୍ ୨୪ ସୁଦ୍ଧା କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ୱେବ୍‌ସାଇଟ, ଅଫିସିଆଲ ମେଲ୍-ଆଇଡି କିମ୍ବା ସ୍ପିଡ୍‌ପୋଷ୍ଟ ଜରିଆରେ ରିପୋର୍ଟ ଦାଖଲ କରିପାରିବେ। ଅନ୍ୟପକ୍ଷେ କମିଶନ ଖୋର୍ଦ୍ଧା ଜିଲାପାଳ, ଏସ୍‌ପି ଏବଂ ମୁଖ୍ୟ ବନ ସଂରକ୍ଷକଙ୍କ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୪ ସପ୍ତାହ ମଧ୍ୟରେ ପୁଣିଥରେ ସବିଶେଷ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବେ। ଏହାର ନକଲ ମୁଖ୍ୟ ଶାସନ ସଚିବ ଏବଂ ଡିଜିଙ୍କ ନିକଟକୁ ପଠାଇବେ। ଏଥିରେ ଖିଲାପ ହେଲେ ମାନବାଧିକାର ସୁରକ୍ଷା ଆଇନ ୧୯୯୩ ଅନୁସାରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ ହାଜର ଲାଗି ନିର୍ଦ୍ଦେଶ ଦିଆଯିବ ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାରକୁ ଉପଯୁକ୍ତ ସୁରକ୍ଷା, ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମାନବାଧିକାର କର୍ମୀ ଜୟନ୍ତ ଦାଶ।

# ଆଜିଠୁ ୩ ଦିନିଆ ରିମାଣ୍ଡରେ ଆସିବେ ୩ ଅଭିଯୁକ୍ତ



ଅଭିଯୁକ୍ତ ପଠାଣୀସାମନ୍ତ ଲେଙ୍କା, ସରୋଜ କୁମାର ନାୟକ ଓ ସୌମ୍ୟ ପଟ୍ଟନାୟକ।

ଭୁବନେଶ୍ୱର,୨୦।୫ (ବ୍ୟୁରୋ)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ସିମ୍ କାର୍ଡର ଓଟିପି ଶେୟାରିଂ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜେଲରେ ଥିବା ୩ ଅଭିଯୁକ୍ତଙ୍କୁ ରବିବାର ରିମାଣ୍ଡରେ ଆଣିବ। ଅଭିଯୁକ୍ତ ପଠାଣୀସାମନ୍ତ ଲେଙ୍କା, ସରୋଜ କୁମାର ନାୟକ, ସୌମ୍ୟ ପଟ୍ଟନାୟକଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିବାବେଳେ ୩ ଦିନ ପାଇଁ ଅନୁମତି ମିଳିଛି। ଫଳରେ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା ସମୟରେ ଏସ୍‌ଟିଏଫ୍ ବହୁ ତଥ୍ୟ ସଂଗ୍ରହ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ୟୁପିଆଇ ଦ୍ୱାରା ଅଭିଯୁକ୍ତମାନେ କରିଥିବା ଟ୍ରାଞ୍ଜାକ୍ସନର କିଛି ତଥ୍ୟ (ନ୍ୟାଶନାଲ୍ ପେମେଣ୍ଟ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ)ରୁ ଏସ୍‌ଟିଏଫ୍ ବହୁ ସୂଚନା ପାଇଛି। ଅଭିଯୁକ୍ତମାନେ ଗୁଗୁଲ୍ ପେ, ଫୋନ ପେ, ପେଟିଏମ୍ ଆଦିରୁ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍) ଜରିଆରେ ଆଇଏସ୍‌ଆଇ ଏଜେଣ୍ଟଙ୍କ ଠାରୁ ବିପୁଳ ଟଙ୍କା ପାଉଥିଲେ। ତେଣୁ ୟୁପିଆଇ ଦ୍ୱାରା କେତେଟଙ୍କା ଓ କେଉଁମାନେ ଦେଇଛନ୍ତି ଏସମସ୍ତ ଦିଗକୁ ନେଇ ଖୋଳତାଡ କରିବ।

## ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ ଘଟଣା

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଅନ୍ୟ ନାଁରେ ମୋବାଇଲ ସିମ୍ ଆଣି ବିଭିନ୍ନ ସୋସିଆଲ ମିଡିଆ ଗ୍ରୁପ ଦ୍ୱାରା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ସେୟାର କରି ବିପୁଳ ଟଙ୍କା ପାଉଥିଲେ। ଆଇଏସ୍‌ଆଇ ଏଜେଣ୍ଟମାନେ ଉକ୍ତ ଓଟିପି ଆଧାର କରି ହ୍ୱାଟ୍‌ସଆପ୍, ଟେଲିଗ୍ରାମ, ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ଟୁଇଟର୍ ଆଦି ସୋସିଆଲ ମିଡିଆ ଏବଂ ଆମାଜନ, ଫ୍ଲିପକାର୍ଟ ଭଳି ଶପିଂ ଆପ୍‌ରେ ଆକାଉଣ୍ଟ ଅପରେଟ୍ କରିପାରୁଛନ୍ତି। କିଛିଦିନ ତଳେ ଏଭଳି ଏକ ହ୍ୱାଟ୍‌ସଆପ୍ ଗ୍ରୁପର ସନ୍ଧାନ ଏସ୍‌ଟିଏଫ୍ ପାଇଥିଲା। ସେଥିରେ ବହୁ ସଦସ୍ୟ ଥିବାବେଳେ ଏସ୍‌ଟିଏଫ୍ ଉପରୋକ୍ତ ୩ଅଭିଯୁକ୍ତଙ୍କ ପରିଚୟ ପାଇବା ପରେ ସେମାନଙ୍କୁ ଗିରଫ କରିଥିଲା।

# ପୁରୀ-ଦୁର୍ଗ ଏକ୍ସପ୍ରେସ୍ ବ୍ରେକ୍‌ରେ ନିଆଁ

ସାକ୍ଷୀଗୋପାଳ, ୨୦।୫ (ସ୍ୱ.ପ୍ର./ଡି.ଏନ୍.ଏ.): ପୁରୀ -ଦୁର୍ଗ ଏକ୍ସପ୍ରେସ୍ ଟ୍ରେନଟି ସାକ୍ଷୀଗୋପାଳ



ନିକଟରେ ଶନିବାର ଏକ ଅଘଟଣ ଘଟିଛି। ଶନିବାର ପୁରୀ- ଦୁର୍ଗ ଏକ୍ସପ୍ରେସ ପୁରୀରୁ ସମୟ ଅନୁସାରେ ଛାଡିଥିଲା। ହେଲେ ଟ୍ରେନଟି ସାକ୍ଷୀଗୋପାଳ ଓ ପୁରୁଷୋତ୍ତମପୁର ଅଞ୍ଚଳ ନିକଟରେ ପହଞ୍ଚିବା ସମୟରେ ହଠାତ୍ ଟ୍ରେନଟିର ମଝି ଅଂଶରେ ଥିବା ବ୍ରେକରୁ ନିଆଁ ଲାଗିଥିଲା। ପରେ ଲୋକଙ୍କଠାରୁ ସୂଚନା ପାଇ ଟ୍ରେନଟି ରହିଥିଲା। ନିଆଁ ଲାଗିବା ପରେ ଲୋକମାନେ ଭୟଭୀତ ହୋଇଯାଇଥିଲା। ତୁରନ୍ତ ଇଞ୍ଜିନିୟରମାନେ ଆସି ନିଆଁ ଲିଭାଇବା ସହ ଆବଶ୍ୟକ ମରାମତି କରାଯିବା ପରେ ଟ୍ରେନଟି ଛାଡ଼ିଥିଲା। ରେଳ ଏବଂ ରେଳ ଯାତ୍ରୀ ସମ୍ପୂର୍ଣ୍ଣ ନିରାପଦ ରହିଛନ୍ତି ।

# ନିବେଶ ଆଳରେ ମହିଳାଙ୍କଠାରୁ ୫୦ ହଜାର ଠକୁ: ୨ ଗିରଫ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ନିବେଶ ଆଳରେ ଜଣେ ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଠକିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାହାଳ ଥାନା ଅନ୍ତର୍ଗତ ହଂସପାଳର ଆଶୀର୍ବାଦ ରାଉତ ଓ କେନ୍ଦ୍ରାପଡାର ଦୀପକ କୁମାର ଜେନା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ଦୀପକ ତାଙ୍କର ଫୋନ୍‌ରୁ ଅଭିଯୋଗକାରିଣୀ ଓ ତାଙ୍କ ବାପାଙ୍କୁ ଯୋଗଯୋଗ କରି

## ଟଙ୍କା ମାଗିବାରୁ ଥାନା ଆଇଆଇସି କହି ଧମକାଉଥିଲେ

ଅଧିକ ଲାଭବାନ ହେବାର ଲୋଭ ଦେଖାଇ ଟଙ୍କା ନିବେଶ ଯୋଜନା ବିଷୟରେ ବୁଝାଇଥିଲେ। ଏହା ପରେ ସେ ମହିଳାଙ୍କ ଘରକୁ ଆସି ଫୋନ ପେ ଜରିଆରେ ୫୦ ହଜାର ଟଙ୍କା ନେବା ସହ ଗୋଟିଏ ହାଟ୍ସଆପ୍ ଗ୍ରୁପରେ ଆଇଡି କରି ସେଥିରେ ୨ ସପ୍ତାହ ମଧ୍ୟରେ ଲାଭବାନ ହେବାର ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ପରେ ଅଭିଯୁକ୍ତ ଦୀପକ ଉକ୍ତ ହାଟ୍ସଆପ୍ ଗ୍ରୁପ୍‌ଟିକୁ ବନ୍ଦ କରିଦେଇଥିଲେ। ଏହି ସମସ୍ତ ଘଟଣା ଜାଣିପାରି ମହିଳା ଜଣକ ତାଙ୍କୁ ଯୋଗାଯୋଗ କରି ଟଙ୍କା ଫେରସ୍ତ କରିବାକୁ କହିବାରୁ ସେ କିଛି ଶୁଣି ନ ଥିଲେ କିମ୍ବା କୌଣସି ଟଙ୍କା ଫେରସ୍ତ କରି ନ ଥିଲେ। ଏଥିସହ ଅଭିଯୁକ୍ତ ଦୀପକ ସହଯୋଗୀ ଆଶୀର୍ବାଦଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ଆଶୀର୍ବାଦ ନିଜକୁ ମଞ୍ଚେଶ୍ୱର ଥାନାର ଆଇଆଇସି ପରିଚୟ ଦେଇ ଉକ୍ତ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଧମକ ଦେଇଥିଲେ। ତେବେ ଠକାମିର ଶିକାର ହୋଇଥିବା ଜାଣିବା ପରେ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଦୁହିଁଙ୍କୁ ଗିରଫ କରିଛି।




ସିଆର୍‌ଓ ଫାର୍ମାଟ୍ରେଞ୍ଜ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶନିବାର ଇଣ୍ଟରନ୍ୟାଶନାଲ କ୍ଲିନିକାଲ ଟ୍ରାଏଲ୍ସ ଡେ' ପାଳନ ଅବସରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ୱାକାଥନ।

# ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ, ୨ ଭାଇ ଗିରଫ

ଭୁବନେଶ୍ୱର,୨୦।୫ (ବ୍ୟୁରୋ)

ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା କେନ୍ଦୁଝରର ରଜତ କୁମାର ସାହୁ ଓ ଆଦିତ୍ୟ ନାରାୟଣ ସାହୁ। ଆକ୍ରମଣର ଶିକାର ହୋଇଛନ୍ତି ବିଶ୍ୱନାଥ ପାତ୍ର। ସେ ଶୁକ୍ରବାର ସନ୍ଧ୍ୟାରେ ଏକ ଦୋକାନରେ ଚା' ପିଇବା ବେଳେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ।

# ପୋଲିସ ପାଟ୍ରୋଲିଂରେ ସାମିଲ ହେଲା ଅତ୍ୟାଧୁନିକ ଡ୍ରୋନ୍

ଭୁବନେଶ୍ୱର,୨୦।୫ (ବ୍ୟୁରୋ)

 କମିଶନରେଟ ପୋଲିସର ପେଟ୍ରୋଲିଂ ବ୍ୟବସ୍ଥାରେ ଯୋଡି ହେଲା ଡ୍ରୋନ୍ କ୍ୟାମେରା। ଏଥିପାଇଁ ଭୁବନେଶ୍ୱର ଅର୍ବାନ ପୋଲିସକୁ ଏସ୍‌ଓଜି ପକ୍ଷରୁ ଏକ ଉଚ୍ଚ କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ ଡ୍ରୋନ ପ୍ରଦାନ କରାଯାଇଛି। ଡ୍ରୋନଟି ୫ ଶହ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଡିପାରିବାର କ୍ଷମତା ରହିଥିବାବେଳେ ୫ କିମି ଅଞ୍ଚଳ ମଧ୍ୟରେ ଘଟୁଥିବା ସମସ୍ତ ଘଟଣାର ଫଟୋ ଓ ଭିଡିଓ ଉତ୍ତୋଳନ କରିପାରିବ। ଏନେଇ ଡିସିପି ପ୍ରତୀକ ସିଂ ତଦାରଖ କରିବା ସହ ଟ୍ରାଏଲ ପରେ ଖବରଦାତା ସମ୍ମିଳନୀ କରି ଶନିବାର ଏହି ସୂଚନା ଦେଇଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସହରରେ ବିଭିନ୍ନ ସମୟରେ ରାଲି, ଧାରଣା ବେଳେ ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିପାରିବ। ସେହିପରି ଭିଆଇପି ଗସ୍ତବେଳେ ଟ୍ରାଫିକ ଜାମ୍‌ର ଗତି ବିଧି ଉପରେ ମଧ୍ୟ ନଜର ରଖିବାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏହି ଡ୍ରୋନକୁ ବ୍ୟବହାର କରିବା ଲାଗି ସ୍ଥିର କରାଯାଇଛି। ଡ୍ରୋନ୍‌ର ବ୍ୟବହାର ଉପରେ ଆଗାମୀ ଦିନରେ ରାଜଧାନୀରେ କାର୍ଯ୍ୟ କରୁଥିବା ଥାନାଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବାକୁ ଯୋଜନା ରଖାଯାଇଛି ବୋଲି ସିଂ କହିଛନ୍ତି।



ଡିସିପି ପ୍ରତୀକ ସିଂ ଡ୍ରୋନ୍ ପରିଚାଳନା ସମ୍ପର୍କରେ ପଚାରି ବୁଝୁଛନ୍ତି।

- ୫ଶହ ମିଟର ଉପରୁ ୫ କି.ମି. ଅଞ୍ଚଳକୁ ନଜର ରଖିବ
- ଟ୍ରାଫିକ ଜାମ୍, ଅସାମାଜିକଙ୍କ ସମ୍ପର୍କରେ ସୂଚନା ଦେବ

ସୂଚନାନୁସାରେ, ଡ୍ରୋନଟିକୁ ଏସଓଜି ପକ୍ଷରୁ କିଛିଦିନ ତଳେ ଭୁବନେଶ୍ୱର ଅର୍ବାନ ପୋଲିସକୁ ପ୍ରଦାନ କରାଯାଇଥିଲା। ଏହାକୁ ଡିସିପି ସିଂ ଶୁକ୍ରବାର ତଦାରଖ କରିବା ସହ ଡ୍ରୋନର କ୍ଷମତା ସଂକ୍ରାନ୍ତରେ ଅପରେଟଙ୍କଠାରୁ ପଚାରି ବୁଝି ନିଜେ ପ୍ରଥମେ ଉଡେଇ ଦେଖିଥିଲେ।

### ଡ୍ରୋନରେ କ'ଣ ରହିଛି ବ୍ୟବସ୍ଥା

ଡ୍ରୋନ୍‌ରେ ଲାଗିଥିବା କ୍ୟାମେରା ହାଇ ରିଜୋଲ୍ୟୁଶନର ରହିଛି। ଫଳରେ ଏଥିରେ ଉତ୍ତୋଳିତ ହେଉଥିବା ଫଟୋ ସ୍ପଷ୍ଟ ଭାବେ ଦେଖି ହୋଇପାରିବ। ଡ୍ରୋନରେ ଜିପିଏସ ଟ୍ରାକିଂ ବ୍ୟବସ୍ଥା ରହିଥିବା ବେଳେ ଏହା ଯେଉଁ ସ୍ଥାନରୁ ଉଡାଣ ଆରମ୍ଭ କରିବ ଠିକ୍ ସେହି ସ୍ଥାନକୁ ହିଁ ଫେରି ଆସିବାର ବ୍ୟବସ୍ଥା ରହିଛି। ସେହିପରି ରାତି ସମୟରେ ମଧ୍ୟ ସ୍ପଷ୍ଟ ଚିତ୍ର ଉତ୍ତୋଳନ କରିପାରିବ। ଏହାବାଦ ଡ୍ରୋନଟି ଏକକାଳୀନ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ବ୍ୟାଟେରୀ ବ୍ୟାକ୍‌ଅପ୍ ରଖିବାର କ୍ଷମତା ରହିବା ସହ ବ୍ୟାଟେରୀ ସରିବା ସମୟ ହେଲେ ଡ୍ରୋନ୍‌ଟି ଆପେଆପେ ନିଜ ଅପରେଟର ପାଖକୁ ଫେରି ଆସିବ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

କଟକ ସଦର,୨୦।୫(ଡି.ଏନ୍.ଏ.): ସ୍ତ୍ରୀଙ୍କୁ ମାଡ଼ ମାରି ଆହତ କରିବା ଅଭିଯୋଗରେ ୪୨ ମୌଜା ପୋଲିସ ସ୍ଥାନୀୟ ବ୍ରହ୍ମପୁର ଗ୍ରାମର ଗୋପାଳ ଚନ୍ଦ୍ର ସାହା (୪୨) ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗୋପାଳ ସବୁବେଳେ ଅଧିକ ଯୌତୁକ ଆଣିବା ପାଇଁ ଚାପ ପକାଇ ସ୍ତ୍ରୀ ମୁନୀଙ୍କୁ ମାଡ଼ ମାରୁଥିଲେ। ଶୁକ୍ରବାର ମଧ ସେ ତାଙ୍କୁ ମାଡ଼ ମାରି ଆହତ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ମୁନୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୬୭/୨୩) ରୁଜୁ କରିଥିଲା।

### ନୂତନ ବିଚାରପତିଙ୍କ ଯୋଗଦାନ

ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ବାଙ୍କୀ,୨୦।୫(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ନୂତନ ବିଚାର ବିଭାଗ ମାଜିଷ୍ଟ୍ରେଟ ଭାବେ ସ୍ୱାଧୀନ ପଣ୍ଡା ଯୋଗଦାନ କରିଛନ୍ତି। ଏହି ଅବସରରେ ବାଙ୍କୀ ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ସଂଘ କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ଶ୍ରୀନିବାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସିନିୟର୍ ଡିଭିଜନ ସିଭିଲଜଜ୍ ନବନୀତା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଓକିଲ ଏବଂ ବିଚାରପତିଙ୍କ ମଧରେ ଉତ୍ତମ ସମ୍ପର୍କ ରହିବା ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବା ଉଚିତ। ଏଥିସହିତ ଜନସାଧାରଣ କିପରି ନ୍ୟାୟ ପାଇପାରିବେ ଆଇନଜୀବୀମାନେ ସେମାନଙ୍କୁ ଠିକ ମାର୍ଗଦର୍ଶନ ପ୍ରଦାନ କରିବା ସହିତ ସାହାଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସଂଘ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ ନୂତନ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ଅଭିନନ୍ଦନ ଜଣାଇଥିଲେ। ନୂତନ ବିଚାର ବିଭାଗ ମାଜିଷ୍ଟ୍ରେଟ ପଣ୍ଡା କହିଥିଲେ, ବିଚାର ବିଭାଗ ଓ ଆଇନଜୀବୀଙ୍କ ମଧରେ ସମନ୍ୱୟ ରକ୍ଷା କରାଯାଇ ପାରିଲେ ପକ୍ଷମାନେ ନ୍ୟାୟ ପାଇପାରିବେ। ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ସେ ଉଦ୍ୟମ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପଣ୍ଡା ଏହାପୂର୍ବରୁ ବଡବିଲ ବିଚାର ବିଭାଗ ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ଗୌରୀଶଙ୍କର ନନ୍ଦ, ସୁବାସ ଚନ୍ଦ୍ର ମିଶ୍ର, ହରେକୃଷ୍ଣ ଦାସ, ଧର୍ମପ୍ରସାଦ ମଙ୍ଗରାଜ, ସନ୍ତୋଷ କୁମାର ରଣା, ସନ୍ତୋଷ କୁମାର ନାୟକ, ସନ୍ତୋଷ କୁମାର ମିଶ୍ର, ବକ୍ସି ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ଶିବପ୍ରସାଦ ପାଢ଼ୀ, ବିଶ୍ୱରଞ୍ଜନ ପଣ୍ଡା ଓ ବିଶ୍ୱପ୍ରସାଦ ରଥଙ୍କ ସମେତ ବହୁ ଆଇନଜୀବୀ ନୂତନ ବିଚାରପତିଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ରିଟେଲର ସଂଘ ପକ୍ଷରୁ ନକୁଳଙ୍କୁ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା,୨୦।୫(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଉମର ପଞ୍ଚାୟତସ୍ଥିତ ରେଣ୍ଟା ଜଙ୍ଗଲ ପରିସରରେ ରିଟେଲର ସଂଘ ପକ୍ଷରୁ ରିଟେଲର ନକୁଳ ବେହେରାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭାସ୍କର ଓଝା ଅଧକ୍ଷତା କରିଥିଲେ। ଏଥିରେ ଅତିଥିଭାବେ ରତ୍ନାକର ସେଠୀ, ନିଶାକର ରାଉତ, ରାମଚନ୍ଦ୍ର ସାହୁ, ଅରୁଣ ରାଉତ, ମହେନ୍ଦ୍ର ଦାସ, ସୁକାନ୍ତ ପୃଷ୍ଟି ଯୋଗଦେଇ ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ।

# ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

## ତଦନ୍ତ ଦାବିରେ ବିଡିଓଙ୍କୁ ସ୍ମାରକପତ୍ର

ବାଙ୍କୀ,୨୦।୫(ସ୍ୱ.ପ୍ର.)

ବାଙ୍କୀ ବ୍ଲକ କିଆପଲ୍ଲା ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର କରାଯାଇ ଅର୍ଥ ଆତ୍ମସାତ୍ କରାଯାଉଛି। ଏହି ଦୁର୍ନୀତିର ତଦନ୍ତ କରିବା ପାଇଁ ବିଡିଓଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ କାର୍ଯ୍ୟ ଶେଷ ହେବାର ମାତ୍ର କିଛି ମାସ ମଧରେ ଏସବୁ ଭାଙ୍ଗି ନଷ୍ଟ ହୋଇଯାଉଛି। କାର୍ଯ୍ୟସ୍ଥଳରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା କୌଣସି ସରକାରୀ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ନରଣପୁର ଚକ



ଦୁର୍ନୀତି ସମ୍ପର୍କରେ ତଦନ୍ତ ପାଇଁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ରାସ୍ତା ବିନା ଏଗ୍ରିମେଣ୍ଟ କିମ୍ବା କୌଣସି ସରକାରୀ ପଦାଧିକାରୀଙ୍କ ବିନା ଉପସ୍ଥିତିରେ ରାତିରେ କାର୍ଯ୍ୟ କରାଯାଉଛି। ଏହି କାମ ପାଇଁ କୌଣସି ସୂଚନା ଫଳକ ଲଗାଯାଇନାହିଁ । ନରଣପୁରର ବିନୋଦ ବିହାରୀ ମଠ, ଶନିମନ୍ଦିର ଓ ଡେଙ୍ଗା ଆମ୍ବ ଗ୍ରାମର ଡଷ୍ଟବିନ୍ କାର୍ଯ୍ୟ ଘରୋଇ ପ୍ଲଟରେ କରାଯାଉଛି। କୁମୁସର ଗ୍ରାମର ବଡବନ୍ଧ କଲଭର୍ଟ କାମ ଅଧା କରାଯାଇ ସମ୍ପୂର୍ଣ୍ଣ ବିଲ୍ କରାଯାଇଛି । ତଳ ନୂଆ ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକୁ ଟ୍ରାକ୍ଟର ଓ ଜେସିବି ଲଗାଇ ରାତିରେ କରାଯାଉଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ବିଡିଓ କ୍ଷିତୀଶ ବେହେରାଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକ ପଞ୍ଚାୟତର ଦେବେନ୍ଦ୍ର ପ୍ରଧାନ, ରାଜେଶ ଚନ୍ଦ୍ର ବାରିକ, ରାଜକିଶୋର ସାହୁ, ମଦନ ପାଢ଼ୀ,ଗନ୍ଧର୍ବ ପ୍ରଧାନ, ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏହାର ନକଲ ୫-ଟି ସଚିବ, ପଞ୍ଚାୟତିରାଜ ସଚିବ, ଜିଲାପାଳ, ପି.ଡି ଓ ବାଙ୍କୀ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଗାଈ ମୃତ

ନିଶ୍ଚିନ୍ତକୋଇଲି,୨୦।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ଅନ୍ତର୍ଗତ ପଶ୍ଚିମଖଣ୍ଡ ଭୋଳ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶନିବାର ୨ଟି ଗାଈର ମୃତ୍ୟୁ ଘଟିଛି। ପଶ୍ଚିମଖଣ୍ଡଭୋଳ ଗ୍ରାମର ସେକ୍ ମୁସ୍ତାକଙ୍କ ସ୍ତ୍ରୀ ଖଚିତା ବିବି ଓ ସେକ୍ ରସିଦଙ୍କ ସ୍ତ୍ରୀ ଗୌରୀ ବିବି ସେମାନଙ୍କର ୨ ଗାଈକୁ ନେଇ ଚରିବା ନିମନ୍ତେ ସ୍ଥାନୀୟ ବିଲରେ ବାନ୍ଧିଥିଲେ। ଏହି ସମୟରେ ଅସୁରେଶ୍ୱର ବିଦ୍ୟୁତ୍ କର୍ମଚାରୀମାନେ ଖୁଣ୍ଟରେ ଚଢ଼ି ମରାମତି କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ବିଦ୍ୟୁତ୍ ତାର ଛିଣ୍ଡି ଉଭୟ ଗାଈ ଉପରେ ପଡ଼ିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ମହିଳା ଦ୍ୱୟ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା। ବିଦ୍ୟୁତ୍ ଯୋଗାଣ କମ୍ପାନୀ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ମନଇଚ୍ଛା ଚାଲିଛି ପୋଲ ନିର୍ମାଣ, ସରକାରୀ ଅର୍ଥ ଆତ୍ମସାତ୍

## ୫ନଂ. କେନାଲ

ସାଲେପୁର,୨୦।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ନିକଟସ୍ଥ ଶିଶୁଆ ପଞ୍ଚାୟତ ଦେଇ ଯାଇଥିବା ୫ନଂ. କେନାଲ ଉପରେ ପୋଲ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶିଶୁଆ ବାହାରପଡ଼ା ନିକଟରେ ପୋଲ ନିର୍ମାଣ କରାଯାଉଛି। ଉକ୍ତ ସ୍ଥାନରେ ପୋଲର ଆବଶ୍ୟକତା ନ ଥିବାବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ପୋଲ ନିର୍ମାଣ କରାଯାଉଛି। ଜଳ ସମ୍ପଦ ବିଭାଗ ତରଫରୁ ଏହି ପୋଲି ନିର୍ମାଣ କରାଯାଉଥିବା କୁହାଯାଇଛି। ଶିଶୁଆ ସ୍କୁଲ ପାଖରେ ଶିଶୁଆ-ରାମକୃଷ୍ଣପୁର



ଗ୍ରାମ୍ୟ ଉନ୍ନୟନ ରାସ୍ତା ଯାଇଛି। ଏଠାରେ ୫ନଂ. କେନାଲ ଉପରେ ସରକାରଙ୍କ ପକ୍ଷରୁ ବହୁ ବର୍ଷ ତଳେ ପୋଲ ନିର୍ମାଣ କରାଯାଇଥିଲା। ଏବେ କେନାଲ ବନ୍ଧ କଡ଼ରେ ବହୁ ଲୋକ ଜମି କିଣି ଘର କରିଛନ୍ତି। ଏହି ଲୋକମାନଙ୍କର ସୁବିଧାପାଇଁ ମାତ୍ର ୩୦୦ ଫୁଟ ଦୂରରେ ପୁଣି ଏକ ପୋଲ ଏହି କେନାଲ ଉପରେ ନିର୍ମାଣ ହେଉଛି। ସରକାରୀ ଅର୍ଥ ଆତ୍ମସାତ କରାଯାଇ ଏଠାରେ କାହିଁକି ପୋଲ ନିର୍ମାଣ କରାଯାଉଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

ଏ ସମ୍ପର୍କରେ କେନ୍ଦୁପାଟଣା ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକ କହିଛନ୍ତି, ଆମ ତରଫରୁ ଏହି ପୋଲ ନିର୍ମାଣ କରାଯାଉ ନାହିଁ। କେଉଁ ବିଭାଗ ତରଫରୁ ହେଉଛି ସୋମବାର ଏହାର ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଶୀତଳଷଷ୍ଠୀ ଉତ୍ସବ ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ,୨୦।୫(ଡି.ଏନ୍.ଏ.)

ଖୁଣ୍ଟୁଣୀ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାର୍ବତୀ ଓ ବାବା ବାଲୁଙ୍କେଶ୍ୱରଙ୍କ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲୁଙ୍କେଶ୍ୱର ଟ୍ରଷ୍ଟ ଓ କନକ ଦୁର୍ଗା ଟ୍ରଷ୍ଟ ବୋର୍ଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟି କିଶୋର କୁମାର ସାମନ୍ତରାୟ ଅଧକ୍ଷତା କରିଥିଲେ। ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ଦେବ ଓ ରଘୁନାଥଦେବଙ୍କ ସହିତ ବାଲୁଙ୍କେଶ୍ୱରଙ୍କୁ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ନିଆଯାଇ ରମ୍ପେଇ-ଖୁଣ୍ଟୁଣୀ ଗ୍ରାମ ପରିକ୍ରମା କରାଯିବ। ଶୋଭାଯାତ୍ରାରୁ ଫେରିବା ପରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ସମସ୍ତ କାର୍ଯ୍ୟକୁ ଟ୍ରଷ୍ଟ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ବିପିନି ବିହାରୀ ପ୍ରଧାନ, ବିଜୟ ସାହୁ, ବିକାଶ ଚନ୍ଦ୍ର ସାହୁ, ସୁଧୀର ଦାଶ, ଗୋବିନ୍ଦ ବେହେରା, ସଞ୍ଜୀବ କୁମାର ବେହେରା, ବଟ ବେହେରା, ବିଶ୍ୱରଞ୍ଜନ ଚୌଧୁରୀ, ପ୍ରିୟବ୍ରତ ପାତ୍ର, ଚକ୍ରଧର ସାହୁ ଏବଂ ଦିଲ୍ଲୀପ ରାଉଳ ପ୍ରମୁଖ ସମ୍ପାଦନ କରିବାକୁ ଟ୍ରଷ୍ଟ ବୋର୍ଡ ନିଷ୍ପତ୍ତି ନେଇଛି।

# 'ଛାତ୍ରୀଛାତ୍ର ଆଧୁନିକ ଶିକ୍ଷାବ୍ୟବସ୍ଥାରେ ନିଜକୁ ସାମିଲ କରନ୍ତୁ'



କୃତୀ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଓ ଅନ୍ୟମାନେ ।

ଆଠଗଡ,୨୦।୫(ସ୍ୱ.ପ୍ର.)

ଓଡିଶା ମାଧମିକ ଶିକ୍ଷାବୋର୍ଡର ମେଟ୍ରିକ ପରୀକ୍ଷାରେ ଆଠଗଡ଼ର ସାବିତ୍ରୀ ରଥ ବିଦ୍ୟାପୀଠ ବ୍ଲକରେ ସର୍ବାଧିକ ସଫଳତା ହାସଲ କରିଛି। ଏହି ବିଦ୍ୟାଳୟରୁ ବ୍ଲକର ସର୍ବାଧିକ ୬ ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶତପ୍ରତିଶତ ଫଳାଫଳ କରିଛି। ଏନେଇ ଆଙ୍ଗୁଲା ସ୍ଥିତ କଲ୍ୟାଣ ମଣ୍ଡପରେ ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ ଏଥିରେ ଅଧକ୍ଷତା କରିଥିଲେ।

ଏହି ଅବସରରେ ବିଦ୍ୟାଳୟରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ବିସ୍ମିତା ସାହୁ, ସ୍ୱାଗତିକା ଲେଙ୍କା, ପ୍ରଜ୍ଞାପାରମିତା ସାହୁ, ସୋମନାଥ ନାୟକ, ରଚିତା ସେଠୀଙ୍କ ସମେତ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ଛାତ୍ରୀଛାତ୍ରମାନେ ଆଧୁନିକ ଶିକ୍ଷାବ୍ୟବସ୍ଥାରେ ନିଜକୁ ସାମିଲ କରି ଅଧିକରୁ ଅଧିକ ପରିଶ୍ରମ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୂର୍ଯ୍ୟମଣି ବେହେରା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ଗଣ୍ଡିଆ, ସିଆରସିସି ରଞ୍ଜିତ ମହାନ୍ତି, ସ୍କୁଲ ପରିଚାଳନା କମିଟିର ସଭ୍ୟ ମନୋରଞ୍ଜନ ଜେନା,ସମିତି ସଭ୍ୟ ଲିଲି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଓଷ୍ଟା ତରଫରୁ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ସମ୍ବର୍ଦ୍ଧନା ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

ବଡ଼ମ୍ବା,୨୦।୫(ଡି.ଏନ.ଏ.):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବଡ଼ମ୍ବା ଶାଖା ତରଫରୁ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀନିବାସ ପ୍ରଧାନ ପୌରୋହିତ୍ୟ କରିଥିଲେ। ରାଜ୍ୟ ସମ୍ପାଦକ ବିଜୟ କୁମାର ଛତ୍ର ମୁଖ୍ୟଅତିଥି, କଟକ ଜିଲା ଉପସଭାପତି କାମରାଜ ସାହୁ ଓ ଉପଦେଷ୍ଟା ବିଷ୍ଣୁ ଚରଣ ସାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକସ୍ତରରେ ଏ-୧ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଯଥାକ୍ରମେ ଶୁଭଲକ୍ଷ୍ମୀ ଧଳ, ଶୁଭ୍ରାଂଶୁ ସୁବୁଦ୍ଧି ଓ ଦୀପ୍ତି କୃଷ୍ଣ ରାଉତ ଏବଂ ଓଡ଼ିଶା ଶିକ୍ଷା ସେବାରେ ୨୪ତମ ସ୍ଥାନ ହାସଲ କରିଥିବା ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତି ଷଡ଼ଙ୍ଗୀଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶଙ୍ଖାମେରି ବାଳିକା ଉଚ୍ଚ ବିଦ୍ୟାଳୟରୁ ଅବସରର ନେଇଥିବା ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ରାଉତ, ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶ କୁମାର ମହାଲିକ, କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ ମୁଗଗହୀରର ସେବା ନିବୃତ କ୍ରୀଡ଼ା ଶିକ୍ଷକ ଶରତ କୁମାର ଦାଶ ଓ କିରାଣୀ କିଶୋର ଚନ୍ଦ୍ର ସାମନ୍ତରାୟଙ୍କୁ ଉତ୍ତରୀୟ ସହ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ବ୍ଲକ୍‌ର ନୂତନ ପ୍ରଧାନଶିକ୍ଷକ ମାନସୀ ମଞ୍ଜରୀ ସେଠୀ ଓ ହୈମତି ବେହେରାଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ପ୍ରାୟ ୩୦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ବିଡି ତିଆରି କରି ପରିବାର ପ୍ରତିପୋଷଣରେ ସାହାଯ୍ୟ କରିବା ସହ ନିଷ୍ଠାପର ଉଦ୍ୟମ କରି ବ୍ଲକରେ ପ୍ରଥମ ହୋଇଥିବା ରତାପାଟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ଧଳଙ୍କୁ ସମସ୍ତେ ପ୍ରଶଂସା କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଯୁଗ୍ମ ସମ୍ପାଦକ ମହେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ମୋବାଇଲ ଚୋରି ଅଭିଯୋଗ : ଜଣେ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୨୦।୫(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେଣ୍ଡାଳୋ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପୁର ଗ୍ରାମର ସୂର୍ଯ୍ୟକାନ୍ତ ପାତ୍ର। ଏନେଇ ଥାନାରେ ମାମଲା (ନଂ.୯୩/୨୩) ରୁଜୁ ହୋଇଛି। ଜଗତ୍‌ସିଂହପୁର ଜିଲା ରମ୍ଭାଦେଇପୁର ଗ୍ରାମର ସୂର୍ଯ୍ୟନାରାୟଣ ପତି ସ୍ଥାନୀୟ ଅଞ୍ଚଳରେ କାମ କରନ୍ତି। ତାଙ୍କର ମୋବାଇଲ ଓ ୫ ଶହ ଟଙ୍କା ଚୋରି ହୋଇଥିବା ନେଇଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାର ପୋଲିସ ତଦନ୍ତ କରି ପାତ୍ରଙ୍କୁ ଗିରଫ କରିଛି।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ମହାଯଜ୍ଞରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁସନ୍ଥ ଓ ଅନ୍ୟମାନେ ।

ସାଲେପୁର,୨୦।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅଧୀନ ଲୁଣାହାରର ତ୍ରିନାଥ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମହାଯଜ୍ଞରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ବିଭିନ୍ନ ଦିବସରେ ବହୁ ସାଧୁସନ୍ଥ ଯୋଗଦେଇଥିଲେ। କୁନି ପ୍ରବଚକ କେଶବ ଦୃତିକୃଷ୍ଣ ଏହି କାର୍ଯ୍ୟକ୍ରମ ଯୋଗଦେଇ ପ୍ରବଚନ ଦେଇଥିଲେ। ଏହା ଶୁଣିବାପାଇଁ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଜଗନ୍ନାଥ ବସ୍ତିଆ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସିଦ୍ଧଗିରି ଆଶ୍ରମର ବାବା ବିଶ୍ୱନାଥ, ଅନ୍ୟତମ ବାବା ବିଜୟ ଦାଶ, ବାବା ଭୈରବାନନ୍ଦ ଦାଶ, ବାବା ପପୁରାମ ଦାଶ, ଖବରଦାତା ଅକ୍ଷୟ କୁମାର ଦାଶ, ମାଳିକା ପ୍ରବକ୍ତା ଜଗନ୍ନାଥ ସାହୁ ଯୋଗଦେଇ ଭାରତୀୟ ସଂସ୍କୃତିରେ ଯଜ୍ଞର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଧର୍ମଜାଗରଣ ସମନ୍ୱୟ କଟକ ଜିଲା ସଂଯୋଜକ ଦେବେନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଶିକ୍ଷା-କ୍ରୀଡ଼ା ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

ସାଲେପୁର,୨୦।୫(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅଧୀନ ଜପକୁଦସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ବିନତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟି ଉପସଭାପତି ଚନ୍ଦ୍ରମଣି ଭୂୟାଁ ସଂଯୋଜନା କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉନ୍ନତି କାମନା କରି ଶିକ୍ଷା-କ୍ରୀଡ଼ା ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ। ସେ ଏହି ଅନୁଷ୍ଠାନକୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ। ସାଲେପୁର ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ, ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ କୁମାର ଦାଶ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ନାରାୟଣ ପତି, କଟରପା ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ରାଉତ, ସମିତି ସଭ୍ୟ ଗୟାଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ସୁଧୀର କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସୁଦେଷ୍ଣା ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କେଶବ ଚନ୍ଦ୍ର ମିଶ୍ର, କ୍ଷୀରୋଦ ସାମଲ, କ୍ଷୀରୋଦ ଶତପଥୀ, ବିଚିତ୍ର କୁମାର ପ୍ରହରାଜ, ଅଜୟ କୁମାର ସେନାପତି ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଯୁବଗୋଷ୍ଠୀ ଆଗେଇଆସିବା ଜରୁରୀ

ତିଗିରିଆ,୨୦।୫(ଡି.ଏନ୍.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ୨ ଦିନିଆ ନିଖିଳ ଉତ୍କଳ ରାଜ୍ୟସ୍ତରୀୟ ଯୁବକ ଓ ବାଳକ ଅହମ୍ମଦିୟା ବାର୍ଷିକ ପ୍ରତିଯୋଗିତା (ଇଜତମା)ଉଦ୍‌ଘାଟିତ ହୋଇଯାଇଛି। ଯୁବ ଅହମ୍ମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ ଅଲ୍ଲୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବ ଅହମ୍ମଦିୟାର ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ପାଇଁ ଉପସ୍ଥିତ ଯୁବକ ଓ ବାଳକଙ୍କୁ ଶପଥ ପାଠ କରାଯିବ ସହ ନୀରବ ପ୍ରାର୍ଥନା କରାଯାଇଥିଲା। କରଡ଼ାପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ଅବ୍‌ଦୁଲ ମାଲିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ଜମାତ୍ ଅହମ୍ମଦିୟା ଭାରତର ଉପସଚିବ ଅବଦୁଲ ଓକିଲି




କାର୍ଯ୍ୟକ୍ରମରେ ଯୁବ ଅହମ୍ମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ ଅଲ୍ଲୀ ଓ ଅନ୍ୟମାନେ ।

ନିୟାଜ ଯୋଗଦେଇ କହିଥିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଯୁବଗୋଷ୍ଠୀ ଆଗେଇ ଆସିବା ଜରୁରୀ। ଯୁବ ଗୋଷ୍ଠୀ ସତ୍ ଓ ନିଷ୍ଠାର ସହ କାର୍ଯ୍ୟ କଲେ ବିଶ୍ୱରୁ ଅନ୍ଧାର ରୂପୀ ଶତ୍ରୁକୁ ହଟାଯାଇପାରିବ। ସମ୍ମାନିତ ଅତିଥିଭାବେ ଯୁବ ଅହମଦିୟା କରଡ଼ାପଲ୍ଲୀର ସଭାପତି ସରାଫତ ଅଲ୍ଲୀ ଯୋଗ ଦେଇଥିଲେ। ଏହି ୨ ଦିନିଆ ପ୍ରତିଯୋଗିତାରେ ୫ ରୁ ୪୦ ବର୍ଷ ବୟସ୍କ ଯୁବକ ଓ ବାଳକଙ୍କ ମଧରେ ବିଭିନ୍ନ ଗ୍ରୁପ୍‌ରେ ଜମାତ୍ ଅହମ୍ମଦିୟା ଧର୍ମର କୋରାନ ଶ୍ଳୋକ, ଓଡ଼ିଆ କବିତା, ଉର୍ଦ୍ଦୁ କବିତା ( ନଜମ )ବକ୍ତୃତା, ବିଭିନ୍ନ ଖେଳ ଯଥା, ଫୁଟ୍‌ବଲ, ଭଲି ବଲ, ୧୦୦, ୨୦୦ ମିଟର ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ବାଟୁଳି ଚାଳନା, ଇତ୍ୟାଦି ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୮୦୦ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି ବୋଲି ଆୟୋଜକ ଯୁବ ଅହମ୍ମଦିୟା କରଡ଼ାପଲ୍ଲୀର ଯୁବ ଅହମ୍ମଦିୟା ସଭାପତି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ

ନିମାପଡ଼ା,୨୦।୫(ଡି.ଏନ୍.ଏ.)- ଚାରିଛକ ଥାନା ଅଞ୍ଚଳର ଜଣେ ୩୦ ବର୍ଷୀୟାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ନେଇ ମହିଳା ଜଣକ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ବଳାତ୍କାର ଉଦ୍ୟମକାରୀ ଯୁବକ ରାକେଶ ଖାନ୍ ଓରଫ ରକିଙ୍କ ବିରୋଧରେ ଦଫା ୪୫୭, ୩୨୩, ୩୫୪,୨୯୪ରେ ନଂ. ୫୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ କିଛିଦିନ ତଳେ ମହିଳାଙ୍କ ସ୍ୱାମୀ, ଦିଅର ଘରେ ନ ଥିବାବେଳେ ମହିଳା ତାଙ୍କ ଘରର କବାଟ ଖୋଲି ରାତିରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଗ୍ରାମର ରାକେଶ ତାଙ୍କ ଘରେ ପଶି ତାଙ୍କୁ ଜୋରଜବରଦସ୍ତ ଟଣାଓଟରା କରି ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏଥିରେ ମହିଳା ଜଣକ ପାଟି କରିବାରୁ ଅନ୍ୟ ଘରେ ଶୋଇଥିବା ଶାଶୁ ଶ୍ୱଶୁର ତାଙ୍କ ପାଖରେ ପହଞ୍ଚିବାରୁ ଯୁବକ ଜଣକ ଖଟତଳେ ଲୁଚି ଯାଇଥିଲେ। ପରିବାର ଲୋକେ ଉକ୍ତ ଯୁବକଙ୍କୁ ଖଟତଳୁ କାବୁ କରିଥିଲେ ମଧ ଯୁବକ ସେମାନଙ୍କୁ ଠେଲି ସେଠାରୁ ପଳାଇବାରେ ସଫଳ ହୋଇଥିଲେ। ଏ ସମ୍ପର୍କରେ ମହିଳା ତାଙ୍କ ପରିବାର ଓ ଗ୍ରାମ ମୁରବିଙ୍କୁ ଜଣାଇଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଯୁବକ ମହିଳାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ମାତ୍ର ମହିଳା ଜଣକ ମୁରବିମାନଙ୍କଠାରୁ ନ୍ୟାୟ ନ ପାଇ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

### ୧୧ ଫୁଟର ଅଜଗର ଉଦ୍ଧାର

ସାକ୍ଷୀଗୋପାଳ,୨୦।୫(ଡି.ଏନ୍.ଏ.)- ୧୧ ଫୁଟ ଲମ୍ବର ଏକ ଅଜଗର ସାପକୁ ସତ୍ୟବାଦୀ ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଡିରୁ ଶନିବାର ଉଦ୍ଧାର କରାଯାଇଛି। ଦାସବିଦ୍ୟାଧରପୁର ପଞ୍ଚାୟତର ଜଗନ୍ନାଥ ମନ୍ଦିର ନିକଟରେ ଥିବା ମନୋଜ କୁମାର ରଥଙ୍କ ବାଡ଼ରେ ଘେରା ଯାଇଥିବା ଜାଲ ମଧରେ ସାପଟି ଛନ୍ଦି ହୋଇଯାଇଥିଲା। ମଧାହ୍ନରେ ଲୋକମାନେ ଦେଖି ଭୟଭୀତ ହୋଇଯାଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଖବରପାଇ ସ୍ନେକ ହେଲ୍ପଲାଇନର ସଦସ୍ୟମାନେ ଗ୍ରାମକୁ ଆସି ସାପଟିକୁ ଉଦ୍ଧାର କରିଥିଲେ। ସାପଟିର ଓଜନ ପ୍ରାୟ ଆନୁମାନିକ ୩୨ କେଜି ହେବ ବୋଲି ଜଣାପଡିଛି। ଉଦ୍ଧାର ପରେ ସୁସ୍ଥ ଅଜଗରକୁ ସୁରକ୍ଷିତ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି।

### ପୁରୀ-ଦୁର୍ଗ ଏକ୍ସପ୍ରେସ୍‌ର ବ୍ରେକ୍‌ରେ ନିଆଁ




ସାକ୍ଷୀଗୋପାଳ, ୨୦।୫ (ସ୍ୱ.ପ୍ର./ଡି.ଏନ୍.ଏ.): ପୁରୀ -ଦୁର୍ଗ ଏକ୍ସପ୍ରେସ୍ ଟ୍ରେନଟି ସାକ୍ଷୀଗୋପାଳ ନିକଟରେ ଶନିବାର ଏକ ଅଘଟଣ ଘଟିଛି। ଶନିବାର ପୁରୀ- ଦୁର୍ଗ ଏକ୍ସପ୍ରେସ ପୁରୀରୁ ସମୟ ଅନୁସାରେ ଛାଡିଥିଲା। ହେଲେ ଟ୍ରେନଟି ସାକ୍ଷୀଗୋପାଳ ଓ ପୁରୁଷୋତ୍ତମପୁର ଅଞ୍ଚଳ ନିକଟରେ ପହଞ୍ଚିବା ସମୟରେ ହଠାତ୍ ଟ୍ରେନଟିର ମଝି ଅଂଶରେ ଥିବା ବ୍ରେକରୁ ନିଆଁ ଲାଗିଥିଲା। ପରେ ଲୋକଙ୍କଠାରୁ ସୂଚନା ପାଇ ଟ୍ରେନଟି ରହିଥିଲା। ନିଆଁ ଲାଗିବା ପରେ ଲୋକମାନେ ଭୟଭୀତ ହୋଇଯାଇଥିଲା। ତୁରନ୍ତ ଇଞ୍ଜିନିୟରମାନେ ଆସି ନିଆଁ ଲିଭାଇବା ସହ ଆବଶ୍ୟକ ମରାମତି କରାଯିବା ପରେ ଟ୍ରେନଟି ଛାଡ଼ିଥିଲା। ରେଳ ଏବଂ ରେଳ ଯାତ୍ରୀ ସମ୍ପୂର୍ଣ୍ଣ ନିରାପଦ ରହିଛନ୍ତି।

# ଆନ୍ଦୋଳନ ଚେତାବନୀ ଦେଲା କ୍ରିୟାନୁଷ୍ଠାନ କମିଟି

**ବେଗୁନିଆ,୨୦।୫(ଡି.ଏନ୍.ଏ.)**




ଖବରଦା ସମ୍ମିଳନୀରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ।

ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ପରିଣତ କରିବା ପାଇଁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି ହେଲେ ସୁଫଳ ମିଳୁନାହିଁ। 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବାର୍ତ୍ତା ନେଇ ଅଞ୍ଚଳର ଜନସାଧାରଣଙ୍କ ହିତରେ ଆଇନକୁ ହାତକୁ ନେବୁ। ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବୁ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆସନ୍ତା ୨୨ତାରିଖରୁ ଅନଶନ କରାଯିବ ବୋଲି ଚେତାବନୀ ଦେଇଛି ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି। ଏନେଇ ଶନିବାର ବେଗୁନିଆ ସଦର ମହକୁମା ସ୍ଥିତ ମା'ଦୁର୍ଗାଙ୍କ ପୀଠ ସଭାଗୃହରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ବେଗୁନିଆ ଗ୍ରାମ କମିଟି ସଭାପତି ଲାଲା ଦିଲୀପ କୁମାର ରାୟଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ବରିଷ୍ଠ ନାଗରିକ କୈଳାସ ଚନ୍ଦ୍ର ସୁବୁଦ୍ଧି, ଉପସଭାପତି ଉପେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରକାଶ ବଳିୟାରସିଂହ, ଯୁଗ୍ମ ଆବାହକ ଦେବାଶିଷ ସାହୁ ଓ ରମାକାନ୍ତ ମହାପାତ୍ର, କୋଷାଧକ୍ଷ ଶିବ କୁମାର ମୁନି, ସମ୍ପାଦକ ଭାଗୀରଥି ପରିଡା, ସହସମ୍ପାଦକ ସୁଶାନ୍ତ ରାୟ, ପ୍ରତାପ ସାହୁ, ରାମ ମାନସ ପଣ୍ଡା, ଅକ୍ଷୟ ରଥ, ସୁଜିତ ସାହୁ, ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ରେ ପରିଣତ କରିବାକୁ ଦାବିହୋଇ ଆସୁଅଛି। ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଆଇନଜୀବୀ, ଜନକଲ୍ୟାଣ ପ୍ରତିଷ୍ଠାନ ଓ ଜନସାଧାରଣ ପୃଥକ୍‌ଭାବେ ସ୍ଥାନୀୟ ବିଧାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବଙ୍କୁ ଲିଖିତଭାବେ ଜଣାଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ୨୦୧୫ ମେ' ୧୦ରେ ବେଗୁନିଆ ଗସ୍ତରେ ଆସି ବିଧାନସଭା ନିବେଦନ ଗୃହ କମିଟି ବ୍ଲକର ସ୍ୱାସ୍ଥ୍ୟସେବା ସ୍ଥିତିକୁ ହୃଦୟଙ୍ଗମ କରିବା ପରେ ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏହି ପ୍ରତିଶ୍ରୁତିକୁ ୮ ବର୍ଷ ପୂରିଛି। ପୂରଣ ହେବା ପରିବର୍ତ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ତାଲିକାରୁ ବାଦ୍ ପଡିଛି। ଅନ୍ୟପଟେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ବେଗୁନିଆ ସଦର ଦେଇ ଯାଇଛି। ରାଜପଥ ଉପରେ ଦୈନିକ ଦୁର୍ଘଟଣା ଘଟୁଛି। ରୋଗୀ ଏଠାରେ ଜରୁରିକାଳୀନ ସେବା ନ ପାଇ ହଇରାଣ ହେଉଛନ୍ତି। ବେଗୁନିଆ ସଦର ମହକୁମାରେ ରେଲୱେ ଷ୍ଟେଶନ, ବ୍ଲକ, ତହସିଲ ସମେତ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ବେଗୁନିଆ ବ୍ଲକର ୨୧ ଏବଂ ବୋଲଗଡ଼ ବ୍ଲକର ୭ଟି ପଞ୍ଚାୟତର ଜନସାଧାରଣ ଏଠାକୁ ବିଭିନ୍ନ କାର୍ଯ୍ୟ ନେଇ ଦୈନିକ ଆସୁଛନ୍ତି। ଏ ସବୁକୁ ଦୃଷ୍ଟିରୁ ରଖି ଏଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଅନେକ ଗୁରୁତ୍ୱ ବହନ କରୁଛି। ମାତ୍ର ସେଠାରେ ବିଭିନ୍ନ ସମସ୍ୟା ଲାଗିରହିଥିବାରୁ ରୋଗୀଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ।

**ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ**
- ୨୨ରେ ପିଏଚ୍‌ସି ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଅନଶନ

# ୩ ରଥର ସମସ୍ତ ଚକ ସହ ଅଖ ସଂଯୋଗ ହେଲା

**ପୁରୀ ଅଫିସ,୨୦।୫**

**ରଥଖଳାରୁ ...**

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ୩୦ ଦିନରୁ କମ ସମୟ ଥିବା ବେଳେ ଶ୍ରୀନଅର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଭକ୍ତିପୁତ ପରିବେଶ ମଧରେ ରଥ ନିର୍ମାଣରେ ନିୟୋଜିତ ଥିବା ସେବକ ଓ କାରିଗରମାନେ ରଥ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ତେବେ ଭଉଁରି ତିଥିରେ ତିନିରଥର ଗୋଟିଏ ନାହାକା ଅଖରେ ଚକ ଲାଗିହୋଇ ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଥିବା ବେଳେ ଶନିବାର ତିନିରଥର ବାକି ୩୬ ଚକରେ ୧୮ଟି ଅଖ ଲାଗି ହୋଇ ରଥଖଳାରେ ଡେରା ଯାଇଛି। ଫଳରେ ତିନି ରଥର ମୋଟ ୪୨ଟି ଚକ ସହ ୨୧ଟି ଅଖର ସଂଯୋଗ ସମ୍ପନ୍ନ ହୋଇଛି। ତିନିରଥ ମୁଖ୍ୟ ମହାରଣା ଏବଂ ରଥ ଆମିନଙ୍କ ପରାମର୍ଶକ୍ରମେ ଭୋଇ ସର୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ତିନିରଥର ଭୋଇ ସେବକମାନେ ପ୍ରତ୍ୟେକ ରଥର ଚକଗୁଡିକୁ ନମ୍ବରିଂ କରି ସାରିବା ପରେ ପ୍ରତ୍ୟେକ ରଥର ଅନ୍ୟ ନାହାକା ଅଖ, ପଡି ନାହାକା ଅଖ, ବଡ ଉଛୁଳା ଅଖ ଏବଂ ସାନ ଉଛୁଳା ଅଖଗୁଡିକରେ ଚକ ସହ ସଂଯୋଗ କରିଥିଲେ। ସେହିପରି ତିନିରଥର ପାଞ୍ଚ ଦଣ୍ଡା ହଣା ଅନୁକୂଳ ପୂଜା ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ସମ୍ପନ୍ନ ହେବା ପରେ ତିନିରଥର ମହାରଣାମାନେ ପାଞ୍ଚ ଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦିଘୋଷ ରଥର ଦୁଇଟି ଗରଗରାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥ ଏବଂ ଦର୍ପଦଳନ ରଥର ଦୁଇଟି ଲେଖାଏ ଗରଗରାର ଚଉପଟ କାର୍ଯ୍ୟ ଜାରି ରହିଛି। ଦର୍ପଦଳନ ରଥର ଦୁଇଟି ଚାରି ନାହାକାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ଦୁଇଟି ଲେଖାଏ ଚାରି ନାହାକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥର କରତି ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ରୂପକାର ସେବକମାନେ ତିଖ ଗୁଜ ଏବଂ କୋଣ ଗୁଜଗୁଡିକରେ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ତଥା ରୂପର ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା ପାଇଁ ଦଣ୍ଡା ବିଡ଼ିଆ ଏବଂ ଚଉରସ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



# 'ବିକାଶ ପଛରେ ସମନ୍ୱୟତା ଜରୁରୀ'



ଉଦ୍‌ଘାଟନୀ ଅବସରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୨୦।୫**

**ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ**

ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୋଟିଆଖାଲ ଓ କୁରୁମ ଅଙ୍ଗନୱାଡି କେନ୍ଦ୍ର-୩ୟ ଓ ପରିଛଳ-୧ ଓ ୨ ଏବଂ ଗୋଡ଼ା ଅଙ୍ଗନୱାଡି କେନ୍ଦ୍ର-୨, ଉଙ୍ଗରପଡ଼ା ଓ ଗୋଡ଼ାଠାରେ ମିଶନ ଶକ୍ତି ଗୃହ ଓ ଶ୍ରୀଲୋକନାଥଙ୍କ ପୀଠରେ କଲ୍ୟାଣମଣ୍ଡପ ଉଦ୍‌ଘାଟନ କରିଥିଲେ। ଦଳକସ୍ଥିତ ଶ୍ରୀ ଅନନ୍ତ ବାସୁଦେବ ବିଦ୍ୟାପୀଠର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ ସହ ଅନ୍ୟ ଏକ ଗୃହ ପାଇଁ ଭିତ୍ତିପ୍ରସ୍ତର ଦେଇଥିଲେ। କୋଟିଆଖାଲ ଅଙ୍ଗନୱାଡି କେନ୍ଦ୍ର-୨ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧରେ ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ପରିଷଦ ସଭ୍ୟା ତନୁଜା ପାଟଶାଣୀ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ସରପଞ୍ଚ ଅକ୍ଷୟ ରାଉତରାୟ, ସମିତିସଭ୍ୟା ନମିତା ବେହେରାଙ୍କ ସମେତ ଉକ୍ତ ପଞ୍ଚାୟତର ସମସ୍ତ ମିଶନ ଶକ୍ତି ମହିଳା, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଗୋଡ଼ା ଶ୍ରୀଲୋକନାଥଙ୍କ ପୀଠରେ ନବନିର୍ମିତ କଲ୍ୟାଣମଣ୍ଡପରେ ପଞ୍ଚାୟତ ଜନପ୍ରତିନିଧି ଏବଂ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ପଞ୍ଚାୟତସ୍ତରୀୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଲୋକଙ୍କ ନିକଟରେ ପହଞ୍ଚିଲେ ଯୋଜନା ସଫଳ ହେବ। ଏଥିଲାଗି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ସମନ୍ୱୟ, ଉତ୍ତମ ସମ୍ପର୍କ, ସହଯୋଗ ରହିଲେ ଏକ ଆଦର୍ଶ ପଞ୍ଚାୟତ ଗଠନ ହୋଇପାରିବ ବୋଲି ବିଧାୟକ କହିଥିଲେ।

# ବ୍ଲକରେ ଖୋଲିଲା ପ୍ରଥମ ଧାନମଣ୍ଡି

**କଣାସ,୨୦।୫(ସ୍ୱ.ପ୍ର.)**

କଣାସରେ ପ୍ରତିଷ୍ଠିତ ମା' କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ସରକାରୀ ଧାନମଣ୍ଡି ଖୋଲାଯାଇଛି। ସମିତି ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମଣ୍ଡି ଖୋଲିବା ସମୟରେ ସମିତି ବୋର୍ଡ ସଭ୍ୟ ଅଭିମନ୍ୟୁ ଜୟସିଂ, ଶ୍ରୀକାନ୍ତ କୁମାର ପଟ୍ଟଯୋଷୀ, ପ୍ରକାଶ ପ୍ରଧାନ, ରବୀନ୍ଦ୍ର ବଳବନ୍ତରାୟ, ପ୍ରଭାକର ବଳିୟାରସିଂ, ସୁମିତ୍ର ଭୋଳ, ତୁଳସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୭ ଚାଷୀଙ୍କଠାରୁ ୨୬୦ କୁଇଣ୍ଟାଲ ୭୩ କେଜି ଗୋପାଳ ଜୀ ରାଇସ୍‌ମିଲ୍, ଅରିସଲ କ୍ରୟ କରିଥିଲା। ସମିତି ସମ୍ପାଦକ ଧୀରେନ୍ଦ୍ର ମାନସିଂ, ପ୍ରଦେଶ ରାୟ, ତାପସ ପାଲଟାସିଂ ପ୍ରମୁଖ ଉପସ୍ଥିତ ଥିଲେ। କୁଇଣ୍ଟାଲ ପିଛା ଦର ୨୦୪୦ ଟଙ୍କା ରଖାଯାଇଥିବାବେଳେ ମିଲରମାନେ କୁଇଣ୍ଟାଲ ପିଛା ୬କେଜି ଧାନ କାଟୁଥିବାରୁ ଚାଷୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆନ୍ଧ୍ର ବେପାରୀମାନେ କୁଇଣ୍ଟାଲ ପିଛା ୧୮୫୦ ଟଙ୍କାରେ ଧାନ କ୍ରୟ କରୁଥିବାରୁ ଚାଷୀ ମଣ୍ଡିରେ ଧାନ ଦେବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡିଛି।

# ଆଜିଠୁ ୩ ଦିନିଆ ରିମାଣ୍ଡରେ ଆସିବେ ୩ ଅଭିଯୁକ୍ତ

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ସିମ୍ କାର୍ଡର ଓଟିପି ଶେୟାରିଂ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜେଲରେ ଥିବା ୩ ଅଭିଯୁକ୍ତଙ୍କୁ ରବିବାର ରିମାଣ୍ଡରେ ଆଣିବ। ଅଭିଯୁକ୍ତ ପଠାଣୀସାମନ୍ତ ଲେଙ୍କା, ସରୋଜ କୁମାର ନାୟକ, ସୌମ୍ୟ ପଟ୍ଟନାୟକଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିବାବେଳେ ୩ ଦିନ ପାଇଁ ଅନୁମତି ମିଳିଛି। ଫଳରେ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା ସମୟରେ ଏସ୍‌ଟିଏଫ୍ ବହୁ ତଥ୍ୟ ସଂଗ୍ରହ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ୟୁପିଆଇ ଦ୍ୱାରା ଅଭିଯୁକ୍ତମାନେ କରିଥିବା ଟ୍ରାଞ୍ଜାକ୍ସନର କିଛି ତଥ୍ୟ (ନ୍ୟାଶନାଲ୍ ପେମେଣ୍ଟ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ)ରୁ ଏସ୍‌ଟିଏଫ୍ ବହୁ ସୂଚନା ପାଇଛି।

# ରୟାଲ ଷ୍ଟ୍ରାଇକର-ରାଇଜିଂ ଇଗଲ ଫାଇଟର ଫାଇନାଲ

**ବୋଲଗଡ଼,୨୦।୫(ଡି.ଏନ୍.ଏ.)**

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ ପାଇଁ ଏଲିମିନେଟର ଓ କ୍ୱାଲିଫାୟର ମ୍ୟାଚ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟର ମ୍ୟାଚରେ ରାଇଜିଂ ଇଗଲ ଫାଇଟର ଓ ରାନୀ ବ୍ଲାଷ୍ଟର ଟିମ୍ ମଧରେ ମ୍ୟାଚ୍ ହୋଇଥିଲା। ଏଥିରେ ରାଇଜିଂ ଇଗଲ ଫାଇଟର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୯୯ରନ ସଂଗ୍ରହ କରିଥିଲା। ଜବାବରେ ରାନୀ ବ୍ଲାଷ୍ଟର ଟିମ୍ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୮୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ରାଇଜିଂ ଇଗଲ ଫାଇଟର ଟିମ୍ ଫାଇନାଲରେ ପ୍ରବେଶ କରିଛି। ଉକ୍ତଦିନ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ବି.ବି ରକଷ୍ଟାର ଏବଂ ରୟାଲ ଷ୍ଟ୍ରାଇକର ଟିମ୍ ମଧରେ ହୋଇଥିଲା। ବି.ବି. ରକଷ୍ଟାର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୯୪ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ଷ୍ଟ୍ରାଇକର ଟିମ୍ ୮ ଉଇକେଟ ବିନିମୟରେ ଶେଷ ବଲରେ ମ୍ୟାଚ ଜିତି କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଶନିବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ପ୍ରଥମ କ୍ୱାଲିଫାୟର ମ୍ୟାଚର ପରାଜିତ ଟିମ୍ ରାନୀ ବ୍ଲାଷ୍ଟର ଓ ଏଲିମିନେଟର ମ୍ୟାଚ ବିଜେତା ରୟାଲ ଷ୍ଟ୍ରାଇକର ଟିମ୍ ମଧରେ ହୋଇଥିଲା। ରାନୀ ବ୍ଲାଷ୍ଟର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୭ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ଷ୍ଟ୍ରାଇକର ଟିମ୍ ୮ଉଇକେଟ ବିନିମୟରେ ଆବଶ୍ୟକ ୬୮ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି।

# ୬ ମାସ ପରେ ଓମାନରୁ ଆସିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଖୋର୍ଦ୍ଧାଅଫିସ,୨୦।୫**

ଶୁକ୍ରବାର ଥିଲା ସାବିତ୍ରୀ ବ୍ରତ। ସ୍ୱାମୀ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ପୂଜାର୍ଚ୍ଚନା କରିଥିଲେ। ସେପଟେ ସାବିତ୍ରୀରେ ଶବ ହୋଇ ଫେରିଥିଲା ସ୍ୱାମୀଙ୍କ ମୃତଦେହ। ମୃତ୍ୟୁ ହେବାର ୬ମାସ ପରେ ଆସିଥିଲା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ। ସେ ହେଲେ ବାଣପୁର ଥାନା କୁମାରାଙ୍ଗ ବୀରକେଶପୁର ଗ୍ରାମର ବାବୁଲି ବିଶ୍ୱାଳ (୪୭)। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

ସୂଚନା ମୁତାବକ, ପରିବାର ପ୍ରତିପୋଷଣ ପାଇଁ ବାବୁଲି ଓମାନ୍ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ପ୍ରତିବର୍ଷ ସେ ଘରକୁ ଆସୁଥିଲେ। କରୋନା ମହାମାରୀ ପର ଠାରୁ ଘରକୁ ଆସିନଥିଲେ ମଧ ନିୟମିତ ପରିବାର ସମ୍ପର୍କରେ ରହୁଥିଲେ। ୨୦୨୨ ନଭେମ୍ବର ୯ରେ ବାବୁଲି ମୋବାଇଲ ଯୋଗେ ପରିବାର ସହ କଥା ହୋଇଥିଲେ। ତା'ପରଦିନ ୧୦ତାରିଖରେ ବାବୁଲି ଆତ୍ମହତ୍ୟା କରିଥିବା ନେଇ କମ୍ପାନୀ ପକ୍ଷରୁ ପରିବାରଙ୍କୁ ସୂଚନା ଦିଆଯାଇଥିଲା। ତୁରନ୍ତ ମୃତଦେହ ନେବାକୁ କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ନଚେତ ମୃତଦେହ ପୋତିଦେବାକୁ ଧମକ ଦେଇଥିଲେ। ଏନେଇ ସ୍ତ୍ରୀ ସଞ୍ଜୁକ୍ତା ବାଣପୁର ଥାନାରେ ଅଭିଯୋଗ କରିଥିଲେ। ମୃତଦେହ ଆଣିବା ପାଇଁ ଜିଲା ପ୍ରଶାସନ ଠାରୁ ଶ୍ରମ ବିଭାଗ, ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଥିଲେ ମଧ ନିରାଶ ହୋଇଥିଲେ। ଏ ସମ୍ପର୍କରେ ଖବରପାଇ ଚମ୍ପାଦେଇପୁର ଗ୍ରାମର ସାମାଜିକକର୍ମୀ ବାବୁଲି ସାହୁ ଓମାନସ୍ଥିତ ଭାରତୀୟ ଦୂତାବାସ, ବୈଦେଶିକ ମନ୍ତ୍ରଣାଳୟ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ସମେତ ଓମାନସ୍ଥିତ ଓଡ଼ିଆ ସମାଜ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ମୃତଦେହ ଫେରାଇ ଆଣିବାରେ ସଫଳ ହୋଇଥିଲେ।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୦।୫**




ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ତରତୁଆ ସ୍ଥିତ ଆଇଟିବିପି-୪୧ବାଟାଲିୟନ ଏବଂ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର 'ଜୀବନ ବିନ୍ଦୁ' ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଆଇଟିବିପି କମାଣ୍ଡାଣ୍ଟ ହେମନ୍ତ କୁମାର, ସୁବେଦାର ମେଜର ମତୱାର ଠାକୁର, ଡେପୁଟି କମାଣ୍ଡାଣ୍ଟ ମନୋଜ ସିଂ, ଡା. ପବନ କୁମାର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଯବାନମାନଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧରେ ମୋ ପରିବାର ସଂଯୋଜକ ଦିଲୀପ ହୋତା, ଛାତ୍ର ନେତା ବିଶ୍ୱଦୀପ ପ୍ରଧାନ, ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଗୌତମ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଯବାନମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଦର୍ଶନ ପାଇଁ ଭକ୍ତଙ୍କଠାରୁ ଟଙ୍କା ନେଉଥିବା ଅଭିଯୋଗ

**ପୁରୀ ଅଫିସ,୨୦।୫**

ଶ୍ରୀମନ୍ଦିରରେ ନିୟୋଜିତ ଥିବା କେତେଜଣ କର୍ମଚାରୀ ଟଙ୍କା ନେଇ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଉଥିବା ନେଇ ଅଭିଯୋଗ ହୋଇଛି। ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନଙ୍କ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରୁଥିବା ବେଳେ ଅନ୍ୟ କେତେଜଣ ଶ୍ରଦ୍ଧାଳୁ ଖରା ପାଇଁ ବାହାରେ ଅପେକ୍ଷା କରିଥିଲେ। ଏହାର ସୁଯୋଗ ନେଇ ଶ୍ରୀମନ୍ଦିରର କେତେଜଣ କର୍ମଚାରୀ କେତେଜଣ ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇ ଦେବାକୁ କହି ଟଙ୍କା ନେଉଥିଲେ। ଏ ସମ୍ପର୍କରେ କେତେଜଣ ଭକ୍ତ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଥିପ୍ରତି କଡ଼ା ନଜର ରଖିଛି। ଏ ନେଇ ସୁଆର ମହାସୁଆର ନିଯୋଗର ବରିଷ୍ଠ ସେବାୟତ ଦାମଦୋର ମହାସୁଆର କହିଛନ୍ତି, ପ୍ରତିଦିନ ଶ୍ରୀମନ୍ଦିର ପରିସରରେ ଶ୍ରୀମନ୍ଦିର ପୋଲିସର କିଛି କର୍ମଚାରୀ ଉଚ୍ଚପଦସ୍ଥ ଅଧିକାରୀଙ୍କ ଜାଣତରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କଠାରୁ ହଜାର ହଜାର ଟଙ୍କା ନେଇ ବେଆଇନ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଛାଡୁଛନ୍ତି। କାର୍ଯ୍ୟରେ ନିଯୁକ୍ତି ଥିବା କର୍ମଚାରୀମାନେ ଟଙ୍କା ନେଇ ଘଣ୍ଟି ଦ୍ୱାର, ମୁଦୁଲି ଦ୍ୱାର ସହ ଅନ୍ୟାନ୍ୟ ଦ୍ୱାରରେ ଭକ୍ତମାନଙ୍କୁ ଛାଡୁଛନ୍ତି। ଅପରପକ୍ଷେ ଭକ୍ତଙ୍କୁ କାହିଁକି ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଛଡାଯାଉ ନାହିଁ ବୋଲି ସେ ମୁଖ୍ୟ ପ୍ରଶାସକଙ୍କୁ ଜଣାଇଥିଲେ। ତେଣୁ ପୁରୀ ସହରବାସୀଙ୍କ ପାଇଁ ଆଧାର କାର୍ଡ ଦେଖାଇ ଚାରିଦ୍ୱାର ଦେଇ ଦର୍ଶନ ପାଇଁ ଅନୁମତି ମିଳୁ ବୋଲି ସେ କହିଛନ୍ତି। ଅପରପକ୍ଷେ ନୀତି ବିଳମ୍ବକୁ ନେଇ ସୁଆର ମହାସୁଆର ପକ୍ଷରୁ କ୍ଷତିପୂରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାବି କରାଯାଇଛି।

**ସିସିଟିଭି ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନିଆଯିବ: ମୁଖ୍ୟ ପ୍ରଶାସକ**

ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଯାହାସବୁ ବ୍ୟକ୍ତିଗତ ଅଭିଯୋଗ ଆସିଛି ବା ସମସ୍ୟା ରହିଛି ତାହା ଉପରେ ଆଲୋଚନା କରାଯିବ। ସେହିପରି ଟଙ୍କା ନେଇ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରୁଥିବା ଘଟଣାର ତଦନ୍ତ କରାଯିବ। ସିସିଟିଭି ଯାଞ୍ଚ କରାଯିବ। ଯେଉଁମାନେ ଏଭଳି କାର୍ଯ୍ୟ କରୁଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିରରେ କେବେ ମଧ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି। ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲିବା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ

ପୁରୀ ଅଫିସ,୨୦।୫ - ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କିଶୋର ସାହୁଙ୍କୁ କେତେଜଣ ଦୁର୍ବୃତ୍ତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ନେଇ କୁମ୍ଭାରପଡା ଥାନରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ପୋଲିସ କେସ ନଂ. ୧୦୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅଧିକାର କର୍ମୀ ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି କି, ଗତ ୧୮ ତାରିଖ ସନ୍ଧ୍ୟା ସମୟରେ ଗଜପତି ନଗର ଗଳି ନିକଟରେ ଥିବା ଦୀପକ ଦୋଷା ନାମକ ଦୋକାନ ନିକଟରେ ସେ ତାଙ୍କ ଗାଡ଼ି ରଖି ତାଙ୍କର କିଛି ସାଙ୍ଗଙ୍କ ସହ କଥା ହେଉଥିଲେ। ଏହି ସମୟରେ ସେଠାରେ ଥିବା ଏକ ପାନ ଦୋକାନକୁ ଦୁଇଜଣ ଯୁବକ ଆସି ଜିତେନ୍ଦ୍ରଙ୍କୁ ଗାଡି ସାଇଡ୍ କରିବା ପାଇଁ କହିଥିଲେ। ମାତ୍ର ଗାଡି ସାଇଡ କରିବାରେ ସାମାନ୍ୟ ବିଳମ୍ବ ହେବାରୁ ଯୁବକଦ୍ୱୟ ଜିତେନ୍ଦ୍ରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସେ ବିରୋଧ କରିବାରୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ଜିତେନ୍ଦ୍ର ଘଟଣା ସମ୍ପର୍କରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ମେଧାବୀ ଛାତ୍ରୀଛାତ୍ରଙ୍କ ଅଭିନନ୍ଦନ ଉତ୍ସବ

ପୁରୀ ଅଫିସ, ୨୦।୫ - ସ୍ଥାନୀୟ ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମେଧାବୀ ଛାତ୍ରୀଛାତ୍ରଙ୍କ ଅଭିନନ୍ଦନ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାଟ୍ରିକ ପରୀକ୍ଷାରେ ଏ୧ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ମାଧବଚନ୍ଦ୍ର ମହାପାତ୍ର, ସଭାପତି ଅରୁଣ ମିଶ୍ରଙ୍କ ସମେତ ପରିଚାଳନା ସମିତିର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ପ୍ରଥମେ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ବିଦ୍ୟାଳୟର ୧୨୨ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୭ଜଣ ଛାତ୍ରୀ ଛାତ୍ର ଏ୧-୭ ଜଣ,ଏ୨-୧୮ ଜଣ,ବି୧-୩୦,ବି୨-୩୦,ସି-୨୫ ଜଣ,ଡି-୦୮ ଜଣ ଏବଂ ଇ ଗ୍ରେଡରେ -୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ଛାତ୍ରୀ ସୁଶ୍ରୀ ସ୍ୱର୍ଣ୍ଣଲକ୍ଷ୍ମୀ ଦାଶ ସର୍ବୋଚ୍ଚ ୯୫ ଶତକଡା ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା।

### ପୋଖରୀରୁ ଖେଳ ଶିକ୍ଷକଙ୍କ ମୃତଦେହ ଜବତ

ନିରାକାରପୁର,୨୦।୫(ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ଟାଙ୍ଗୋଳ ପଞ୍ଚାୟତ ପଶ୍ଚିମଦ୍ୱାର ପାଟଣା ଗ୍ରାମର ଏକ ପୋଖରୀରୁ ଶନିବାର ଜଣେ ଖେଳ ଶିକ୍ଷକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଭବତୋଷ ପରମାଣିକ(୨୭)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସେ ନୟାଗଡ଼ ଜିଲା ରଣପୁର ହାଇସ୍କୁଲରେ ଖେଳ ଶିକ୍ଷକଭାବେ କାର୍ଯ୍ୟରତ ଥିଲେ। ଏଥିସହ ସେ ରଣ୍ଜୀ ଟ୍ରଫି ଖେଳିଥିଲେ। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭବତୋଷ ବାରିପଟେ ଥିବା ମହୁଲ ପୋଖରୀକୁ ଶନିବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିଲେ। ତେବେ କୌଣସି କାରଣରୁ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଜଣେ ଯୁବକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ପହଞ୍ଚି ଭବତୋଷଙ୍କୁ ପୋଖରୀରୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୩) ରୁଜୁ ହୋଇଥିବା ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କର କହିଛନ୍ତି।

# ଚଞ୍ଚକତା କରି ୬ଲକ୍ଷ ଟଙ୍କା ଆତ୍ମସାତ

- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ପୁରାତନ ଛାତ୍ର ସଂଘ
- ତଦନ୍ତ କରି କିରାଣିଙ୍କଠାରୁ ସମ୍ପୂର୍ଣ୍ଣ ଟଙ୍କା ଆଦାୟ କରାଯିବ: ଅଧକ୍ଷ

କୋଣାର୍କ,୨୦।୫(ଡି.ଏନ୍.ଏ.)




କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟରେ ୨୦୧୭ଠାରୁ ୨୦୨୨ ମସିହା ପର୍ଯ୍ୟନ୍ତ ତତ୍କାଳୀନ କିରାଣିଙ୍କ ଦ୍ୱାରା ନକଲି ରସିଦ ବଳରେ ୬ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ନେଇ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଗୁରୁବାର ଅଭିଯୋଗ କରାଯାଇଛି। ଏଥିସହ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସଂଗଠନ ପକ୍ଷରୁ ଚିଠି ଜରିଆରେ ଦାବି ଜଣାଇଛନ୍ତି। ପ୍ରକାଶ ଯେ, ଗତ କିଛିମାସ ତଳେ ଭଗବତୀ ମହାବିଦ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ ଥିବା କିରାଣି କଲେଜର ରସିଦ ବହି, ଅନ୍ୟାନ୍ୟ ଜରୁରୀ କାଗଜପତ୍ର ତଦାରଖ କରୁଥିବା ବେଳେ ପୂର୍ବ ବର୍ଷଗୁଡ଼ିକର ରସିଦ ବହିର ଟଙ୍କା ସହ ଏବେକାର ରସିଦ ବହିର ଟଙ୍କା ମେଳ ହେଉ ନ ଥିବା ଦେଖିବାକୁ ପାଇଥିଲେ। ଗତ ୫ବର୍ଷ ମଧ୍ୟରେ ପ୍ରାୟ ୬ ଲକ୍ଷ ଟଙ୍କାର ଅର୍ଥ ହେରଫେର ହୋଇଥିବା ଜଣାପଡ଼ିବା ପରେ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ତେବେ ପୂର୍ବରୁ ଥିବା କିରାଣି ଜଣକ କଲେଜର ନକଲି ରସିଦ ବହି ଛାପିବା ସହ ଏହା ସାହାଯ୍ୟରେ ଛାତ୍ରୀଛାତ୍ରଙ୍କଠାରୁ ଚଞ୍ଚକତା କରି ଟଙ୍କା ଆଦାୟ କରୁଥିଲେ। ଯେପରି କଲେଜର ଛାତ୍ରୀଛାତ୍ରଙ୍କ ସେକ୍ସନ ଚାର୍ଜ ପାଇଁ ରସିଦ ବହିରେ ୨୫୬ ଥିବାବେଳେ ଉକ୍ତ କିରାଣି ଜଣକ ନକଲି ରସିଦ ବହି ଦ୍ୱାରା ୨୦୫୬ ଟଙ୍କା ଆଦାୟ କରୁଥିଲେ। ଏପରି ବିଭିନ୍ନ ଉପାୟରେ ୫ ବର୍ଷ ମଧ୍ୟରେ ପ୍ରାୟ ୬ଲକ୍ଷ ଟଙ୍କା ଆତ୍ମସାତ କରିଥିଲେ। ଏହି ଘଟଣା ବିଷୟରେ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ଜାଣିବା ପରେ ଉଚ୍ଚ ଶିକ୍ଷା ବିଭାଗଙ୍କ ନିକଟରେ ଅଭିଯୋଗ କରିଛି। ଉକ୍ତ କିରାଣି ଜଣକ ଗତ ଜାନୁୟାରୀରେ କାକଟପୁରର ଏକ କଲେଜକୁ ବଦଳି ହୋଇଥିବା ଜଣାପଡିଛି। ଅପରପକ୍ଷେ ଏହି ଘଟଣା ସମ୍ପର୍କରେ ମହାବିଦ୍ୟାଳୟ ଅଧକ୍ଷ ଅବଗତ ଥିବାବେଳେ କ'ଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସମ୍ପୃକ୍ତ କିରାଣି ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ପୁରାତନ ଛାତ୍ର ସଂଘ, ବୁଦ୍ଧିଜୀବୀ ଓ କୋଣାର୍କ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ପୂର୍ବତନ କିରାଣିଙ୍କ ସହ ମହାବିଦ୍ୟାଳୟର ଅନ୍ୟ କେଉଁ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ନା ନାହିଁ ସେନେଇ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ପୁରାତନ ଛାତ୍ର ସଂଘ ପକ୍ଷରୁ ଅଭିଯୋଗ ହେଉଛି। ଏ ନେଇ ମହାବିଦ୍ୟାଳୟ ଅଧକ୍ଷ ଅବତାର ମିଶ୍ର କୁହନ୍ତି, ଘଟଣା ବିଷୟରେ ଜାଣିବା ପରେ ସମ୍ପୃକ୍ତ କିରାଣିଙ୍କୁ ଅବଗତ କରାଯାଇଛି। ଏହି ଘଟଣାକୁ ତଦାରଖ କରିବା ପାଇଁ ଏକ କମିଟି ଗଠନ କରାଯାଇ ତାଙ୍କଠାରୁ ସମ୍ପୂର୍ଣ୍ଣ ଟଙ୍କା ଆଦାୟ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ମା' ବାପାଙ୍କ ଆଶାବାଡ଼ି ସାଜିଛନ୍ତି ୬ ବର୍ଷର ପୁଅ




ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶୁଭମ୍ ଓ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି ।

ପିପିଲି,୨୦।୫(ଡି.ଏନ୍.ଏ./ସ୍ୱ.ପ୍ର.)

**ଖବର ପ୍ରସାରଣ ପରେ ମିଳିଲା ସହଯୋଗ**

ପିପିଲି ଏନ୍ଏସି ଅନ୍ତର୍ଗତ ୧୧ନଂ. ୱାର୍ଡର ଏକ ପରିବାର ବହୁ ଦୁର୍ଦ୍ଦିନରେ ଜୀବନ ଅତିବାହିତ କରୁଥିବାବେଳେ ମା' ଓ ମାନସିକଗ୍ରସ୍ତ ବାପାଙ୍କ ପାଇଁ ଆଶାବାଡ଼ି ସାଜିଛନ୍ତି ୬ ବର୍ଷୀୟ ସାଇ ଶୁଭମ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ପରେ ଶନିବାର ତାଙ୍କୁ ପିପିଲି ଏନ୍ଏସି ଅଧକ୍ଷ ସେକ ବାବୁ ଓ ତାଙ୍କ ସହଯୋଗୀ ସହଯୋଗର ହାତ ବଢ଼ାଇଛନ୍ତି।

ଅଧକ୍ଷ ସେକ ବାବୁ ଓ ତାଙ୍କ ସହଯୋଗୀ ମଧ୍ୟାହ୍ନରେ ସାଇ ଶୁଭମ୍ ଓ ତାଙ୍କ ମା'ଙ୍କ ପାଇଁ କିଛି ନୂଆ ବସ୍ତ୍ର କିଣିବା ସହ କର୍ମୀଙ୍କ ସହ ତାଙ୍କ ଘରେ ପହଞ୍ଚି କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସରକାରୀସ୍ତରରେ ବିଭିନ୍ନ ସହାୟତା ପ୍ରଦାନ ସହ ସାଇ ଶୁଭମ୍‌ଙ୍କ ସମସ୍ତ ପାଠପଢା ଖର୍ଚ୍ଚ ନିଜେ ବହନ କରିବେ ବୋଲି ଅଧକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହ ଅଞ୍ଚଳର କାଉନସିଲର ଏବଂ ସାମାଜିକ କର୍ମୀ ମଧ ସହଯୋଗର ହାତ ବଢାଇଛନ୍ତି। ଗଣମାଧମ ଏଭଳି ଘଟଣାକୁ ଲୋକଲୋଚନକୁ ଆଣିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାପରେ ପିପିଲି ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ସାଇ ଶୁଭମଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ପ୍ରଶିକ୍ଷକ ନୃସିଂହ ସିଂ ଓ ଛାତ୍ରୀଛାତ୍ର ସାଇ ଶୁଭମଙ୍କ ଘରେ ପହଞ୍ଚି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏନେଇ ସାଇ ଓ ତାଙ୍କ ମା' ଉର୍ମିଳା ସେଠୀ ସମସ୍ତ ଗଣମାଧମକୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଥାଉକି, ଗତ ୧୮ ତାରିଖରେ ପିପିଲି ଏନ୍ଏସି ୧୧ନଂ. ୱାର୍ଡ ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାକଡ଼ରେ ଗୋଟେ ୬ବର୍ଷୀୟ ସାଇ ଶୁଭମ ତାଙ୍କ ବାପାଙ୍କ ଛୋଟ ଦୋକାନକୁ ଜଗି ବସି ସେଠାରେ ପାଠ ପଢୁଥିବାର ଦୃଶ୍ୟ ସମସ୍ତଙ୍କୁ ଆଚମ୍ବିତ କରିଥିଲା। ତାଙ୍କୁ ପଚାରିବାରେ, ଦୋକାନରେ ବସି ବାପାଙ୍କୁ ସାହାଯ୍ୟ କରିବା ସହ ଆଗକୁ ବହୁତ ପାଠ ପଢ଼ି ସରକାରୀ ଚାକିରି କରିବେ ବୋଲି କହିଥିଲେ।




ପୁରୀ ହରଚଣ୍ଡୀନସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଉତ୍ସବରେ ଶିକ୍ଷକଙ୍କ ସହ ସମ୍ବର୍ଦ୍ଧିତ ମେଧାବୀ ଛାତ୍ରୀଛାତ୍ର।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଖୋର୍ଦ୍ଧା ଅଫିସ/ବାଣପୁର, ୨୦।୫(ଡି.ଏନ୍.ଏ.):

ବାଣପୁର ଥାନା ଅନ୍ତର୍ଗତ ନୀଳାଦ୍ରିପ୍ରସାଦ ମଧୁ ଛକ ନିକଟରେ ଶନିବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବଡ଼ସିରେଇପୁର ଗ୍ରାମର ପ୍ରମୋଦ ବିଶ୍ୱାଳ ଏବଂ ବେତୁଲି ଗ୍ରାମର ବାପୁନି ନାୟକ। ଚିକିତ୍ସା ପାଇଁ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରମୋଦ ତାଙ୍କର ଜଣେ ସହଯୋଗୀଙ୍କ ସହ ବାଇକ୍‌ରେ କୌଣସି କାର୍ଯ୍ୟରେ ନୀଳାଦ୍ରିପ୍ରସାଦକୁ ଯାଉଥିଲେ। ବିପରୀତ ଦିଗରୁ ବାଇକ୍‌ରେ ବାପୁନି ତାଙ୍କ ସହଯୋଗୀଙ୍କ ସହ ନୀଳାଦ୍ରିପ୍ରସାଦ ପଟୁ ଫେରୁଥିଲେ। ମଧୁ ଛକରେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍ ଚାଳକ ପ୍ରମୋଦ ଓ ବାପୁନି ଛିଟିକି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନୀଳାଦ୍ରିପ୍ରସାଦସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ସେମାନଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି।

# ଇଲେଭେନ ଷ୍ଟାର, ଗୋପୀନାଥ ଏକାଦଶ ବିଜୟୀ

କଣାସ,୨୦।୫(ସ୍ୱ.ପ୍ର.)

**ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ୍**

କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଶନିବାର ସରିଛି। ଲିଗ୍ ପର୍ଯ୍ୟାୟର ଶେଷ ୨ଟି ମ୍ୟାଚରେ ଯଥାକ୍ରମେ ଇଲେଭେନ୍ ଷ୍ଟାର ଓ ଗୋପୀନାଥ ଏକାଦଶ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଗ୍ଲାଡିଏଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରୁ ୧୦ ଓଭର ୩ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୬୮ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଇଲେଭେନ୍ ଷ୍ଟାର ୭ ଓଭର ୫ ବଲ୍‌ରେ ୨ ଉଇକେଟ ହରାଇ ୭୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଇଲେଭେନ୍ ଷ୍ଟାରର ହେମନ୍ତ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗୋପୀନାଥ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ୍ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲା। ପ୍ରତ୍ୟୁତ୍ତରରେ ଏମ୍‌କେସିସି ୬ ଉଇକେଟ୍ ହରାଇ ୧୧୨ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଚିଣ୍ଟୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ୍‌ରେ ସିଆର୍‌ସିସି ଭୂପତି ତ୍ରିପାଠୀ ଓ ଶିକ୍ଷକ ସୁଧିର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗଣେଶ୍ୱର ସ୍ୱାଇଁ, ସୁନୀଲ୍ ତ୍ରିପାଠୀ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ଲିଗ୍ ମ୍ୟାଚ ପରେ କ୍ୱାଲିଫାରକୁ ଇଲେଭେନ ଷ୍ଟାର, ଗୋପୀନାଥ ଏକାଦଶ, ଏମ୍‌କେସିସି ଓ ଗ୍ଲାଡିଏଟର ଉତ୍ତୀର୍ଣ୍ଣ ହୋଇଛନ୍ତି। ରବିବାର କ୍ୱାଲିଫାଏ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଖେଳାଯିବ। ଏଥିରେ ଇଲେଭେନ ଷ୍ଟାର ଗୋପୀନାଥ ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ସଂସ୍କୃତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପୁରୀ ଅଫିସ,୨୦।୫

ଲୋକଭାଷା ପ୍ରଚାର ସମିତି ପକ୍ଷରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସହଯୋଗରେ ସଂସ୍କୃତ ବିଦ୍ୟାର୍ଥୀମାନଙ୍କର ବହୁବିଧି ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ପ୍ରଶିକ୍ଷଣ ଶିବିର ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଫେସର କିଶୋର ଚନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମିତର ରାଷ୍ଟ୍ରୀୟ ଅଧକ୍ଷ ଡ. ସଦାନନ୍ଦ ଦୀକ୍ଷିତ ଯୋଗଦେଇ ସଂସ୍କୃତ ଭାଷା ମାଧ୍ୟମରେ ଭାରତ ବିଶ୍ୱଗୁରୁ ପ୍ରୟାସ କରିବା ଲକ୍ଷ୍ୟରେ ପ୍ରତିଷ୍ଠିତ ଲୋକଭାଷା ପ୍ରଚାର ସମିତିର ୪୦ ବର୍ଷର ସଫଳତା ବଖାଣିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ବସନ୍ତ କୁମାର ମିଶ୍ର ସଂସ୍କୃତ ବିଦ୍ୟାର୍ଥୀମାନଙ୍କ ପାଇଁ ଏପରି କାର୍ଯ୍ୟକ୍ରମ ଅତି ଉପାଦେୟ ବୋଲି କହିଥିଲେ। ଗବେଷଣା ଅଧିକାରୀ ଡ.ନିରଞ୍ଜନ ମାତୃକାତତ୍ତ୍ୱର ମହନୀୟତା ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସେବାନିବୃତ୍ତ ପ୍ରାଧ୍ୟାପିକା ସ୍ନେହା ନନ୍ଦ ଯୋଗଶାସ୍ତ୍ରର ଉପଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ରାଜସ୍ଥାନ ସେବାନିବୃତ୍ତ ଶିକ୍ଷାଧିକାରୀ ଡ. ନିରଞ୍ଜନ ସାହୁ କହିଥିଲେ, ଏହି ୧୧ ଦିନିଆ କାର୍ଯ୍ୟକ୍ରମରେ ସଂସ୍କୃତ ସମ୍ଭାଷଣ, ଯୋଗାଭ୍ୟାସ, ତାଳପତ୍ର ମାତୃ ପ୍ରଶିକ୍ଷଣ, ଓ ସଂସ୍କୃତ ବ୍ୟାକରଣ ସହିତ ନିଯୁକ୍ତି ସମ୍ଭାବନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ତଥା ନେପାଳ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ୫୩ଜଣ ବିଦ୍ୟାର୍ଥୀ ଯୋଗଦେଇଛନ୍ତି ବୋଲି ମହାସଚିବ ବିଭୂତି ନାରାୟଣ କର ସୂଚନା ଦେଇଥିଲେ। ସଭାପତି ପ୍ରଫେସର ପାଢୀ ସଂସ୍କୃତ ବିଦ୍ୟାର୍ଥୀମାନଙ୍କର ବିଭିନ୍ନ କ୍ଷେତ୍ରରେ ଦକ୍ଷତା ସମ୍ପାଦନ ନିଯୁକ୍ତି ସମ୍ଭାବନା ଉଜ୍ଜ୍ୱଳ ହେବ ବୋଲି ପ୍ରକାଶ କରି ଲୋକଭାଷା ପ୍ରଚାର ସମିତିର ଏ ପ୍ରକାର ଉଦ୍ୟମକୁ ପ୍ରଶଂସା କରିଥିଲେ। ଶେଷରେ ପ୍ରଧାପକ ରବି ନାରାୟଣ ମିଶ୍ର ଓ ନେପାଳୀୟ ବିଦ୍ୱାନ ପୁଷ୍ପଲତା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଂସ୍କୃତ ସମ୍ଭାଷଣମ୍ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ।

# ପ୍ରକାଶ ପାଇବ ଲେଖକ ପରିଚୟ ଗ୍ରନ୍ଥ

ପୁରୀ ଅଫିସ,୨୦।୫

ଅବିଭକ୍ତ ପୁରୀ ଜିଲା ଅର୍ଥାତ ବର୍ତ୍ତମାନର ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲାର ଲେଖକମାନଙ୍କ ସବିଶେଷ ପରିଚୟ ରହିଥିବା ଏକ ପୁସ୍ତକ ପ୍ରକାଶନ କରାଯିବ। ଏନେଇ ଅଠରନଳା, 'ମାଳତୀବିହାର'ଠାରେ ବରିଷ୍ଠ ଲେଖକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶନ ହେବାକୁ ଥିବା ପୁସ୍ତକକୁ କାବ୍ୟାଲୋକ' ପ୍ରକାଶନ ପ୍ରକାଶ କରିବ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ଏଥିରେ ଅବିଭକ୍ତ ପୁରୀ ଜିଲାର ଦିବଂଗତ ଓ ବର୍ତ୍ତମାନର ସବୁବର୍ଗର ଲେଖକମାନଙ୍କର ପରିଚୟ ସ୍ଥାନ ପାଇବ। ବର୍ତ୍ତମାନ ସୁଦ୍ଧା ଦୁଇ ହଜାର ଲେଖକମାନଙ୍କ ପରିଚୟ ସଂଗ୍ରହ ହୋଇସାରିଛି। ବାକି ରହିଯାଇଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲେଖକମାନଙ୍କୁ ତାଙ୍କ ନିଜ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ସଂଗ୍ରାହକ ରାଜକିଶୋର ମହାପାତ୍ର ଶିଶୁସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ଓ କବି ମହେନ୍ଦ୍ର କୁମାର ତ୍ରିପାଠୀ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଖଣିରୁ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ

ନିରାକାରପୁର,୨୦।୫(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବଢ଼ିଚାଲିଛି। ତହସିଲ ଓ ଥାନା ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏହା ଥମୁନାହିଁ। ଶନିବାର ରାମେଶ୍ୱର ଅଞ୍ଚଳରେ ଥିବା ଖଣିରେ ପୋଲିସ ଚଢ଼ାଉ କରି ଏକ ମାଙ୍କଡ଼ା ବୋଝେଇ ଟ୍ରାକ୍ଟର(ଓଆର-୦୨-ବି ଏସ୍-୪୭୯୫)କୁ ଜବତ କରିଛି। ତେବେ ପଥର ମାଫିଆ ଓ ଗାଡ଼ି ଚାଳକ ଆଗୁଆ ସୂଚନା ପାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୨୫/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି।




ପୁରୀ ବଚ୍‌ପନ୍ ସ୍କୁଲ ପକ୍ଷରୁ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଶିବିରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# ଭାରତ ବୁଲି କ୍ୟାନ୍ସର ସଚେତନତା କରୁଛନ୍ତି ମହମ୍ମଦ କ୍ରିଷ୍ଣା

ପୁରୀ ଅଫିସ,୨୦।୫

**ସଚେତନତା ସହ ଭାଇଚାରାର ବାର୍ତ୍ତା ବାଣ୍ଟୁଛନ୍ତି**

ପେସାରେ ଜଣେ ଡ୍ରାଇଭର ହେଲେ ମଧ ନିଶା ହେଉଛି ସମାଜକୁ ସଚେତନତା ବାର୍ତ୍ତା ବାଣ୍ଟିବା। ଭାରତର ବିଭିନ୍ନ ରାଜ୍ୟ ବୁଲି କ୍ୟାନ୍ସର ରୋଗ ଉପରେ ସଚେତନତା ବାର୍ତ୍ତା ବାଣ୍ଟିବା ସହ ସବୁ ଧର୍ମକୁ ସମ୍ମାନ ଦେବା ଏବଂ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ହେଉଛି ତାଙ୍କର ମୂଳଲକ୍ଷ୍ୟ। ଯାହାଙ୍କ ନାମରେ ରହିଛି ଉଭୟ ହିନ୍ଦୁ ଏବଂ ମୁସଲିମ ଧର୍ମର ଦେବତାଙ୍କ ନାମକୁ ନେଇ ସୃଷ୍ଟି କରିଛନ୍ତି ନୂଆ ପରିଚୟ। ବାଲେଶ୍ୱର ଜିଲା ସୋର ଅଞ୍ଚଳ ମୋବାରକପୁର ଗ୍ରାମର ମୁସଲିମ ଯୁବକ ମହମ୍ମଦ କ୍ରିଷ୍ଣା ସମାଜକୁ ସଚେତନତାର ବାର୍ତ୍ତା ପ୍ରଦାନ କରିବା ପାଇଁ ଯାତ୍ରା କରୁଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୩ରୁ ମହମ୍ମଦ ଚେନ୍ନାଇରେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଦିନକୁ ଦିନ ଦେଶରେ କ୍ୟାନ୍ସର ରୋଗ ବଢ଼ି ଚାଲିଥିବା ବେଳେ ଏହା ଉପରେ କିଭଳି ରୋକ୍ ଲଗାଯାଇପାରିବ ସେନେଇ ସେ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଏ ନେଇ ସେ ସାରା ଭାରତର ବିଭିନ୍ନ ସ୍ଥାନ ବୁଲି ହାତରେ ପୋଷ୍ଟର ଧରି କ୍ୟାନ୍ସର ସଚେତନାର ବାର୍ତ୍ତା ବାଣ୍ଟୁଛନ୍ତି। ସାରା ଦେଶରେ କ୍ୟାନସର ସଚେତନ କରାଇବା ସହ ଭାଇଚାରା ସୃଷ୍ଟି କରିବା ଲକ୍ଷ୍ୟ ନେଇ ମହମ୍ମଦ କ୍ରିଷ୍ଣା ଗତ ୨୦୨୩




ମାର୍ଚ୍ଚ ୨୮ରୁ ସଚେତନତା ଯାତ୍ରାରେ ବାହାରିଥିଲେ। ମହମ୍ମଦ କନ୍ୟାକୁମାରୀ, ବେଙ୍ଗାଲୁରୁ, ଦିଲ୍ଲୀ, ହାଇଦ୍ରାବାଦ, ଚଣ୍ଡିଗଡ, ଡେରାଡୁନ, କଶ୍ମୀର ଭଳି ବିଭିନ୍ନ ରାଜ୍ୟ ବୁଲି ଏହି ସଚେତନତା ବାର୍ତ୍ତା ବାଣ୍ଟୁଥିବା ବେଳେ ଶନିବାର ପୁରୀରେ ପହଞ୍ଚିଥିଲେ। ସେହିପରି ରବିବାର ଭୁବନେଶ୍ୱରରେ ତାଙ୍କର ଏହି ସଚେତନା ଏହି ମିଶନ୍ ପୂରଣ କରିବେ ବୋଲି କହିଛନ୍ତି। ଅପରପକ୍ଷେ ତାଙ୍କର ନାମ ମହମ୍ମଦ କ୍ରିଷ୍ଣା ରଖାଯିବା ନେଇ ପଚାରିବାରୁ ସେ କହିଛନ୍ତି, ତାଙ୍କ ବାପା ତାଙ୍କୁ ଏହି ନାମ ଦେଇଛନ୍ତି। ଅନେକ ସମୟରେ ସେ ସ୍କୁଲରେ ପଢ଼ିବା ବେଳେ ତାଙ୍କ ସ୍କୁଲ ଶିକ୍ଷକ ଓ ସାଥୀମାନେ ତାଙ୍କୁ ପଚାରୁଥିଲେ ଏପରି କାହିଁକି ନା ରହିଛି। ସେ ଏନେଇ ତାଙ୍କ ବାପାଙ୍କୁ ପଚାରିବାରୁ ତାଙ୍କ ବାପା କହିଥିଲେ ସବୁ ଧର୍ମ ସମାନ। ଉଭୟ ଦେବତା ସମସ୍ତଙ୍କ ପାଇଁ ବା ପ୍ରତ୍ୟେକ ମଣିଷଙ୍କ ପାଇଁ ଅଟନ୍ତି। ଧର୍ମକୁ ନେଇ ସଂଘର୍ଷ କରବା ଠିକ୍ ନୁହେଁ ବୋଲି ମହମ୍ମଦ କ୍ରିଷ୍ଣା କହିଛନ୍ତି।

## ରାଜସ୍ୱ ଆଦାୟକୁ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ:** ଆମାଜନ ଓ ନେଟ୍‌ଫ୍ଲିକ୍ସ ଭଳି ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମଗୁଡ଼ିକର ସେବା ବଦଳରେ ଆବଶ୍ୟକ ରାଜସ୍ୱ ସଂଗ୍ରହ ଉପରେ ଭାରତୀୟ ଟେଲିକମ୍ କମ୍ପାନୀଗୁଡ଼ିକର ଯୁକ୍ତିଯୁକ୍ତ ଭାଗକୁ ନେଇ ବିଚାରବିମର୍ଶ ଜାରି ରହିଛି। ଏପରିକି ୟୁରୋପୀୟ ଓ ବ୍ରାଜିଲ ସଂଘ ଏ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି। ଟେଲିକମ୍ କମ୍ପାନୀଗୁଡ଼ିକର ଯୁକ୍ତି ହେଉଛି ଯେହେତୁ ସେମାନଙ୍କ ଜରିଆରେ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକର ରାଜସ୍ୱ ସ୍ରୋତ ନିରବଚ୍ଛିନ୍ନ ରହୁଛି, ତେଣୁ ଟେଲିକମ୍ ନେଟ୍‌ୱର୍କ ବିକାଶ କରିବା ଲାଗି ବିପୁଳ ପରିମାଣର ପୁଞ୍ଜିନିବେଶ ହେଉଛି।

# ବଜାରରେ ରେନୋ କାଇଗରର ପରିବର୍ଦ୍ଧିତ ରେଞ୍ଜ

ନୂଆଦିଲ୍ଲୀ,୨୦।୫




ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ରେନୋଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(ରେନୋ)ର ଲୋକପ୍ରିୟ ଏବଂ ପ୍ରମୁଖ ଭାରିଆଣ୍ଟ ରେନୋ କାଇଗରର ପରିବର୍ଦ୍ଧିତ ରେଞ୍ଜକୁ ନିକଟରେ ବଜାର ପ୍ରବେଶ କରାଯାଇଛି। ସେହିଭଳି ବର୍ତ୍ତମାନ ରେନୋ କାଇଗରର ଆର୍‌ଏକ୍ସଟି(ଓ) ଏମ୍‌ଟି ଭାରିଆଣ୍ଟ ବଜାରରେ ଉପଲବ୍ଧ ହେଉଛି। ଏହାର ବଜାର ମୂଲ୍ୟ ୭. ୯୯ ଲକ୍ଷ ଟଙ୍କା ରହିଥିବା ବେଳେ ସେଥିରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ରହିଛି। ୮ ଇଞ୍ଚର ବୃହତ୍ ଟଚ୍‌ସ୍କ୍ରିନ୍ ସହ ଓ୍ୱାୟରଲେସ୍ କନେକ୍ଟିଭିଟ, ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ଆଲୟହ୍ୱିଲ ଏବଂ ହାଇ ସେଣ୍ଟର କନ୍‌ସୋଲ ଭଳି ଅନେକ ସୁବିଧା ଉପଲବ୍ଧ। ସେହିପରି କମ୍ପାନୀର ଆର୍‌ଏକ୍ସଜେଡ୍ ଭର୍ସନରେ ମଧ୍ୟ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଯୋଗାଇ ଦିଆଯାଉଛି। ବିଶେଷ କରି ଉକ୍ତ ଅଫର ଜରିଆରେ କମ୍ପାନୀ ଗ୍ରାହକଙ୍କୁ ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ସୁବିଧା ଯୋଗାଇ ଦେଉଥିବାବେଳେ ଏକ୍ସଚେଞ୍ଜ କ୍ଷେତ୍ରରେ ୨୦, ୦୦୦ ଟଙ୍କାର ସୁବିଧା ଏବଂ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ କର୍ପୋରେଟ ସୁବିଧା ଓ ୪୯, ୦୦୦ ଟଙ୍କାର ଲୟାଲିଟି ବେନିଫିଟ୍ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ରେନୋଲ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ କହିଛନ୍ତି, କମ୍ପାନୀ ସର୍ବଦା ଗ୍ରାହକଙ୍କୁ ବିଶ୍ୱଶ୍ରେଣୀୟ ଉତ୍ପାଦ ଓ ସେବା ଯୋଗାଇ ଦେଉଛି। ଏପରିକି ଗ୍ରାହକଙ୍କୁ ଭରସାଯୋଗ୍ୟ ଡେଲିଭରି ପ୍ରଦାନ କରିଥାଉ। ସେହିଭଳି ଗ୍ରାହକଙ୍କ ସହ ନିରନ୍ତର ସମ୍ପର୍କ ସୃଷ୍ଟି ଏବଂ ଆବଶ୍ୟକ ସେବା ଓ ସୁବିଧା ଯୋଗାଇଦେଉଛି।

## ଇପିଏଫ୍‌ଓରେ ୧.୩୯ କୋଟି ନୂତନ ସଦସ୍ୟ

ନୂଆଦିଲ୍ଲୀ,୨୦।୫

କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫ୍‌ଓ)ର ବାର୍ଷିକ ଫଳାଫଳ ସମେତ ୨୦୨୨-୨୩ ଆର୍ଥିକ ବର୍ଷର ଶେଷ ମାସ (ମାର୍ଚ୍ଚ)ର ବିସ୍ତୃତ ସୂଚନା ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଛି। ୨୦୨୩ ମାର୍ଚ୍ଚରେ ୧୩.୪୦ ଲକ୍ଷ ନୂତନ ସଦସ୍ୟ ଇପିଏଫ୍‌ଓରେ ଯୋଗ ଦେଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୧.୩୯ କୋଟି ନୂତନ ସଦସ୍ୟ ଯୋଗଦେଇଛନ୍ତି ବୋଲି ଏ ନେଇ ଶନିବାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୧.୨୨ କୋଟି ନୂତନ ସଦସ୍ୟ ଇପିଏଫ୍‌ଓରେ ଯୋଗଦେଇଥିବା ଜଣାପଡ଼ିଛି। ସେହିଭଳି ୨୦୨୩ ମାର୍ଚ୍ଚରେ ଯୋଗଦେଇଥିବା ୧୩.୪୦ ଲକ୍ଷ ନୂତନ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୭.୫୮ ଲକ୍ଷ ପ୍ରଥମଥର ପାଇଁ ଇପିଏଫ୍‌ଓରେ ସାମିଲ ହୋଇଛନ୍ତି।

## ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନର ଦିନିକିଆ କର୍ମଶାଳା




କଟକ,୨୦।୫

ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ (ଓଆଇଏ) ପକ୍ଷରୁ ଏକ ଦିନିକିଆ କର୍ମଶାଳା କଟକର ଜଗତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ରାଜ୍ୟରେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ସ୍ଥିତି ସଂକ୍ରାନ୍ତୀୟ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଓଆଇଏର ସଭାପତି ସୁଶାନ୍ତ କୁମାର ପଣ୍ଡା ଉକ୍ତ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲା ବେଳେ ଓଆଇଏର ଅଧ୍ୟକ୍ଷ ଅବନୀ କାନ୍‌ନୁଗୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଓଆଇଏର ବରିଷ୍ଠ ସଦସ୍ୟ ରାଜେଶ କାନୁନ୍‌ଗୋ, ବିନୋଦ ଭୂତ, ଭବାନୀ ପଣ୍ଡିତ, ଦେବେନ ରାୟ, କିଶୋର ମହାନ୍ତି ଏବଂ ମାନସ ପ୍ରମୁଖ ଯୋଗଦେଇ ଇଣ୍ଡଷ୍ଟ୍ରିଜ୍‌ର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ପ୍ରମୁଖ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଓଆଇଏର ସାଧାରଣ ସମ୍ପାଦକ ଗୌରଗୋପାଳ ସେନ ପ୍ରମୁଖ ସଚିବଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ଓଆଇଏର ସଙ୍ଗଠନ ସମ୍ପାଦକ ସଞ୍ଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ଓଆଇଏର ସମସ୍ତ ସଦସ୍ୟଙ୍କ ସମେତ ୨୦ ଏସ୍‌ଏଚ୍‌ଜିର ମୁଖ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟବଧାନ ଦୂରକରାଉଛି ବିଏସ୍‌କେ

ଭୁବନେଶ୍ୱର,୨୦।୫

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ଅତ୍ୟାଧୁନିକ ସୁବିଧା 'ବିଦ୍ୟୁତ୍ ସେବା କେନ୍ଦ୍ର' (ବିଏସ୍‌କେ) ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗ୍ରାହକଙ୍କ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂରକରିବା ସହ ଅତ୍ୟାବଶ୍ୟକ ସେବାକୁ ନିୟୁତାଧିକ ଗ୍ରାହକଙ୍କ ନିକଟତର କରାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ କହିଛନ୍ତି, ବିଏସ୍‌କେଗୁଡ଼ିକ ଶୀଘ୍ର ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ସମସ୍ୟାର ସମାଧାନକରି ଆମର ଗ୍ରାମୀଣ ସଂଯୋଗକୁ ସୁଦୃଢ଼ କରୁଛନ୍ତି। ଏପରିକି ଆମର ନିୟୁତାଧିକ ଗ୍ରାହକଙ୍କ ନିକଟରେ ଅତ୍ୟାବଶ୍ୟକ ସେବା ପହଞ୍ଚାଇବା ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗୋଷ୍ଠୀ ମଧ୍ୟରେ ରହିଥିବା ସେବା ଅନ୍ତରକୁ ଦୂର କରୁଛନ୍ତି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍ ସମ୍ପର୍କିତ ସମସ୍ତ ସମାଧାନ ଲାଗି ଏକକ ସମାଧାନ କ୍ଷେତ୍ରରେ ପରିଣତ ହୋଇଛି। ସେହିଭଳି ୫୫୦ରୁ ଅଧିକ ସେବା କେନ୍ଦ୍ର ଜରିଆରେ ବିଦ୍ୟୁତ୍ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନଠାରୁ ଆରମ୍ଭ କରି ବିଲ୍ ପେମେଣ୍ଟ ସୁବିଧା ପ୍ରଦାନ କରିବା ଓ ନୂଆ ସଂଯୋଗ ଆବେଦନ ପର୍ଯ୍ୟନ୍ତ ବିଏସ୍‌କେଗୁଡ଼ିକ ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିଛନ୍ତି। ସେହିପରି ବିଦ୍ୟୁତ୍ ଜନିତ ସେବାଗୁଡ଼ିକୁ ଗୋଟିଏ ଛାତ ତଳେ ପ୍ରଦାନ କରି ଟିପିସିଓଡିଏଲ୍ ଗ୍ରାମୀଣ ବାସିନ୍ଦାଙ୍କ ନିକଟରେ ବିଦ୍ୟୁତ୍ ବଣ୍ଟନ ସେବାକୁ ଚିନ୍ତାମୁକ୍ତ ଭାବେ ପହଞ୍ଚାଇପାରିଛି। ଅପରପକ୍ଷରେ ନଗଦବିହୀନ ଅର୍ଥନୀତି ଲାଗି ଦେଶର ଲକ୍ଷ୍ୟ ଅନୁସାରେ ବିଏସ୍‌କେଗୁଡ଼ିକ ଜରିଆରେ ଡିଜିଟାଲ୍ କାରବାରକୁ ଟିପିସିଓଡିଏଲ୍ ପ୍ରତ୍ୟକ୍ଷ ଭାବେ ପ୍ରସାର କରୁଛି। ଏହି କେନ୍ଦ୍ରଗୁଡ଼ିକରେ ରହିଥିବା ଡିଜିଟାଲ ପେମେଣ୍ଟ ମାଧ୍ୟମଗୁଡ଼ିକୁ ବ୍ୟବହାର କରିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରି ନଗଦ କାରବାରରେ ରହିଥିବା ନିର୍ଭରଶୀଳତାକୁ ଟିପିସିଓଡିଏଲ୍ ହ୍ରାସ କରୁଥିବା ବେଳେ ସହଜତା ଓ ଦକ୍ଷତାରେ ଉନ୍ନତି ଆଣୁଛି।

# ମାଲାବାରରେ ଏକ୍ସକ୍ଲୁସିଭ ବ୍ରାଣ୍ଡେଡ୍ ଜୁଏଲେରି ଶୋ

ଭୁବନେଶ୍ୱର,୨୦।୫




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱରସ୍ଥିତ ସହିଦ ନଗରର ରୂପାଲି ସ୍କୋୟାର ପ୍ରିମିୟମ ଆଉଟଲେଟରେ ଏକ ୯ ଦିନିଆ 'ଏକ୍ସକ୍ଲୁସିଭ ବ୍ରାଣ୍ଡେଡ ଜୁଏଲେରୀ ସୋ' ଶନିବାର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମହିଳା ଶିଳ୍ପଦ୍ୟୋଗୀ ସୁକର୍ତ୍ତୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ସହିଦ ନଗର ଷ୍ଟୋରର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଯୋଗ୍ୟ, ଏହି ସୋ' ୨୦୨୩ ମେ ୨୦ରୁ ୨୮ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ଉକ୍ତ ସୋ ଜରିଆରେ ଗ୍ରାହକମାନେ ସୁନା, ହୀରା ଓ ମୂଲ୍ୟବାନ ଅଳଙ୍କାରର ସ୍ୱତନ୍ତ୍ର ପ୍ରଦର୍ଶନୀ ସହ ବିକ୍ରୟ ସୁବିଧା ଉପଲବ୍ଧ ରହିଛି। ସେହିଭଳି ଏହି ଏକ୍ସକ୍ଲୁସିଭ ଶୋ'ରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ପ୍ରମୁଖ ଡିଜାଇନ ମାଇନ ହୀରା ଅଳଙ୍କାର, ଏରା ଅନକଟ ହୀରା ଅଳଙ୍କାର, ପ୍ରେସିଆ ମୂଲ୍ୟବାନ ରତ୍ନ ଅଳଙ୍କାର, ଏଥେନିକ୍ସ ହସ୍ତତନ୍ତ ଅଳଙ୍କାର, ଡିଭାଇନ ଭଳି ଭାରତୀୟ ହେରିଟେଜ ଅଳଙ୍କାର ଏବଂ ଷ୍ଟାରଲେଟ୍ ପିଲାମାନଙ୍କର ଅଳଙ୍କାର ଆଦି ପ୍ରଦର୍ଶିତ ହେବ।

ଏ ସମ୍ପର୍କରେ ମାଲାବାର ସହିଦନଗର ଷ୍ଟୋରର ମୁଖ୍ୟ ଅଶନାଫ୍ କହିଛନ୍ତି, ଗ୍ରାହକଙ୍କୁ ଉଚ୍ଚମାନ ଅଳଙ୍କାର ଯୋଗାଇ ଦେବା ପାଇଁ ଏଭଳି ସୋର ଆୟୋଜନ କରାଯାଉଛି। ସେହିପରି ପ୍ରତିଷ୍ଠାନ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଓ କାରବାରରେ ଅନେକ ପ୍ରକାର ସୁବିଧା ପ୍ରଦାନ କରୁଥିବାବେଳେ ପ୍ରତିଷ୍ଠାନର ସାମାଜିକ କାର୍ଯ୍ୟକ୍ରମ ମଧ୍ୟ କାରବାରର ଲାଭାଂଶରୁ କରାଯାଇଥାଏ। ବିଶେଷ କରି ଗରିବ ଲୋକଙ୍କ ପାଇଁ ପ୍ରତିଷ୍ଠାନ ଅନେକ ପ୍ରକାରର ସୁବିଧା ଯୋଗାଇ ଦେଉଥିବା ବେଳେ ମହିଳା ଓ ବାଳିକାଶିକ୍ଷା ପାଇଁ ମଧ୍ୟ ବ୍ୟାପକ ସୁବିଧା ଯୋଗାଇ ଦେଉଛି।

# ବ୍ୟବସାୟ ସମ୍ପ୍ରସାରଣ କରିବ ଏଲ୍‌ଟିଏଫ୍

ନୂଆଦିଲ୍ଲୀ,୨୦।୫

ଦେଶର ପ୍ରମୁଖ ଅଣବ୍ୟାଙ୍କିଙ୍ଗ୍ ଅର୍ଥ ଲଗାଣକାରୀ ଫାଇନାନ୍ସିଆଲ କମ୍ପାନୀ ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ୍ (ଏଲ୍‌ଟିଏଫ୍) ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ସହରରେ ଏସ୍‌ଏମ୍‌ଇ ଫାଇନାନ୍ସ ବ୍ୟବସାୟ ସମ୍ପ୍ରସାରିତ କରିବ ବୋଲି ବ୍ୟାପକ ଯୋଜନା ପ୍ରସ୍ତୁତ କରିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ ମୁମ୍ବାଇ ଏବଂ ପୁଣେରେ ପାଇଲଟ ପ୍ରକଳ୍ପ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଏସ୍‌ଏମ୍‌ଇ ଫାଇନାନ୍ସ ବ୍ୟବସାୟରେ ଗତ ଆର୍ଥିକ ବର୍ଷରେ କ୍ରମାଗତ ଅଭିବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି। ଏହି ବ୍ୟବସାୟ ଆତ୍ମନିଯୁକ୍ତ ବୃତ୍ତିଧାରୀ ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ପୂରଣ ଦିଗରେ ଦୃଷ୍ଟି ଦେଉଛି ଏବଂ ଏଲ୍ ଆଣ୍ଡ ଟି ଫାଇନାନ୍ସକୁ ଏକ ଶୀର୍ଷ ଶ୍ରେଣୀର ଡିଜିଟାଲ ସମର୍ଥିତ ରିଟେଲ ଫାଇନାନ୍ସ କମ୍ପାନୀ ଭାବରେ ଗଢ଼ି ତୋଳିବାକୁ ୨୦୨୬ରେ ଧାର୍ଯ୍ୟଲକ୍ଷ୍ୟକୁ ଆଗେଇ ନେଉଛି। ଏ ସମ୍ପର୍କରେ ଏଲ୍ ଆଣ୍ଡ ଟି ଫାଇନାନ୍ସ ହୋଲ୍‌ଡିଂସ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଓ ଚିଫ୍ ଏକଜିକ୍ୟୁଟିଭ ଅଫିସର ଦୀନନାଥ ଦୁଭାଷୀ କହିଛନ୍ତି, ଲାର୍ସନ ଆଣ୍ଡ ଟୁବ୍ରୋ ଗ୍ରୁପ୍ ସର୍ବଦା ରାଷ୍ଟ୍ର ନିର୍ମାଣ ସହ ସଂଯୁକ୍ତ ହୋଇ ରହି ଆସିଛି। ଏପରିକି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହ ଆମ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ଅନ୍ୟତମ ସର୍ବାଧିକ ଅବଦାନକାରୀ ହୋଇ ରହିଆସିଛି। ଏହି ଶ୍ରେଣୀରେ ଆମର ଡିଜିଟାଲ ଯୋଗାଣ ବ୍ୟବସ୍ଥା ବିଶେଷକରି ଦ୍ୱିତୀୟ ବର୍ଗ ସହରଗୁଡିକରେ ଯେଉଁଠାରେ ଆମେ ଏସଏମଇଗୁଡିକୁ ସେମାନଙ୍କର ଅଭିବୃଦ୍ଧି ଯାତ୍ରାରେ ସହାୟତା କରିବାକୁ ଯୋଜନା କରୁଛୁ।

## ଫୁର୍‌ସତ୍

# ପ୍ରେମର ବିଜୟ ସର୍ବୋପରି

## ଜାତୀୟ ଆତଙ୍କବାଦ ନିରୋଧୀ ଦିବସ




**ଭା**ରତ ପ୍ରତିବର୍ଷ ମେ ୨୧ରେ ଜାତୀୟ ଆତଙ୍କବାଦ ନିରୋଧୀ ଦିବସ ପାଳନ କରିଥାଏ। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କ ଦୁଃଖ ସମ୍ପର୍କରେ ସଚେତନତା ସୃଷ୍ଟି କରି ଏହା କିପରି ଜାତୀୟ ସ୍ୱାର୍ଥ ପ୍ରତି କ୍ଷତିକାରକ ତାହା ଦର୍ଶାଇ ଯୁବବର୍ଗମାନଙ୍କୁ ଆତଙ୍କବାଦ ତଥା ହିଂସା ସଂସ୍କୃତିରୁ ଦୂରେଇ ରଖିବା ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ପ୍ରେମର ବିଜୟ ସର୍ବୋପରି ବୋଲି ଏହି ଦିବସ ଅବସରରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଭାରତରେ ମେ ୨୧କୁ ଜାତୀୟ ଆତଙ୍କବାଦ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କାରଣ ୧୯୯୧ ମସିହା ଏହି ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା, ଯାହା ବିଶ୍ୱକୁ ଥରାଇ ଦେଇଥିଲା।

ତାମିଲନାଡୁରେ ରାଜୀବ ଗାନ୍ଧୀ ଆତ୍ମଘାତୀ ବିସ୍ଫୋରଣର ଶିକାର ହୋଇଥିଲେ, ଯେଉଁଥିରେ ପ୍ରାୟ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ଭି.ପି . ସିଂଙ୍କ ସରକାର ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ଦିନକୁ ଆତଙ୍କବାଦ ନିରୋଧୀ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଜାତୀୟ ଆତଙ୍କବାଦ ନିରୋଧୀ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ଦେଶ ଭିତରେ ଥିବା ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ବିରୋଧ ଏବଂ ନିନ୍ଦା କରିବା। ଆତଙ୍କବାଦର ବିନାଶକାରୀ ପ୍ରକୃତି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସମନ୍ୱୟ, ଭାଇଚାରା, ଶାନ୍ତି, ଏକତା ଏବଂ ମାନବିକତା ଦ୍ୱାରା ସମାଜ ଗଠନକୁ ପ୍ରୋତ୍ସାହିତ କରିବା। ଆତଙ୍କବାଦ ବିରୋଧରେ ଏକଜୁଟ ହେବା ଏବଂ ଏହି ମୂଲ୍ୟବୋଧକୁ ସମର୍ଥନ କରୁଥିବା ସମାଜ ପ୍ରତିପୋଷଣ କରିବା ଦିଗରେ କାର୍ଯ୍ୟ କରିବା ଆମର ସାମୂହିକ ଦାୟିତ୍ୱର ସ୍ମାରକ ଭାବରେ କାର୍ଯ୍ୟ କରି ଆତଙ୍କବାଦ ନିରୋଧୀ ଦିବସ ଲୋକ ଏବଂ ସମାଜ ମଧ୍ୟରେ ଶାନ୍ତି, ମାନବିକତା, ସୌହାର୍ଦ୍ଦ୍ୟ ଏବଂ ଏକତା ବଜାୟ ରଖିବା ପାଇଁ ସର୍ବାଧିକ ମହତ୍ତ୍ୱ ରହିଛି।

ଆତଙ୍କବାଦ ଜାତୀୟ ସୁରକ୍ଷା ପ୍ରତି ସିଧାସଳଖ ବିପଦ ବୋଲି ଦର୍ଶାଇ ଯୁବବର୍ଗମାନଙ୍କୁ ଆତଙ୍କବାଦ ତଥା ହିଂସାଠାରୁ ଦୂରେଇ ରଖିବା ପାଇଁ ସରକାର ପ୍ରତିବର୍ଷ ଆତଙ୍କବାଦ ନିରୋଧୀ ଦିବସ ପାଳନ କରନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇରେ ହଜାର ହଜାର ସୁରକ୍ଷା କର୍ମୀଙ୍କ ବଳିଦାନକୁ ସମ୍ମାନିତ କରିବାରେ ଏହି ଦିନ ଏକ ସୁଯୋଗ ପ୍ରଦାନ କରିଥାଏ। ଆତଙ୍କବାଦ ଦେଶରେ ଏକତା ଏବଂ ଶାନ୍ତି ପାଇଁ ଏକ ବଡ଼ ବିପଦ। ଲୋକଙ୍କ ମଧ୍ୟରେ ଏକତା ଏବଂ ଜାତୀୟ ଗର୍ବ ବଢ଼ାଇବା ପାଇଁ ଏହି ଦିନ ଅନେକ ସରକାରୀ ତଥା ସାମାଜିକ ସଂଗଠନ କାର୍ଯ୍ୟକ୍ରମ ଯୋଜନା କରିଛନ୍ତି। ଆତଙ୍କବାଦ ସହିତ ମୁକାବିଲା କରିବାରେ ସୁରକ୍ଷା ବାହିନୀର ଫୋର୍ସ ଭାବରେ କିପରି କାର୍ଯ୍ୟ କରିବେ ସେ ବିଷୟରେ ଲୋକଙ୍କୁ ଶିକ୍ଷା ମଧ୍ୟ ପ୍ରଦାନ କରାଯାଇଥାଏ।

# କଳା ଚଷମା ପିନ୍ଧି ଆୟୁଷ୍ମାନ ଟ୍ରୋଲ୍




**ମୁମ୍ବାଇ:** ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଏବଂ ତାଙ୍କ ପରିବାର କଷ୍ଟଦାୟକ ସମୟ ଦେଇ ଗତି କରୁଛନ୍ତି। ଅଭିନେତା ଶୁକ୍ରବାର ତାଙ୍କ ବାପାଙ୍କୁ ହରାଇଛନ୍ତି। ତାଙ୍କ ବାପା ପି. ଖୁରାନା ଜଣେ ଜଣାଶୁଣା ଜ୍ୟୋତିଷ ଥିଲେ। ଆୟୁଷ୍ମାନ, ଭାଇ ଅପାରଶକ୍ତି ଶନିବାର ତାଙ୍କ ବାପାଙ୍କ ଶେଷ କ୍ରିୟାକର୍ମ କରିଥିଲେ। ବାପାଙ୍କ ଅନ୍ତିମ ସଂସ୍କାରର ଏକ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ଆୟୁଷ୍ମାନ, ତାଙ୍କ ଭାଇ ଏକ କଳା ଚଷମା ପିନ୍ଧିଥିବା ଦେଖିବାକୁ ମିଳିଛି। ଏଭଳି ଦୁଃଖ ସମୟରେ ଦୁଇଜଣଙ୍କ ଏପରି କଳା ଚଷମା ପିନ୍ଧିବାକୁ ନେଇ ସେମାନଙ୍କୁ ଟ୍ରୋଲ୍ ହେବାକୁ ପଡ଼ିଛି। ଜଣେ ୟୁଜର୍ସ ଲେଖିଛନ୍ତି, ବାପାଙ୍କ ଶେଷକୃତ୍ୟ ସମୟରେ କଳା ଚଷମା ପିନ୍ଧିବା କ'ଣ ନିହାତି ଆବଶ୍ୟକ? ଅନ୍ୟଜଣେ ଲେଖିଛନ୍ତି, ବଲିଉଡ୍ ସୌଖୀନ ବାବୁ, ବାପା ଚାଲିଗଲେ ପଛେ, ଚଷମା ଗଲାନି। ଏଥିରେ କିଛି ୟୁଜର୍ସ ତାଙ୍କୁ ସପୋର୍ଟ ମଧ୍ୟ କରୁଥିବା ଦେଖିବାକୁ ମିଳିଛି। ଶେଷ ଥର ପାଇଁ ଗତବର୍ଷ ଆୟୁଷ୍ମାନଙ୍କୁ ଫିଲ୍ମ 'ଏକ ଆକ୍ସନ ହିରୋ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର ଏକ ଚଳଚ୍ଚିତ୍ର 'ଡ୍ରିମ୍ ଗର୍ଲ-୨' ଆସିବାକୁ ଯାଉଛି। ଏହା ଚଳିତ ବର୍ଷ ଅଗଷ୍ଟରେ ରିଲିଜ ହେବ ବୋଲି ଧାର୍ଯ୍ୟ ହୋଇଛି।

# ମଙ୍ଗଳରେ ବହି ଆକୃତିର ପଥର

**ନୂଆଦିଲ୍ଲୀ:** ବୈଜ୍ଞାନିକମାନେ ବର୍ତ୍ତମାନ ସମୟରେ ଉପଯୁକ୍ତ ଗ୍ରହର ଅନୁସନ୍ଧାନ କରୁଛନ୍ତି, ଯେଉଁଠାରେ ମଣିଷ ଜୀବନଯାପନ କରିପାରିବ। ଚନ୍ଦ୍ରଠାରୁ ଆରମ୍ଭ କରି ମଙ୍ଗଳ ପର୍ଯ୍ୟନ୍ତ ସବୁଠାରେ ଅନୁସନ୍ଧାନ ଜାରି ରହିଛି। ଏହା ମଧ୍ୟରେ ମଙ୍ଗଳ ମଣିଷ ପାଇଁ ଉପଯୁକ୍ତ ଗ୍ରହ ହେବ ବୋଲି କୁହାଯାଉଛି। ସେଥିପାଇଁ ମଙ୍ଗଳକୁ ନାସାର କ୍ୟୁରୋସିଟି ରୋଭର ପଠାଇଛି। ଏହା ଦ୍ୱାରା ମଙ୍ଗଳ ଗ୍ରହରୁ କ୍ୟୁରୋସିଟି ମାଧ୍ୟମରେ ପଠାଯାଉଥିବା ଚିତ୍ରଗୁଡ଼ିକୁ ଠିକ୍ ଭାବେ ଯାଞ୍ଚ କରିହେବ। ଏଥିସହ ଗ୍ରହରୁ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ହେଲେ ନିକଟରେ ଏପରି ଏକ ଫଟୋ ସଂଗ୍ରହ କରାଯାଇଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫଟୋରେ ଦୃଶ୍ୟମାନ ହେଉଥିବା ଏକ ଜିନିଷ ବହି ପରି ଦେଖାଯାଉଛି, ଯାହା ସାଧାରଣ ଭାବେ ୨.୫ ସେ.ମି. ହେବ ବୋଲି ଅନୁମାନ କରାଯାଇଛି। ଫଟୋରେ ଯେପରି ବହିଟି ଖୋଲା ହୋଇଥିବାବେଳେ ସେଥିରେ ଗୋଟିଏ ଫର୍ଦ୍ଦ ପବନରେ ଉଡୁଥିବା ଦେଖିବାକୁ ମିଳିଛି, ଯାହା କି ଏକ ପଥର ବୋଲି ଜଣାପଡିଛି। ଏହି ପଥରର ନାମ 'ଟେରା ଫିର୍‌ମେ' ରଖାଯାଇଛି। ଗତ ୧୦ ବର୍ଷ ହେବ ନାସାର କ୍ୟୁରୋସିଟି ରୋଭର ମଙ୍ଗଳରେ ରହି ଅନେକ ଫଟୋ ଉଠାଇ ପଠାଇସାରିଲାଣି। ୨୦୩୦ ମସିହା ବେଳକୁ ନାସା କ୍ୟୁରୋସିଟି ପୃଥିବୀକୁ ଫେରି ଆସିବ ବୋଲି ଜଣାପଡିଛି।



# ବିଶ୍ୱର ସବୁଠୁ ପୁରୁଣା ଗଛ 'ଗ୍ରେଟ୍ ଗ୍ରାଣ୍ଡଫାଦର'



**ସାଣ୍ଟିଆଗୋ:** ସାଧାରଣତଃ ଗଛର ଜୀବନକାଳ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଥିବା ଆମେ ଜାଣିଛେ। ଏପରି କିଛି ଗଛ ଅଛି, ଯାହା ତା'ଠାରୁ ବି ଅଧିକ ବର୍ଷ ବଞ୍ଚିଥାଏ। ନିକଟରେ ଅନୁସନ୍ଧାନକାରୀମାନେ ଏପରି ଏକ ଅଛ ଠାବ କରିଛନ୍ତି, ଯାହା ପାଖାପାଖି ୫୦୦୦ରୁ ୬୫୦୦ ବର୍ଷ ଧରି ଠିଆହୋଇ ପ୍ରକୃତିକୁ ଜୀବନ୍ତ ରଖିପାରିଛି। ଦକ୍ଷିଣ ଆମେରିକାର ଚିଲିରେ ଥିବା ଏହି ଗଛକୁ 'ଗ୍ରେଟ୍ ଗ୍ରାଣ୍ଡଫାଦର' ଭାବେ ନାମକରଣ କରାଯାଇଛି, ଯାହା ବିଶ୍ୱର ସବୁଠୁ ପୁରୁଣା ଗଛ ଭାବେ ରେକର୍ଡ କରିଛି। ଏହି ଗଛ ବିଶ୍ୱର ସମସ୍ତ ଜଳବାୟୁ ପରିବର୍ତ୍ତନ ସହିତ ପ୍ରାକୃତିକ ଦୈବଦୁର୍ବିପାକକୁ ସହ୍ୟ କରି ଦଶନ୍ଧି ଦଶନ୍ଧି ଧରି ଠିଆ ହୋଇଛି। ଏହା ପୂର୍ବରୁ ବିଶ୍ୱର ସବୁଠୁ ପୁରୁଣା ଗଛ ଭାବେ ଆଖ୍ୟା ପାଇଥିବା 'ମିଥ୍ୟୁସେଲ୍‌ହା' ଯାହା ଆମେରିକାର କାଲିଫର୍ନିଆର ଜଙ୍ଗଲରେ ଅବସ୍ଥିତ। ଏହି ବୃକ୍ଷ ୪୮୫୦ ବର୍ଷ ହେବ ପ୍ରକୃତିର ଜଳବାୟୁ ପରିବର୍ତ୍ତନ ସହ ନିଜକୁ ଖାପ ଖୁଆଇ ସେହି ସ୍ଥାନରେ ଠିଆ ହୋଇପାରିଛି। 'ମିଥ୍ୟୁସେଲ୍‌ହା' ପାଇନ ପ୍ରଜାତିର ବୃକ୍ଷ ହୋଇଥିବାବେଳେ 'ଗ୍ରେଟ୍ ଗ୍ରାଣ୍ଡଫାଦର' କାଏପ୍ରେସ ପ୍ରଜାତିର ଅଟେ, ଯାହା ଫିର୍‌ଜରୋୟା କୁପ୍ରେସୋଏଡିସ୍ ଏବଂ ପାଟାଗୋନିୟନ୍ କାଏପ୍ରେସ ଭାବେ ଜଣାଶୁଣା। ଏହାର ଉଚ୍ଚତା ୨୮ ମିଟର ହୋଇଥିବାବେଳେ ମୋଟେଇ ୪ ମିଟର ହେବ। ଏହା ଏକ ବହୁ ପୁରାତନ ବୃକ୍ଷ ହୋଇଥିବାରୁ ପର୍ଯ୍ୟଟକମାନେ ଏହି ସ୍ଥାନକୁ ଯାଇ ଏହି ବୃକ୍ଷର ଫଟୋ ଉଠାଇଛନ୍ତି। ଏହାର କାଣ୍ଡକୁ ଲୋକେ ଘର ତିଆରି ପାଇଁ ମଧ୍ୟ ବ୍ୟବହାର କରୁଥିଲେ। ହେଲେ ଏବେ 'ଗ୍ରେଟ୍ ଗ୍ରାଣ୍ଡଫାଦର'ର ସୁରକ୍ଷାରେ ଧ୍ୟାନ ରଖିବାକୁ ପଡିବ। ଏଥିପାଇଁ ପାର୍କର ରେଞ୍ଜରଙ୍କ ସଂଖ୍ୟା ବୃଦ୍ଧି କରାଯିବ। ଏଥିସହ ପର୍ଯ୍ୟଟକଙ୍କ ପ୍ରବେଶରେ ପ୍ରତିବନ୍ଧକ ଲଗାଇବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଏହି ବୃକ୍ଷ ଊନବିଂଶ ଶତାବ୍ଦୀରେ ବହୁଳ ପରିମାଣରେ ଲଗାଯାଇଥିବା ଜଣାପଡିଛି।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରଥମ ଚାଇନା– ସେଣ୍ଟ୍ରାଲ ଏସିଆ ସମିତି ......... ଦେଶରେ ଆୟୋଜିତ ହୋଇଥିଲା ?
୨– ପିଲାଙ୍କୁ ଡିଜିଟାଲ ହେଲ୍‌ଥ କାର୍ଡ ଯୋଗାଇ ଦେଉଥିବା ପ୍ରଥମ ରାଜ୍ୟ ......... ?
୩– ପିଏମ୍‌କେଭିଓ୍ୱାଇର ଫୁଲ୍‌ଫର୍ମ ............ ?
୪– ହ୍ୟୁମାନଏଡ୍ ରୋବୋଟ୍ ଅପ୍ଟିମସ୍ ................ କମ୍ପାନି ପ୍ରସ୍ତୁତ କରିଛି ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟଗିରି ................ ?

## ଗତ ଥରର ଉତ୍ତର

୧ ଜ୍ୟୋତିବା ଫୁଲେ
୨ ମୌଲାନା ହସରତ୍ ମୋହାନୀ
୩ ସୈଦ୍ ଅମୀର ଅଲ୍ଲୀ
୪ ସାପ
୫ ସାନ୍‌ଟିଆଗୋ ପେନା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ସମୀର ରଞ୍ଜନ ମିଶ୍ର, ଝାରସୁଗୁଡା


ଶେଖ୍ ୟାକୁବ୍, ଗୋପ


ଶିବରାମ ମହାପାତ୍ର, ଝାରସୁଗୁଡା

## ଟପ୍ ୧୦

### ଲୋକପ୍ରିୟ ସଫ୍ଟ ଡ୍ରିଙ୍କ୍ସ

୧........ କୋକା–କୋଲା
୨........ ପେପ୍‌ସି
୩........ ଡାଏଟ୍ କୋକ୍
୪........ ଡକ୍ଟର ପିପ୍ପର୍
୫........ ମାଉଣ୍ଟେନ୍ ଡିୟୁ
୬........ ସ୍ପ୍ରାଇଟ୍
୭........ ଡାଏଟ୍ ପେପ୍‌ସି
୮........ କୋକ୍ ଜିରୋ
୯........ ଫାଣ୍ଟା
୧୦........ ଡାଏଟ୍ ମାଉଣ୍ଟେନ୍ ଡିୟୁ




## ଜାଣନ୍ତୁ ଦୁନିଆ

# ପ୍ରଜାପତି

**ଫୁଲରୁ ଫୁଲ ଉଡ଼ିବୁଲୁଥିବା ରଙ୍ଗବେରଙ୍ଗ ପ୍ରଜାପତିର ଦୃଶ୍ୟ ସତରେ କେଡ଼େ ମନଲୋଭା। ସୁନ୍ଦର ଦେଖାଯାଉଥିବା ଏହି ପ୍ରଜାପତି ଏକ ଶୁଁବାଲୁଆରୁ ସୃଷ୍ଟି ଏକଥା ପ୍ରାୟ ସମସ୍ତେ ଜାଣିଥିବେ। ଜାଣିବା ଏହା ବିଷୟରେ ଆହୁରି ଅନେକ ତଥ୍ୟ...**



- ପ୍ରଜାପତି ଖୁବ୍ କ୍ଷୁଦ୍ର ଆକାରର ଅର୍ଥାତ୍ ମାତ୍ର ୧–୮ ଇଞ୍ଚରୁ ଆରମ୍ଭ କରି ୧୨ ଇଞ୍ଚ ପର୍ଯ୍ୟନ୍ତ ଅଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ, ଏହି କ୍ଷୁଦ୍ରଜୀବ ଘଣ୍ଟା ପ୍ରତି ୧୨ କି.ମି. ପର୍ଯ୍ୟନ୍ତ ବେଗରେ ଉଡ଼ିପାରେ।
- ପ୍ରଜାପତିର ବୟସସୀମା ଖୁବ୍ କମ୍ ଅର୍ଥାତ୍ ମାତ୍ର ୧–୨ ସପ୍ତାହ। ହେଲେ ବ୍ରିମ୍‌ଷ୍ଟୋନ୍ ପ୍ରଜାପତି ୯–୧୦ ମାସ ପର୍ଯ୍ୟନ୍ତ ବଞ୍ଚିଥାଏ।
- ପ୍ରଜାପତିର ପକ୍ଷୀ ରଙ୍ଗିନ୍ ହୋଇଥିବାରୁ ମୋଟା ତଥା ଅସ୍ୱଷ୍ଟ ଲାଗିଥାଏ। କିନ୍ତୁ ବାସ୍ତବରେ ଏହାର ପକ୍ଷୀ ଟ୍ରାନ୍ସପରେଣ୍ଟ ବା ସ୍ୱଚ୍ଛ।
- ପ୍ରଜାପତି ପାଦରେ ସ୍ୱାଦଗ୍ରନ୍ଥି ରହିଛି। ଏହା ସାହାଯ୍ୟରେ ସେମାନେ ନିଜ ଖାଦ୍ୟ ପାଇଁ କେଉଁ ଗଛରେ ଅଧିକ ଶର୍କରା ରହିଛି ମଧ୍ୟ ସନ୍ଧାନ କରନ୍ତି। ମାଈ ପ୍ରଜାପତି ପାଦ ତଳେ ଛୋଟ ଛୋଟ କଣ୍ଟା ରହିଛି, ଯେଉଁଥିରେ ସେ ଗଛରେ ଥିବା କେମିକାଲକୁ ଚିହ୍ନଟ କରି ଉପଯୁକ୍ତ ଗଛ ଚିହ୍ନଟ କରି ସେଥିରେ ଅଣ୍ଡା ଦିଅନ୍ତି।
- ସେମାନଙ୍କ ମୁହଁରେ ଏକ ଶୁଣ୍ଢ ପରି ଗଠନ ରହିଛି, ଯଦ୍ୱାରା ସେମାନେ ଫୁଲ, ଫଳ ଆଦିରୁ ମହୁ ସଂଗ୍ରହ କରି ଖାଇଥା'ନ୍ତି।
- ପ୍ରଜାପତିଙ୍କୁ ବଞ୍ଚିବା ଲାଗି ଖଣିଜ ପଦାର୍ଥ ଏବଂ ଲବଣର ଆବଶ୍ୟକତା ହେଉଥିବାରୁ ସେମାନେ ପୋଖରୀରୁ କିମ୍ବା କାଦୁଅ ଥିବା ସ୍ଥାନରୁ ପାଣି ପିଅନ୍ତି।
- ୫୫° ଫାରେନହିଟ୍‌ରୁ କମ୍ ତାପମାତ୍ରାରେ ପ୍ରଜାପତିଙ୍କୁ ଥଣ୍ଡା ଲାଗିଥାଏ, ଫଳରେ ସେମାନଙ୍କୁ ଉଡ଼ିବାରେ କଷ୍ଟ ହୋଇଥାଏ। ତେଣୁ ସେମାନେ ନିଜ ଉଡ଼ିବାରେ ସାହାଯ୍ୟ କରୁଥିବା ମାଂସପେଶୀକୁ ଗରମ କରିବା ଲାଗି ଖୁବ୍ ଜୋରରେ ଥରିଥା'ନ୍ତି କିମ୍ବା ସୂର୍ଯ୍ୟକିରଣର ସାହାଯ୍ୟ ନେଇଥା'ନ୍ତି।
- ଆଣ୍ଟାର୍କଟିକା ମହାଦେଶରେ ପ୍ରଜାପତି ଦେଖାଯାଆନ୍ତି ନାହିଁ।



# କ୍ଷମା...

**ଜୀବନରେ ବେଳେବେଳେ ଏମିତି ବି ପରିସ୍ଥିତି ଆସେ, ଯେଉଁଠି କ୍ରୋଧ ବା ରାଗ ଟପିଯାଏ ସବୁ ସୀମା। ଆଉ ଏଥିପାଇଁ ପାଟିରୁ ଏମିତି କିଛି କଥା ବାହାରିଆସେ କିମ୍ବା ଭୁଲ୍ ବୁଝାମଣାରେ ମନାନ୍ତର ଏତେ ବଢ଼ିଯାଏ ଯେ, ଯାହା କ୍ଷଣକେ ଭାଙ୍ଗିଦିଏ ପ୍ରିୟଜନଙ୍କ ସହ ସମ୍ପର୍କ। ହେଲେ ପରବର୍ତ୍ତୀ ସମୟରେ ଏହି ବୋଝ ମନକୁ ଭିତରେ ଭିତରେ ଖୁବ୍ କଷ୍ଟଦିଏ ଆଉ ଏଥିପାଇଁ ପଶ୍ଚାତ୍ତାପ କରିବାକୁ ବି ପଡ଼େ। ଏମିତିରେ କ୍ଷମା ମାଗିନେବା ଏବଂ ଅପରପକ୍ଷ ସବୁକିଛି ଭୁଲି କ୍ଷମା ଆଚରିନେବା ଦ୍ୱାରା ପୁଣି ଥରେ ଦୃଢ଼ ହୋଇଯାଏ ସମ୍ପର୍କର ଖିଅ...**



କୁହାଯାଏ କ୍ରୋଧ ମଣିଷର ଏମିତି ଏକ ଶତ୍ରୁ, ଯାହା ନିଜ ସହ ଅନ୍ୟକୁ ବି କ୍ଷତି ପହଞ୍ଚାଇଥାଏ। ଏଥିପାଇଁ କେବେକେବେ ବନ୍ଧୁତାର ସମ୍ପର୍କ ହେଉ ଅବା ପରିବାର କିମ୍ବା ଅନ୍ୟ କାହା ସହ ଭୁଲ୍ ବୁଝାମଣା କିମ୍ବା ଝଗଡ଼ା ହୋଇଯାଏ। ଆଉ ଏମିତିରେ କ୍ରୋଧବଶତଃ କାହା ସହ ଝଗଡ଼ା କରିବା କିମ୍ବା କାହାକୁ କିଛି କହିଦେବା ହେଉ ଅବା କୌଣସି ଭୁଲ୍ ବୁଝାମଣାବଶତଃ ମନାନ୍ତର ହୋଇ କଥାବାର୍ତ୍ତା ବନ୍ଦ ହୋଇଯାଏ। ହେଲେ ଏହାଦ୍ୱାରା ସବୁବେଳେ ସମ୍ପର୍କରେ ତିକ୍ତତା ବୃଦ୍ଧିପାଏ। କିନ୍ତୁ ଯେଉଁମାନେ ନିଜର ଭୁଲ ବୁଝି ଯଥା ସମୟରେ ଏଥିପାଇଁ ଅନୁତାପ କରି କ୍ଷମା ମାଗିନିଅନ୍ତି ଏବଂ ଅପରପକ୍ଷ ସବୁ କିଛି ଭୁଲି କ୍ଷମା କରିଦିଅନ୍ତି, ସେଠାରେ ସମ୍ପର୍କ ପୁନର୍ବାର ପୂର୍ବପରି ଗଢ଼ିଉଠେ।



**ଦିଏ ମାନସିକ ଶାନ୍ତି:** କେବେକେବେ କୌଣସି ଅପ୍ରୀତିକର ପରିସ୍ଥିତି, ଭୁଲ୍ ବୁଝାମଣା, ଝଗଡ଼ା ଭଳି କାରଣରୁ କେହି ଆପଣଙ୍କୁ ମାନସିକ ଆଘାତ ଦେଇଥା'ନ୍ତି ଏବଂ ଆପଣ ସମ୍ପୂର୍ଣ୍ଣ ଭାବେ ତାଙ୍କଠାରୁ ବିମୁଖ ହୋଇଯାଆନ୍ତି। କିନ୍ତୁ ପୁନର୍ବାର ପରବର୍ତ୍ତୀ ସମୟରେ ପରିସ୍ଥିତି ସୁଧାରିବା ଲାଗି ଚାହାନ୍ତି, ପ୍ରଥମେ ଆପଣ ତାଙ୍କୁ କ୍ଷମା କରିବା ଦରକାର। କାରଣ ଯେଉଁ ପର୍ଯ୍ୟନ୍ତ ଜିଦ୍ କିମ୍ବା ରାଗକୁ ମନ ଭିତରେ ସାଇତି ରଖିଥିବେ ସେ ପର୍ଯ୍ୟନ୍ତ ମନ ଆବଦ୍ଧ ବା ବନ୍ଧନ ଭିତରେ ରହି ଭୁଲ୍ ଠିକ୍‌ର ବିଚାର କରିପାରିବ ନାହିଁ। ଏମିତିରେ ସମ୍ପର୍କ ସୁଧୁରିବା ବଦଳରେ ଦିନକୁ ଦିନ ଖରାପ ହେବ। ହେଲେ ଥରେ ଏସବୁ ଭୁଲି ହୃଦୟର ସହ କ୍ଷମା ମାଗିବା ଏବଂ ଅପରପକ୍ଷ କ୍ଷମା କରିଦେବା ଦ୍ୱାରା ମନ ହାଲୁକା ହୋଇଯାଏ ଏବଂ ଏକ ବନ୍ଧନମୁକ୍ତ ଅନୁଭବ ସୃଷ୍ଟି ହୋଇଥାଏ।

**ସ୍ୱାସ୍ଥ୍ୟ ଉପରେ ପକାଏ ସୁପ୍ରଭାବ:** ଜନ୍ ହପ୍‌କିନ୍ସ ସ୍କୁଲ ଅଫ୍ ମେଡିସିନର ବିଶେଷଜ୍ଞ କାରେନ୍ ସ୍ୱାର୍ଜଙ୍କ ଏକ ଗବେଷଣା ରିପୋର୍ଟ ମୁତାବକ, କାହାଦ୍ୱାରା ଗଭୀର ମାନସିକ ଆଘାତ ପାଇବା ଯୋଗୁ ମନସ୍ତାପରେ ରହିବା କିମ୍ବା ରାଗିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରତିକ୍ରିୟା ଘଟିଥାଏ। ଅନିୟମିତ ରକ୍ତପ୍ରବାହ, ରକ୍ତଚାପରେ ପରିବର୍ତ୍ତନ ଇତ୍ୟାଦି ଯୋଗୁ ଅବସାଦ, ମଧୁମେହ ଏବଂ ହୃଦ୍‌ଘାତ ଭଳି ସମସ୍ୟାର ବି ଆଶଙ୍କା ବଢ଼ିଥାଏ। ହେଲେ ଏଭଳି ପରିସ୍ଥିତିରେ କ୍ଷମା ଆଚରଣ ଦ୍ୱାରା ପରିସ୍ଥିତି ସୁଧୁରିବା, ସମ୍ପର୍କ ମଜଭୁତ ହେବା ସହ ମନ ଚାପ ଓ ଅବସାଦମୁକ୍ତ ହୋଇ ଖୁସିହେବା ଯୋଗୁ ଶରୀର ମଧ୍ୟ ସୁସ୍ଥ ରହିଥାଏ।

ମନେରଖନ୍ତୁ...

❖କାହାକୁ କ୍ଷମା କରି ପରିସ୍ଥିତି ସୁଧାରିବାକୁ ଚାହୁଁଥିଲେ ପ୍ରଥମେ ନିଜ ମନକୁ ପ୍ରସ୍ତୁତ କରନ୍ତୁ ଏବଂ ହୃଦୟର ସହ କ୍ଷମା କରନ୍ତୁ। ଅନ୍ୟକୁ ନିନ୍ଦା କରିବା କିମ୍ବା ବିରୋଧରେ ଗପିବା ଭଳି କାର୍ଯ୍ୟ ଆଦୌ କରନ୍ତୁ ନାହିଁ। କାରଣ ଏହା ଦୁର୍ବଳମନା ଏବଂ ଖଳପ୍ରକୃତିର ପରିଚୟ ଦେଇଥାଏ। ତା'ଛଡ଼ା ଏଭଳି ପରିସ୍ଥିତିର ଅନ୍ୟମାନେ ସୁଯୋଗ ନେଇ ସମ୍ପର୍କକୁ ଆହୁରି ଖରାପ କରିପାରନ୍ତି।

❖ଜଣକୁ କ୍ଷମାକରି ଆଗକୁ ବଢ଼ିବାର ନିଷ୍ପତ୍ତି ନେବା ମାତ୍ରେ ଅତୀତର କେଉଁ ଘଟଣା ଲାଗି ମନୋମାଳିନ୍ୟ ହୋଇଥିଲା ତାହାକୁ ସମ୍ପୂର୍ଣ୍ଣ ଭାବେ ଭୁଲିଯାଆନ୍ତୁ। ଏ ସମ୍ପର୍କରେ ପୁନର୍ବାର ଆଲୋଚନା ମଧ୍ୟ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ପରସ୍ପର ମଧ୍ୟରେ ପୁନର୍ବାର ମନୋମାଳିନ୍ୟ ହେବାର ଆଶଙ୍କା ଥାଏ। ତା'ଛଡ଼ା ଏହାଦ୍ୱାରା ଅପରପକ୍ଷକୁ ଅପମାନବୋଧ କରାଇବା ସହ କଥା ହେବାକୁ ସଙ୍କୋଚ ଲାଗିପାରେ।









## ୟୁଥ୍ ଆଲର୍ଟ

# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂମପାନ

**ବର୍ତ୍ତମାନ ଅନେକ ଯୁବତୀ ଯୁବକଙ୍କ ପାଇଁ ସିଗାରେଟ୍ ଟାଣିବା କିମ୍ବା ତମାଖୁ ସେବନ କରିବା ଯେମିତି ଏକ ଫ୍ୟାଶନ୍ ହୋଇଗଲାଣି। ହେଲେ ଆପଣ ଜାଣିନ୍ତି କି, ଧୂମପାନ ଏବଂ ତମାଖୁସେବନ ଭଳି ବଦଭ୍ୟାସ ଧୀରେ ଧୀରେ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ନଷ୍ଟ କରିଦେବା ସହ ବିଭିନ୍ନ ରୋଗ ସୃଷ୍ଟି କରିଥାଏ। ତେଣୁ ସୁସ୍ଥ ରହିବା ଲାଗି ଏଥିରୁ ଦୂରେଇ ରହିବା ଆବଶ୍ୟକ...**

★ସିଗାରେଟ୍‌ରେ ହାରାହାରି ୪୦୦୦ ପ୍ରକାରର ରାସାୟନିକ ପଦାର୍ଥ ବା' କେମିକାଲ୍ସ ଥାଏ। ଯାହା ମଧ୍ୟରୁ ନିକୋଟିନ୍ ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହାନିକାରକ। ଏହା ବ୍ୟତୀତ ବହୁ ପ୍ରକାରର କ୍ୟାନ୍‌ସର୍ ରୋଗ ସୃଷ୍ଟି କରୁଥିବା କାର୍‌ସିନୋଜେନ୍ସ ଏବଂ ଅନ୍ୟ ବିଷାକ୍ତ ପଦାର୍ଥ ଥାଏ।

★ଧୂଆଁରେ ଥିବା କାର୍ବନ୍ ମନୋକ୍ସାଇଡ, ସିଲିଟକ୍ସିନ୍‌ସ ଏବଂ ଅନ୍ୟ କେମିକାଲଗୁଡ଼ିକ ଶ୍ୱାସକ୍ରିୟାରେ ବ୍ୟାଘାତ ସୃଷ୍ଟି କରିଥା'ନ୍ତି। ସିଗାରେଟ୍‌ରେ ଥିବା ଧୂଆଁ ମଣିଷର ମୁଖ ଓ ଶ୍ୱାସନଳୀ ଦେଇ ଯାଇ ଫୁସ୍‌ଫୁସ୍ ମାଧ୍ୟମରେ ରକ୍ତରେ ମିଶିଥାଏ ଏବଂ ଦେହର ବିଭିନ୍ନ ପ୍ରକାର ରୋଗ ଯଥା ହୃଦ୍‌ରୋଗ, ଫୁସ୍‌ଫୁସ୍ ରୋଗ ଏବଂ ଫୁସ୍‌ଫୁସ୍ କ୍ୟାନ୍‌ସର୍ ଆଦି ସୃଷ୍ଟି କରିଥାଏ।

★ଏହାଛଡ଼ା ସ୍ୱରଯନ୍ତ୍ର, ଖାଦ୍ୟନଳୀ, ପାଟି, ପାକସ୍ଥଳୀ, ଅଗ୍ନ୍ୟାଶୟ, ଅନ୍ତନଳୀ, ମଳଦ୍ୱାର, ଯକୃତ, ପରିସ୍ରାଗାର, ବୃକ୍କ, ଜରାୟୁଗ୍ରୀବା ଏବଂ ସ୍ତନକର୍କଟ ରୋଗ ମଧ୍ୟ ହୋଇଥାଏ।



★ତମାଖୁ, ଦୋକ୍ତା ଓ କଡ଼ାପାନ ଖାଇଲେ ଏବଂ ତା'ର ରସ ପିଇଲେ, ପାଟିରେ ଥିବା ଶୈଷ୍ମିକ ଝିଲ୍ଲୀ ଦେଇ ରସ ଶୋଷି ହୋଇଯାଏ। ଏଥିରେ ପାଟି ଭିତରେ କ୍ଷତ ସୃଷ୍ଟିହୁଏ ଏବଂ କ୍ରମେ ପାଟିରେ କ୍ୟାନ୍‌ସର୍ ରୋଗ ସୃଷ୍ଟି ହୋଇଥାଏ। ଧୂମପାନ ଦ୍ୱାରା ରକ୍ତରେ ଟକ୍ସିନ ବା ବିଷ ମିଶି ଧମନୀ ଭିତର ପାର୍ଶ୍ୱରେ ଚର୍ବି ସୃଷ୍ଟି ହୋଇ ଧମନୀକୁ ଅଣଓସାରିଆ କରିଦିଏ। ଯୁବାବୟସରେ ଅନେକଙ୍କର ରକ୍ତଚାପ ବୃଦ୍ଧି ସହ ହୃଦ୍‌ରୋଗ, କରୋନାରୀ ଧମନୀ ଜନିତ ରୋଗ ଏବଂ ହଠାତ୍ ମୃତ୍ୟୁ ହୋଇଥାଏ (ସଡନ୍ ଡେଥ୍ ସିଣ୍ଡ୍ରୋମ୍)।

★ଯୁବତୀମାନଙ୍କର ମଧ୍ୟ ଶ୍ୱାସ ଓ ଫୁସ୍‌ଫୁସ୍ ସଂକ୍ରମଣ ସହ ଅନିୟମିତ ଋତୁସ୍ରାବ ଏବଂ ବନ୍ଧ୍ୟାଦୋଷ ଆଦି ଦେଖାଦେଇଥାଏ।

★ଯୁବାବସ୍ଥାରେ ଧୂମପାନ କଲେ ପୁରୁଷମାନଙ୍କର ମଧ୍ୟ ବନ୍ଧ୍ୟାଦୋଷ ହୋଇଥାଏ।



★ତେବେ ଧୂମପାନ କରୁଥିବା ବ୍ୟକ୍ତିଙ୍କ ଯୋଗୁ ଆଖପାଖରେ ଥିବା ଅନ୍ୟମାନେ ମଧ୍ୟ ପ୍ରଭାବିତ ହୋଇଥା'ନ୍ତି ଅର୍ଥାତ୍ ସେମାନେ ନିଷ୍କ୍ରିୟ ଧୂମପାନର ଶିକାର ହୋଇ ଶ୍ୱାସରୋଗ ଓ ଫୁସ୍‌ଫୁସ୍ ସଂକ୍ରମଣ ଭୋଗିଥା'ନ୍ତି।



କଳାହାଣ୍ଡି ଜିଲା କୋକସରା ବ୍ଲକ ଡୋକରୀଚଞ୍ଚରାରେ ୫– ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଏସ୍ଏଚଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପିଠା ଭେଟି ଦିଆଯାଉଛି।

# ଦ୍ୱିତୀୟ ଦିନରେ ୫–ଟି ସଚିବଙ୍କ କଳାହାଣ୍ଡି ଗସ୍ତ

**ଭବାନୀପାଟଣା,୨୦ା୫(ସ୍ୱ.ପ୍ର)**

କଳାହାଣ୍ଡି ଗସ୍ତର ଦ୍ୱିତୀୟ ଦିନରେ ୫– ଟି ସଚିବ ଭି.କେ ପାଣ୍ଡିଆନ ଅନେକ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ସେ ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଭଟାଙ୍ଗପଦର ଠାରେ ୫–ଟି ରୂପାନ୍ତରିତ ସ୍କୁଲ ପରିଦର୍ଶନ ପରେ ବ୍ଲକର ୨୬ ପଞ୍ଚାୟତର ସମସ୍ତ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଭବାନୀପାଟଣାରୁ ଭଟାଙ୍ଗପଦର ଆର ଡି ରାସ୍ତା ଉନ୍ନତୀକରଣ ସହ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଜିଲାପାଳଙ୍କୁ କହିଥିଲେ। ଭଟାଙ୍ଗପଦରଠାରୁ ରାବଣଧରକୁ ଯିବା ଆର ଡି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯିବ ବୋଲି ସେ ଘୋଷଣା କରିଥିଲେ। ପରେ ଭବାନୀପାଟଣା ସଦର ବ୍ଲକ ପିପଳ ନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଞ୍ଚଳ ଗସ୍ତ କରି ସେଠାରେ ଏହାର ଉନ୍ନତି ପାଇଁ ସ୍ଥାନୀୟ ଲୋକ ଓ ବିଭାଗୀୟ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିଥିଲେ। ପିପଳ ନାଳର ଜଳସେଚନ କ୍ଷମତାର ବୃଦ୍ଧି ତଥା ଏଠାରେ ଏକ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ ନିଷ୍ପତ୍ତି ନେଇଥିଲେ। ଏହାର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏକ ମାସ ମଧ୍ୟରେ ପ୍ରସ୍ତୁତ କରି ପ୍ରଦାନ କରିବାକୁ

**■ ଥୁଆମୂଳ-ରାମପୁରରେ ହେବ ଯୁକ୍ତ ୩ ଡିଗ୍ରୀ କଲେଜ**
**■ ଯଶୋଦା ଆଶ୍ରମ ଅନ୍ତେବାସୀଙ୍କ ସହ କଲେ ମଧ୍ୟାହ୍ନ ଭୋଜନ**
**■ ମା’ ଇନ୍ଦ୍ରାବତୀଙ୍କ ମନ୍ଦିର ଓ ମ୍ୟୁଜିୟମ ପାଇଁ ଅତିରିକ୍ତ ୧୪ କୋଟି**

ସେ ପରାମର୍ଶ ଦେଇଛନ୍ତି। ଏହାପରେ ସେ ଥୁଆମୂଳ–ରାମପୁର ଯାଇ ସାଧାରଣ ଲୋକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେଠାରେ ଏକ ଯୁକ୍ତ–୩ ଡିଗ୍ରୀ କଲେଜ ସ୍ଥାପନ କରାଯିବ ବୋଲି ଘୋଷଣା କରିଥିଲେ। ଭଟାଙ୍ଗପଦର ହାଇସ୍କୁଲ ପଡ଼ିଆରେ ସେ ସ୍ଥାନୀୟ ଛାତ୍ରୀଛାତ୍ର ଓ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିଥିଲେ ଓ ଏହାର ସମାଧାନ ପାଇଁ ସ୍ଥାନୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ କଳାହାଣ୍ଡି ଜିଲା ଥୁଆମୂଳ–ରାମପୁରଠାରେ ପ୍ରସିଦ୍ଧ ମା’ ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ପୁନଃବିକାଶ ପାଇଁ ଖର୍ଚ୍ଚ ଆକଳନ କରି ଏକ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କଲମପୁର ମିନି ଷ୍ଟାଡିୟମଠାରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଷ୍ଟାଡିୟମର ଅଧିକ ଉନ୍ନତି ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପାଣ୍ଡିଆନ ଜୟପାଟଣା ବ୍ଲକ ମଙ୍ଗଳପୁର ବ୍ୟାରେଜ ଠାରେ ଇନ୍ଦ୍ରାବତୀ ପାର୍କ ଓ ମ୍ୟୁଜିୟମ ପରିଦର୍ଶନ କରିଥିଲେ। ସେଠାରେ ମା’ ଇନ୍ଦ୍ରାବତୀଙ୍କ ମନ୍ଦିରର ନିର୍ମାଣ କାର୍ଯ୍ୟ ମଧ୍ୟ ଦେଖିଥିଲେ। ମନ୍ଦିର ଓ ମ୍ୟୁଜିୟମ ପାଇଁ ଆହୁରି ଅତିରିକ୍ତ ୧୪ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ସେ ଇନ୍ଦ୍ରାବତୀ ଦକ୍ଷିଣ କେନାଲର ଲାଇନିଂ କାମ ଠିକ୍ ସମୟରେ ଶେଷ କରିବାକୁ ବିଭାଗୀୟ ଇଞ୍ଜିନିୟରଙ୍କୁ ପରାମର୍ଶ ଦେଇଥିଲେ। ଆମପାଣିଠାରେ ପ୍ରସିଦ୍ଧ ବୁଢାରାଜା ମନ୍ଦିର ପରିଦର୍ଶନ କରି ପାଣ୍ଡିଆନ ପୂଜାର୍ଚ୍ଚନା କରିଥିଲେ। ସେହିପରି ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ୧୫ ଦିନ ମଧ୍ୟରେ ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡୋକ୍ରିଚଞ୍ଚରା ଓ ଗୁଡହାଣ୍ଡିଠାରେ ସ୍ଥାନୀୟ ଲୋକ ଓ ବନ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ପଦକ୍ଷେପ ନେବାକୁ ଡିଏଫଓଙ୍କୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଏକ ମାସ ମଧ୍ୟରେ ଡିପିଆର ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଧର୍ମଗଡ଼ରେ ମା’ ଭଣ୍ଡାରଘରଣୀ ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ଅଧିକ ଉନ୍ନତି ପାଇଁ ପ୍ରସ୍ତାବ ଦେଇଥିଲେ। ଗମ୍ଭାରୀଗୁଡାଠାରେ ଯଶୋଦା ଅନନ୍ତ ଆଶ୍ରମ ପରିଦର୍ଶନ କରି ସେଠାରେ ଅନ୍ତେବାସୀଙ୍କ ସହ ଆଲୋଚନା କରି ଆଶ୍ରମର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଯଶୋଦା ଆଶ୍ରମରେ ଡାଇନିଂ ହଲ୍, କମ୍ପ୍ୟୁଟର ରୁମ୍ ଓ ପାର୍କର ବିକାଶ କରାଯିବ ବୋଲି ପାଣ୍ଡିଆନ୍ କହିଥିଲେ। ୫–ଟି ସଚିବ ଯଶୋଦା ଆଶ୍ରମ ଅନ୍ତେବାସୀଙ୍କ ସହିତ ମଧ୍ୟାହ୍ନ ଭୋଜନ ମଧ୍ୟ କରିଥିଲେ। ଏହାପରେ ସେ ଧର୍ମଗଡ଼ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ପଞ୍ଚାୟତ କଲେଜ, କଲ୍ୟାଣ ମଣ୍ଡପ ଆଦି ପରିଦର୍ଶନ କରି ସ୍ଥାନୀୟ ଲୋକ, ମିଶନ ଶକ୍ତି ସଦସ୍ୟା ଓ ଛାତ୍ରୀଛାତ୍ର ମାନଙ୍କ ସହ ଆଲୋଚନା କରି ସେ ସବୁ ସ୍ଥାନର ଅଧିକ ବିକାଶ ପାଇଁ ସେମାନଙ୍କଠାରୁ ମତାମତ ଗ୍ରହଣ କରିଥିଲେ। ଦ୍ୱିତୀୟ ଦିନରେ ୫–ଟି ସଚିବଙ୍କ ଗସ୍ତ ସମୟରେ କ୍ରୀଡା ସଚିବ ଭିନିଲ କ୍ରିଷ୍ଣା, ଡିଆଇଜି ରାଜେଶ ପଣ୍ଡିତ, କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଳାଷ ଜି, ଧର୍ମଗଡ଼ ଉପଜିଲାପାଳ ବେଦଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସେବା ଅପହଞ୍ଚ: ମୋବାଇଲ ଆଲୁଅରେ ରୋଗୀଙ୍କୁ ଇଞ୍ଜେକ୍ସନ

**ବରଗଡ଼ ଅଫିସ୍,୨୦ା୫**

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନେକ ସମୟରେ ବିଦ୍ୟୁତ ସେବା ଅପହଞ୍ଚ ହୋଇ ପଡୁଛି। ଫଳରେ ଅନ୍ଧାରରେ ମୋବାଇଲ ଟର୍ଚ୍ଚ ବ୍ୟବହାର କରି ରୋଗୀସେବା କରାଯିବା ଭଳି ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ରାତିରେ ବିଦ୍ୟୁତ କାଟ୍ ଯୋଗୁ ଦୀର୍ଘ ସମୟ ଧରି ଅନ୍ଧାରରେ ରୋଗୀଙ୍କୁ ଡାକ୍ତରଖାନାରେ ରହିବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ, ସ୍ୱାସ୍ଥ୍ୟକର୍ମୀମାନେ ମୋବାଇଲ ଟର୍ଚ୍ଚ ସାହାଯ୍ୟରେ ରୋଗୀଙ୍କୁ ଇଞ୍ଜେକ୍ସନ, ସାଲାଇନ ଦେଉଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ କାଟ୍ ହେଲେ ବିକଳ୍ପ ଭାବେ ଉକ୍ତ ଡାକ୍ତରଖାନାରେ ଏକ ଜେନେରେଟର ରହିଛି। ମାତ୍ର ତାହା ବି ଚାଲି ନ ଥିଲା। ଫଳରେ ମୋବାଇଲ ଟର୍ଚ୍ଚରେ ଚିକିତ୍ସା ଚାଲିଥିଲା। ଅନ୍ୟପଟେ ଗୁଳୁଗୁଳି ଯୋଗୁ ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟମାନଙ୍କୁ ଖୁବ୍ ହଟହଟା ହେବାକୁ ପଡ଼ିଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଚାରୁବାଳା ରଥ କହିଛନ୍ତି, ଜେନେରେଟରର ତେଲ ସରି ଯାଇଥିବା ଯୋଗୁ ସେଭଳି ସମସ୍ୟା ଉପୁଜିଥିଲା। ଜେନେରେଟରରେ ତେଲ ଭରାଯିବା ପରେ ସମସ୍ୟା ଦୂର ହୋଇଥିଲା। ତେବେ ଆଗକୁ ଯେଭଳି ଏହି ସମସ୍ୟାର ପୁନରାବୃତ୍ତି ନ ହେବ, ସେଥିପାଇଁ ବିଭାଗୀୟ କର୍ମଚାରୀଙ୍କୁ ତାଗିଦ କରାଯିବ ବୋଲି ସେ କହିଥିଲେ।



ଶୁକ୍ରବାର ରାତିରେ ବରଗଡ଼ ସହରାଞ୍ଚଳ ଡାକ୍ତରଖାନାରେ ମୋବାଇଲ ଟର୍ଚ୍ଚ ସହାୟତାରେ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଉଛି।

# କନ୍‌ଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଜବତ

**ଢେଙ୍କିକୋଟ/ ଘଟଗାଁ,୨୦ା୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ହାତୀନୋଟା ଗ୍ରାମରେ ଜଣେ କନ୍‌ଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଗ୍ରାମର ପ୍ରେମାନନ୍ଦ ନାୟକ (୩୦)। ସେ ଏସ୍‌ପିଓ(ସ୍ପେଶିଆଲ ପୋଲିସ ଅଫିସର) ଭାବେ ଭଦ୍ରକ ଟାଉନ ଥାନାରେ କାର୍ଯ୍ୟରତ ଥିଲେ। କିଛିଦିନ ହେଲା କାର୍ଯ୍ୟରେ ଯୋଗ ନ ଦେଇ ଘରେ ହିଁ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପ୍ରେମାନନ୍ଦ ଖାଇପିଇ ପରିବାର ସହ ଶୋଇଥିଲେ। ବିଳମ୍ବିତ ରାତିରେ ଘର ଅଗଣାରେ ଥିବା ସଜନାଗଛରେ ଚଢ଼ି ବେକରେ ରଶି ଦେଇ ଝୁଲି ପଡ଼ିଥିଲେ। ଖବର ପାଇ ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ତପନ କୁମାର ଜେନା ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ (ନଂ.୨୩/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନା ପଠାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରତିଭା ସାହୁ କହିଛନ୍ତି।

# ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି ସମ୍ପନ୍ନ

**ସମ୍ବଲପୁର,୨୦ା୫(ବ୍ୟୁରୋ)**

**ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ**
**ମହାଦେବଙ୍କ ପାଇଁ କନ୍ୟା ଖୋଜା**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶନିବାର ଆରମ୍ଭ ହୋଇଛି। ଦେବ ଦମ୍ପତି (ମହାଦେବ ଓ ମାତା ପାର୍ବତୀ)ଙ୍କ ବିବାହ ପାଇଁ ଧାର୍ଯ୍ୟ ଲଗ୍ନ ଅନୁସାରେ କାର୍ଯ୍ୟ ସମ୍ପାଦନା ହୋଇଛି। ନନ୍ଦପଡ଼ା ବମ୍ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି (ନିର୍ବନ୍ଧ) ଉତ୍ସବ ରାତିରେ ସମ୍ପନ୍ନ ହୋଇଛି। ସନ୍ଧ୍ୟା ୭ଟାରେ ବାଲୁଙ୍କେଶ୍ୱର ପୀଠରେ ପତରପେଣ୍ଡି ସାମଗ୍ରୀ ରଖାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ରାତି ୮ଟାରେ ବର ପିତା ରାମଚରଣ ମିଶ୍ର ସପ୍ତର୍ଷିଙ୍କ ଗହଣରେ ମହାଦେବଙ୍କ ପାଇଁ କନ୍ୟା ଖୋଜିବାକୁ ମନ୍ଦିରରୁ ବାହାରିଥିଲେ। ଘଣ୍ଟ, ଶଙ୍ଖ ଧ୍ୱନିରେ ଶୈବପୀଠ ପ୍ରକମ୍ପିତ ହୋଇଥିଲା। ବର ପିତା ସ୍ୱତନ୍ତ୍ର ବିମାନରେ ପତରପେଣ୍ଡି ଭାର ନେଇ ସହର ପରିକ୍ରମା କରି କନ୍ୟାଘର ଜଗନ୍ନାଥ କଲୋନୀବାସୀ ରାଜେନ୍ଦ୍ର ନନ୍ଦ ଓ ସୁଲୋଚନାଙ୍କ ଘରେ ପହଞ୍ଚିଥିଲେ। ମହିଳାଙ୍କ ହୁଳହୁଳି ଧ୍ୱନିରେ କନ୍ୟା ପିତାଙ୍କ ବାସଭବନ ମୁଖରିତ ହୋଇଥିଲା। ପୂର୍ଣ୍ଣକଳସ, ଦୀପ ପ୍ରଜ୍ୱଳନ କରି ପତରପେଣ୍ଡି ଭାରକୁ କନ୍ୟାପକ୍ଷ ସ୍ୱାଗତ କରି ଘରକୁ ନେଇଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ର ଉଚ୍ଚାରଣ କରି ସପ୍ତର୍ଷି ସେମାନଙ୍କ ଆଗମନ ସମ୍ପର୍କରେ କନ୍ୟା ମାତାପିତାଙ୍କୁ ଜଣାଇଥିଲେ। ଏହାପରେ କନ୍ୟାପକ୍ଷ ଓ ବରପକ୍ଷ ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣରେ ଶିବଙ୍କ ଗୁଣଗ୍ରାମ ବିଷୟରେ ପ୍ରଶ୍ନୋତ୍ତର ହୋଇଥିଲା। ପରେ ବର ପିତା ୭୨ଟି ସର୍ଗିପତ୍ର କନ୍ୟା ମାତାପିତାଙ୍କୁ ପ୍ରଦାନ କରିଥିଲେ। ବାଲୁଙ୍କେଶ୍ୱରଙ୍କୁ ଜଗତ୍‌ଜନନୀ ମାତା ପାର୍ବତୀଙ୍କୁ କନ୍ୟା ରୂପେ ଦାନ କରିବାକୁ କନ୍ୟା ମାତାପିତା ସର୍ଗିପତ୍ର ଗ୍ରହଣ କରି ସଂକଳ୍ପ କରିଥିଲେ। ସପ୍ତର୍ଷି ଭାବେ ବିଜୟ କୁମାର ମିଶ୍ର, କାମପାଳ ହୋତା, ଗୋଲକ ବିହାରୀ ମିଶ୍ର, ଆଶୋକ କୁମାର ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ଅମରେନ୍ଦ୍ର ପୂଜାରୀ ଦାୟିତ୍ୱ ତୁଲାଇଥିଲେ। ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ଫଣିଭୂଷଣ ମିଶ୍ର, ଅମୂଲ୍ୟ କମାର ମିଶ୍ର, ମାନସ ରଥ, ସୁଶ୍ରିତ ମିଶ୍ର, ବିରଜା କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଆଦିବାସୀ ଶବର ନୃତ୍ୟ, ଧମାଲ ବାଦ୍ୟ ସାମିଲ ଥିଲା।



ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି ଶୋଭାଯାତ୍ରା।

# ୧୩ ନୂଆ ସିଭିଲ୍ ଜଜ୍ କୋର୍ଟ ଖୋଲିଲା

**କଟକ ଅଫିସ,୨୦ା୫**

ରାଜ୍ୟରେ ୧୩ଟି ନୂଆ ସିଭିଲ୍ ଜଜ୍ କୋର୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହାକୁ ହାଇବ୍ରିଡ୍ ମୋଡ୍‌ରେ ଉଦ୍‌ଘାଟନ କରି କହିଛନ୍ତି, ନୂତନ କୋର୍ଟଗୁଡିକ ବୈଷୟିକ ଜ୍ଞାନକୌଶଳ ସହାୟତାରେ ସାମ୍ପ୍ରତିକ ଆହ୍ୱାନକୁ ସାମ୍ନା କରିପାରିବ। ଓଡ଼ିଶାର ଭୌଗୋଳିକ ବୈଚିତ୍ର୍ୟ ମଧ୍ୟରେ ନ୍ୟାୟିକ ବ୍ୟବସ୍ଥାର ଏହା ଏକ ବୃହତ୍ ସମ୍ପ୍ରସାରଣ ଯୋଜନା। ହାଇକୋର୍ଟ ପକ୍ଷରୁ ରାଜ୍ୟ ସରକାରଙ୍କ ସହାୟତାରେ ପ୍ରତିଷ୍ଠିତ ଏହି ନୂତନ କୋର୍ଟଗୁଡିକ ସ୍ଥାପନାରେ ହାଇକୋର୍ଟର ବିଚାରପତି, ଜିଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ସେ କହିଥିଲେ। ମହିଳା କୋର୍ଟର ବିଚାର ବିଭାଗୀୟ ଅଧିକାରୀଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଅଭିନନ୍ଦନ ଜଣାଇଥିଲେ। ଉଦ୍‌ଘାଟିତ ହୋଇଥିବା କୋର୍ଟଗୁଡିକ ହେଲା ପୁରୀରେ ୨ୟ ଅତିରିକ୍ତ ସିନିୟର ସିଭିଲ ଜଜ୍ କୋର୍ଟ, ବୌଦ୍ଧର କଣ୍ଟାମାଳ, ଗଞ୍ଜାମର ପୁରୁଷୋତ୍ତମପୁର, କଳାହାଣ୍ଡିର ଜଇପାଟଣା, କନ୍ଧମାଳର ଜି. ଉଦୟଗିରି, ବାଲେଶ୍ୱର, ବରଗଡ଼ରେ ସିନିୟର ସିଭିଲ ଜଜ୍ କୋର୍ଟ ଏବଂ ବୌଦ୍ଧ, ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମାଲକାନଗିରି, ନବରଙ୍ଗପୁରରେ ସିନିୟର ସିଭିଲ ଜଜ୍ ମହିଳା କୋର୍ଟ। ପୁରୁଷୋତ୍ତମପୁରରୁ ବିଚାରପତି ଦେବବ୍ରତ ଦାଶ ଓ ଜଇପାଟଣାରୁ ବିଚାରପତି ବିଶ୍ୱନାଥ ରଥ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ହାଇକୋର୍ଟର ଭିଡିଓ କନ୍‌ଫରେନ୍ସିଂ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ବି.ଆର୍. ଷଡଙ୍ଗୀ, ବିଚାରପତି ଶୁଭାଶିଷ ତାଳପତ୍ର ଉପସ୍ଥିତ ଥିଲେ। ଏଥିସହ ଜିଲା ଓ ଦୌରାଜଜ୍‌ମାନଙ୍କ ସମେତ ବିଚାର ବିଭାଗୀୟ ଅଧିକାରୀ, ବାର୍ ଆସୋସିଏଶନ୍‌ର ସଦସ୍ୟ ବିଭିନ୍ନ ଜିଲା ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଭର୍ଚୁଆଲରେ ସାମିଲ ହୋଇଥିଲେ।




ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ହାଇବ୍ରିଡ୍ ମୋଡ୍‌ରେ କୋର୍ଟଗୁଡିକୁ ଉଦ୍‌ଘାଟନ କରୁଛନ୍ତି।

# ଧାର ଟଙ୍କା ପାଇଁ ଶିକ୍ଷକଙ୍କୁ ହତ୍ୟା କରିଥିଲେ

**କୁଚିଣ୍ଡା,୨୦ା୫(ଡି.ଏନ.ଏ.)**



ଗିରଫ ସୁଧାଂଶୁ କୁସୁମ

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ମନ୍ତ୍ରୀମୁଣ୍ଡା ପ୍ରାଥମିକ ସ୍କୁଲ ଶିକ୍ଷକ ପୃଥୀରାଜ ମହାନନ୍ଦ (୪୩) ଓରଫ ମଣ୍ଟୁଙ୍କୁ ଗଳା କାଟି ହତ୍ୟା ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଧାର ଟଙ୍କା ଫେରସ୍ତ ନ କରିବାରୁ ମଣ୍ଟୁଙ୍କୁ ହତ୍ୟା କରିଥିବା କୁଚିଣ୍ଡା ଥାନା ପତ୍ରାପାଲିର ଗିରଫ ଅଭିଯୁକ୍ତ ସୁଧାଂଶୁ କୁସୁମ(୩୧) ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଗତ ୫ତାରିଖ ରାତିରେ ମଣ୍ଟୁଙ୍କୁ ଅଭିଯୁକ୍ତ ତଣ୍ଟି କାଟି ହତ୍ୟା କରିଥିଲେ। ପୋଲିସ ଶିକ୍ଷକଙ୍କ ମୋବାଇଲ କଲ ରେକର୍ଡ, ସନ୍ଧାନୀ କୁକୁର ଓ ସିସିଟିଭି ଫୁଟେଜ ଆଧାରରେ ୬ତାରିଖରେ ସୁଧାଂଶୁଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିଲା। ୭ତାରିଖରେ ସୁଧାଂଶୁ ଥାନା ପରିସରରେ ଥିବା ଶୌଚାଳୟର ସ୍କାଏଲାଇଟ କାଚ ଭାଙ୍ଗି ତଣ୍ଟି କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁଚିଣ୍ଡା ମେଡିକାଲ ଓ ପରେ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରିଥିଲା। ଦୀର୍ଘ ୧୫ଦିନ ଧରି ଚିକିତ୍ସିତ ହେବା ପରେ ଶନିବାର ସେ ମେଡିକାଲରୁ ଡିସଚାର୍ଜ ହୋଇଥିଲେ। ପୋଲିସ ତାଙ୍କୁ କୁଚିଣ୍ଡା ଆଣି କୋର୍ଟ ଚାଲାଣ କରିଥିବା କୁଚିଣ୍ଡା ଆଇଆଇସି ଶୋଭାକର ସେଠ କହିଛନ୍ତି। କୁଚିଣ୍ଡା ପୋଲିସ ଗତ ୬ତାରିଖରେ ମୃତଦେହ ଜବତ କରିବା ସହ ଆଇପିସି ଧାରା ୩୦୨ରେ ମାମଲା (ନଂ୯୦/୨୩) ରୁଜୁ କରିଥିଲା। ଜାମିନ ଆବେଦନକୁ ନାମଞ୍ଜୁର କରି କୋର୍ଟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି।

# ନିର୍ଯାତନା ଅସହ୍ୟ ହେବାରୁ ସାନଭାଇ ହତ୍ୟା କରିଥିଲେ

**ବଲାଙ୍ଗୀର ଅଫିସ, ୨୦ା୫**

ବଲାଙ୍ଗୀର ଟାଉନ୍ ଥାନା ଅନ୍ତର୍ଗତ ସାଲେପାଲିସ୍ଥିତ ଏକ ତାଲାବନ୍ଦ ଭଡାଘରୁ ବୁଧବାର ରିଙ୍କୁ ମେହେର (୨୭) ନାମକ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ଏହି ବୀଭତ୍ସ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ। ମୃତକଙ୍କୁ ତାଙ୍କ ସାନଭାଇ ପିଙ୍କୁ ଓରଫ୍ ଭବାନୀ ଶଙ୍କର ମେହେର ଏକ ଟାଙ୍ଗିଆରେ ହତ୍ୟା କରିଥିଲେ। ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ୮ ଖଣ୍ଡ କରି ପଲିଥିନ୍‌ରେ ପ୍ୟାକିଂ କରିଥିଲେ। ତେବେ ଯଥାସମୟରେ ମୃତଦେହ ଅନ୍ୟତ୍ର ନେଇ ନ ପାରିବାରୁ ଘର ଭିତରେ ଛାଡି ଦେଇ ସେ ଫେରାର ହୋଇଯାଇଥିଲେ। ପାରିବାରିକ କଳହ ଏବଂ ମାତାପିତାଙ୍କୁ ନିର୍ଯାତନା କାରଣରୁ ସାନଭାଇ ପିଙ୍କୁ ନିଜ ବଡଭାଇ ରିଙ୍କୁଙ୍କୁ ହତ୍ୟା କରିଥିବା ସୂଚନା ଦେଇଛନ୍ତି ବୋଲି ସଦର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ଶନିବାର ତାଙ୍କୁ ଗିରଫ କରିବା ପରେ ଘଟଣାସ୍ଥଳକୁ ନିଆଯାଇ ସିନ୍ ରିକ୍ରିଏସନ୍ କରାଯାଇଛି।

ଗତ ବୁଧବାର ସକାଳେ ବଲାଙ୍ଗୀର ସହର ସାଲେପାଲି ମଠଖାଇ ମନ୍ଦିର ଛକ ନିକଟରେ ଥିବା ଏକ ତାଲାବନ୍ଦ ଥିବା ଘରୁ ଦୁର୍ଗନ୍ଧ ବାହାରୁଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତାଲାଭାଙ୍ଗି ଉକ୍ତ ଘର ଖୋଲିବାରୁ ପଲିଥିନ ପ୍ୟାକିଂ ହୋଇଥିବା ରିଙ୍କୁ ମେହେରଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହ ଦେଖିବାକୁ ପାଇଥିଲେ। ଉକ୍ତ ଘରୁ ଦୁଇଟି ଟାଙ୍ଗିଆ, ଶାବଳ ଓ ହାତୁଡି ଜବତ କରାଯାଇଥିଲା। କେହି ରିଙ୍କୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଖଣ୍ଡବିଖଣ୍ଡିତ କରି ଜରିରେ ପ୍ୟାକିଂ କରିଥିବା ପୋଲିସ ଅନୁମାନ କରିଥିଲା। ତେବେ ଉକ୍ତ ଘରେ ପରିବାରର ଅନ୍ୟ କୌଣସି ସଦସ୍ୟ ଉପସ୍ଥିତ ନ ଥିବାରୁ ଘଟଣା ସହ ପ୍ରଥମରୁ ପୋଲିସ ପରିବାର ଲୋକଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରିଥିଲା। ଗତ ୨୫ ତାରିଖ ରିଙ୍କୁ ମେହେର କୌଣସି କଥାକୁ କେନ୍ଦ୍ରକରି ତାଙ୍କ ପିତାଙ୍କୁ ମାଡ ମାରିଥିଲେ। ଆହତ ପିତାଙ୍କୁ ପିଙ୍କୁ ବୁର୍ଲା ଚିକିତ୍ସା ପାଇଁ ନେଇ ୧୦ତାରିଖ ଘରକୁ ଫେରିଥିଲେ। ଗତ ୧୩ ତାରିଖରେ ପୁଣି ଥରେ ବାପାଙ୍କ ଦେହ ଅସୁସ୍ଥ ହେବାରୁ ପିଙ୍କୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତ ୧୪ ତାରିଖରେ ସେ ଘରକୁ ବାଲଟି, ମଶିଣା ଓ ଅନ୍ୟାନ୍ୟ ସାମଗ୍ରୀ ନେବା ପାଇଁ ଆସିଥିବାବେଳେ ରିଙ୍କୁ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ନଳାରେ ଆକ୍ରମଣ କରିଥିଲେ। ଏଥିରେ ରାଗି ଯାଇ ଘରେ ଥିବା ଏକ ଟାଙ୍ଗିଆରେ ପିଙ୍କୁ ବଡଭାଇ ରିଙ୍କୁଙ୍କ ବେକରେ ଏକ ଚୋଟ ମାରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରମାଣ ନଷ୍ଟ ଏବଂ ମୃତଦେହକୁ ଠିକଣା ସ୍ଥାନରେ ଲୁଚାଇବା ପାଇଁ ଏକ ବଡ ଟାଙ୍ଗିଆରେ ମୃତଦେହ ୮ ଖଣ୍ଡ କରିବା ପରେ ଏକ ବ୍ୟାଗ୍‌ରେ ପୂରାଇଥିଲେ। ତେବେ ଉକ୍ତ ବ୍ୟାଗ୍‌ର ଚେନ୍ ନ ଲାଗିବାରୁ ସେଦିନ ମୃତଦେହ ଅନ୍ୟତ୍ର ନେଇପାରି ନ ଥିଲେ। ପରଦିନ ଦୁର୍ଗନ୍ଧ କରିବାରୁ ବଜାରରୁ କଳା ପଲିଥିନ ଆଣି ସମସ୍ତ ୮ ଖଣ୍ଡ ମୃତଦେହକୁ ଭଲ ଭାବରେ ଗୁଡାଇ ଦେଇଥିଲେ। ତେବେ ଏହାକୁ ମଧ୍ୟ ଅନ୍ୟତ୍ର ନେଇ ନ ପାରିବାରୁ ଘର ବାହାରେ ତାଲା ପକାଇ ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏ ନେଇ ସବିଶେଷ ସୂଚନା ଦେଇଛନ୍ତି ଏସ୍‌ଡିପିଓ ବାଗ। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଅଭିଯୁକ୍ତ ପିଙ୍କୁ ମେହେରଙ୍କୁ ପୋଲିସ ସିନ୍ ରିକ୍ରିଏସନ୍ ପାଇଁ ନେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ରେୟାଲିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ୫ମ ଜନ୍ମବାର୍ଷିକ ଶୁଭେଚ୍ଛା




**ଶ୍ରେୟାଲିନ୍ ରାଉତ**
ଜଗତପୁର, ଇମାମ୍ ନଗର, (କଟକ)
ତୋର ପ୍ରତିକ୍ଷଣ ପ୍ରତି ମୁହୂର୍ତ୍ତକୁ ଜଗା କରୁ ନିରୀକ୍ଷଣ, ଚଲାପଥ ତୋର ହେଉ କୁସୁମିତ, ସାହା ତତେ ସେହି କଳାବଦନ ।
ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ବାବା-ମାମା, ଜେଜେ-ଜେଜେମା, ଦାଦା, ଗୁଡୁଲି, ପିଙ୍କନ, ଲୁସି, ସୁସିଆ, ଗୁଡୁଲ, ଶ୍ରୀ, ସାଇନା, ବାବୁ ।
ଧ-୦୩୯୧

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପାରୁଲ ଚୌଧାରୀଙ୍କୁ ଷ୍ଟିପଲ ଚେଜ୍ ଟାଇଟଲ

**ନ୍ୟୁୟର୍କ, ୨୦।୫ (ପି.ଟି.):** ଏଠାରେ ଚାଲିଥିବା ଟ୍ରାକ୍ ନାଇଟ୍ ଏନ୍‌ୱାଇସି ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ଭାରତର ପାରୁଲ ଚୌଧାରୀ ଟାଇଟଲ ବିଜୟୀ ହୋଇଛନ୍ତି। ୨୮ବର୍ଷୀୟ ଚୌଧାରୀ ୯:୪୧.୮୮ ଟାଇମିଂରେ ରେସ୍ ଶେଷ କରିଥିଲେ। ଏହା ହେଉଛି ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୯:୩୮.୦୯ଠାରୁ ୩ସେକେଣ୍ଡ ଅଧିକ। ଅନ୍ୟପକ୍ଷରେ ଇକାହନ ଷ୍ଟାଡିୟମରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ଇଭେଣ୍ଟରେ ଲିଲି ଦାସ ମହିଳା ୧୫୦୦ମିଟର ରେସ୍ ୪:୧୫.୨୩ ଟାଇମିଂରେ ଶେଷ କରି ୩ୟ ହୋଇଛନ୍ତି। ଲସ୍ ଆଞ୍ଜେଲ୍ସଠାରେ ଅନୁଷ୍ଠିତ ସାଉଣ୍ଡ ରନିଂ ଟ୍ରାକ୍ ଫେଷ୍ଟିଭାଲର ମହିଳା ୫୦୦୦ ମିଟରରେ ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ।

# ଓଡ଼ିଶାରୁ ୧୪୧ ପ୍ରତିନିଧିତ୍ୱ କରିବେ


ଉତ୍ତର ପ୍ରଦେଶରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଖେଳାଳି ଓ ଅଫିସିଆଲ।

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)**

## କିଟ୍‌ରୁ ୭୧, ସମ୍ବଲପୁରରୁ ୬୫ ଓ ଉତ୍କଳରୁ ୫ ଭାଗନେବେ

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ତୃତୀୟ ସଂସ୍କରଣ ଚଳିତ ମାସ ୨୫ରୁ ଆରମ୍ଭ ହେବାକୁ ଯାଉଛି। ଏହା ଜୁନ୍ ୩ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୪୧ ପ୍ରତିନିଧି ଦଳ ଅଂଶଗ୍ରହଣ କରିବେ। ସେଥିରେ କେବଳ କିଟ୍ ବିଶ୍ୱବିଦ୍ୟାଳୟର ୭୧ ଜଣ ସାମିଲ। ଅଂଶଗ୍ରହଣକାରୀ ୧୪୧ ଜଣଙ୍କ ମଧ୍ୟରେ ୧୧୯ ଆଥ୍‌ଲେଟ ଓ ୨୨ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଓଡ଼ିଶା ପ୍ରତିଯୋଗୀମାନେ ରାଜ୍ୟର ୩ ବିଶ୍ୱବିଦ୍ୟାଳୟ(କିଟ୍, ସମ୍ବଲପୁର, ଉତ୍କଳ)ରୁ ପ୍ରତିନିଧିତ୍ୱ କରିବେ। କିଟ୍ ବିଶ୍ୱବିଦ୍ୟାଳୟରୁ ଭାଗ ନେବାକୁ ଯାଉଥିବା ୭୧ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ୫୮ ଆଥ୍‌ଲେଟ ଓ ୧୩ ସପୋର୍ଟ ଷ୍ଟାଫ୍ ସାମିଲ ଅଛନ୍ତି। ରଗ୍‌ବୀ, ଟେନିସ, ଯୋଗାଶନ, ଭାରୋତ୍ତୋଳନ, ଆଥ୍‌ଲେଟିକ୍ସ ଇଭେଣ୍ଟର ମହିଳା ଓ ପୁରୁଷ ଏବଂ ରୋଇଂର ମହିଳା ବିଭାଗରେ ଏହି ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ ରହିବ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୬୫ (୫୮ ଆଥଲେଟ୍ ଓ ୭ ସପୋର୍ଟ ଷ୍ଟାଫ୍) ଜଣ ଆଥ୍‌ଲେଟିକ୍ସ, ହକିର ମହିଳା ଓ ପୁରୁଷ ଏବଂ ଫୁଟବଲ ଇଭେଣ୍ଟର ମହିଳା ବିଭାଗରେ ଭାଗନେବେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ମୋଟ ୫ (୩ ଆଥ୍‌ଲେଟ ଓ ୨ ସପୋର୍ଟ ଷ୍ଟାଫ୍) ଜଣ ଆଥ୍‌ଲେଟିକ୍ସ ସୁଇମିଂ ବିଭାଗରେ ଭାଗନେବେ। ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ପ୍ରତିଯୋଗୀଙ୍କ ମଧ୍ୟରେ କିଟ୍‌ର ବିକ୍ରାନ୍ତ ମଲିକ, ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ଲାଲୁ ପ୍ରସାଦ ଭୋଇ, ସମ୍ବଲପୁରର ସ୍ୱାଧୀନ ମାଝି ଏବଂ ଉତ୍କଳର ପ୍ରତ୍ୟାଶା ରାୟ ବ୍ୟକ୍ତିଗତ ବିଭାଗରେ ପଦକ ଦାବିଦାର ଅଛନ୍ତି। ସେହିପରି ଦଳଗତ ବିଭାଗରେ କିଟ୍ ରଗ୍‌ବୀ ମହିଳା ଓ ପୁରୁଷ ଦଳ, ଟେନିସ ମହିଳା ଓ ପୁରୁଷ ଦଳ, ଯୋଗାଶନ ମହିଳା ଦଳ ଏବଂ ସମ୍ବଲପୁର ହକି ମହିଳା ଓ ପୁରୁଷ ଦଳ ମଧ୍ୟ ପଦକ ଜିତିବା ସମ୍ଭାବନା ରହିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୋଖରୀରେ ବୁଡ଼ି ପୂର୍ବତନ କ୍ରିକେଟର ଭବତୋଷଙ୍କ ଅକାଳ ବିୟୋଗ

**ରଣପୁର (ସ୍ୱ.ପ୍ର.)/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୫**



ନୟାଗଡ଼ ଜିଲା ରଣପୁର ବିସି ହାଇସ୍କୁଲର ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଟାଙ୍କୋଳ ଗ୍ରାମର ଭବତୋଷ ପରମାଣିକଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ୨୭ ବର୍ଷୀୟ ଭବତୋଷ ନିଜ ଗ୍ରାମ ମୁଣ୍ଡରେ ଥିବା ପୋଖରୀକୁ ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିବା ବେଳେ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲେ। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ଦେଖାଦେଇଛି। ଏହି ଖବର ପାଇ ପରିବାର ଲୋକଙ୍କ ସହିତ ଗ୍ରାମବାସୀମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ ଟାଙ୍କୋଳ ଗ୍ରାମର ଭବତୋଷ ପରମାଣିକ ରଣପୁର ବିସି ହାଇସ୍କୁଲରେ ୨୦୨୧ ଡିସେମ୍ବର ମାସରେ ଖେଳ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ଏହା ସହିତ ସେ ଏନ୍‌ସିସି ଛାତ୍ରୀଛାତ୍ରମାନଙ୍କୁ ଟ୍ରେନିଂ ଦେଉଥିଲେ। ସେ ଅତ୍ୟନ୍ତ ନିଷ୍ଠାପର, ଛାତ୍ରବତ୍ସଳ, ପରୋପକାରୀ ଥିଲେ। ଖୋର୍ଦ୍ଧା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ପୁରୀରେ ଶବ ସତ୍କାର କରାଯିବ। ଏ ନେଇ ରଣପୁର ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖାଦେଇଛି। ପ୍ରକାଶଯୋଗ୍ୟ ଯେ ପରମାଣିକ ଜୁନିୟର ସ୍ତରରେ ଜଣେ ପ୍ରତିଭାସମ୍ପନ୍ନ କ୍ରିକେଟର ଥିଲେ। ସେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଏବଂ ୨୩ ବର୍ଷରୁ କମ୍ କ୍ରିକେଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ପୂର୍ବତନ ଫୁଟବଲର ସୁରେଶ ସାମଲଙ୍କ ପରଲୋକ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)**



ପୂର୍ବତନ ଫୁଟବଲ ଖେଳାଳି ସୁରେଶ ଚନ୍ଦ୍ର ସାମଲଙ୍କର ଶୁକ୍ରବାର କଟକଠାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ସୁରେଶ ଓଡ଼ିଶା ପକ୍ଷରୁ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ଦୀର୍ଘଦିନ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ସ୍ତ୍ରୀ ଓ ଏକ ପୁଅ ଅଛନ୍ତି। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।

# ପାକିସ୍ତାନ ହକି କୋଚ୍‌ଙ୍କ ଇସ୍ତଫା


ସିଗଫ୍ରିଡ୍ ଏକ୍‌ମାନ

**କରାଚୀ, ୨୦।୫ (ପି.ଟି.)**

ବାର ମାସ ହେଲା ବେତନ ପାଇ ନ ଥିବାରୁ ପାକିସ୍ତାନ ହକି କୋଚ୍ ସିଗଫ୍ରିଡ୍ ଏକ୍‌ମାନ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଏକ୍‌ମାନ ଗତବର୍ଷ ଜାତୀୟ ଦଳରେ ଯୋଗ ଦେଇଥିଲେ। ସେ ବିଧିବଦ୍ଧ ତାଙ୍କ ପଦବୀରୁ ଇସ୍ତଫା ଦେଇଥିବା ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ବେତନକୁ ନେଇ ବିବାଦ ଯୋଗୁ ଏକ୍‌ମାନ ଗତବର୍ଷ ଶେଷଭାଗରେ ନିଜ ଦେଶକୁ ଫେରିଯାଇଥିଲେ। ହେଲେ ବକେୟା ବେତନ ପାଇବା ଅପେକ୍ଷାରେ ଇସ୍ତଫା ଦେଇ ନ ଥିଲେ। ମାତ୍ର କୌଣସି ସୁଫଳର ଆଶା ନ ଥିବା ଜାଣିବା ପରେ ସେ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି। କୌତୂହଳର ବିଷୟ ଏକ୍‌ମାନ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍)କୁ ତାଙ୍କର ଇସ୍ତଫା ଦେବା ସମୟରେ ଅନ୍ୟ ଜଣେ ଡଚ୍ (ନେଦରଲାଣ୍ଡ୍ସ) କୋଚ୍ ରେଲାଣ୍ଟ ଓଲ୍ଟମାନ୍ସ ପାକିସ୍ତାନରେ ପହଞ୍ଚିଛନ୍ତି। ସେ ଜାତୀୟ ଜୁନିୟର ଦଳ ସହ ମସ୍କାଟ ଯିବେ, ଯେଉଁଠାରେ ରବିବାରଠାରୁ ଏସିଆ ଜୁନିୟର କପ୍ ଅନୁଷ୍ଠିତ ହେବ। ଓଲ୍ଟମାନ୍ସଙ୍କ ବେତନ କିଏ ଦେବ ଅବା ଏକ୍‌ମାନ୍‌ଙ୍କ ବକେୟା ଦରମା କିଏ ଦେବ ତାହା ପିଏଚ୍‌ଏଫ୍ ସ୍ପଷ୍ଟ କରି ନାହିଁ। ସୂଚନାଯୋଗ୍ୟ, ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ (ପିଏସ୍‌ବି) ଏକ୍‌ମାନଙ୍କୁ ବେତନ ଦେବ ପ୍ରତିଶ୍ରୁତି ଦେବା ପରେ ପିଏଚ୍‌ଏଫ୍ ଏହି ଡଚ୍ କୋଚ୍‌ଙ୍କୁ ନିଯୁକ୍ତି ଦେଇଥିଲା। ବର୍ତ୍ତମାନ ନିର୍ବାଚନ ଓ ସାମ୍ବିଧାନିକ ପ୍ରସଙ୍ଗକୁନେଇ ପିଏଚ୍‌ଏଫ୍ ଓ ପିଏସ୍‌ବି ମଧ୍ୟରେ ବିବାଦ ଚାଲିଛି। ରାଷ୍ଟ୍ର ନିୟନ୍ତ୍ରିତ ପରିଷଦ ଏବେ ପିଏଚ୍‌ଏଫ୍‌କୁ ପାଣ୍ଠି ଯୋଗାଇବା ଲାଗି ମନା କରି ଦେଇଛି। ଏସିଆ ଜୁନିୟର କପ୍ ପାଇଁ ଘରୋଇ ଦାନ ଏବଂ ପ୍ରାୟୋଜକଙ୍କ ଜରିଆରେ ଓମାନକୁ ପାକିସ୍ତାନ ଦଳ ପଠାଇଥିବା ପିଏଚ୍‌ଏଫ୍‌ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।


# Classified Everyday 0674-2580101, 2549949


MATRIMONIAL

**BRIDE WANTED**

ଭୁବନେଶ୍ୱର ବାସିନ୍ଦା 51 ବୟସ୍କ Doctor, Widower 2ଟି ସନ୍ତାନ, ଧୋବା ଜାତିର ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371586968. D-0399

**GROOM WANTED**

43 ବୟସ୍କା ଏକାକୀ ରହୁଥିବା କରଣ ଜାତିର ଝିଅଙ୍କୁ Widower, married, unmarried anycaste ପୁଅ ଦରକାର। 6371049105. D-0398

Infosys Software Engineer Pune girl 34 years, caste Potter. 9437004169. D-73766


REAL ESTATE

**SALE**

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ଭୁବନେଶ୍ୱର କଟକ ରୋଡ୍ ହଂସପାଳ ଛକ ନିକଟ ଭାରତ ଭିଲ୍ଲା କଲୋନୀ ଭିତରେ ଅତିଶୀଘ୍ର ଘର କରିବା ଯୋଗ୍ୟ ଘରବାଡ଼ି ୟେଲୋଜୋନ୍ ପ୍ଲଟ୍ ବିକ୍ରୟ ହେବ। ବ୍ୟାଙ୍କଲୋନ୍ ସୁବିଧା ଅଛି। **9438220432, 8144658008.** D-0390

For sale 5BHK semi furnished flat with 5 baths, big balcony & 2 covered parking space at prime location near Esplanade Mall, Rasulgarh. Contact 9337441300 / 9707928723. D-0394

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

**Gharabari land for sale near Barunei, Khurda. Only genuine buyer contact on 6371543787.** D-0374

Duplex sale at Bhubaneswar @ 55 lakhs only. Contact: 9777433701. D-74864

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74684

Resale flat 1650sqft., 2nd Floor, near Old Station Square, opposite Budhheswari Temple, Cuttack Puri road, Bhubaneswar. Contact: 9439716901. D-74544

8500sqft. 2nd plot from NH (200ft. wide road) crossing Tankapani Road, 2kms. from Rabi Talkies, Bhubaneswar. 9437004169. D-73765

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

Finished 4BHK Duplex Bunglow, Botanda Sundarpada, Bhubaneswar Ranging 98,000,00/-, Contact- Rakesh. 9861125539. 9040521173. D-73764


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856.** D-0206

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


FOR RENT

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

Ground floor 1800 sqft. Hall & second floor 600 sqft. Hall available on NH in Uttara Square (Bhubaneswar). Contact Mob No- 7978097047. D-0387


Healthcare

Newly open health benefits SPA special offer @799, Master Canteen. 9124527173. D-75107

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

Full body massage in homely atmosphere in all therapy. Mob: 8114881641. D-73431

**Full Body Massage by Experience Therapist @999 Only- 9078484455. (Bhubaneswar).** D-0339

Newly open health benefits SPA special offer @ 799 Jaydev Vihar. 8018429809. D-75106

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ଁ ସତ୍ୟଭାମା ତ୍ରିପାଠୀ**
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁସନ୍ସ)
ଧ-୦୩୯୬

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ହାଇଦ୍ରାବାଦ**
ସ୍ଥାନ:ମୁମ୍ବାଇ,
ସମୟ: ଅପରାହ୍ନ ୩.୩୦

**ବାଙ୍ଗାଲୋର ବନାମ ଗୁଜରାଟ**
ସ୍ଥାନ: ବେଙ୍ଗାଲୁରୁ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ






# ଚେନ୍ନାଇ-ଗୁଜରାଟ କ୍ୱାଲିଫାୟର-୧

ନୂଆଦିଲ୍ଲୀ,୨୦।୫

ଦିଲ୍ଲୀ କ୍ୟାପିଟାଲ୍ସକୁ ୭୭ ରନରେ ପରାସ୍ତ କରି ଚେନ୍ନାଇ ସୁପର କିଙ୍ଗ୍ସ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଚେନ୍ନାଇ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ କ୍ୱାଲିଫାୟର-୧ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ଚେନ୍ନାଇ ୨୦ ଓଭରରେ ୩ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ଜବାବରେ କ୍ୟାପିଟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ୧୪ ମ୍ୟାଚ୍ ଖେଳିଥିବା ଚେନ୍ନାଇ ୮ ବିଜୟ ସହିତ ୧୭ ପଏଣ୍ଟ ଅର୍ଜନ କରିଛି।

ଟସ୍ ଜିତି ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ ନେଇଥିଲେ। ଦୁଇ ଓପନର ଋତୁରାଜ ଗାଏକ୍ୱାଡ (୭୯) ଓ ଡେଭନ୍ କନୱେ(୮୭) ପ୍ରଥମ ଉଇକେଟରେ ୧୪୧ ରନ୍ ଯୋଡିଥିଲେ। ୧୪ ଓଭରରେ ୧୪୦ ରନ୍ ଯୋଡିବା ପରେ ୧୫ ତମ ଓଭରରେ ଚେତନ ସାକାରିୟା ଗାଏକ୍ୱାଡଙ୍କୁ ଆଉଟ କରିଥିଲେ। ଆଉଟ ହେବା ପୂର୍ବରୁ ୫୦ ବଲ୍ ଖେଳି ସେ ୩ ଚୌକା ଓ ୭ ଛକା ମାରିଥିଲେ। ୯ ବଲ୍‌ରୁ ୨୨ ରନ୍ ସ୍କୋର କରିଥିବା ଶିବମ ଦୁବେ ଦ୍ୱିତୀୟ ଉଇକେଟରେ କନୱେଙ୍କ ସହିତ ୫୪ ରନ୍ ଯୋଡିଥିଲେ। ମାତ୍ର ୨ ବଲ୍ ବ୍ୟବଧାନରେ ଦୁବେ ଓ କନ୍‌ୱେ ଆଉଟ ହୋଇଥିଲେ। କନୱେ ୫୨ ବଲ୍ ଖେଳି ୧୧ ଚୌକା ଓ ୩ ଛକା ସହିତ ୮୭ ରନ୍ କରିଥିଲେ। ଶେଷ ଆଡକୁ ରବୀନ୍ଦ୍ର ଜାଡେଜା ୭ ବଲ୍‌ରୁ ୨୦ ରନ୍ ସ୍କୋର କରିବାରୁ ଚେନ୍ନାଇ ୨୨୩ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଡେଭିଡ୍ ୱାର୍ନରଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ୱାର୍ନର ସର୍ବାଧିକ ୮୬ ରନ୍ କରିଥିଲେ। ତାଙ୍କ ବ୍ୟତିତ ଅକ୍ଷର ପଟେଲ(୧୫) ଓ ଯଶ ଧୂଲ(୧୩) ଦୁଇ ଅଙ୍କ ସ୍କୋର ଛୁଇଁ ପାରିଥିଲେ। ଚେନ୍ନାଇ ପକ୍ଷରୁ ଦୀପକ ଚହର ୩ ଉଇକେଟ ନେଇଥିଲେ। ଋତୁରାଜ ଗାଏକ୍ୱାଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୨୨୩/୩ (ଡେଭନ୍ କନୱେ-୮୭, ଋତୁରାଜ ଗାଏକ୍ୱାଡ-୭୯, ଶିବମ ଦୁବେ-୨୨, ଚେତନ ସାକାରିୟା-୧/୩୬, ଆନରିଚ୍ ନୋର୍ଜେ-୧/୪୩, ଖଲିଲ ଅହମଦ-୧/୪୫)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୬/୯( ଡେଭିଡ୍ ୱାର୍ନର-୮୬, ଅକ୍ଷର ପଟେଲ-୧୫, ଯଶ ଧୂଲ-୧୩, ଦୀପକ ଚହର-୩/୨୨, ମଥୀଷା ପଥିରାନା-୨/୨୨, ମହୀଷ ଥିକ୍ସାନା-୨/୨୩)।



ଶତକୀୟ ଭାଗୀଦାରି ଅବସରରେ ଋତୁରାଜ ଗାଏକ୍ୱାଡ୍ ଓ ଡେଭନ କନୱେ।

## ଚେପକ୍‌ର ପରିବେଶ ବୁଝି ହେଉନି: ଫ୍ଲେମିଙ୍ଗ

ନୂଆଦିଲ୍ଲୀ,୨୦।୫

ଚଳିତ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ଘରୋଇ ମ୍ୟାଚ୍ ଗୁଡିକରେ ବିଶେଷ କମାଲ ଦେଖାଇ ପାରି ନାହିଁ। ଦ୍ୱିତୀୟ ଦଳ ଭାବରେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲେ ହେଁ ଚେପକ୍‌ର ପରିବେଶକୁ ନେଇ ଦଳ ଏବେବି ଆଶଙ୍କାରେ ରହିଛି ବୋଲି କହିଛନ୍ତି ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଙ୍ଗ। ଚଳିତ ବର୍ଷ ଚେପକ୍ ପିଚ୍ ଭିନ୍ନ ରହିଛି। ଚେନ୍ନାଇରେ ହିଁ କ୍ୱାଲିଫାୟର-୧ ଓ ଏଲିମିନେଟର-୧ ଖେଳାଯିବ। ତେଣୁ ଚେନ୍ନାଇର ପରିବେଶ ଓ ପିଚ୍‌କୁ ଆକଳନ କରିବା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏହା ପୂର୍ବରୁ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍ ହାରିବା ପରେ ଦଳ ପିଚ୍‌କୁ ଠିକ୍ ଭାବରେ ଆକଳନ କରି ପାରିଲା ନାହିଁ ବୋଲି କହିଥିଲେ ମହେନ୍ଦ୍ର ସିଂ ଧୋନୀ।

## ୧୦୦୦ତମ ଛକା ମାରିଲେ କନୱେ

**ନୂଆଦିଲ୍ଲୀ,୨୦।୫:** ଚଳିତ ଆଇପିଏଲରେ ୧୦୦୦ ତମ ଛକା ମାରିଛନ୍ତି ଡେଭନ୍ କନୱେ। ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଦେଖିବାକୁ ମିଳିଛି ଚଳିତ ସଂସ୍କରଣର ୧୦୦୦ ତମ ଛକା। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଗୋଟିଏ ସିଜନରେ ୧୦୦୦ ଛକା ଦେଖିବାକୁ ମିଳିଛି। ଏହା ସହିତ ମ୍ୟାଚ୍ ପିଛା ହାରାହାରି ୧୪.୫୫ଟି ଛକା ଦେଖିବାକୁ ମିଳିଛି ଯାହା ସର୍ବାଧିକ। ୨୦୧୮ରେ ମ୍ୟାଚ୍ ପିଛା ୧୪.୫୩ଟି ଛକା ମାରିଥିଲେ ବ୍ୟାଟର। ୨୦୨୨ ସଂସ୍କରଣ ସୁଦ୍ଧା ଆଇପିଏଲରେ ସମୁଦାୟ ୯୫୭ ମ୍ୟାଚ୍ ଖେଳ ହୋଇଥିବା ବେଳେ ୧୦,୬୪୩ଟି ଛକା ଦେଖିବାକୁ ମିଳିଛି। ଆଇପିଏଲରେ ସମସ୍ତ ସିଜନକୁ ମିଶାଇଲେ ମ୍ୟାଚ୍ ପିଛା ୧୧.୧୨ ଛକା ସ୍କୋର ହୋଇଛି। **ପ୍ରତି ସିଜନର ଛକା ସଂଖ୍ୟା:** ୨୦୦୮-୬୨୨, ୨୦୦୯-୫୦୬, ୨୦୧୦-୫୮୫, ୨୦୧୧-୬୩୯, ୨୦୧୨-୭୩୧, ୨୦୧୩- ୬୭୨, ୨୦୧୪- ୭୧୪, ୨୦୧୫-୬୯୨, ୨୦୧୬-୬୩୮, ୨୦୧୭-୬୦୫, ୨୦୧୮-୮୭୨, ୨୦୧୯-୭୮୪, ୨୦୨୦-୭୩୪, ୨୦୨୧-୬୮୭, ୨୦୨୨-୧୦୬୨।

**ମହିଳା ହକି ଟେଷ୍ଟ ସିରିଜ୍**

## ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

ଆଡିଲେଡ୍,୨୦।୫(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ମହିଳା ହକି ଟେଷ୍ଟ ସିରିଜ୍‌ରେ ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ ହୋଇଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭାରତ ସଂଘର୍ଷ କରି ୨-୩ରେ ପରାଜିତ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଟାଟମ୍ ଷ୍ଟିୱାର୍ଟ (୧୨ ଓ ୪୫ମିନିଟ)ରେ ଡବଲ୍ ଗୋଲ ସ୍କୋର କରିଥିବା ବେଳେ ପିପ୍ପା ମୋର୍ଗାନ ୩୮ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଭାରତ ପାଇଁ ସଙ୍ଗୀତା କୁମାରୀ(୧୩) ଓ ଗୁରଜିତ୍ କୌର୍(୧୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଠାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା କ୍ୟାରିୟରର ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହା ସହିତ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୦-୨ରେ ପଛୁଆ ରହିଛି। ବିଶ୍ୱ ମାନ୍ୟତାରେ ଦ୍ୱିତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚକୁ ମଧ୍ୟ ୪-୨ରେ ଜିତି ନେଇଥିଲା। ରବିବାର ସମାନ ଷ୍ଟାଡିୟମରେ ସିରିଜ୍‌ର ଅନ୍ତିମ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ୍ ତୁଳନାରେ ଭାରତୀୟ ଦଳ ଶନିବାର ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ପ୍ରଥମ ମିନିଟରୁ ହିଁ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଅଷ୍ଟମ ମିନିଟରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ଗୁରଜିତ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଏହାର ୪ ମିନିଟ ମଧ୍ୟରେ ଟାଟମ୍ ଷ୍ଟିୱାର୍ଟ ନିଜର ପ୍ରଥମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ। ୧୨ତମ ମିନିଟରେ ଟାଟମ୍ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରିଥିଲେ। ଏହାର ଏକ ମିନିଟ ମଧ୍ୟରେ ଭାରତ ପକ୍ଷରୁ ସଙ୍ଗୀତା ଗୋଲ୍‌ଟିକୁ ପରିଶୋଧ କରିଥିଲେ। ସଲିମା ଟେଟେ ଓ ଶର୍ମିଳା ଦେବୀଙ୍କ ପାସ୍‌ରୁ ସଙ୍ଗୀତା ସିରିଜ୍‌ର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମ କ୍ୱାର୍ଟର ୧-୧ରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ପେନାଲ୍ଟି କର୍ନରୁ ଗୋଲ ଦେଇଥିଲେ ଗୁରଜିତ କୌର୍।

## ଉତ୍କଳ ଟ୍ୟାଲେଣ୍ଟ କ୍ୱେଷ୍ଟ କରାଟେ




ପ୍ରଥମ ଦିବସ ଶନିବାର ଦୁଇ କରାଟେକାଙ୍କ ମଧ୍ୟରେ ଫାଇଟ୍।

ଭୁବନେଶ୍ୱର,୨୦।୫(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଉତ୍କଳ ଟ୍ୟାଲେଣ୍ଟ କ୍ୱେଷ୍ଟ କରାଟେ ପ୍ରତିଯୋଗିତା ଚାଲିଛି। ଏଥିରେ ଉତ୍କଳ କରାଟେ ସ୍କୁଲର ବିଭିନ୍ନ ଶାଖାରୁ ମୋଟ ୪୦୦ ପ୍ରତିଯୋଗୀ ୧୩୫ଟି ବିଭାଗରେ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିବସରେ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ରେଫରି ଓ ଜଜ୍ ଭାବେ ଖାରବେଳ ସ୍ୱାଇଁ, ଜୟଦେବ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂ, ଦୀପକ ସାମନ୍ତରା, ଆଦିତ୍ୟ ମିଶ୍ର, ସୌମ୍ୟ ଦାସ, ସନ୍ଦୀପ ମହାନ୍ତି, ଅରବିନ୍ଦ ବାରିକ, ଗୋପାଳ ଦାସ, ନିରଞ୍ଜନ ପଟ୍ଟନାୟକ, ଉମାକାନ୍ତ ବେହେରା, କ୍ରିଷ୍ଣା ଶିକାରୀ, ବିଜୟ ସାମଲ, କୃଷ୍ଣ ମହାରଣା, ଅମିୟ ସାହୁ, ମଣ୍ଟୁ ଯୋଶି, ଅନୁପମା ସ୍ୱାଇଁ, ସୁଭାଶିଷ ମହାପାତ୍ର, ଯୋଗେଶ ବରିହା ପ୍ରମୁଖ ପରିଚାଳନ କରିଥିଲେ। କରାଟେ ପ୍ରତିଭାଙ୍କୁ ଚିହ୍ନଟ କରିବା ଲାଗି ଏହି ପ୍ରତିଯୋଗିତା ସହାୟକ ହେବ ବୋଲି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ଓସ୍‌କା ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।




# ଏଲିମିନେଟରରେ ସୁପର ଜାଏଣ୍ଟ୍ସ

**କୋଲକାତା,୨୦।୫**

ଆଇପିଏଲ୍‌ର ୬୮ ତମ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ (କେକେଆର୍‌)କୁ ୧ ରନ୍‌ରେ ହରାଇ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏଲିମିନେଟର ଖେଳିବାକୁ ଯୋଗ୍ୟତା ହାସଲ କରିଛି। ନିକୋଲାସ ପୁରନଙ୍କ ୫୮ ରନ୍ ବଳରେ ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଜବାବରେ ରିଙ୍କୁ ସିଂଙ୍କ ଅପରାଜିତ ୬୩ ରନ୍ ସତ୍ତ୍ୱେ କୋଲକାତା ୨୦ ଓଭରରେ ୭ ଉଇକେଟରେ ୧୭୫ ରନ୍ କରିବାରେ ସମର୍ଥ ହୋଇଥିଲା। ୧୪ ମ୍ୟାଚରୁ ୮ ବିଜୟ ସହିତ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

କେକେଆର୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଶନିବାର କ୍ୱିଣ୍ଟନ ଡି' କକ୍ ଓ କରଣ ଶର୍ମା ଇନିଂସ ଆରମ୍ଭ କରିଥିଲେ। କରଣ ମାତ୍ର ୩ ରନ୍ କରି ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ପ୍ୟାଭିଲିୟନ ଫେରିଥିଲେ। ପ୍ରେରକ୍ ମଙ୍କଡ ୨୬ ଓ କ୍ୱିଣ୍ଟନ ଡି' କକ୍ ୨୮ ରନ୍ କରିଥିବା ବେଳେ ଦ୍ୱିତୀୟ ଉଇକେଟରେ ଯୋଡ଼ିଥିଲେ ୪୧ ରନ୍। ପରବର୍ତ୍ତୀ ଦୁଇ ବ୍ୟାଟର ମାର୍କସ ଷ୍ଟୋଇନିସ୍ ଖାତା ଖୋଲି ପାରି ନ ଥିବା ବେଳେ ଅଧିନାୟକ କ୍ରୁନାଲ ପାଣ୍ଡ୍ୟା ମାତ୍ର ୯ ରନ୍ କରିଥିଲେ। ୭୩ ରନ୍‌ରେ ୫ ଉଇକେଟ ହରାଇ ଦଳ ସଙ୍କଟରେ ପଡ଼ିଥିବା ବେଳେ ତ୍ରାଣକର୍ତ୍ତା ସାଜିଥିଲେ ନିକୋଲାସ୍ ପୁରନ୍। ୪ ଚୌକା ଓ ୫ ଛକା ସହିତ ସେ ୫୮ ରନ୍ କରିଥିଲେ। ଷଷ୍ଠ ଉଇକେଟରେ ସେ ଆୟୁଷ ବଦୋନୀ (୨୫ ରନ୍)ଙ୍କ ସହିତ ୭୪ ରନ୍ ଯୋଡ଼ିଥିଲେ। ଉଭୟ ଖେଳାଳି ମାତ୍ର ୩ ବଲ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରିଥିଲେ। ଶେଷ ଓଭରରେ କ୍ରିଷ୍ଣାପ୍ପା ଗୋଥାମ୍ ୪ ବଲ୍‌ରୁ ଅପରାଜିତ ୧୧ ରନ୍ ସ୍କୋର କରିବାରୁ ଲକ୍ଷ୍ନୌ ୧୭୦ ରନ୍ ପାର କରିଥିଲା। କେକେଆର ପକ୍ଷରୁ ଶାର୍ଦ୍ଦୂଳ ଠାକୁର, ସୁନୀଲ ନାରିନ୍ ଓ ବୈଭବ ଅରୋରା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଷିତ ରାଣା ଓ ବରୁନ୍ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୭୭ ରନ୍‌ର ଲକ୍ଷ୍ୟ ନେଇ ଆରମ୍ଭ କରିଥିବା କୋଲକାତାକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ ଓପନର ଜାସନ୍ ରୟ(୪୫) ଓ ଭେଙ୍କଟେଶ ଆୟର(୨୪)। ଉଭୟ ୫.୫ ଓଭରରେ ୬୧ ରନ୍ ଯୋଡ଼ିଥିଲେ। ତେବେ ଲକ୍ଷ୍ନୌ ସ୍ପିନର ମିଡିଲ ଓଭରରେ ୪ ଉଇକେଟ ବାଣ୍ଟି ନେବାରୁ ୮୨ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲା କେକେଆର୍। ରେହମାନୁଲ୍ଲା ଗୁରବାଜ(୧୦), ଆନ୍ଦ୍ରେ ରସେଲ (୭) ଓ ଶାର୍ଦ୍ଦୂଳ ଠାକୁର(୩) ରନ୍ କରି ଆଉଟ ହେବାରୁ କେକେଆରର ରନ ଗତି ଧୀମେଇ ଯାଇଥିଲା। ଶେଷ ଆଡ଼କୁ ରିଙ୍କୁ ସିଂ କିଛି ଦର୍ଶନୀୟ ଶଟ୍ ସହିତ ୬୩ ରନ୍ କରିଥିଲେ। ୩୩ ବଲ୍‌ର ଏହି ଇନିଂସରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ୧୯ତମ ଓଭରରେ ନବୀନ ଉଲ୍ ହକଙ୍କୁ ୨୦ ଓ ଅନ୍ତିମ ଓଭରରୁ ୧୯ ରନ୍ ସ୍କୋର କରିଥିଲ ରିଙ୍କୁ। ଶେଷ ୨ ଓଭରରୁ ୪୧ ରନ୍ ଆବଶ୍ୟକ ଥିବାବେଳେ ରିଙ୍କୁ ୩୯ ରନ୍ ସ୍କୋର କରିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ଓ ୟଶ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୭୬/୮(ନିକୋଲାସ ପୁରନ୍-୫୮, କ୍ୱିଣ୍ଟନ୍ ଡି' କକ୍-୨୮, ପ୍ରେରକ୍ ମଙ୍କଡ-୨୬, ଶାର୍ଦ୍ଦୂଳ ଠାକୁର-୨/୨୭, ସୁନୀଲ ନାରିନ୍-୨/୨୮, ବୈଭବ ଅରୋରା-୨/୩୦)। କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୫/୭ (ରିଙ୍କୁ ସିଂ-୬୩*, ଜାସନ୍ ରୟ-୪୫, ଭେଙ୍କଟେଶ ଆୟର-୨୪, ରବି ବିଷ୍ଣୋଇ-୨/୨୩, ୟଶ ଠାକୁର-୨/୩୧, କ୍ରିଷ୍ଣାପ୍ପା ଗୋଥାମ୍-୧/୨୬)।



ଉଇକେଟ ନେବାପରେ କୋଲକାତା ନାଇଟ ରାଇଡର୍ସର ବୈଭବ ଆରୋରା(ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୮ | ୫ | ୧୭ | +୦.୬୫୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୮ | ୫ | ୧୭ | +୦.୨୮୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | +୦.୧୮୦ |
| ରାଜସ୍ଥାନ ରୟାଲ୍ସ | ୧୪ | ୭ | ୭ | ୧୪ | +୦.୧୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | -୦.୨୩୯ |
| ପଞ୍ଜାବ କିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୩୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୫ | ୯ | ୧୦ | -୦.୮୦୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୪ | ୯ | ୮ | -୦.୫୫୮ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷାରେ ବାଧାପ୍ରାପ୍ତ ଯୋଗୁ ପଏଣ୍ଟ ଭାଗ ହୋଇଥିଲା।

# ସାଇ କୋଚ୍‌ଙ୍କ ବିରୋଧରେ ଯୌନ ଶୋଷଣ ମାମଲା

**ଗୁଆହାଟୀ, ୨୦।୫**

ଗୋଟିଏ ପଟେ ଯୌନ ଶୋଷଣ ମାମଲାରେ ଦେଶର ଶ୍ରେଷ୍ଠ ରେସ୍‌ଲର ମାନେ ଧାରଣାରେ ବସିଥିବା ବେଳେ ଆସାମରୁ ମଧ୍ୟ ଏକ ସମାନ ମାମଲା ସାମ୍ନାକୁ ଆସିଛି। ଆସାମ ସାଇ(ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ)ର ସନ୍ତରଣ କୋଚ୍‌ଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆସିଛି। ମୃଣାଳ ବାସୁମତାରୀ ନାମକ ଏହି କୋଚ୍‌ଙ୍କ ନାମରେ ନାବାଳକ ଆଥଲେଟମାନଙ୍କୁ ଯୌନ ଶୋଷଣ ଅଭିଯୋଗ ଆସିଥିବା ବେଳେ ଏଫ୍‌ଆଇଆର ରୁଜୁ ହୋଇଛି। ଉତ୍ତର ଲକ୍ଷ୍ମୀପୁରସ୍ଥିତ ସୋଲାଲ ଗାଁ ସାଇ ଟ୍ରେନିଂ ସେଣ୍ଟରରେ ଚୟନ ଶିବିରରେ ଏହି ଘଟଣା ଘଟିଥିଲା। ଗୁଆହାଟୀର ଏକ ଥାନାରେ ଏଫ୍‌ଆଇଆର୍ ରୁଜୁ ହୋଇଥିବା ବେଳେ ସାଇର ଅନ୍ତରୀଣ କମିଟି ହାତକୁ ତଦନ୍ତ ଭାର ଯାଇଛି। ଅନ୍ତରୀଣ କମିଟି ତ୍ୱରିତ ଭାବରେ ମାମଲାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ ବୋଲି ସାଇ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ପୋଲିସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

କୋଷ୍ଠକାଠିନ୍ୟର
ସମାଧାନ
9119788888




# ଟେଷ୍ଟ କ୍ରିକେଟର, ଅଲିମ୍ପିଆନ ବ୍ରାଏନ୍‌ଙ୍କ ଦେହାନ୍ତ



ବ୍ରାଏନ୍ ବୁଥ୍

**ସିଡ୍‌ନୀ, ୨୦।୫ (ଏପି)**

ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ଓ ଫିଲ୍ଡ ହକି ଅଲିମ୍ପିଆନ ବ୍ରାଏନ୍ ବୁଥ୍‌ଙ୍କର ୮୯ବର୍ଷ ବୟସରେ ପରଲୋକ ଘଟିଛି। ବୁଥ୍ ଅଷ୍ଟ୍ରେଲିଆ ପାଇଁ ୨୯ ଟେଷ୍ଟ ମ୍ୟାଚ ଖେଳିବା ସହ ତନ୍ମଧ୍ୟରେ ଦୁଇଟିରେ ସେ ଅଧିନାୟକତ୍ୱ କରିଛନ୍ତି। ୧୯୬୦ ଦଶକ ପ୍ରଥମ ଭାଗରେ ବୁଥ୍ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍ ଅପ୍‌ର ଜଣେ ପ୍ରମୁଖ ଖେଳାଳି ଥିଲେ। ସେ ତାଙ୍କ କ୍ୟାରିୟରରେ ୫ ଟେଷ୍ଟ ଶତକ ହାସଲ କରିବା ସହ ୪୨.୨୧ ଆଭରେଜ୍‌ରେ ୧,୭୭୩ ଟେଷ୍ଟ ରନ୍ ସ୍କୋର କରିଛନ୍ତି। ବୁଥ୍‌ଙ୍କ ମୃତ୍ୟୁର କାରଣ ପ୍ରକାଶ କରାଯାଇ ନାହିଁ। ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ସେ ଅଷ୍ଟ୍ରେଲିଆ ଫିଲ୍ଡ ହକି ଦଳର ଅନ୍ୟତମ ସଦସ୍ୟ ଥିଲେ। ମିଡଲ ଅର୍ଡର ବ୍ୟାଟର ବୁଥ୍ ତାଙ୍କ ପ୍ରଥମ ଶତକ ୧୯୬୨ରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଘରୋଇ ଟେଷ୍ଟରେ ହାସଲ କରିଥିଲେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ପରବର୍ତ୍ତୀ ଟେଷ୍ଟ ମ୍ୟାଚରେ ମଧ୍ୟ ସେ ଏକ ଶତକ ହାସଲ କରିଥିଲେ।

# ଦେଶର ହିତରେ ରହିବନି ଖାପ୍ ପଞ୍ଚାୟତ ନିଷ୍ପତ୍ତି

**ନୂଆଦିଲ୍ଲୀ,୨୦।୫(ପି.ଟି.)**

## ଭିନେଶଙ୍କ ଧମକ

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୮ ଦିନରେ ପହଞ୍ଚିଛି। ଶନିବାର ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗଟ ସରକାରଙ୍କୁ ପରୋକ୍ଷରେ ଧମକ ଦେଇଛନ୍ତି। ଆନ୍ଦୋଳନରତ ରେସ୍‌ଲରଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବା ବେଳେ ଖାପ୍ ପଞ୍ଚାୟତ ହିଁ ନିଷ୍ପତ୍ତି ନେବ। ତେବେ ଖାପ୍‌ର ନିଷ୍ପତ୍ତି ଦେଶ ପାଇଁ ହିତକର ହେବ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି। ବ୍ରିଜ୍‌ଭୂଷଣଙ୍କୁ ଗିରଫ କରିବା ପାଇଁ ରେସ୍‌ଲରମାନେ ଦାବି କରୁଛନ୍ତି। କୃଷକ ଆନ୍ଦୋଳନ ସମୟରେ ଯେମିତି ଅସୁବିଧା ହୋଇଥିଲା ଖାପ୍ ପଞ୍ଚାୟତର ନିଷ୍ପତ୍ତିରେ ଦେଶକୁ ସମାନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଯନ୍ତରମନ୍ତରରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଭିନେଶ ଫୋଗଟ। ଏହି ଲଢ଼େଇ ରେସ୍‌ଲରମାନଙ୍କ ପାଇଁ ମଧ୍ୟ ସହଜ ରହି ନାହିଁ। ଆମେ ଅଭ୍ୟାସରୁ ବଞ୍ଚିତ ହୋଇଥିବା ବେଳେ କୌଣସି ଟୁର୍ନାମେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିପାରୁନାହୁଁ। ଯେଉଁ ମାମଲା କିଛି ମିନିଟରେ ସମାପ୍ତ ହେବା କଥା ତାହା ଅଯଥାରେ ଲମ୍ବୁଛି ବୋଲି ସେ କହିଛନ୍ତି। କୃଷକ ଆନ୍ଦୋଳନ ପ୍ରାୟ ୧୩ ମାସ ଚାଲିଥିଲା। ସମାନ ଢଙ୍ଗରେ ରେସ୍‌ଲରଙ୍କ ଧାରଣା ମଧ୍ୟ ବେଶ୍ ବୃହତ୍ ହେବାକୁଯାଉଛି। ଏଥିରେ ପୁଣି ଥରେ ଦେଶବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଲୋକଙ୍କ ନିକଟରେ ଆମ ସ୍ୱରକୁ ପହଞ୍ଚାଇବା ପାଇଁ ଆମେ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର ଓ ଗୀର୍ଜା ଯିବୁ ବୋଲି ମଧ୍ୟ ଭିନେଶ କହିଛନ୍ତି। ୨୩ ତାରିଖ ଅପରାହ୍ନ ୪ଟାରେ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା କରିବା ପାଇଁ ରେସ୍‌ଲରମାନେ ନିଷ୍ପତ୍ତି ନେଇଥିବା କହିଥିଲେ ବଜରଙ୍ଗ ପୁନିଆ। ଶନିବାର ସପ୍ତାହାନ୍ତ(ଉଇକେଣ୍ଡ) କାରଣରୁ ଧାରଣା ସ୍ଥଳରେ ଭିଡ଼ ସାମାନ୍ୟ କମ୍ ରହିଥିଲା। ଦେଶ ନିଜର ୭୫ ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ମହିଳା ଖେଳାଳିଙ୍କ ପ୍ରତି ସୁରକ୍ଷା ଓ ସମ୍ମାନ ରକ୍ଷାରେ ସରକାର ବିଫଳ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଭିନେଶ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ